

ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମାଓ୍ୱରାଙ୍କ ସହ କାମ କରିବାକୁ ମନା କଲେ ହର୍ଷବର୍ଦ୍ଧନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୧ Vol. 22 No-41 12 MAY 2025 MONDAY, BHUBANESWAR ସୋମବାର, ୧୨ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୋଦୀଙ୍କ ବାସଭବନରେ ଉଚ୍ଚସ୍ତରୀୟ ବୈଠକ

# ହଟିବନି ପ୍ରତିବନ୍ଧକ



**ସାମିଲ ଥିଲେ ତିନି ସେନାମୁଖ୍ୟ**

**ଏନଏସଏ, ସିଡିଏସ ମଧ୍ୟ ଉପସ୍ଥିତ**

**ଆତଙ୍କବାଦ ବିରୋଧରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ**

ନୂଆଦିଲ୍ଲୀ, ୧୧।୫: ଗତମାସ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ସାରା ଦେଶକୁ ଦୋହଲାଇ ଦେଇଥିଲା। ଏଥିରେ ୨୬ ନିରୀହ ପର୍ଯ୍ୟଟକ ଆତଙ୍କବାଦୀଙ୍କ ଦ୍ୱାରା ବର୍ବରଭାବେ ହତ୍ୟାର ଶିକାର ହୋଇଥିଲେ। ଏହି ଘଟଣା ପରେ ଆତଙ୍କବାଦର ଜନନୀ କୁହାଯାଉଥିବା ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେନା ପକ୍ଷରୁ ଅପରେସନ ସିନ୍ଦୂର ଅଭିଯାନ ଆରମ୍ଭ କରାଯାଇ ପାକିସ୍ତାନରେ ଥିବା ୯ଟି ଆତଙ୍କୀ ଶିବିରକୁ ଧ୍ୱଂସ କରି ଦିଆଯାଇଥିଲା। ତେବେ ରବିବାର ଅପରେସନ ସିନ୍ଦୂରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଶନିବାର ଉଭୟପକ୍ଷ ମଧ୍ୟରେ ଅସ୍ତ୍ରବିରତି ପରେ ରବିବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ତିନି ସେନାର ମୁଖ୍ୟ। ଏହି ବୈଠକରେ ସିଡିଏସ୍ ଅନୀଲ ଚୌହାନ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ଶନିବାର ଯୁଦ୍ଧବିରତି ପରେ ସୀମାରେ ଶାନ୍ତି ଫେରୁଥିଲେ ମଧ୍ୟ ପରବର୍ତ୍ତୀ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକ ପ୍ରାୟ ଦୁଇଘଣ୍ଟା ଧରି ଚାଲୁ ରହିଥିଲା। ବୈଠକରେ ସ୍ଥିର କରାଯାଇଥିଲା ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଚୁକ୍ତି ହୋଇଥିଲେ ବି କଟକଣା ଜାରି ରହିବ। ବ୍ୟବସାୟିକ ସଂପର୍କ ବନ୍ଦ ରହିବ। ବୈଠକ ପରେ ଏନଏସଏ ଅଜିତ ଡୋଭାଲ କହିଥିଲେ ଯେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରି ରହିଥିଲା। ଭାରତ ଯଦିଓ ଯୁଦ୍ଧ ଚାହେଁ ନାହିଁ, କିନ୍ତୁ ଆତଙ୍କବାଦୀ ଆକ୍ରମଣ ଜବାବ ଦେବାକୁ ସାମାନ୍ୟ କୁଣ୍ଠାପ୍ରକାଶ କରିବ ନାହିଁ । ଭାରତ ଓ ପାକିସ୍ତାନ ଉଭୟ ଅସ୍ତ୍ରବିରତି ପ୍ରତି ପୁରା ପ୍ରତିବଦ୍ଧତା ସହିତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଯେପରି ବଜାୟ ରହେ ସେ ନେଇ ଦୃଷ୍ଟି ଦେବେ। ବୈଠକରେ ଏପରି ବି ସ୍ଥିର ହୋଇଥିଲା ଯେ ଯଦି ପାକିସ୍ତାନ ସହ କେବେ ବି ଆଲୋଚନା ହୁଏ, ତେବେ ଦୁଇଟି ପ୍ରସଙ୍ଗରେ ଆଲୋଚନା ହେବ। ଭାରତ କାହାସହ ପ୍ରଥମେ ଯୁଦ୍ଧ କରିବାକୁ ଆଗ୍ରହୀ ନୁହେଁ । ତେବେ ଭାରତ ପ୍ରତି ବିପଦ ସୃଷ୍ଟି ହେଲେ ଭାରତ ତା'ର କଡ଼ା ଜବାବ ଦେବ ବୋଲି ମୋଦୀ କହିଥିଲେ।

## କାଶ୍ମୀର ନେଇ ଆଭିମୁଖ୍ୟ ସ୍ପଷ୍ଟ କଲେ ମୋଦୀ

# କାହାର ମଧ୍ୟସ୍ଥତା ଚାହୁଁନା



- **ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଆଲୋଚନା**
- **ପିଓକେ ବ୍ୟତୀତ ଅନ୍ୟ ପ୍ରସଙ୍ଗରେ ଆଲୋଚନା ମନା**
- **ଆତଙ୍କବାଦୀଙ୍କୁ ହସ୍ତାନ୍ତର କଲେ କଥାହେବା ସମ୍ଭବ**
- **ଦୁଃସାହସ କଲେ ଦିଆଯିବ କଡ଼ା ଜବାବ**

ନୂଆଦିଲ୍ଲୀ, ୧୧।୫: ଗତ ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ସୀମାରେ ଉତ୍ତେଜନା ହ୍ରାସ ପାଇଛି। ରବିବାର ସକାଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବୟାନ ଦେଇ କହିଥିଲେ ଯେ ଶାନ୍ତି ସ୍ଥାପନ ପରେ ମୁଁ ଭାରତ ଓ ପାକିସ୍ତାନ ସହ ବସି କାଶ୍ମୀର ପ୍ରସଙ୍ଗରେ ସମାଧାନ ପାଇଁ ଆଲୋଚନା କରିବାକୁ ପ୍ରସ୍ତୁତ। କିନ୍ତୁ ଏହାପରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଥିଲେ। ଆଲୋଚନାବେଳେ ମୋଦୀ ସ୍ପଷ୍ଟ କରିଥିଲେ ଯେ କାଶ୍ମୀର ପ୍ରସଙ୍ଗରେ ଆମର କୌଣସି ମଧ୍ୟସ୍ଥତା ଆବଶ୍ୟକ ନାହିଁ । ଏ ନେଇ ଭାରତର ସନ୍ଦେଶ ସ୍ପଷ୍ଟ। କେବଳ ଗୋଟିଏ ପ୍ରସଙ୍ଗ ରହିଛି, ତାହାହେଉଛି ପିଓକେକୁ ଭାରତରେ ସାମିଲ କରିବା। ତା ବାଦ୍ ଅନ୍ୟ କୌଣସି ପ୍ରସଙ୍ଗରେ ଭାରତ ଆଲୋଚନା କରିବ ନାହିଁ । ଯଦି ଆତଙ୍କବାଦୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ଆଲୋଚନା କରାଯାଏ ତେବେ ଭାରତ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଥିଲେ। ମୋଦୀ ଆହୁରି କହିଥିଲେ ଯେ ଯଦି ପାକିସ୍ତାନ ପୁଣିଥରେ ଭାରତ ଉପରେ ଆକ୍ରମଣ କରିବା ପାଇଁ ଦୁଃସାହସ କରେ ତେବେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ। ଏହାପରେ ଜେଡି ଭାନ୍ସ ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନୀର ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କରଙ୍କ ସହ କଥା ହୋଇଥିଲେ। ଭାରତ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ଗୁଳିମାଡ଼ ନ କଲେ ଭାରତ ସଂଯମତା ଅବଲମ୍ବନ କରିବ। ଭାରତର କହିବା କଥା ଯଦି ଆମେ ପାକିସ୍ତାନ ସହ ଆଲୋଚନା କରିବୁ, ତେବେ ଏହା କେବଳ ପିଓକେ, ଅବୈଧ ଅଞ୍ଚଳ ଖାଲି କରିବା ଏବଂ ଆତଙ୍କବାଦୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ହେବ। ସୂଚନାଯୋଗ୍ୟ ଯେ ଶନିବାର ଟ୍ରମ୍ପ ଏକ ପୋଷ୍ଟ କରି ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଥିବା ନେଇ ପ୍ରଥମେ ଘୋଷଣା କରିଥିଲେ। ଦୀର୍ଘ ୪୮ ଘଣ୍ଟାର ଆଲୋଚନା ପରେ ଉଭୟପକ୍ଷ ମଧ୍ୟ ଅସ୍ତ୍ରବିରତି ନେଇ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ୱାଶିଂଟନ ପକ୍ଷରୁ ବିପଜ୍ଜନକ ଗୁଇନ୍ଦା ସୂଚନା ମିଳିବା ପରେ ଆମେରିକା ଉପରାଷ୍ଟ୍ରପତି ଅସ୍ତ୍ରବିରତି ଦିଗରେ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗାଯୋଗ ରଖିଥିଲେ। ତେବେ ଗୁଇନ୍ଦା ସୂଚନାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏହାର ଖୁଲାସା କରାଯାଇନାହିଁ । ତେବେ ଆମେରିକାର ମଧ୍ୟସ୍ଥତାରେ ଦୀର୍ଘ ୪୮ ଘଣ୍ଟା ଆଲୋଚନା ପରେ ଦୁଇଦେଶ ମହାନ ବୁଦ୍ଧିମତ୍ତାର ବ୍ୟବହାର କରିଥିବାରୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ।

## ସଂକ୍ଷେପରେ...

### ସେବାୟତ ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ

ପୁରୀ, ୧୧।୫(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ଦୀଘାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ବିବାଦକୁ ନେଇ ପୁରୀ ଶ୍ରୀମନ୍ଦିରର ସେବାୟତ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବାରୁ ତାଙ୍କୁ ୩୦ ଦିନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ମନା କରାଯାଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର କମାଣ୍ଡର ଶ୍ରୀଦାସ ମହାପାତ୍ରଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବେ ବୋଲି ମଧ୍ୟ ଶ୍ରୀ ପାଢୀ କହିଛନ୍ତି।

### ରିଲ୍ସ ନିଶା ହେଲା କାଳ, ଡ୍ରାଇଭର ମୃତ

କୋଇଡା, ୧୧।୫(ଭାସ୍କର ନ୍ୟୁଜ): ରିଲ୍ସ ନିଶା ଜଣେ ଟ୍ରକ୍ ଡ୍ରାଇଭରଙ୍କ ଜୀବନ ନେଇଛି। ରବିବାର ସକାଳେ ଉକ୍ତ ଡ୍ରାଇଭର ଜଣକ ସୁନ୍ଦରଗଡ଼ ଜିଲ୍ଲା କୋଇଡା ୫୨୦ ନମ୍ବର ଜାତୀୟ ରାଜପଥରେ ଥିବା ଏକ ପୋଲ ଉପରେ ରିଲ୍ସ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଛନ୍ତି। ତାଙ୍କ ଘର ଉତ୍ତରପ୍ରଦେଶର ଚପାକିରେ ବୋଲି ସୂଚନା ମିଳିଛି।


### ପଡୋଶୀଙ୍କୁ ଦାଆରେ କାଟି ହତ୍ୟା

ବଣାଇଁ, ୧୧।୫(ଭାସ୍କର ନ୍ୟୁଜ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ମହୁଲପଦା ଥାନା ମହୁଝରରେ ଏକ ଅଭାବନୀୟ ଘଟଣା ଘଟିଛି। ପଡ଼ୋଶୀର ଦାଆ ଆକ୍ରମଣରେ ଅନ୍ୟଜଣେ ପଡ଼ୋଶୀ ମୃତ୍ୟୁବରଣ କରିଛନ୍ତି। ଉଭୟପକ୍ଷ ମଧ୍ୟରେ ବଚସା ହେବାପରେ ଏହି ଅଘଟଣ ଘଟିଛି। ପୋଲିସ ମୃତଦେହ ଜବତ ସହ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୯,୪୫୪.୪୭
ସର୍ବାଧିକ: ୪୦.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୧୧।୫।୨୦୨୫ ର ମତାମତ**

ଜଗନ୍ନାଥ ଧାମକୁ ନେଇ ଚାଲିଥିବା ବିବାଦର ଯବନିକା ପଡ଼ିବା ଠିକ୍ ନୁହେଁ କି?





**ଆଜିର ପ୍ରସଙ୍ଗ**

ବ୍ରହ୍ମୋସ ମିସାଇଲ ଶତ୍ରୁପକ୍ଷକୁ ଚକ୍‌ମା ଦେବାରେ ସମର୍ଥ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ

# ବର୍ଷକୁ ନିର୍ମାଣ ହେବ ୧୦୦ କ୍ଷେପଣାସ୍ତ୍ର



- **ବ୍ୟୟ କରାଯାଇଛି ୩୦୦ରୁ ଅଧିକ କୋଟି**
- **ଲକ୍ଷ୍ୟଭେଦ କ୍ଷମତା ୨୯୦ରୁ ୪୦୦ କିମି**
- **କ୍ଷେପଣାସ୍ତ୍ରର ଓଜନ ୧୨୯୦ କିଲୋଗ୍ରାମ**

ଲକ୍ଷ୍ନୌ, ୧୧।୫: ପାକିସ୍ତାନ ସହିତ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ପ୍ରତିରକ୍ଷା ଶିଳ୍ପ କରିଡରରେ ବ୍ରହ୍ମୋସ ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ଉତ୍ପାଦନ ୟୁନିଟର ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୩୦୦ କୋଟିରୁ ଅଧିକ ବ୍ୟୟ କରାଯାଇଛି। ଏହି ଉତ୍ପାଦନ ୟୁନିଟ୍‌ରୁ ବର୍ଷକୁ ୮୦ରୁ ୧୦୦ଟି ବ୍ରହ୍ମୋସ କ୍ଷେପଣାସ୍ତ୍ର ଉତ୍ପାଦନ କରାଯିବ। ପ୍ରତିବର୍ଷ ୧୦୦ରୁ ୧୫୦ ପରବର୍ତ୍ତୀ ପିଢିର ବ୍ରହ୍ମୋସ କ୍ଷେପଣାସ୍ତ୍ର ମଧ୍ୟ ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କ୍ଷେପଣାସ୍ତ୍ରର ଓଜନ ୧୨୯୦ କିଲୋଗ୍ରାମ ହୋଇଥିବାବେଳେ ଏହାର ଷ୍ଟ୍ରାଇକ୍ ରେଞ୍ଜ ୨୯୦ରୁ ୪୦୦ କିମି ରହିବ। ବର୍ତ୍ତମାନର ବ୍ରହ୍ମୋସ କ୍ଷେପଣାସ୍ତ୍ରର ଓଜନ ୨୯୦୦ • ପୃଷ୍ଠା ୫ ଦେଖନ୍ତୁ

## 'ଅପରେସନ ସିନ୍ଦୂର'ର ବିଜୟଗାଥା ବଖାଣିଲା ସେନା

# ବିଶ୍ୱକୁ ପ୍ରମାଣ ଦେଲା ଭାରତ

**ଅଭିଯାନ ୧୦୦% ସଫଳ**

**୧୦୦ରୁ ଅଧିକ ଆତଙ୍କୀ ନିହତ**

**ଆତଙ୍କବାଦର ଅନ୍ତଃପାଇଁ ଅପରେସନ**




ନୂଆଦିଲ୍ଲୀ, ୧୧।୫: ଆତଙ୍କବାଦ ବିରୁଦ୍ଧରେ ସେନା ପକ୍ଷରୁ କରାଯାଇଥିବା ଅଭିଯାନ ୧୦୦ପ୍ରତିଶତ ସଫଳ ହୋଇଛି। ଆତଙ୍କବାଦୀଙ୍କୁ ଦମନ ପାଇଁ ଅପରେସନ ସିନ୍ଦୂର ବେଶ୍ ସଫଳତା ହାସଲ କରିଛି ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସେନା ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଭାରତର ତିନି ସେନାଙ୍କ ଦ୍ୱାରା ଅପରେସନ ସିନ୍ଦୂର ଉପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଭାରତ ପାକିସ୍ତାନ ବିରୋଧରେ ଯେଉଁ ଅଭିଯାନ ଆରମ୍ଭ କରିଥିଲା, ତା'ର ପ୍ରମାଣ ସାରା ବିଶ୍ୱକୁ ଦିଆଯାଇଛି। ସେନାର ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏହି ଅପରେସନ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଗତମାସ ୨୨ ତାରିଖରେ ପହଲଗାମରେ ୨୬ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ବର୍ବର ଭାବେ ହତ୍ୟା କରାଯାଇଥିଲା। ଅପରେସନ ସିନ୍ଦୂର ଆତଙ୍କବାଦର • ପୃଷ୍ଠା ୫ ଦେଖନ୍ତୁ

## ସିଭିଲ ଡିଫେନ୍ସରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଲୋକଙ୍କ ସୁରକ୍ଷା ଆମର କର୍ତ୍ତବ୍ୟ



ଭୁବନେଶ୍ୱର, ୧୧।୫(ଭାସ୍କର ନ୍ୟୁଜ): ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ରଖି ବେସାମରିକ ସୁରକ୍ଷା ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେବାପାଇଁ ଜନ ସାଧାରଣଙ୍କୁ, ବିଶେଷକରି ଯୁବ ସମାଜକୁ ଆହ୍ୱାନ କରୁଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବ ସମାଜ ହିଁ ଆମ ଆଶା, ଭରଷା ଓ ଶକ୍ତିର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ। ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷିତ କରାଯିବ । ଆବଶ୍ୟକ ହେଲେ, ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ । ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ୍ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି । ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନମାନଙ୍କରେ ନୂଆ ସଙ୍ଗଠନ ଗଢିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

# ଜାମ୍ମୁକାଶ୍ମୀରର ୨୦ ସ୍ଥାନରେ ଏସ୍‌ଆଇଏର ଚଢାଉ

ଶ୍ରୀନଗର, ୧୧।୫: ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକମାନଙ୍କ ବିରୋଧରେ ସୁରକ୍ଷାବାହିନୀର ଅଭିଯାନ ତୀବ୍ର ହୋଇଛି। ଏହି ଅବସରରେ କାଶ୍ମୀର ରାଜ୍ୟ ପୋଲିସର ତଦନ୍ତକାରୀ ସଂସ୍ଥାକୁ ଏକ ବଡ଼ ସଫଳତା ମିଳିଛି। ଦକ୍ଷିଣ କାଶ୍ମୀରର ୨୦ଟି ସ୍ଥାନରେ ଏସଆଇଏ ଚଢାଉ କରି ଏକ ଆତଙ୍କୀ ସ୍ଲିପର ସେଲ୍ ମଡ୍ୟୁଲର ପର୍ଦ୍ଦାଫାଶ କରିଛି। ଚଢାଉ ସମୟରେ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯିବା ସହ ବହୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୂରା କରାଯାଉଛି। ବୈଷୟିକ ଗୁଇନ୍ଦା ସୂଚନା ଦେଇଛି ଯେ କାଶ୍ମୀରର ଅନେକ ସ୍ଲିପରସେଲ୍ ପାକିସ୍ତାନରେ ବସିଥିବା ସେମାନଙ୍କ ମାଲିକମାନଙ୍କ ସହି ସିଧାସଳଖ ଯୋଗାଯୋଗରେ ରହୁଥିଲେ। ହ୍ୱାଟ୍‌ସଆପ୍, ଟେଲିଗ୍ରାମ ଓ ସିଗନାଲ ଇତ୍ୟାଦି ମେସେଜିଂ ଆପ୍ ମାଧ୍ୟମରେ ସୁରକ୍ଷାବାହିନୀ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଓ ରଣନୈତିକ ସୂଚନା ପ୍ରଦାନ କରିବାରେ ସଂପୃକ୍ତ ରହିଥିଲେ। ଏସଆଇଏ ପକ୍ଷରୁ କୁହାଯାଇଛି ଯେ ଜାମ୍ମୁ ଏବଂ କାଶ୍ମୀର ପୋଲିସ କାଶ୍ମୀରରେ କାର୍ଯ୍ୟ କରୁଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ଉପରେ କଡ଼ା ନଜର ରଖିଛି। ଏହି ଆତଙ୍କବାଦୀ ଏବଂ ସେମାନଙ୍କ ସହଯୋଗୀମାନେ ଲସ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦର ଆତଙ୍କବାଦୀ କମାଣ୍ଡରଙ୍କ ନିର୍ଦ୍ଦେଶରେ ଅନଲାଇନ ପ୍ରଚାରରେ ମଧ୍ୟ ସାମିଲ ରହିଥିଲେ। ଯାହା ଜାତୀୟ ସୁରକ୍ଷା ଓ ଅଖଣ୍ଡତାକୁ ପଦାରେ ପକାଇଥିଲା। ଏବେ ବି ଏସଆଇଏ ପକ୍ଷରୁ ଜାମ୍ମୁକାଶ୍ମୀରର ବିଭିନ୍ନ ସ୍ଥାନରେ ଚଢାଉକୁ ତୀବ୍ର କରାଯାଇଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପ୍ରତିଶୋଧ ନେବା ବାକି ରହିଗଲା
ଯୁଦ୍ଧରେ ଲାଗିଲା ବିରାମ,
ଆଉଥରେ ଯଦି ହମ୍‌ଲା କରିବେ
ହୋଇଯିବ ଖେଳ ଖତମ !
ଆମ ମିଳିଟାରୀ ସିଷ୍ଟମ,
ଦେଖି ଥରହର ହେଲା ପାକିସ୍ତାନ
ଭଦ୍ରଲୋକୀ ହେଲା ମାର୍କିନ !!


DADLS-22

ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0652/2526



କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର କୁଳୁମା ସ୍ଥିତ ଜଗମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଷଷ୍ଠ ଶ୍ରେଣୀର ଛାତ୍ରୀ ସେଲିନା ପ୍ରଧାନଙ୍କର ଗତ ୦୩-୦୫-୨୦୨୫ ରିଖ ଦିନ ଅକାଳ ବିୟୋଗ ହୋଇଥିଲା। ଏଣୁ ଛାତ୍ର, ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦ ତରଫରୁ ୭ତାରିଖ ଦିବା ୯ଘଟିକା ସମୟରେ ଛାତ୍ରୀଙ୍କ ପିତା ଏକାଦୋଶିଆ ପ୍ରଧାନଙ୍କୁ ତାଙ୍କ କୁଳୁମାସ୍ଥିତ ବାସଭବନରେ ୫୦୦୦/- ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ଜଗମୋହନ ଉଚ୍ଚ ବିଦ୍ୟାଳୟ କୁଳୁମାର ପ୍ରଧାନଶିକ୍ଷକ ଧରଣୀଧର ପ୍ରଧାନ, ପରିଷଦର ସଭାପତି କନ୍ତାରୁ ଚରଣ ସାହୁ, ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ତଥା ପରିଷଦର ସକ୍ରିୟ କର୍ମକର୍ତ୍ତା ଶ୍ରୀକାନ୍ତ କୁମାର ମିଶ୍ର, ମନ୍ଦର ସେଠୀ, କ୍ଷମାନିଧି ବିଶ୍ୱାଳ, ପ୍ରତାପ କୁମାର ସାହୁ, ମାନ୍ଧାତା ବେହେରା, ବସନ୍ତ କୁମାର ସାହୁ, ମାନସ ରଞ୍ଜନ ସାହୁ, ସୁରେଶ ଚନ୍ଦ୍ର ସାହୁ, ଲିପୁନ୍ କୁମାର ସାହୁ, ବବୁଲ୍ ଚନ୍ଦ୍ର ଦେହୁରୀ, ବିଜୟାନନ୍ଦ ସ୍ୱାଇଁ ଓ ବିଦ୍ୟାଳୟର ପରିଚାଳନା ପ୍ରମୁଖ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ରୁଗୁଡିସାହିରେ ଉତ୍କଟ ହେଉଛି ପାନୀୟଜଳ ସଙ୍କଟ

## ଗୋଟିଏ ନଳକୂଅ ଭରସାରେ ସାହିବାସୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ୭ନଂ ୱାର୍ଡ ରୁଗୁଡିସାହିରେ ପାନୀୟଜଳ ସମସ୍ୟା ଉତ୍କଷ୍ଟ ହୋଇଛି। ସାହିର ୩୦ ପରିବାର ଗୋଟିଏ ନଳକୂଅର ପାଣିରେ ସ୍ନାନ, ରୋଷେଇ ଓ ଖାଇବା ପିଇବା ପାଇଁ ବ୍ୟବହାର କରୁଛନ୍ତି। ଗ୍ରୀଷ୍ମ ପ୍ରଭାବରେ ଜଳସ୍ତର ହ୍ରାସ ପାଉଛି, ଫଳରେ ନଳକୂଅରେ ଯଥେଷ୍ଟ ପାଣି ବାହାରୁନାହିଁ। ଗୋଟିଏ ଦୁଇ ବାଲ୍‌ଟି ନାଲି ଓ ଦୂଷିତ ପାଣି ବାହାରୁ ଥିବାରୁ ତାହା ବ୍ୟବହାର କରିବା ସମ୍ଭବ ହେଉନି। ସକାଳ ହେଲେ ଲୋକଙ୍କ ପାଣି ଚିନ୍ତା। ନଳକୂଅ ନିକଟରେ ଲମ୍ବା ଧାଡି ଲାଗୁଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟଜଳ ସୁବିଧା ପାଇଁ ଯୋଜନା କରିଛନ୍ତି। ବରଦାପାଳ ମରମ ଗାଡିଆ ନିକଟରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ସରିଛି। ଦୁଇବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏଠାରେ ମାଟିତଳେ ପାଇପ୍ ପୋତା ଯାଇଛି, ହେଲେ ଷ୍ଟାଣ୍ଡପୋଷ୍ଟ ଲାଗାଯାଇନି। ପାନୀୟଜଳ ଯୋଗାଣ କେବେ ଆରମ୍ଭ ହେବ ଲୋକେ ପ୍ରଶ୍ନ କରିଛନ୍ତି। ଜମି ଅଭାବରୁ ପୋଖରୀଟିଏ ନଥିବାରୁ ନଳକୂଅ ଉପରେ ମହିଳା ପୁରୁଷଙ୍କ ଭରଷା। ପୁରୁଷମାନେ ଦୁଇ କିଲୋମିଟର ଅତିକ୍ରମ କରି ନାଉପଦା ନିକଟ ବେତଝରୀ ନାଳକୁ ସ୍ନାନ କରିବାକୁ ଯାଉଛନ୍ତି। ପାନୀୟଜଳ ସୁବିଧା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ବହୁଥର ଅଭିଯୋଗ କରି ଆସୁଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦିଆଯାଇନି। କେବଳ ଅଧିକାରୀମାନେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅବହେଳିତ ଅବସ୍ଥାରେ ବାସିନ୍ଦାରେ ରହିଥିବାବେଳେ ଏମାନଙ୍କ ପାଖରେ ମୌଳିକ ସୁବିଧା ଅପହଞ୍ଚ ହୋଇ ପଡିଛି। ତୁରନ୍ତ ଏକ ପୋଖରୀଖନନ ସମେତ ପାନୀୟଜଳ ସମାଧାନ କରାଯିବାକୁ ମଙ୍ଗଳ ମୁଣ୍ଡା, ଚେମିଣୀ ମୁଣ୍ଡା, ଗଣେଶ୍ୱର ମୁଣ୍ଡା, ସୋମବାରୀ ମୁଣ୍ଡା, ରାଜୁ ମୁଣ୍ଡା, ଅଜୁ ମୁଣ୍ଡା, ଜଟ ମୁଣ୍ଡା, ରଇବାରୀ ମୁଣ୍ଡା, ଗୋପଲ ମୁଣ୍ଡା, କଂସଲି ମୁଣ୍ଡା, ରମଚନ୍ଦ୍ର ମୁଣ୍ଡା, ଶୁକୁରା ମୁଣ୍ଡା, ଇଶ୍ୱର ମୁଣ୍ଡା, ତିରୁ ମୁଣ୍ଡା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ଚଣ୍ଡିଖୋଲ ଟ୍ରାଫିକ ବିପର୍ଯ୍ୟସ୍ତ

# ଉଠାଦୋକାନୀଙ୍କୁ ଥଇଥାନ କେବେ !



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ୧୬ନଂ ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦ୍ୱୀପ ରାଜପଥ ଓ ଚଣ୍ଡିଖୋଲ-ଡୁବୁରୀ ରାଜପଥର ମିଳନ ସ୍ଥଳୀ ହୋଇଥିବାରୁ ଏଠାରୁ ଶହ ଶହ ଲୋକେ ଦୈନିକ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଦିନକୁ ଦିନ ଟ୍ରାଫିକ୍ ଓ ଉଠାଦୋକାନୀଙ୍କ ସମସ୍ୟା ବଢୁଥିବାରୁ ଏଠାରେ ବିଭିନ୍ନ ସମସ୍ୟା ଦେଖା ଦେଇଛି। ତେବେ ଚଣ୍ଡିଖୋଲ ଛକ ୩ଟି ଜାତୀୟ ରାଜପଥ ସଂଗମ ସ୍ଥଳ ଏବଂ ଏଠାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ଏକାଠି ହୋଇ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି । କିଛିମାସ ପୂର୍ବେ ଚଣ୍ଡିଖୋଲରେ ଥିବା ଉଠା ଦୋକାନୀଙ୍କୁ ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିବାପାଇଁ ନିର୍ଦ୍ଦେଶ ଦେଇଥିଲା ଏବଂ ସେମାନେ ଉଠି ଯାଇଥିଲେ। ସେହିପରି ଏଠାରେ ଟ୍ରାଫିକ ସମସ୍ୟା ଥିବାରୁ ଦୈନିକ ହଜାର ହଜାର ଗାଡ଼ି ଯାତାୟାତ ହେଉଥିଲେ ମଧ୍ୟ ଟ୍ରାଫିକ୍ ପୁଲିସର ନିଦ ଭାଙ୍ଗୁନାହିଁ। ସରକାର ବଦଳିବା ପରେ ୧୧ମାସ ବିତି ଯାଇଥିଲେ ମଧ୍ୟ କୌଣସି ଗୋଟିଏ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। କେବଳ ଜାତୀୟ ରାଜପଥ ସମ୍ପ୍ରସାରଣ ହିଁ ଉଠାଦୋକାନୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଲା। ଯାହାଫଳରେ ଉଠାଦୋକାନୀ ମାନେ ବ୍ୟବସାୟ କରୁଥିବା ସ୍ଥାନରୁ ଉଠି ଏବେ ଚୁପ୍ ହୋଇ ଘରେ ବସିଛନ୍ତି। ଯାହାଫଳରେ ସେମାନଙ୍କ ପରିବାର ଚଳିବାରେ ସମସ୍ୟା ସୃଷ୍ଟି କରିଛି। ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ତତ୍କାଳୀନ ସରକାର ଚଣ୍ଡିଖୋଲରେ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା କରିଥିଲେ। ମାତ୍ର ଉକ୍ତ ଥାନାରେ ଜଣେ ଥାନାଧିକାରୀ ଯୋଗ ଦେଇ ମାତ୍ର ୪ମାସ ରହି ଏଠାରୁ ବଦଳି ହୋଇଗଲାପରେ ଆଉ କୌଣସି ଥାନାଧିକାରୀ ଯୋଗ ଦେଉନାହାନ୍ତି ଏବଂ ଏହାର ଦାୟିତ୍ୱ ବଡ଼ଚଣା ଥାନାକୁ ଦିଆଯାଇଛି। ସେହିପରି ଚଣ୍ଡିଖୋଲ ଛକରେ ଥିବା ପରିବା ବଜାରକୁ ହଟାଯାଇ ଅନ୍ୟ ସ୍ଥାନକୁ ନିଆଯାଇଛି ସତ କିନ୍ତୁ ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ ।ଜାତୀୟ ରାଜପଥ ବ୍ୟବସାୟୀ କରୁଥିବା ଦୋକାନୀ ମାନଙ୍କଠାରୁ ଅନୈତିକ ଭାବରେ ସୁଙ୍ଗୁଡା ପଞ୍ଚାୟତ ପକ୍ଷରୁ ବଜାରରେ ବ୍ୟବସାୟୀଙ୍କ ଠାରୁ ଦୈନିକ ମହାସୁଲ ଆଦାୟ କରାଯାଉଛି। ଏହି ଅର୍ଥ କେଉଁ କାମରେ ଲାଗୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଣ୍ଡିଖୋଲ ଛକକୁ ଯଦି ଗୋଲେଇ ଛକ କରାଯାଆନ୍ତା ହୁଏତ ଏଠାରେ କୌଣସି ଦୁର୍ଘଟଣା ନ ଘଟି ସବୁ ସମସ୍ୟାର ସମାଧାନ ହୋଇପାରନ୍ତା। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଲେ ଏ ସବୁ ସମସ୍ୟାର ନିଶ୍ଚିତ ସମାଧାନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ ପରେ ଚୋରାମଦ ବେପାରୀ ଛାନିଆ

କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଚିଲିକା ଉପଖୂଳରେ ହୋଇଥିବାବେଳେ ଏଠାରେ ଦିନକୁ ଦିନ ଚୋରାମଦ କାରବାର ବୃଦ୍ଧି ପାଉଥିବାରୁ ସନ୍ଧ୍ୟା ହେବା ତ ଦୂରକଥା ଦିନରେ ମଧ୍ୟ ଛାତ୍ରଛାତ୍ରୀ, ମହିଳା, ବୁଦ୍ଧିଜୀବୀ ଗାଁଗଣ୍ଡା ଓ ଛକ ମାନଙ୍କରେ ଯିବା ଆସିବା ପାଇଁ କରୁଛନ୍ତି। ରାଜ୍ୟ ସରକାର କଣାସ ଠାରେ ଗୋଟିଏ ସରକାରୀ ଓ ବେସରକାରୀ ମଦ ଦୋକାନ ଖୋଲିଥିବା ବେଳେ ବିଜିପୁର ଠାରେ ଗୋଟିଏ ସରକାରୀ ମଦ ଦୋକାନ, ମନ୍ଦାରବସ୍ତ ଠାରେ ସରକାରୀ ମଦ ଦୋକାନ, ଜଙ୍କିଆରେ ଗୋଟିଏ ସରକାରୀ ମଦ ଦୋକାନ, ଚୁପୁରିଙ୍ଗିରେ ଗୋଟିଏ ଦେଶୀମଦ ଦୋକାନ ଖୋଲିଛନ୍ତି । କିଛି ଦିନ ହେଲା କଣାସ ବ୍ଲକର ବିଭିନ୍ନ ଗ୍ରାମ ଓ ଛକ ସ୍ଥାନମାନଙ୍କରେ ଥିବା ରାସନ ଦୋକାନ, ଚା ଦୋକାନ , ପାନ ଦୋକାନ ମାନଙ୍କରେ ଚୋରା ମଦ ବହୁଳ ପରିମାଣରେ ବିକ୍ରି ହେଉଛି । ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେଉନଥିବାରୁ କଣାସ ଅଞ୍ଚଳର ବୁଦ୍ଧିଜୀବ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଛି। ଗଡିଶାଗୋଦା ଥାନାରେ ଚାରି ଦିନ ତଳେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଆଇଆଇସି ସୁଧୀର କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଭିନ୍ନ ବଜାର ଓ ଗ୍ରାମ ମାନଙ୍କରେ ଚୋରା ମଦ ବିକ୍ରି କରାଯାଉଥିବା ଚୋରା ମଦ ଦୋକାନୀ ମାନଙ୍କୁ ତାଗିଦ କରିଛନ୍ତି ଚୋରାମଦ ବିକ୍ରିରୁ ନିବୃତ ରହିବା ପାଇଁ ଯଦି କୌଣସି ଦୋକାନୀ ମଦ ବିକ୍ରି କରୁଥିବା ଅବସ୍ଥାରେ ଧରାପଡେ ତା ପ୍ରତି କଠୋର କାର୍ଯ୍ୟଅନୁଷ୍ଠାନ ଗ୍ରହଣ କରାଯିବ। ଆଇଆଇସି ଶ୍ରୀ ଦାସ କୁହନ୍ତି କଣାସ ଅଞ୍ଚଳକୁ ମଦମୁକ୍ତ କରାଯିବ।

# ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ୧୧ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ ତମ ଜୟନ୍ତୀ ସମାରୋହରେ ୧୧ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଓ ଉପସ୍ଥାପିକା ସଂଗୀତା ଦାସ ସଭା ସଂଯୋଜନା କରୁଥିବା ବେଳେ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ଼ଃ ରମାକାନ୍ତ ଭୋଇ ଯୋଗଦେଇ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅବସରପ୍ରାପ୍ତ ପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଥିଲେ। ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ଓ ନାଟ୍ୟକାର ଇଂ କିଶୋର ମହାପାତ୍ରଙ୍କୁ ମରୋଣତ୍ତର ସମ୍ମାନ ସହ ୯ ଜଣ କୃତୀ କଳାକାର ରଞ୍ଜିତା ନାୟକ, ଝୁନାରାଣୀ ଦାଶ, ବ୍ରଜବିହାରୀ ନାୟକ, ଦାମୋଦର ପ୍ରଧାନ, ଯୋଗେନ୍ଦ୍ର ନାଥ ମଲ୍ଲିକ, ସବିତା ମହାନ୍ତି, ରାମ ନାରାୟଣ ନାୟକ, ସତ୍ୟବ୍ରତ ତ୍ରିପାଠୀ ଓ ଅରୁଣ କୁମାର ରଥଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦର କୋଷାଧ୍ୟକ୍ଷ ରବି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିବିଏମଏସ ୟୁନିଅନ ସହଯୋଗରେ ଦୁର୍ଘଟଣାରେ ମୃତ ଡିଏଲଆର କର୍ମଚାରୀଙ୍କୁ ସହାୟତା ପ୍ରଦାନ

ପାରାଦୀପ (ଭାସ୍କର ନ୍ୟୁଜ୍): ନିକଟରେ ପାରାଦୀପ ଅଠରବାଙ୍କି ନିକଟସ୍ଥ ରାଜରାସ୍ତାରେ ଏକ ବସ୍ ଧକ୍କାରେ ମୃତ୍ୟୁବରଣ କରିଥିବା ପାରାଦୀପ ବନ୍ଦରର ଡିଏଲଆର କର୍ମଚାରୀ ଅଜିତ ହେମ୍ବ୍ରମଙ୍କୁ ପାରାଦୀପ ବନ୍ଦର ପକ୍ଷରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ତାଙ୍କ ପତ୍ନୀଙ୍କୁ ନିଯୁକ୍ତି ଦିଆଯିବ। ଏତଦ ବ୍ୟତୀତ ବସ ମାଲିକ, ସମ୍ପୃକ୍ତ ଠିକାଦାର ମଧ୍ୟ ମୃତକ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ନେଇ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମୃତ ଠିକା କର୍ମଚାରୀ ସଦସ୍ୟ ଥିବା ଭାରତୀୟ ବନ୍ଦର ମଜଦୁର ସଙ୍ଘ ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ ସୂଚନା ଦେଇଛନ୍ତି। ତେବେ ଏହି କାର୍ଯ୍ୟର ଶ୍ରେୟ ନେବା ପାଇଁ ଜନୈକ ଶ୍ରମିକ ନେତା ବୋଲାଉଥିବା ବ୍ୟକ୍ତି ମିଥ୍ୟା ଅପପ୍ରଚାରକୁ ନେଇ ଡିଏଲଆର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ରାଜନୈତିକ ଓ ଶ୍ରମିକ ସଙ୍ଘ ଆଢୁଆଳରେ ରହି ଏହି ଅସାମାଜିକ ବ୍ୟକ୍ତି ଶାନ୍ତ ପାରାଦୀପରେ ଅଶାନ୍ତ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି ।

## ବଡାମ ପୂଜା ଓ ଚାଙ୍ଗୁ ନୃତ୍ୟ ପ୍ରଦର୍ଶନ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଏନ୍ ଏ ସି ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ସ୍ଥିତ ପ୍ରଦୀପ ସାଗର ସାହି ବଡାମ ଶାଳ ରେ ବଡାମ ପୂଜା ସହିତ ଚାଙ୍ଗୁ ନୃତ୍ୟ ପରିବେଶଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଥୁଡି ଜାତିର ପରମ୍ପରା ଅନୁଯାୟୀ ପ୍ରତିବର୍ଷ ନିଜ ଗ୍ରାମର ଦେହୁରୀ ଅଠର ଦେଉଳରୁ ଠାକୁର ଦର୍ଶନ କରି ଫେରିବାପରେ ଗ୍ରାମର ବଡାମ ଶାଳରେ ବଡ଼ାମ ପୂଜା ହେବା ସହିତ ଚାଙ୍ଗୁ ନୃତ୍ୟ ପ୍ରଦର୍ଶନ ହୋଇଥାଏ। ଚଳିତବର୍ଷ ପ୍ରଦୀପ ସାଗର ସାହି ବଡ଼ାମ ଶାଳରେ ଦୁଇଦିନ ଧରି ବଡାମ ପୂଜା ହେବା ସହିତ ଚାଙ୍ଗୁ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଏଥିରେ ଦେହୁରୀ ମନ୍ତ୍ରୀ ଦେହୁରୀ ଓ ବିଦେଶୀ ଦେହୁରୀ ପୂଜା କରିଥିବା ବେଳେ ବିଭିନ୍ନ ୬ଟି ଗ୍ରାମରୁ ଯଥା ଧଳ ବେଡା, ବିଲ୍ଲାପଘା, କାଶିଆ, ସରଧା, ଗୌଡଗାଁ ଓ ଅଖାପଲ୍‌ନ ଗ୍ରାମରୁ ଆସିଥିବା ଚାଙ୍ଗୁ ଦଳ ମାନେ ଚାଙ୍ଗୁ ନୃତ୍ୟ ପରିବେଶଣ କରିଥିଲେ। କାର୍ଯ୍ୟକ୍ରମରେ ମିନା, ଶିରୋମଣି, ସୀତା, ପତି, ବାସନ୍ତୀ ସାବିତ୍ରୀ, ପ୍ରମିଳା, ଲୀଳାବତୀ ଦାସ କୁନ୍ତି ଦାସ ଓ ଲଳିତା ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ 'ଦେବଦୂତ ସଡ଼କ ସୁରକ୍ଷା ବାହିନୀ'କୁ ପ୍ରାଥମିକ ଚିକିତ୍ସା ଉପକରଣ ଯୋଗାଣ



ପାରାଦୀପ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦୀପ ଓ କଟକ-ପାରାଦୀପ ଦୁଇ ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ନଷ୍ଟ ହେଲାଣି। ତେବେ ଏପରି ଦୁର୍ଘଟଣା ସମୟରେ ଅସହାୟ ପୀଡିତଙ୍କ ପାଖରେ 'ଦେବଦୂତ ସଡ଼କ ସୁରକ୍ଷା ବାହିନୀ' ର ସଭାପତି ପଙ୍କଜ ତରାଇ (ଦୀପୁ)ଙ୍କ ନେତୃତ୍ୱରେ ତାଙ୍କ ସହଯୋଗୀ ମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରାଇ ସେମାନଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିବାରେ ସହଯୋଗ କରିଥାନ୍ତି। ଏଥିଯୋଗୁଁ ଅନେକଙ୍କ ଜୀବନ ରକ୍ଷା ପାଇଥିବା ମଧ୍ୟ ନଜିର ରହିଛି। ତେବେ ଏଥିପାଇଁ ବହୁ ପ୍ରାଥମିକ ଚିକିତ୍ସା ଉପକରଣ ବା ସାମଗ୍ରୀର ଆବଶ୍ୟକତା ପଡିଥାଏ, ଯାହା ସଡ଼କ ସୁରକ୍ଷା ବାହିନୀ ଅସୁବିଧା ଓ ସମସ୍ୟାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପରିବେଶଧର୍ମୀ ଅନୁଷ୍ଠାନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ପକ୍ଷରୁ ସୁରକ୍ଷା ବାହିନୀକୁ ନିରନ୍ତର ଭାବେ ପ୍ରାଥମିକ ଚିକିତ୍ସା ସାମଗ୍ରୀ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟ ମାନେ ଦେବଦୁତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇଙ୍କୁ ତୃତୀୟ ଥର ପାଇଁ ଦୁଇଟି ପ୍ରାଥମିକ ଚିକିତ୍ସା ଉପକରଣ ବାକ୍ସ ପ୍ରଦାନ କରିଥିଲେ। ତେବେ ଟ୍ରଷ୍ଟର ଏପରି ମହତ ସହଯୋଗକୁ ଦେବଦୁତ ସଡ଼କ ସୁରକ୍ଷା ବାହିନୀର ଶ୍ରୀ ତରାଇ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏପରି ସହଯୋଗ ଦ୍ୱାରା ଅନେକ ଦୁର୍ଘଟଣା ପୀଡିତ ବେଶ ଉପକୃତ ହୋଇପାରିବେ ବୋଲି କହିଥିଲେ।

## ରାସ୍ତା ସମ୍ପ୍ରସାରଣ ଲାଗି ଗଛ କଟାହେଲା, ଚାରାରୋପଣ ହେଲାନି

# ବନୀକରଣରେ ସ୍ଲରି ପାଇପ ଲାଇନ ବାଧକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ ଚାରିଲେନ ହେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ବର୍ଷର ବହୁ ପୁରାତନ ଗଛ କଟାଯାଇଛି । ରାସ୍ତା ୪ ଲେନ ହେବା ପରେ ଜାତୀୟ ରାଜପଥ ୨୦ର ଉଭୟ ପାର୍ଶ୍ୱରେ ନୂତନ ଚାରାରୋପଣ ହୋଇପାରିନାହିଁ। ବୃକ୍ଷର ଉପକାରିତା ବୁଝି ପାରି ରାଜାମାନେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଫଳନ୍ତି ଗଛ ଯଥା ଆମ୍ବ, ଜାମୁ, ପଣସ ସହ ଉପକାରୀ ଗଛ ନିମ୍ବ, ବର, ମହାନିମ୍ବ, ବଉଳ ସହ କେତେକ ଛାଇ ପ୍ରଦାନକାରୀ ଗଛ ଲଗାଇଥିଲେ। ପଥଚାରୀ ଯାତ୍ରା ସମୟରେ ଛାଇ ପାଇବା ସହ ଫଳମୂଳ ଖାଉଥିଲେ। ରାସ୍ତା ପାର୍ଶ୍ୱରେ ବହୁ ଫଳନ୍ତି ଗଛ ସହ ଶାଳ, ଶାଗୁଆନ, ନିମ୍ବ, ଧଉରା, ପିଆଶାଳ, ଶାଗୁଆନ, ତେନ୍ତୁଳି ଇତ୍ୟାଦି ଗଛ ପ୍ରଶସ୍ତୀକରଣ ସମୟରେ କଟାଯାଇଛି। ଫଳରେ ପରିବେଶ ଉପରେ ଏହାର ପ୍ରଭାବ ପଡିଛି। କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ଏବଂ ୪୯ର ଉଭୟ ପାର୍ଶ୍ୱରେ ଗଛ କଟାଯିବା ପରେ ଲୋକମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି । ବୃକ୍ଷରୋପଣ ଏବଂ ନୂତନ ସବୁଜିମା ସୃଷ୍ଟି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ବନ ବିଭାଗ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ଜାତୀୟ ରାଜପଥ ୨୦ରେ ବହୁ ସଂଖ୍ୟାରେ ଗଛ କଟିଥିବାବେଳେ ସ୍ଲରି ପାଇପ ଲାଇନ ପାଇଁ ପଥ ପାର୍ଶ୍ୱର୍ ବନୀକରଣ ହୋଇପାରୁନାହିଁ । ଜାତୀୟ ରାଜପଥ ୨୦ ଆରଓଡବ୍ଲ୍ୟୁ ବା ଅଧିଗ୍ରହଣ ହୋଇଥିବା ରାସ୍ତା ପାର୍ଶ୍ୱର୍ ଜମିରେ ସ୍ଲରି ପାଇପ ଲାଇନ ବିଛା ଚାଲିଛି । ପୂର୍ବରୁ ବିଆରପିଏଲ ଏବଂ ଏସାର କମ୍ପାନୀ ସ୍ଲରି ପାଇପ ଲାଇନ ପକାଇ ସାରିଥିବାବେଳେ ଏବେ ବହୁ କମ୍ପାନୀ ସ୍ଲରି ପାଇପ ଲାଇନ କାମ କରୁଛନ୍ତି । ଯାଜପୁର,କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ୨୬୯ କିମି ରାସ୍ତାକୁ ଗତ ୧୯୯୯ରେ ଜାତୀୟ ରାଜପଥ ୨୧୫ ମାନ୍ୟତାର ୧୨ବର୍ଷ ପରେ ୨୦୧୧ ରେ ୪ ଥାକିଆ ପର୍ଯ୍ୟାୟ ବିଶିଷ୍ଟ ନିର୍ମାଣ ନିମନ୍ତେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ହସ୍ତାନ୍ତର ହୋଇଥିଲା। ରାସ୍ତା ନିର୍ମାଣ ଓ ମରାମତି ସୁବିଧା ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ପାଣିକୋଇଲି-ରିମୁଳି ୧୬୩ କିମି ରାସ୍ତାକୁ ୨୦ନଂ ଏବଂ ରିମୁଳି-ରାଜାମୁଣ୍ଡା ୧୦୬ କିମି ରାସ୍ତାକୁ ୫୨୦ନଂ ଜାତୀୟ ରାଜପଥ ଘୋଷଣା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ପାଇଁ କେନ୍ଦୁଝର ଜିଲ୍ଲାର ଜରଦାଠାରୁ ଗୁଆଲି ପର୍ଯ୍ୟନ୍ତ ୧୮୩ କିମି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ରାଜାରାଜୁଡା ଅମଳର ୭୧ ହଜାର ୪୦ଟି ମୂଲ୍ୟବାନ ଗଛକୁ କଟାଯାଇଥିଲା। ପାଣିକୋଇଲି-ରିମୁଳି ପ୍ରକଳ୍ପ ପାଇଁ ଅଣଜଙ୍ଗଲ ଜମିରୁ ୧୬ହଜାର୨୪୫ ଓ ଜଙ୍ଗଲ ଜମିରୁ ୩୧ହଜାର୧୮୬ ଗଛକୁ ମିଶାଇ ମୋଟ ୪୭ ହଜାର ୪୩୧ଟି ଗଛକୁ କଟାଯାଇଛି। ସେହିଭଳି ରିମୁଳି-ରାଜାମୁଣ୍ଡା ପ୍ରକଳ୍ପ ପାଇଁ ଅଣଜଙ୍ଗଲ ଜମିରୁ ୫ ହଜାର ୭୪୧ ଏବଂ ଜଙ୍ଗଲ ଜମିରୁ ୧୭ ହଜାର ୬୮୬ ଗଛକୁ ମିଶାଇ ମୋଟ ୨୩୬ ହଜାର ୦୯ଟି ମୂଲ୍ୟବାନ ଗଛ କଟିଛି। ଗଛକଟା, ଚାରା ରୋପଣ ଓ ରକ୍ଷଣାବେକ୍ଷଣ ଏବଂ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ କେନ୍ଦୁଝର ବନଖଣ୍ଡ ବିଭାଗକୁ ମୋଟ ଏନ୍‌ପିଭି ବାବଦ ୪୫କୋଟି ୨୮ଲକ୍ଷ ୫୭ ହଜାର ୬୦୦ ଟଙ୍କା ଦିଆଯାଇଥିଲେ ହେଁ ଯୋଡା ଖଣି କ୍ଷେତ୍ରରୁ ପାରାଦ୍ୱୀପକୁ ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ପୁଞ୍ଜିପତିଙ୍କ ସୁରକ୍ଷା ନିମନ୍ତେ ରାସ୍ତା ନିର୍ମାଣ ହୋଇ ଟୋଲ ଆଦାୟର ୨୦ବର୍ଷ ବି ପଥପାର୍ଶ୍ୱର୍ ଚାରାରୋପଣ ହୋଇପାରିନାହିଁ । ୪ ଥାକିଆ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଗଛ କାଟିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ପାଣିକୋଇଲି-ରିମୁଳି ରାସ୍ତାରେ ଥିବା ଅଣଜଙ୍ଗଲ ଜମିର ଗଛ କାଟିବା ବାବଦ ଏବଂ ଏଥି ନିମନ୍ତେ ୧୦ ଗୁଣା ଚାରା ରୋପଣ ନିମନ୍ତେ ୫କୋଟି ୯୮ଲକ୍ଷ ୨୭ହଜାର ୩୦୩ ଟଙ୍କା କାମ୍ପା ପାଣ୍ଠିରେ ଜମା ମଧ୍ୟ କରାଯାଇଛି। ଅଣଜଙ୍ଗଲ ଜମିରେ ୧୦ ଗୁଣା ଚାରାରୋପଣ ପାଇଁ ମିଳିଥିବା ଅର୍ଥ ମଧ୍ୟରୁ ଘଟଗାଁ ରେଞ୍ଜ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ୩୪୦.୫୪ ହେକ୍ଟର ଜମିରେ ୧କୋଟି ୯ଲକ୍ଷ ୯୩ହଜାର ଟଙ୍କା ବ୍ୟୟରେ ୧ଲକ୍ଷ ୨ହଜାର ୧୬୨ ଟି ଚାରା ରୋପଣ କରାଯାଇଥିବା ବନବିଭାଗ ପକ୍ଷରୁ ସେ ସମୟରେ କୁହାଯାଇଥିଲା । ଜିଲ୍ଲାର ଯୋଡା ଖଣି କ୍ଷେତ୍ର ଅଂଚଳରୁ ପାରାଦ୍ୱୀପକୁ ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ପାଇପ୍ ବିଛା କାର୍ଯ୍ୟ ଜାରି ରହିଥିବାରୁ ପୁଞ୍ଜିପତିଙ୍କୁ ସୁରକ୍ଷା ଦେବା ଆଳରେ ପାଣିକୋଇଲି-ରାଜାମୁଣ୍ଡା ଜାତୀୟ ରାଜପଥ ପଥ ପାର୍ଶ୍ୱର୍ ଚାରାରୋପଣ କାର୍ଯ୍ୟ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ପାଣିକୋଇଲି-ରିମୁଳି ରାସ୍ତାର ହସନପୁର, ଖଣ୍ଡଘର ଓ ବନାଯୋଡିଠାରେ ଟୋଲ ସ୍ଥାପନ କରାଯାଇ ୨୦୧୭ ଅଗଷ୍ଟ ୧୭ ରୁ ଟୋଲ ଆଦାୟ ଜାରି ରହିଥିବାବେଳେ ରିମୁଳି-ରାଜାମୁଣ୍ଡା ରାସ୍ତାର କଣ୍ଡରା ଓ ଜାମୁଡିହିଠାରେ ମଧ୍ୟ ଟିକସ ଆଦାୟ ଜାରି ରହିଛି। କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ପାଣିକୋଇଲି-ରାଜାମୁଣ୍ଡା ଜାତୀୟ ରାଜପଥର କେବଳ କେନ୍ଦୁଝର ଜିଲ୍ଲାର ୧୮୩ କିମି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପଥ ପାର୍ଶ୍ୱର୍ ବନୀକରଣ ହୋଇପାରିନାହିଁ। କେନ୍ଦୁଝର ଜିଲ୍ଲାରେ ବନୀକରଣ ପାଇଁ ଅଣଜଙ୍ଗଲ ଜମିର ଅଭାବ ଥିବାବେଳେ ବାହାର ଜିଲ୍ଲାରେ କ୍ଷତିପୂରଣ ବନୀକରଣ କରାଯାଉଛି।

# ସମଙ୍ଗରେ ନୂତନ ସମବାୟ ପ୍ରତିଷ୍ଠାନ ଦାବି

ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : କୃଷକଙ୍କ ସମୂହିକ କଲ୍ୟାଣ ଓ ସମବାୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନେଇ ଜଗତସିଂହପୁର ବ୍ଲକ ସମଙ୍ଗ ପଞ୍ଚାୟତ ନିମନ୍ତେ ଏକ ନୂତନ ସମବାୟ ପ୍ରତିଷ୍ଠାନ ଦାବି କରାଯାଇ ପାଇଛି। ଅଞ୍ଚଳର ସମୀର ପଟ୍ଟନାୟକ, ତପନ ରାଉ ଉତରାୟ, ଶିଶିର ପଟ୍ଟନାୟକ, ବିନୋଦ ତରାଇ, ବୀରବର ନାୟକ, ଅଧୀର ଜେନା, ସଚିକାନ୍ତ ଜେନା, ପ୍ରବୀର ପରିଡ଼ା ଏହି ମର୍ମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଦରଖାସ୍ତ କରିଛନ୍ତି । ବର୍ତ୍ତମାନ ସମୟରେ ସମଙ୍ଗ ପଞ୍ଚାୟତର ଚାଷୀମାନେ ୩ କିମି ଦୂର ପଳାଶୋଳ ସେବା ସମବାୟ ସମିତି ଅଧୀନରେ ରହିଛନ୍ତି। ୧୧ଟି ୱାର୍ଡକୁ ନେଇ ଗଠିତ ସମଙ୍ଗ ପଞ୍ଚାୟତର ୮୦ ଭାଗ ଲୋକ ଚାଷ ଉପରେରେ ନିର୍ଭରଶୀଳ। ଖରିଫ୍ ଋତୁରେ ଧାନ ସହ ରବି ଫସଲ ଭାବେ ମୁଗ, ବିରି ସହିତ ମିଶ୍ରିତ କୃଷି ମତ୍ସ୍ୟ, କୁକୁଡ଼ା, ଗୋପାଳନ କରି ଅଞ୍ଚଳର ଚାଷୀମାନେ ଆତ୍ମନିର୍ଭରଶୀଳ। ଏହାସତ୍ତ୍ୱେ ସମଙ୍ଗ ପଞ୍ଚାୟତର କୃଷକମାନେ ପଳାଶୋଳ ସେବା ସମବାୟ ସମିତି ସହ ଅନୁବନ୍ଧିତ ହୋଇ ଚାଷ ବାବଦ ଅର୍ଥିକ ଋଣ ସହାୟତା ପାଇ ଆସୁଛନ୍ତି। ଏବଂ ଉତ୍ପାଦିତ କୃଷିଜାତ ଫସଲ ବିକ୍ରି ନିମନ୍ତେ ଉକ୍ତ ସେବା ସମବାୟ ସମିତି ମଣ୍ଡି ଉପରେ ନିର୍ଭର କରିଥାନ୍ତି। ପଳାଶୋଳ ସେବା ସମବାୟ ସମିତି ତିନୋଟି ପଞ୍ଚାୟତ ଯଥା ଅୟର, ସମଙ୍ଗ ଓ ପଳାଶୋଳର କୃଷକଙ୍କୁ ନେଇ ଗଠିତ। ତେବେ ସମଙ୍ଗଠାରୁ ଉକ୍ତ ସେବା ସମବାୟ ସମିତିର ଦୂରତା ୩ କିମି। ଏବଂ ସମିତି ପରିଚାଳନାରେ ତ୍ରୁଟି ମଧ୍ୟ ପରିଲକ୍ଷିତ ହେଉଛି। ଦୂରତା ସହ ଚାଷୀଙ୍କ ସମୂହ କଲ୍ୟାଣ ପାଇଁ ସମଙ୍ଗ ପଞ୍ଚାୟତର କେନ୍ଦ୍ରସ୍ଥଳରେ ଏକ ନୂତନ ସମବାୟ ପ୍ରତିଷ୍ଠାନ ମଞ୍ଜୁର ନିମନ୍ତେ ସ୍ୱର ଉଠିଛି, ଆଜିର ଦିନରେ ନିକଟରେ ଥିବା ପଂଚାୟତ ମାନଙ୍କରେ ଦୁଇ ଦୁଇଟି ସେବା ସମବାୟ ସମିତି ଥିବାବେଳେ ଏଠାରେ ତିନୋଟି ପଂଚାୟତ କୁ ନେଇ କିଭଳି ଗୋଟିଏ ସମବାୟ ସମିତି କାର୍ଯ୍ୟ କରୁଛି ତାହା ସମସ୍ତ ଚାସିଙ୍କ ମନରେ ସର୍ବଦା ଦ୍ୱନ୍ଦ୍ୱ ସୃଷ୍ଟିର କାରଣ ପାଲଟିଛି।



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲକ୍ଷ୍ନୌରେ ବ୍ରହ୍ମୋସ ମିସାଇଲ ନିର୍ମାଣ ସୁବିଧାର ଉଦଘାଟନକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟକୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଏହାକୁ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଏହି ଉପଲବ୍ଧିର ପ୍ରଶଂସା କରି କହିଛନ୍ତି ଯେ, ଏହି ସୁବିଧା ଦେଶର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ କରିବା ସହିତ ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରତା ଦିଗରେ ଭାରତର ଯାତ୍ରାକୁ ଆହୁରି ଗତି ଦେବ । ସେ ଲେଖିଛନ୍ତି, ଏହି ମାଇଲଖୁଣ୍ଟ ଭାରତର ପ୍ରତିରକ୍ଷା କ୍ଷମତାକୁ ନୂଆ ବଳ ଦେବ ଓ ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରତାରେ ଆମର ଯାତ୍ରାକୁ ସଶକ୍ତ କରିବ । ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱର ବି ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ, ତାଙ୍କ ମାର୍ଗଦର୍ଶନ ଭାରତକୁ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭର କରିବା ଦିଗରେ ଆଗକୁ ବଢୁଛି । ସେ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଆତ୍ମନିର୍ଭରଭାରତର ଓ ନିରନ୍ତର ଅଗ୍ରସର ହେଉଛି, ବିଶେଷକରି ପ୍ରତିରକ୍ଷା କ୍ଷେତ୍ରରେ ।

## ୧୫ ଯାଏ ମିଳିବନି ତ୍ରାହି

# କଳବଳ କରୁଛି ତାତି





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳବଳ କରୁଛି ତାତି । ଘରେ ରହି ହଉନି କି ବାହାରକୁ ବାହାରି ହେଉନି । ଦେହ ମୁହଁ ପୋଡି ଯାଉଛି । ପ୍ରବଳ ଉତ୍ତାପରେ ଛଟପଟ ହେଉଛନ୍ତି ରାଜଧାନୀବାସୀ । ପଶ୍ଚିମ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି । ଆସନ୍ତା ୧୫ ଯାଏ ପ୍ରବଳ ଖରାରୁ ମିଳିବନି ତ୍ରାହୀ । ଗରମ, ଗୁଳୁଗୁଳି ନେଇ ଆଲର୍ଟ କରିଛି ପାଣିପାଗ ବିଭାଗ। ପ୍ରବଳ ଖରାରେ ସିଝିଛନ୍ତି ଭୁବନେଶ୍ୱରବାସୀ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ରବିବାର ଦିନ ତାପମାତ୍ରା ୪୦.୭ ଡିଗ୍ରୀ ରେକର୍ଡ ହୋଇଛି। ରାଜ୍ୟ ସାରା ଆଜି ପ୍ରବଳ ଖରା ଅନୁଭୂତ ହୋଇଛି। ସକାଳ ୮ଟାରୁ ସୂର୍ଯ୍ୟକିରଣର ପ୍ରଭାବ ଦେଖିବାକୁ ମିଳିଥିଲା। ଦିନ ୧୧ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟରେ କମ ଲୋକଙ୍କର ଯାତାୟତ ଦେଖିବାକୁ ମିଳୁଥିଲା। ବ୍ୟସ୍ତ ବହୁଳ ସ୍ଥାନଗୁଡ଼ିକରେ ଜନଗହଳିର ଅଭାବ ପରିଲକ୍ଷିତ ହୋଇଥିଲା। ଏପରିକି ରାଜଧାନୀର ବଜାରଗୁଡିକ ଦ୍ୱିପ୍ରହର ସମୟରେ ବନ୍ଦ ରହିଥିଲା। କଂକ୍ରିଟ ସହରରେ ରାଜଧାନୀବାସୀ ତାତିର ପ୍ରଭାବରେ ଅଣନିଶ୍ୱାସୀ ହୋଇପଡିଛନ୍ତି। ତେବେ ଯେଉଁମାନେ ଜରୁରୀ କାର୍ଯ୍ୟରେ ଘରୁ ପଦାକୁ ବାହାରିଛନ୍ତି ମୁଣ୍ଡରେ ଛତା, ଜୋତା, କଳା ଚଷମା ଓ ସାଥିରେ ପାଣି ନେଇ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ରାସ୍ତାକଡରେ ପଥଚାରୀମାନେ ତାତିରୁ ତ୍ରାହି ପାଇଁ ଆଖୁରସ, ପୋଦିନା ପାଣି, ଲସି, ସରବତ, ତରଭୁଜ ଆଦି ବହୁଳ ମାତ୍ରାରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତାତିର ପ୍ରଭାବରେ ମଧ୍ୟ ଜୀବଜନ୍ତୁମାନେ ନାହିଁନଥିବାର ଅସୁବିଧା ସମ୍ମୁଖିନ ହେଉଛନ୍ତି। ଖାଦ୍ୟ ଅଭାବରୁ ସେମାନେ ଡହଳବିକଳ ହୋଇ ଏଣେତେଣେ ଘୁରି ବୁଲୁଛନ୍ତି।

## ଝାରପଡା ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ଝାରପଡା ଜେଲରେ ଜଣେ ବିଚାରଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ହେଉଛି ମୋହନ ବେହେରା। ଗତ ୮ତାରିଖ ଦିନ ଆସ୍କା-୪୦ ଚୋରା ଚାଲାଣ ମାମଲାରେ ଜଟଣୀ ଥାନା ପୋଲିସ ମୋହନକୁ ଗିରଫ କରି ଝାରପଡା ଜେଲ ପଠାଇ ଥିଲା। ଜେଲକୁ ଆସିବାର ଦୁଇ ଦିନ ଭିତରେ ଏମିତି କଣ ଘଟିଲା ଯେଉଁଥି ପାଇଁ ତାଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ପରିବାର ଲୋକେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି। ସେପଟେ ପୋଲିସ ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ।

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ

# ପ୍ରଯୁକ୍ତିବିଦ୍ୟା ଉପଯୋଗ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାବେଶୀ ଅଭିବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଭୁବନେଶ୍ୱରଠାରେ 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ (ଭାରତ)ର ୬୪ତମ ବୈଷୟିକ ଅଧିବେଶନକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆମ ଜାତୀୟ କ୍ୟାଲେଣ୍ଡରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଦିନଟି ଭାରତର ଉଲ୍ଲେଖନୀୟ ଯାତ୍ରାର ଗର୍ବର ସ୍ମରଣକାରୀ ଭାବେ ପରିଚିତ ହୋଇଛି। ଯାହା ସାହସ, ନବସୃଜନ ଏବଂ ଉତ୍କର୍ଷତାର ଏକ ନିରନ୍ତର ପ୍ରୟାସ। ୧୯୯୮ ମସିହାର ଏହି ଦିନ ୧୧ ମଇରେ ଭାରତ ରାଜସ୍ଥାନର ପୋଖରାଣରେ ଅପରେସନ ଶକ୍ତି ନାମରେ ସଫଳ ପରମାଣୁ ପରୀକ୍ଷଣ କରିଥିଲା। ଏହା ଭାରତକୁ ପରମାଣୁ-ସଶସ୍ତ୍ର ରାଷ୍ଟ୍ରଗୁଡ଼ିକର ଆଭିଜାତ୍ୟ ଗୋଷ୍ଠୀ ମଧ୍ୟରେ ସ୍ଥାନିତ କରିଥିଲା। ଏହି ସଫଳତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଐତିହାସିକ ଘଟଣା ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବରେ ପାଳନ କରାଯାଏ। ଭାରତ ଏକ ନୂତନ ପୁନର୍ଜାଗରଣର ପାର୍ଶ୍ୱରେ ଠିଆ ହୋଇଛି। ଏପରି ଏକ ଯୁଗରେ ଯେଉଁଠାରେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଜୀବନର ପ୍ରତ୍ୟେକ ଦିଗକୁ ପୁନଃ ଆକୃତି ଦେଉଛି, ନବସୃଜନ ଏବଂ ଗବେଷଣା ଆମ ବିକାଶ ଯାତ୍ରାର ମୂଳରେ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଦେଶ ଗଠନରେ ଇଂଜିନିୟରମାନଙ୍କର ଭୂମିକା ସଂପର୍କରେ ଆଲୋକପାତ କରିବା ସହ ରାଜ୍ୟରେ ବୈଜ୍ଞାନିକ ଭିତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଅବତାରଣା କରିଥିଲେ। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରସ୍‌ର ପ୍ରେସିଡେଣ୍ଟ ଭି ବି ସିଂହ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଚେୟାରମ୍ୟାନ୍ ପ୍ରଫେସର ଡ. ସୁଧାଂଶୁ ଶେଖର ଦାସ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଅନରାରୀ ସେକ୍ରେଟାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ।

# ଦେଶବାସୀଙ୍କ ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ରଖି ବେସାମରିକ ସୁରକ୍ଷା ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେବାପାଇଁ ଜନ ସାଧାରଣଙ୍କୁ, ବିଶେଷକରି ଯୁବ ସମାଜକୁ ଆହ୍ୱାନ କରୁଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବ ସମାଜ ହିଁ ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ। ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ବେସାମରିକ ସୁରକ୍ଷାର ନିୟନ୍ତକ। ଏହି ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷିତ କରାଯିବ । ଆବଶ୍ୟକ ହେଲେ, ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ । ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ୍ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି । ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନମାନଙ୍କରେ ନୂଆ ସଙ୍ଗଠନ ଗଢିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ଯେ, ମୋର ଆଶା ଓ ବିଶ୍ୱାସ, ସେବା ଓ ଜାତୀୟତାର ମନୋଭାବ ରଖି ଅନେକ ବ୍ୟକ୍ତି ବିଶେଷ, ବିଶେଷକରି ଯୁବ ବର୍ଗ, ଏଥିପାଇଁ ଆଗେଇ ଆସିବେ ।




ଜୟଦେବଭବନଠାରେ ମଦର୍ସ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ

## ମାଆମାନଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାତୃ ଦିବସରେ ମାଆମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ମା' ସିଏ ମମତାର ସାଗର, ସକଳ ଶକ୍ତିର ସେ ଆଧାର। ପରିବାର ହେଉ କି ସମାଜ ମାତୃ ଶକ୍ତିରେ ସମସ୍ତେ ହୋଇଛନ୍ତି ସମୃଦ୍ଧ। ନିଜ ତ୍ୟାଗ ଓ ସ୍ନେହ ଦ୍ୱାରା ଭବିଷ୍ୟତ ଗଢୁଥିବା ସମସ୍ତ ମା'ମାନଙ୍କୁ ମାତୃ ଦିବସରେ ଶୁଭେଚ୍ଛା ଜଣାଇଛନ୍ତି ନବୀନ ପଟ୍ଟନାୟକ।

## ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଠାବ

# ଚୋରି ସାମଗ୍ରୀ ଜବତ

କଟକ(ଭାସ୍କର ନ୍ୟୁଜ୍): କଟକ ଗ୍ରାମାଞ୍ଚଳ ପୋଲିସକୁ ବଡ଼ ସଫଳତା ମିଳିଛି । ଆଠଗଡ ଥାନା ପୋଲିସ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଆଠଗଡ଼ ପୋଲିସର ରାତି ପାଟ୍ରୋଲିଂ ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ କେନ୍ଦୁଟୋକଳି ଠାରେ ପ୍ରସ୍ତାବିତ ଜଳ ବିଶୋଧନ କେନ୍ଦ୍ର ନିକଟରୁ ପାଇପ୍ ଚୋରି ସମୟରେ ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ୫ ଜଣିଆ ଗ୍ୟାଙ୍ଗର ସଦସ୍ୟକୁ ଧରିବାର ସକ୍ଷମ ହୋଇଛି। ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ଘର ଉତ୍ତର ପ୍ରଦେଶ ହୋଇଥିବା ବେଳେ ଜଣଙ୍କର ଘର ମଧ୍ୟପ୍ରଦେଶ ଏବଂ ଅନ୍ୟ ଦୁଇ ଜଣଙ୍କର ଘର ଆଠଗଡ଼ ଅଞ୍ଚଳରେ ହୋଇଥିବା ଜଣାପଡିଛି । ସେମାନଙ୍କ ନିକଟରୁ ପାଇପ ଲୋଡ ଥିବା ଦୁଇଟି ଆଇଚର ଗାଡି, ଏକ କାର୍ ସହିତ ସେମାନେ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ଧରି ଅଧିକ ତଦନ୍ତ ଜାରି ରଖିଛି । ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ପାଖାପାଖି ୪୦ ଲକ୍ଷ ଟଙ୍କା ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି ।

## କ୍ରୀଡାମନ୍ତ୍ରୀଙ୍କୁ ଭେଟିଲେ ପ୍ରଜ୍ଞାନ ଓଝା



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କ୍ରୀଡ଼ାବିତ୍ ପ୍ରଜ୍ଞାନ ଓଝା ରବିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷତ କରିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍ ପ୍ରଜ୍ଞାନ କ୍ରୀଡ଼ା ଓ କ୍ରୀଡ଼ାବିତ୍ ମାନଙ୍କର ସାମଗ୍ରିକ ବିକାଶ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୂରଜଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଆମ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ।

# ବୀଭତ୍ସ ହତ୍ୟା ଘଟଣାରେ ୫ ଗିରଫ

କଟକ(ଭାସ୍କର ନ୍ୟୁଜ୍): ବାରଙ୍ଗ କେନାଲ ରୋଡ଼ରେ ହୋଇଥିବା ବୀଭତ୍ସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଡିସାହିର ବାବୁ ଓରଫ ବାବୁ ପ୍ରସାଦ ସାହୁ (୨୭), ସୋନୁ ଓରଫ ସୁନୀଲ ଯାଦବ (୨୩), ଟୁଟିଲ ଓରଫ ସୁଜିତ ବେହେରା(୨୦),ଜଗତପୁର ମୁଣ୍ଡାସାହିର ଲିପୁ ଓରଫ ଗଗନ କୁମାର ଦାସ(୨୬),ସିଡିଏର ସୋମୁ ଓରଫ ସୌମ୍ୟରଞ୍ଜନ ଦାସ(୨୫)। ଗିରଫ ଅଭିଯୁକ୍ତମାନେ ମୃତ ସେକ ରାହିଲ ଅଲ୍ଲୀ (୨୫)ଠାରୁ ଲୁଟ କରିଥିବା ଜଣାପଡିଛି। ଘଟଣାଦିନ ମୃତଙ୍କ ଠାରୁ ଅର୍ଥଲୁଟ କରିବା ସହିତ ଆକ୍ରମଣ କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଆକ୍ରମଣରେ ମୃତକଙ୍କ ଶରୀରର ଭିତରେ ଗଭୀର ଆଘାତ ହୋଇଥିଲା। ଫଳରେ ରକ୍ତସ୍ରାବ ଅଧିକ ହେବାରୁ ରାହିଲର ମୃତ୍ୟୁ ହୋଇଥିବା ପୋଲିସ ଠାରୁ ପ୍ରକାଶ। ରବିବାର ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଥିବା କଟକ ଡିସିପି ସୂଚନା ଦେଇଥିଲେ । ଗତ ୯ ତାରିଖରେ ବାରଙ୍ଗ ଥାନା ନୂଆଗାଁ ଲଟା ବାସେଲୀ ଛକରେ ସେକ ରାହିଲ ଅଲ୍ଲୀକୁ ହତ୍ୟା କରାଯାଇଥିଲା। ସେ ବ୍ୟବହାର କରୁଥିବା ଏକ ଟାଭେରା ଗାଡିକୁ ଆକ୍ରମଣକାରୀ ଜଳାଇ ଦେଇଥିଲେ। ପୋଲିସ ଖବର ପାଇ ଏକ ବୁଦା ମୂଳରେ ମୁମୂର୍ଷୁ ଅବସ୍ଥାରେ ରାହିଲକୁ ଉଦ୍ଧାର କରିଥିଲା । ପୁଲିସ ତାଙ୍କୁ ଆମ୍ବୁଲାନ୍ସ ଜରିଆରେ କଟକ ବଡ଼ ମେଡିକାଲ ପଠାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରଇଥିଲା ।

## ବିଦେଶୀ ଫେରାଇବେ ରାସନ କାର୍ଡ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଦେଶୀ ଫେରାଇବେ ରାସନ କାର୍ଡ । ଯେଉଁ ବିଦେଶୀମାନେ ରାସନ କାର୍ଡ ହାତେଇଛନ୍ତି ତାକୁ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବିଦେଶୀମାନେ ଭୁଲରେ କିମ୍ବା କାହାକୁ ଧରି ରାସନ କାର୍ଡ ହାତେଇଛନ୍ତି ସେମାନଙ୍କ ବିରୁଦ୍ଧରେ ଇନକ୍ୱାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେସବୁ ରାସନ କାର୍ଡ ଗୁଡ଼ିକୁ କ୍ୟାନସେଲ କରାଯିବ ।

# 'ଅସରନ୍ତି ଅପରାହ୍ନ' ପୁସ୍ତକର ପାଠକାର୍ପଣ ଉତ୍ସବ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଜଣାଶୁଣା ଲେଖକ ତଥା ଅବସରପ୍ରାପ୍ତ ଇଞ୍ଜିନିୟର ନରେନ୍ଦ୍ର କୁମାର ନାୟକଙ୍କ ଗଳ୍ପ ଓ ପ୍ରବନ୍ଧର ଯୁଗଳବନ୍ଦୀ 'ଅସରନ୍ତି ଅପରାହ୍ନ'ର ପାଠକାର୍ପଣ ଉତ୍ସବ ଓଡ଼ିଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ଲେଖକଙ୍କ ୩୮ଟି ଆଲେଖ୍ୟକୁ ନେଇ ସଂକଳିତ ଏହି ପୁସ୍ତକଟି ତାଙ୍କର ଅନ୍ୟତମ ବିବାହ ବାର୍ଷିକୀରେ ଆତ୍ମପ୍ରକାଶ କରିଛି। ଏହି ପାଠକାର୍ପଣ ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଇଂ. ନାୟକଙ୍କ ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରିଥିଲେ। ପାରାଦୀପ କଲେଜର ପୂର୍ବତନ ଶିକ୍ଷକ ତଥା ସାହିତ୍ୟିକ ଡ. ସୁରେନ୍ଦ୍ର ମୋହନ ମିଶ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କବି ଗୋସ୍ୱାମୀ ଗୋଲାମ ଦେବତା ଏବଂ ସୁଲେଖିକା ତଥା ଅନୁବାଦିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସାହିତ୍ୟ ପତ୍ରିକା 'ସମ୍ପର୍କର ସେତୁ'ର ସମ୍ପାଦକ ଇଂ. ରମେଶ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକର ପ୍ରକାଶିକା ଗୌରୀପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦୂରଦର୍ଶନର କାର୍ଯ୍ୟକ୍ରମ ସଞ୍ଚାଳିକା ଅନସୂୟା ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସୁଶ୍ରୀ ଅର୍ପିତା ନାୟକ, ଶ୍ୱେତା, ସ୍ମିତା ଓ ଅଙ୍କିତା ସହଯୋଗ କରିଥିଲେ।

## ମାତୃଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାତୃଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମାତୃଦିବସରେ, ମୁଁ ସମସ୍ତ ମା'ଙ୍କୁ ହୃଦୟରୁ ଗଭୀର କୃତଜ୍ଞତା ଜଣାଉଛି, ସେମାନେ ଶକ୍ତି, ପ୍ରେମ ଓ ତ୍ୟାଗର ଆଧାରସ୍ତମ୍ଭ। ଆସନ୍ତୁ, ଗୃହ ଓ ସମାଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସେମାନଙ୍କର ଅତୁଟ ମନୋବଳ ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇବା । ସେହିପରି ମାତୃ ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ସମସ୍ତ ମାଆମାନଙ୍କୁ ଅଭିନନ୍ଦନ। ମାଆ ସ୍ରଷ୍ଟାଙ୍କ ଏକ ଅମୂଲ୍ୟ ସୃଷ୍ଟି । ସୃଷ୍ଟିର ଏକ ବିଚିତ୍ରତା,ମାଆ ବିନା ରହି ହୁଏ ନି,ମାଆ ଛଡା କାହାରିକୁ ମନ କଥା କହି ହୁଏନି । ମାଆକୁ ଜୀବନ ଥିବା ଯାଏ ଭୁଲି ହୁଏନି । ଏ ଜୀବନର ପ୍ରତିକ୍ଷଣ, ପ୍ରତି ମୁହୂର୍ତ୍ତ, ପ୍ରତି ସମୟ ମାଆର, ତଥାପି ଆଜି ମଦର୍ସ ଡେରେ ସମସ୍ତ ମାଆ ମାନଙ୍କୁ ସୁଖ, ସୁବିଧା, ନିରୋଗ ଜୀବନ ମିଳୁ ଏହାହିଁ ପ୍ରାର୍ଥନା କରୁଛି ବୋଲି କହିଛନ୍ତି ପ୍ରଭାତି ପରିଡା ।

# ସରିଲା ବକୁଳ କାହାଣୀ କଥନ ମହୋତ୍ସବ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସତ୍ୟନଗରର ବକୁଳ ପାଠାଗାରରେ ରବିବାର ୨ ଦିନିଆ ବକୁଳ କାହାଣୀ କଥନ ମହୋତ୍ସବ ଶେଷ ହୋଇଛି । ଯେଉଁଥିରେ ଶହ ଶହ ପିଲା ଏବଂ ଅଭିଭାବକଙ୍କୁ ଗୀତଗାଇ ନାଚାଇବା ଏବଂ ରାଜ୍ୟର ଶ୍ରେଷ୍ଠ କାହାଣୀକାରମାନଙ୍କ କଥା ଶୁଣି ଉପଭୋଗ କରାଇବା ପରେ ଏହି ଉତ୍ସବ ଶେଷ ହୋଇଛି। ଏହା ବକୁଳ କାହାଣୀ କଥନ ମହୋତ୍ସବର ତୃତୀୟ ସଂସ୍କରଣ, ଯାହା ପିଲାମାନଙ୍କର ବର୍ଦ୍ଧିତ କାହାଣୀ ପ୍ରତି ଭୋକକୁ ପୂରଣ କରିବା ପାଇଁ ଗ୍ରୀଷ୍ମ ଛୁଟିରେ ଆୟୋଜିତ ହୋଇଥାଏ, ଏହି ଭୋକ ସୃଷ୍ଟି କରିବା ପାଇଁ ବକୁଳକୁ ଶ୍ରେୟ ଦିଆଯାଇଛି। ଏହି କାହାଣୀ କଥନ ମହୋତ୍ସବରେ ସହରର ପ୍ରସିଦ୍ଧ ବୃତ୍ତିଗତ କାହାଣୀ କଥକକାର ପ୍ରାଚୀ ତାରା, ମୀରା ଦାସ, ସାସ୍ୱତୀ ନନ୍ଦ ସତପଥୀ, ମଦର୍ସ ପବ୍ଲିକ୍ ସ୍କୁଲର ତପସ୍ୱିନୀ ପଣ୍ଡା ଏବଂ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ବିଦ୍ୟୁତ୍ ଲତାଙ୍କ ଭଳି କିଛି ଲୋକପ୍ରିୟ ଶିକ୍ଷୟିତ୍ରୀ କାହାଣୀ କଥକକାର ଯୋଗ ଦେଇଥିଲେ। ଏହି ଉତ୍ସବକୁ ବକୁଳ ଫାଉଣ୍ଡେସନ୍ର ପ୍ରତିଷ୍ଠାତା ଏବଂ କାହାଣୀ କଥନ ମହୋତ୍ସବର ସମ୍ପାଦକ ଶ୍ରୀଯୁକ୍ତ ସୁଜିତ ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ କରାଯାଇଥିଲା, ଯାହା ପାଇଁ ଭୁବନେଶ୍ୱର ଏବେ ସାରା ବିଶ୍ୱରେ ପ୍ରସିଦ୍ଧ। ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ବକୁଳ ଫାଉଣ୍ଡେସନ୍ ଭୁଫେଷ୍ଟୋ କିମ୍ବା ଭୁବନେଶ୍ୱର ଷ୍ଟୋରିଟେଲିଂ ଫେଷ୍ଟିଭାଲ ଆୟୋଜନ କରିଆସୁଛି, ଯାହାକୁ ଶ୍ରେଷ୍ଠ ଅନ୍ତର୍ଜାତୀୟ କାହାଣୀକାରମାନେ ବିଶ୍ୱର ସର୍ବୋତ୍ତମ କାହାଣୀ କହିବା ମହୋତ୍ସବ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି।

# ରାଜ୍ୟରେ ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ: ଆଇନ ମନ୍ତ୍ରୀ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍‌ଏଲଏସ୍‌ଓ)ର ୪୩ତମ ବାର୍ଷିକ ସମ୍ମିଳନୀ 'ଏମ୍‌ଇଏଲ୍‌ଇଏସ୍‌ଓସିଓଏନ୍ ୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅନେକ ଯୋଗଦାନ ରହିଛି ବୋଲି କହିଥିଲେ। ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସନାଲ୍ ଡିଏମ୍‌ଇଟି ତଥା ଏମ୍‌ଏଲଏସ୍‌ଓର ସଭାପତି ପ୍ରଫେସର ବ୍ରଜ କିଶୋର ଦାସ ବକ୍ତବ୍ୟ ରଖିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) କୁନାଲ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



### ଅବିଶ୍ୱାସୀ ପଡ଼ୋଶୀର ଅବିବେକୀ କାର୍ଯ୍ୟ

# ଅସ୍ତ୍ରବିରତି ସତ୍ତ୍ୱେ ସତର୍କତା ଲୋଡ଼ା

ଜାମ୍ମୁ-କାଶ୍ମୀରର ମନୋରମ ପର୍ଯ୍ୟଟନସ୍ଥଳୀ ପହଲଗାମ୍‌ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣର ଉପଯୁକ୍ତ ପ୍ରତିଶୋଧ ନେବାକୁ ଭାରତ ପକ୍ଷରୁ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଦୁଇଦେଶ ମଧ୍ୟରେ ଚାରିଦିନର ଭୟଙ୍କର ଅଘୋଷିତ ଯୁଦ୍ଧର ଆକସ୍ମିକ ପରିସମାପ୍ତି ଘଟିଛି । ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ପାକିସ୍ତାନ ପଟୁ ପ୍ରଥମେ ଅସ୍ତ୍ରବିରତି ପାଇଁ ଭାରତକୁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଭାରତ ସେଥିରେ ସମ୍ମତି ପ୍ରକାଶ କରିବାରୁ ଶନିବାର ଅପରାହ୍ନ ୫ଟାରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଥିଲା । ସୀମାପାର ଆତଙ୍କବାଦକୁ ବନ୍ଦ ରଖିବା ପାଇଁ ପାକିସ୍ତାନ ନିର୍ଭର ପ୍ରତିଶ୍ରୁତି ଦେବାରୁ ଭାରତ ସେହି ସର୍ତ୍ତରେ ଅସ୍ତ୍ରବିରତିକୁ ମାନିଗଲା ଏବଂ ଯୁଦ୍ଧ ବନ୍ଦ କରିବା ଲାଗି ତିନିବାହିନୀର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲା । ମାତ୍ର ବିଶ୍ୱାସଘାତକ ଅବିଶ୍ୱାସୀ ପଡ଼ୋଶୀ ପାକିସ୍ତାନର ଅସ୍ତ୍ରବିରତି ପ୍ରସ୍ତାବ କେବଳ ଯେ ଏକ ଧୂଆଁବାଣ ଥିଲା ଏବଂ ଦୁରଭିସନ୍ଧି ମନୋଭାବ ରଖି ଏହି ପଦକ୍ଷେପ ନିଆଯାଇଥିଲା, ତାହା ଅଳ୍ପ ସମୟ ମଧ୍ୟରେ ପ୍ରମାଣିତ ହୋଇଛି । ଶନିବାର ଅପରାହ୍ନ ୫ଟାରେ ଅସ୍ତ୍ରବିରତି ଲାଗୁ ହେବାର ତିନିଘଣ୍ଟା ନପୂରୁଣୁ ପାକିସ୍ତାନୀ ସେନା ଅସ୍ତ୍ର ବିରତି ରାଜିନାମାକୁ ଉଲ୍ଲଙ୍ଘନ କରି ଜାମ୍ମୁ-କାଶ୍ମୀରର ଶ୍ରୀନଗର, ରାଜୌରୀ ଓ ବାରମୂଲା ସେକ୍ଟର ସମେତ ରାଜସ୍ଥାନର ବାରମେର୍‌ରେ ଡ୍ରୋନ୍ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ପ୍ରବଳ ଗୁଳିବର୍ଷଣ କରିଥିବାର ଖବର ମିଳିଛି । ଫଳରେ ସୀମାନ୍ତବର୍ତ୍ତୀ ଜାମ୍ମୁ, ରାଜସ୍ଥାନ, ହରିଆନା, ପଞ୍ଜାବ ଓ ଗୁଜରାଟରେ ପୁଣିଥରେ ବ୍ଲାକ୍ ଆଉଟ୍ ଘୋଷଣା କରାଯାଇଛି । ଅବଶ୍ୟ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ୍ ଦେବା ଫଳରେ ପାକିସ୍ତାନ ପଟୁ ଗୁଳି ଓ ଡ୍ରୋନ୍ ମାଡ଼ ବନ୍ଦ ହୋଇଥିଲା । ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ନାଟକୀୟ ଭାବରେ ଅସ୍ତ୍ରବିରତି ଘୋଷଣା ବିଶ୍ୱବାସୀଙ୍କୁ ଚକିତ କରିଛି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଭାରତ-ପାକିସ୍ତାନ ମଧ୍ୟରେ ୮୬ ଘଣ୍ଟା ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବାକୁ ମଧ୍ୟସ୍ଥତା କରିଥିଲେ ଏବଂ ତାଙ୍କର ସୋସିଆଲ୍ ମିଡିଆ ପୋଷ୍ଟରେ ପ୍ରଥମେ ଅସ୍ତ୍ରବିରତି ହେବା ନେଇ ସୂଚନା ଦେଇଥିଲେ । ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ "ଆମେରିକା ମଧ୍ୟସ୍ଥତାରେ ଦୀର୍ଘ ସମୟର ଆଲୋଚନା ପରେ ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଏ ସମ୍ପର୍କରେ ମୁଁ ଘୋଷଣା କରିବା ସହିତ ଉଭୟ ଭାରତ ଓ ପାକିସ୍ତାନକୁ ସେମାନଙ୍କ ବୁଦ୍ଧିମତ୍ତା ପାଇଁ ଅଭିନନ୍ଦନ ଜଣାଉଛି ।" ଆମେରିକାର ଉପରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀ ମଧ୍ୟ ଦୁଇଦେଶର ରାଷ୍ଟ୍ରନେତାଙ୍କ ସହ ୪୮ଘଣ୍ଟା ଧରି ଆଲୋଚନା କରିଚାଲିଥିଲେ । ତେବେ ଭାରତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ହେଁ ସ୍ପଷ୍ଟ କରିଛି ଯେ, ଭବିଷ୍ୟତରେ ପାକିସ୍ତାନ ଯଦି କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ କରେ, ସେ କ୍ଷେତ୍ରରେ ଏହାକୁ ଯୁଦ୍ଧ ରୂପେ ବିବେଚନା କରାଯିବ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଇବ ନାହିଁ । ସେହିପରି ସିନ୍ଧୁ ନଦୀ ଜଳ ନେଇ ପାକିସ୍ତାନ ସହ ହୋଇଥିବା ଚୁକ୍ତିକୁ ଭାରତ ସ୍ଥଗିତ ରଖିବା ନିଷ୍ପତ୍ତି ବଳବତ୍ତର ରହିବ । ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ଚାରିଦିନର ଏହି ଯୁଦ୍ଧରେ ଚୀନ୍ ଓ ତୁର୍କୀ ବ୍ୟତୀତ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଭାରତକୁ ସମର୍ଥନ ଜଣାଇଥିବା ବେଳେ ପାକିସ୍ତାନ ଭୟଙ୍କର ଆର୍ଥିକ ଦୁରବସ୍ଥା ଭିତରକୁ ଠେଲି ହୋଇଛି । ଏହାର ୯ଟି ଆତଙ୍କୀ ଆଡ୍ଡା ଓ ଆଠଟି ସାମରିକ ଘାଟି ଧ୍ୱଂସ ପାଇଯାଇଛି । ଅନ୍ୟପକ୍ଷରେ ପାକ୍ ଆକ୍ରମଣରେ ଭାରତର ୨୧ଜଣ ଲୋକଙ୍କ ସହ କାଶ୍ମୀରର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବୀର ଯବାନ ସହିଦ ହୋଇଛନ୍ତି । ଅସ୍ତ୍ରବିରତିକୁ ସମ୍ମାନ ଦେଇ ଭାରତ ସୀମାରେ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଥିଲେ ହେଁ ସଦାସର୍ବଦା ସତର୍କତା ଅବଲମ୍ବନ କରିବା ଏକାନ୍ତ ଜରୁରି । କାରଣ ଅବିଶ୍ୱାସୀ ଓ ଅବିବେକୀ ପାକିସ୍ତାନ କୌଣସି ପରିସ୍ଥିତିରେ ବିଶ୍ୱାସ ଓ ଭରସାଯୋଗ୍ୟ ହୋଇନପାରେ ।

# ଜୀବନ ଅନ୍ଧକାର ନହେଉ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ଯୁଦ୍ଧ ଉଭୟ ପ୍ରଗତି ଓ ବିନାଶର ଏକ ଭୟଙ୍ଗର ଉତ୍ତରାଧିକାରୀ ଛାଡି ମାନବ ସଭ୍ୟତାକୁ ଗଭୀର ଭାବରେ ଆକୃଷ୍ଟ କରୁଛି । ବୈଷୟିକ ପ୍ରଗତି, ସାଂସ୍କୃତିକ ପରିବର୍ତ୍ତନ ଓ ରାଜନୈତିକ ପରିବର୍ତ୍ତନ ପାଇଁ ଏହା ଏକ ଅନୁକ୍ରମଣିକା ହୋଇଥିବାବେଳେ ସର୍ବକାଳୀନ ଭାବରେ ଏହା ଅନେକ ଯନ୍ତ୍ରଣା, ଜୀବନହାନି, ଆର୍ଥିକ ଦୁର୍ବଳତା, ସାମାଜିକ ଅସ୍ଥିରତା ତଥା ମାନସିକ ଭାରସାମ୍ୟକୁ ଧ୍ୱଂସ କରୁଅଛି । ଯୁଦ୍ଧ ମନୁଷ୍ୟ ପାଇଁ ଦୁଃଖ ସୃଷ୍ଟି କରେ, ପ୍ରତ୍ୟକ୍ଷ ଓ ପରୋକ୍ଷ ମୃତ୍ୟୁ, ଆଘାତ, ବିସ୍ଥାପନ ତଥା ମାନସିକ ଆଘାତ ଦେଇଥାଏ । ଆଜି ସମାଜରେ ଅନେକ ପ୍ରକାରର ଯୁଦ୍ଧ ତଥା ସାମାଜିକ ଅସ୍ଥିରତା ଦେଖାଦେଉଛି ଓ ଏହାର ମୁଖ୍ୟ କାରଣ ହେଉଛି ଅସହିଷ୍ଣୁତା ତଥା ଅହଙ୍କାର । ଭାରତରେ କାଶ୍ମୀର ତଥା ସୀମା ବିବାଦକୁ ନେଇ ସ୍ୱାଧୀନତା ପରଠାରୁ ପଡୋଶୀ ପାକିସ୍ଥାନ ସହ ଚାରିଥର ପ୍ରତ୍ୟକ୍ଷ ଯୁଦ୍ଧ ଯାହା ୧୯୪୭-୪୮, ୧୯୬୫, ୧୯୭୧, ୧୯୯୯ରେ ହୋଇଥିଲା ଓ ତାହାର ଜୟ ପରାଜୟ ଯେତିକି ସମ୍ବେଦନଶୀଳ ନୁହେଁ, ଉକ୍ତ ଯୁଦ୍ଧରେ ଉଭୟ ଦେଶରେ ଯେତିକି ମୃତ୍ୟୁ, ଧ୍ୱଂସ ଓ ତିକ୍ତତା ହୋଇଅଛି ତାହା ସଭ୍ୟ ସମାଜ ପାଇଁ ଆବଶ୍ୟକ । ସାଧୀନତା ପରଠାରୁ ଅଦ୍ୟାବଧି ପାକିସ୍ଥାନ ସହିତ ଯେଉଁ ପରୋକ୍ଷ ଯୁଦ୍ଧ ପ୍ରତିଦିନ ହେଉଛି ସେଥିରେ ମଧ୍ୟ ଘୋଷିତ ଓ ଅଘୋଷିତ ମୃତ୍ୟୁ ଓ ଧ୍ୱଂସର ହିସାବ ହୁଏତ ଯେଉଁମାନେ ସେଥିରେ ଆଘାତ ପାଉଛନ୍ତି ସେମାନଙ୍କୁ ସବିଶେଷ ଜଣାଥିବ । ମାତ୍ର ସମ୍ପ୍ରତି ଦୁଇ ଦେଶ ମଧ୍ୟରେ ଯେଉଁ ଯୁଦ୍ଧ ଓ ଉତ୍ତେଜନା ସୃଷ୍ଟି ହୋଇଛି ତାହା ଯୁଦ୍ଧର ନୀତି ଓ ପୃଷ୍ଠଭୂମି ଉପରେ ଆଧାରିତ ନୁହେଁ ବରଂ ପାକିସ୍ଥାନର ଏହା ବର୍ବରୋଚିତ କାର୍ଯ୍ୟ ଯାହା ଆତଙ୍କବାଦକୁ ପ୍ରୋତ୍ସାହନ କରିଥାଏ । ଆତଙ୍କବାଦକୁ ସ୍ୱୀକୃତି ଦେଇ ଓ ନିଜର ଆତ୍ମଶକ୍ତିକୁ ନ୍ୟୁନ କରି ପାକିସ୍ଥାନ ଜାତୀୟ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ପାଇଁ ସଶସ୍ତ୍ର ଆତଙ୍କବାଦୀଙ୍କ ବ୍ୟବହାର ବିଭାଜନ ସମୟରୁ କରୁଅଛି । ୧୯୪୭ ମସିହାରେ ପ୍ରଥମ କାଶ୍ମୀର ଯୁଦ୍ଧ ମୁସଲିମ ସଂଖ୍ୟାଗରିଷ୍ଠ ଅଞ୍ଚଳକୁ ଆନ୍ଦୋଳନ କରିବା ପାଇଁ ପାକିସ୍ତାନୀ ସୈନ୍ୟବାହିନୀ ଜାମ୍ମୁ କାଶ୍ମୀରରେ ପାଶ୍ତୁନ୍ ଆଦିବାସୀ ସଂଗ୍ରାମୀଙ୍କ ଆକ୍ରମଣ ଆରମ୍ଭ କରିବା ପରେ ଆରମ୍ଭ ହୋଇଥିଲା । ଜାମ୍ମୁ କାଶ୍ମୀର ଦ୍ୱାରା ପରିଚାଳିତ ଆଫଗାନିସ୍ତାନରେ ତାଲିବାନ ତଥା ଅନ୍ୟାନ୍ୟ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ଦୀର୍ଘଦିନ ଧରି ସମର୍ଥନ କରିଆସୁଛି । ୧୧ ସେପ୍ଟେମ୍ବର ୨୦୦୧ରେ ଆମେରିକାର ଟାୱାର ଉପରେ ଆତଙ୍କବାଦୀ ଆକ୍ରମଣର ନାଟକୀୟ ଘଟଣା ୯/୧୧ ଘଟଣା ବୋଲି ମଧ୍ୟ କୁହାଯାଏ । ଏହା ବିଶ୍ୱ ରାଜନୀତିର ଦୃଶ୍ୟପଟ୍ଟକୁ ଦୋହୋଲାଇ ଦେଇଥିଲା ଓ ପାକିସ୍ତାନ ବିଶ୍ୱ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଥିଲା, କାରଣ ଆତଙ୍କବାଦର ଜନ୍ମଭୂମି ପାକିସ୍ଥାନ ବୋଲି ବିଶ୍ୱ ଅନୁଭବ କଲା । ପାକିସ୍ତାନରେ ଅନେକ ପ୍ରକାରର ସନ୍ତ୍ରାସବାଦୀ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି ଯାହା ସେମାନଙ୍କର ସାମ୍ପ୍ରଦାୟିକ ପୃଷ୍ଠଭୂମି (ଅହଲ-ଇ-ହାଦିଥ, ଦେଓବାଣ୍ଡି, ଜମାତ-ଇ-ଇସଲାମି ଇତ୍ୟାଦି) ଓ ସେମାନଙ୍କର କାର୍ଯ୍ୟ କ୍ଷେତ୍ର (ଆଫଗାନିସ୍ତାନ, ଭାରତ, ପାକିସ୍ଥାନ) ହୋଇଥାଏ । ଏତଦଭିନ୍ନ ପାକିସ୍ଥାନ ଭୂମିରେ ଅନେକ ଇସଲାମବାଦୀ ଆତଙ୍କବାଦୀ ଗୋଷ୍ଠୀ ବା ସଂଗଠନ ସୃଷ୍ଟି ହୋଇଅଛି ଓ ତାହା ସକ୍ରିୟ ହୋଇ କାର୍ଯ୍ୟ ମଧ୍ୟ କରୁଅଛି । ସେଗୁଡିକ ହେଲା- ଅଲ କାଏଦା (ପାକିସ୍ଥାନ), ତାଲିବାନ, ଜମାତ-ଇ-ଇସଲାମି (ଜେଇ), ହିଜବ-ଉଲ-ମୁଜାହିଦ୍ଦିନ, ଲସ୍କର-ଏ-ତାଇବା (ଏଲଟି), ଜୈ-ଶ-ଇ-ମହମ୍ମଦ (ଜେଏମ) ଭଳି ଅନ୍ୟ ଛୋଟ ଗୋଷ୍ଠୀ ଅଛନ୍ତି, ଅଲ-ବଦର, ଜାମିଆତ୍-ଉଲ୍-ମୁଜାହିଦ୍ଦିନ ଯାହା ଏଚଏମ, ଜେଇଏମ ଓ ଏଲଏଟି ସହିତ ସମାନ ଚିନ୍ତାଧାରା ଅନୁସରଣ କରନ୍ତି । ସେମାନେ ଜାମ୍ମୁ କାଶ୍ମୀରର ପାକିସ୍ତାନରେ ଯୋଗଦାନ ପାଇଁ ଲକ୍ଷ୍ୟ ରଖିଥାନ୍ତି ଓ ମହିଳାମାନଙ୍କୁ କାମ କିମ୍ବା ଅଧ୍ୟୟନ କରିବାକୁ ଅନୁମତି ନଦେବା ଭଳି କଠିନ ଚିନ୍ତାଧାରା ଅନୁସରଣ କରିଥାନ୍ତି । ସିପା-ଇ-ସାହାବା (ଏସଏସପି), ଲସ୍କର-ଏ-ଓ୍ୱାଙ୍ଗଭି (ଲେଜେ), ହରକାଟ-ଉଲ-ମୁଜାହିଦ୍ଦିନ (ହୁଏମ), ତେହେରିକ-ଇ-ତାଲିବାନ ପାକିସ୍ଥାନ (ଟିଟିପି), ୟୁନାଇଟେଡ୍ ଜିହାଦ୍ ପରିଷଦ (ୟୁଜେସି), ଇସ୍ ଲାମିକ୍ ଷ୍ଟେଟ୍ ଅଫ୍ ଇରାକ ଓ ଲେଭାଣ୍ଟ, ଯାହା ଇସଲାମିକ୍ ଷ୍ଟେଟ୍ ଅଫ୍ ଇରାକ ଓ ସିରିଆ (ଆଇଏସ୍), ଇସଲାମିକ୍ ଷ୍ଟେଟ୍ (ଆଇଏସ୍) ଓ ଆରବ ଦେଶ ନାମରେ ମଧ୍ୟ ଜଣାଶୁଣା, ଏକ ଆତଙ୍କବାଦୀ ଗୋଷ୍ଠୀ ଯାହା ସୁନ୍ନି ଇସଲାମର ଏକ ମୌଳିକବାଦୀ, ଓ୍ୱାହାବି ତତ୍ତ୍ୱ ଅନୁସରଣ କରେ ।

ଅତଏବ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ପାକିସ୍ତାନର ମୁଖ୍ୟ କାର୍ଯ୍ୟ ଓ ଚିନ୍ତାଧାରା ହେଉଛି କେବଳ ଆତଙ୍କବାଦ ଗୋଷ୍ଠୀର ଉନ୍ନତି ଓ ଚିନ୍ତାଧାରାର ଅଗ୍ରଗତି ଯାହା କେବଳ ଧ୍ୱଂସକୁ ଆମନ୍ତ୍ରଣ କରିଥାଏ । ତେଣୁ ଏହା ସ୍ୱୀକାର୍ଯ୍ୟ ଯେ ଯେପର୍ଯ୍ୟନ୍ତ କ୍ରିୟାଶୀଳ ଆତଙ୍କବାଦୀ ସଂଗଠନ ଇସଲାମ ନାମରେ ହିଂସା ପ୍ରଦର୍ଶନ କରିବେ ଓ ଜନସାଧାରଣ ଏହି ଘଟଣାକୁ ଗ୍ରହଣ କରିବା ଜାରି ରଖିବେ ସେ ପର୍ଯ୍ୟନ୍ତ ପାକିସ୍ତାନ ଇସଲାମିକ ସୈନ୍ୟବାହିନୀର ଏକ ଉତ୍ତପ୍ତ କ୍ଷେତ୍ର ହୋଇ ରହିବ । ଜାମିଆତ୍ ଉଲେମା ଇସଲାମ ଓ ଦେଓବାଣ୍ଡି ଉଲେମା ନିର୍ବାଚନ ରାଜନୀତିରେ ଅଂଶଗ୍ରହଣ କରୁଥିବାବେଳେ ଜିହାଦକୁ ଏକ ପବିତ୍ର ଅଧିକାର ଓ ବାଧ୍ୟତାମୂଳକ ବୋଲି ବର୍ଣ୍ଣନା କରୁଛନ୍ତି ଓ ଏହା ମଦ୍ରାସା ଛାତ୍ରମାନଙ୍କୁ ସନ୍ତ୍ରାସବାଦୀ ପ୍ରତି ଉତ୍ସାହିତ କରିଥାଏ । ପାକିସ୍ତାନର ଧାର୍ମିକ ଗୋଷ୍ଠୀରୁ ପ୍ରେରଣା ଆଣୁଥିବା ଏହି ଆତଙ୍କବାଦୀ ଗୋଷ୍ଠୀ ଉଭୟ ଜନତା ତଥା ରାଜ୍ୟ ପାଇଁ ଘାତକରେ ପରିଣତ ହୋଇଅଛି ଓ ଆତଙ୍କବାଦ ବିରୋଧୀ ଦିଗରେ ସୁରକ୍ଷା ଏଜେନ୍ସିଗୁଡିକର ମନୋନୀତ ଆଭିମୁଖ୍ୟ ଯାହା ପାକିସ୍ତାନରେ ଶାନ୍ତି ସୃଷ୍ଟି କରୁଛି କିମ୍ବା ପାକିସ୍ତାନ ପ୍ରାୟୋଜିତ ହୋଇଛି ତାହା ଦୈନନ୍ଦିନ ଘଟଣାରୁ ସ୍ପଷ୍ଟ ଅନୁମାନ କରାଯାଏ । ପାକିସ୍ତାନରେ ବିଭିନ୍ନ ପ୍ରକାରର ଆତଙ୍କବାଦୀ ସଂଗଠନ ରହିଆସିଛି, ଯାହାକୁ ସେମାନଙ୍କର ଆଦର୍ଶଗତ ଆଭିମୁଖ୍ୟ, ସାମାଜିକ-ରାଜନୈତିକ ଓ ଅର୍ଥନୈତିକ ଉଦ୍ଦେଶ୍ୟ ଉପରେ ଆଧାର କରି ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ସମ୍ପର୍କୀୟ ଉଦ୍ଦେଶ୍ୟ ଓ ସମାନ ଯୁଦ୍ଧ ପରିବେଶ ହେତୁ କୌଶଳ ତାଲିମ ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ମଧ୍ୟରେ ସମାନ । ଭାରତୀୟ ଶାସିତ ଜାମ୍ମୁ କାଶ୍ମୀର ଅଭିଯାନରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଗୋଷ୍ଠୀ ଏହାକୁ ଇସଲାମିକ୍ ଷ୍ଟେଟ୍ ଅଫ୍ ପାକିସ୍ଥାନ ସହିତ ଏକଜୁଟ କରିବା ପାଇଁ କାର୍ଯ୍ୟ କରୁଥିବାବେଳେ ଅନ୍ୟ ଗୋଷ୍ଠୀ ଶିଆ ସମ୍ପ୍ରଦାୟକୁ ଉନ୍ମୀତ କରିବାକୁ ଲକ୍ଷ୍ୟ ରଖିଛି । ଆତଙ୍କବାଦକୁ ବିଶ୍ୱକୁ ବିସ୍ତାର କରିବା ବ୍ୟତୀତ ଏହି ଆତଙ୍କବାଦୀ କ୍ଷେତ୍ର ପାକିସ୍ତାନର ସୁରକ୍ଷା ପାଇଁ ଏକ ଗୁରୁତର ଆହ୍ୱାନ ସୃଷ୍ଟି କରିଛି । ଆତଙ୍କବାଦୀ ଗୋଷ୍ଠୀ ପ୍ରତି ସୁରକ୍ଷା ଏଜେନ୍ସି ଗୁଡିକର ମନୋନୀତ ଆଭିମୁଖ୍ୟ ବିଶ୍ଳେଷକମାନଙ୍କୁ ସିଦ୍ଧାନ୍ତ ନେବାକୁ ବାଧ୍ୟ କରେ ଯେ ଅଧିକାଂଶ ଆକ୍ରମଣ ସୁରକ୍ଷା ଏଜେନ୍ସିଗୁଡିକର ସଂଯୋଗ ଓ ସହଯୋଗରେ କରାଯାଇଥାଏ । ଆତଙ୍କବାଦୀ ସଂଗଠନକୁ ସମର୍ଥନ କରିବା ଓ କାଶ୍ମୀରର ବିବାଦକୁ ସାମ୍ପ୍ରଦାୟିକ ରଙ୍ଗ ଦେଇ ସାମରିକ କରିବାରେ ପାକିସ୍ତାନର ଭୂମିକା ଏକ ଅଶାନ୍ତ କ୍ଷେତ୍ର ପ୍ରସ୍ତୁତ କରୁଛି ବୋଲି ପ୍ରମାଣ ଦିଏ । ପାକିସ୍ତାନର ସବୁଠାରୁ ଘୃଣ୍ୟ ଧାରା ହେଉଛି ଜିହାଦି ଗୋଷ୍ଠୀର ବଢୁଥିବା ପ୍ରଭାବ ଯାହା ସେମାନେ ଅଣ-ଇସଲାମୀୟ ଭାବରେ ଗ୍ରହଣ କରୁଥିବା ସମସ୍ତ ଜିନିଷ ବିରୁଦ୍ଧରେ ପବିତ୍ର ଯୁଦ୍ଧ କରିବାକୁ ବାଧ୍ୟ ବୋଲି ଅନୁଭବ କରୁଛନ୍ତି । ସରକାରଙ୍କୁ ବହିଷ୍କାର କରିବା, ମୁସଲମାନ ଓ ଅଣ-ମୁସଲମାନ ସଂଖ୍ୟାଲଘୁଙ୍କ ବିରୋଧରେ ଆତଙ୍କବାଦୀ ଆକ୍ରମଣ କିମ୍ବା ଇସଲାମିକ ଖଲିଫାତ ପ୍ରତିଷ୍ଠା ଠାରୁ ସେମାନଙ୍କର ଉଦ୍ଦେଶ୍ୟ କିଛି ହୋଇପାରେ । ସମ୍ପ୍ରତି ପାକିସ୍ତାନ ନିଜ ସୀମା ମଧ୍ୟରେ ଏକ ଘୃଣ୍ୟ ବିଦ୍ରୋହର ସମ୍ମୁଖୀନ ହୋଇଛି ଯାହା ଶିଆ ଜନସଂଖ୍ୟା ବିରୁଦ୍ଧରେ ସାମ୍ପ୍ରଦାୟିକ ସୁନ୍ନି ଜିହାଦ୍ ଓ ପାକିସ୍ତାନ ମଧ୍ୟରେ ପ୍ରାଚୀର ଭାବରେ ଠିଆ ହୋଇଥିବା ଧାର୍ମିକ ଉଗ୍ରବାଦ ତଥା ଯେକୌଣସି ପ୍ରକାରର ପରିସ୍ଥିତିର ସମ୍ମୁଖୀନ ।

ପାକିସ୍ତାନ ବର୍ତ୍ତମାନ ଘରୋଇ ଉଗ୍ରବାଦୀଙ୍କ ଆକ୍ରମଣରେ ଅତ୍ୟଧିକ ଯନ୍ତ୍ରଣା ଭୋଗୁଛି ଓ ରାଜନୈତିକ ସ୍ତରରେ ମଧ୍ୟ ଅସୁବିଧାଜନକ ଓ ଅର୍ଥନୈତିକ ସ୍ତରରେ ମଧ୍ୟ ପ୍ରମାଦ ଗଣୁଛି । ଧର୍ମ ଓ ମୂଳ ଇସଲାମ ହେଉଛି ପ୍ରମୁଖ ଉପକରଣ ଯାହା ଏହି ଆତଙ୍କବାଦୀ ଗୋଷ୍ଠୀଙ୍କୁ ବାନ୍ଧି ରଖିଥାଏ । ଆମେରିକାର ପୂର୍ବତନ ବୈଦେଶିକ ସଚିବ ହିଲାରୀ କ୍ଲିଣ୍ଟନଙ୍କ ଶବ୍ଦର ମହତ୍ତ୍ୱକୁ ପାକିସ୍ତାନୀ ସମାଜ ହୃଦୟଙ୍ଗମ କରିବା ଆବଶ୍ୟକ ଯେତେବେଳେ ସେ କହିଥିଲେ, "ତୁମେ ସାପକୁ ନିଜ ଘର ପଛପଟରେ ରଖିପାରିବ ନାହିଁ ଓ ଆଶା କର ଯେ ସେମାନେ କେବଳ ତୁମର ପଡ଼ୋଶୀ" କାମୁଡ଼ିବେ । ଆତଙ୍କବାଦ ବିରୋଧର ଲଢେଇରେ ପାକିସ୍ତାନର ଜନସାଧାରଣ, ଏହାର ରାଜନେତା ଓ ଶକ୍ତିଶାଳୀ ସେନା ସମାନ ପାର୍ଶ୍ୱରେ ଠିଆ ହେବା ତଥା ସ୍ପଷ୍ଟ ପ୍ରାଥମିକତା ଦେବା ପାଇଁ ଏକ ଜରୁରି ଆବଶ୍ୟକତା ରହିଛି । ସାମରିକ ତଥା ଏହାର ଅନୁବନ୍ଧିତ ଗୁପ୍ତଚର ସଂସ୍ଥା ଦ୍ୱାରା ନାଗରିକ ପ୍ରାଧିକରଣର ନିରନ୍ତର କ୍ଷୁର୍ଣ୍ଣ ଦେଶ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇ ରହିଛି ଓ ଦେଶରେ ସାମାଜିକ ସଂସ୍କାର ଦିଗରେ କୌଣସି ଅର୍ଥପୂର୍ଣ୍ଣ ପଦକ୍ଷେପକୁ ରୋକିଥାଏ । ନୀତି ପରିବର୍ତ୍ତନ ଓ ଆତଙ୍କବାଦ ଉପରେ ବ୍ୟାପକ ସହମତି ଦେଶର ଅଖଣ୍ଡତା, ଭବିଷ୍ୟତ ଓ ବଞ୍ଚିବାର ପ୍ରୟାସକୁ ଅଧିକ ଗତିଶୀଳ କରିବ, ଯଦି ଘୃଣ୍ୟ ମାନସିକତାର ବିଲୋପ କରି ଏକ ସୁସ୍ଥ ସମାଜ ଗଠନ କରିବାର ସ୍ୱପ୍ନ ପାକିସ୍ଥାନ ଅନୁଭବ କରିବ ଅନ୍ୟଥା ଜୀବନ ଅନ୍ଧକାର ନହେଉ ।

# ତୁମ ଠୁ ଆରମ୍ଭ, ତୁମଠି ଶେଷ



ଡା. ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ହେ ମହାପ୍ରଭୁ ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା । ତୁମଠୁ ଆରମ୍ଭ, ତୁମଠି ଶେଷ । ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ । ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି । ତୁମେ ଦେବତା ହେଲେ ମଧ୍ୟ ତୁମ ଭିତରେ ପୁରି ରହିଛି ତମାମ ମଣିଷ ପଣିଆ । ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳ ଠୁ ବିଶ୍ରାମକୁ ଯିବା ପର୍ଯ୍ୟନ୍ତ ଷାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ । ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି । ସେ ହେଉଛନ୍ତି ଦଇତାମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର । ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ୍ତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ ।

ତୁମେ ଓଡ଼ିଆ ଜାତିର କୁଳ ଦେବତା । ଆମ ସତ୍ତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ । ହେ ଦାରୁ ଦେବତା ! ସବୁ ତୁମରି ଲୀଳା । ତୁମେ ଇଚ୍ଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା । ଆଜି ତୁମରି ଇଚ୍ଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର । କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ । ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ । ଦର୍ଶନ କରେ, ମନ ପୁରେନି । ଅଭାବବୋଧକୁ ଧରି ଘରକୁ ଫେରେ ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ । କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାସ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ । ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ । ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି । ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧ୍ୟାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ ।

ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ । ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି ବିଭିନ୍ନ ନାମରେ । ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ । ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ୍ୟ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି । ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି । ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ । ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା' ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ । ସେହିଦିନ ଠାରୁ ତା' ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା । ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ । ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ ।

ବନ୍ଧୁ ସଙ୍ଖୋଳିବା ହେଉ ବା ନୂଆ ବନ୍ଧୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ । ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ୍ୟ ରହିଛି । ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ । ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ । କହିବାକୁ ଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ । ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ୍ତ ଓ କନ୍ୟାଟି ହୋଇଥାଏ ବାଗଦତ୍ତା । ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ । ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି । ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ । ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ । ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆମାନଙ୍କ ପାଇଁ ଅମୃତତୁଲ୍ୟ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ । ମହାପ୍ରସାଦ ମାଧ୍ୟମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ । ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ । ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି । ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି । ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ । ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା । ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି ।

ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି । ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ । ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ । ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି । ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦ୍‌ବୋଧନ ।

# ବିଶ୍ୱ ତାପାୟାନ ଓ ଜଳବାୟୁର ପରିବର୍ତ୍ତନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

ବଢୁଛି ତାପମାତ୍ରା, ବଦଳୁଛି ପରିବେଶ । ପ୍ରକୃତି ଉପରେ ଅଧିକ ହସ୍ତକ୍ଷେପ ଯୋଗୁଁ ଶ୍ରୀହୀନ ହେବାରେ ଲାଗିଛି ସବୁଜ ପୃଥିବୀ । ଏହି କ୍ଷେତ୍ରରେ ବିଶ୍ୱ ତାପାୟନ ମୁଖ୍ୟକାରଣ ଭାବେ ଉଭା ହୋଇଛି । ଦୈନନ୍ଦିନ ଜୀବନରେ ମଣିଷ ବ୍ୟବହାର କରୁଥିବା ବିଭିନ୍ନ ବିଳାସପୂର୍ଣ୍ଣ ଆସବାବ ପତ୍ର, ଯାନବାହନ, ଶିଳ୍ପସଂସ୍ଥାରୁ ନିର୍ଗତ ବିଷାକ୍ତ ବାଷ୍ପ, ବାୟୁରେ ଉତ୍ତାପ ସୃଷ୍ଟିକାରୀ ଅଙ୍ଗାରକାମ୍ଳ ଗ୍ୟାସ ଯୋଗୁଁ ବିଶ୍ୱ ତାପାୟନ ବଢି ଚାଲିଛି । ଯାହା ଜୀବ ଜଗତ ପାଇଁ ବିପଦର ଘଣ୍ଟି । ଆମେ ଯଦି ସଚେତନ ନହେବୁ ତେବେ ଏହି ସମସ୍ୟା ଆଗକୁ ଯେ ଆହୁରି ଉଗ୍ରରୂପ ଧାରଣ କରିବ ଏଥିରେ ସନ୍ଦେହ ନାହିଁ ।

ପ୍ରତ୍ୟେକ ଜୀବକୁ ବଞ୍ଚିବା ପାଇଁ ଜଳବାୟୁ ଏବଂ ଉତ୍ତାପ ଦରକାର । ଜଳ ବାୟୁର ପରିବର୍ତ୍ତନ ସହ ଜୀବ ଜଗତର ମଧ୍ୟ ପରିବର୍ତ୍ତନ ହେଉଛି । ପ୍ରତିବର୍ଷ କେତେ ଜୀବଜନ୍ତୁ ବିଲୁପ୍ତ ହେଇଯାଉଛନ୍ତି ତା'ର ଆମେ ହିସାବ ରଖୁନୁ । ସେମାନେ ଆମ ଜୀବନକୁ ସମୃଦ୍ଧ କରୁଥିଲେ । ସେମାନେ ବିଲୁପ୍ତ ହେଲା ପରେ ଆମ ଜୀବନ କେତେ ପ୍ରଭାବିତ ହୋଇଛି ତା'ର ହିସାବ ଆମେ ରଖୁନୁ । ଯଦି ଆମର ବାହ୍ୟ ପ୍ରଭାବିତ ହେଉଛି ତାହାହେଲେ ଏହା ଆମ ଅନ୍ତର ମନକୁ କେତେ ପ୍ରଭାବିତ କରୁଛି ତାହା ବିଚାର କରିବା କଥା ।

ଆଜି ମଣିଷ ଭିତରେ ଯେଉଁ ଅମଣିଷପଣିଆ ଦେଖିବାକୁ ମିଳୁଛି ତାହା ଆମର ଏହି ପରିବେଶ ପାଇଁ ନୁହେ ତ ? ବିଶ୍ୱର ତାପମାତ୍ରା ବୃଦ୍ଧି ହେବା ପଛରେ ଦୁଇଟି କାରଣ ରହିଛି ଗୋଟିଏ ହେଲା ମନୁଷ୍ୟକୃତ ଓ ଅନ୍ୟଟି ହେଲା ପ୍ରାକୃତିକ । ମନୁଷ୍ୟକୃତ କାରଣ ହେଲା ଜଙ୍ଗଲ ନଷ୍ଟ, ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅବିବେକୀ ଭାବେ ଗଛ କାଟିବା, ଯାନବାହନର ମାତ୍ରାଧିକ ବ୍ୟବହାର କରିବା, ଯାହାଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରାଧିକ ବୃଦ୍ଧି ଘଟିଥାଏ । ପ୍ରାକୃତିକ କାରଣ ହେଲା ବାୟୁମଣ୍ଡଳର ମାତ୍ରାଧିକ ଉତ୍ତାପ ବଢ଼ିଚାଲିବା, ଭୂମିକମ୍ପ, ବାତ୍ୟା ଓ ବାଦଲଫଟା ବର୍ଷା ଭଳି କାରଣ ବିଶ୍ୱ ତାପମାନର ସମସ୍ୟା ଦେଖିବାକୁ ମିଳୁଛି ।

ବିଶ୍ୱ ତାପାୟନର ମୁଖ୍ୟ କାରଣ ହେଲା ଗ୍ରୀନ ହାଉସ ଏଫେକ୍ଟ । ଗ୍ରୀନ ହାଉସ ହେଲା ଗଛକୁ ବଞ୍ଚେଇବା ପାଇଁ ଗୋଟିଏ କାଚ ଘର ଯେଉଁ କାଚ ଘରରୁ ଉତ୍ତାପ କମେ ନାହି । ଯାହାକି ଗଛକୁ ବଞ୍ଚେଇବା ପାଇଁ ସାହାଯ୍ୟ କରିଥାଏ । ଅଙ୍ଗାରକାମ୍ଳ ଏବଂ ମିଥାଇନ ଗ୍ୟାସର ବୃଦ୍ଧି ପାଇଁ ଗ୍ରୀନ ହାଉସ ଏଫେକ୍ଟ ଦେଖିବାକୁ ମିଳୁଛି । ଯେତେ ବେଳେ ଗୋଟିଏ ଡିଗ୍ରୀ ତାପମାନ ବଢି ଯାଉଛି ଏହା ଆମର ପରିବେଶକୁ ବହୁତ ପ୍ରଭାବିତ କରୁଛି । ପୃଥିବୀର ଦକ୍ଷୀଣ ମେରୁ ଓ ଉତ୍ତର ମେରୁରେ ଜମା ହୋଇଥିବା ବରଫ ତରଳିବାକୁ ଲାଗୁଛି । ଭାରତର ହିମାଳୟରେ ଥିବା ଗ୍ଲେସିୟର ମଧ୍ୟ ତରଳିବାକୁ ଲାଗୁଛି ଏବଂ ଏହି ଗ୍ଲେସିୟର ପୁଣି ହିମାଳୟରୁ ବାହାରି ଥିବା ନଦୀମାନଙ୍କରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି ।

ଅମରନାଥରେ ଥିବା ବରଫ ଶିବ ଲିଙ୍ଗ ଆଜିକାଲି ମାସ ମାସ ଧରି ରହୁନାହିଁ ବରଂ ଅଳ୍ପ ଦିନରେ ତରଳି ଯାଉଛି । ଆଗକୁ ଯେତେ ବେଳେ ଆହୁରି ଉତ୍ତାପ ବଢିବ ନଦୀମାନଙ୍କରେ ବନ୍ୟା ଆସିବ ଏବଂ ଉକ୍ତ ବନ୍ୟାଜଳ ସମୁଦ୍ରରେ ମିଶିଲେ ସମୁଦ୍ରର ଜଳସ୍ତର ବଢିଯିବ । ସମୁଦ୍ରର ଏହି ବର୍ଦ୍ଧିତ ଜଳରାଶି ନିକଟବର୍ତ୍ତୀ ଗାଁ ଓ ସହରକୁ ବ୍ୟାପିଯିବ । ଯାହାଫଳରେ ସହର ଓ ଗାଁ ଗୁଡିକ ଜଳମଗ୍ନ ହେଇଯିବ ଏବଂ ଭୂଭାଗ କମିଯିବ । ବିଶ୍ୱ ତାପାୟନ ବୃଦ୍ଧି ପାଇଁ ବିଶ୍ୱର ବହୁ ବୁଦ୍ଧିଜୀବୀ ଚିନ୍ତିତ ।

ଏହି ସମସ୍ୟାର ସମାଧାନର ଏକମାତ୍ର ରାସ୍ତା ହେଲା ବୃକ୍ଷ ରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲର ସୁରକ୍ଷା । ବୃକ୍ଷ ଆମକୁ ଅମ୍ଳଜାନ ଦେଇଥାଏ ଏବଂ ବାୟୁ ମଣ୍ଡଳରେ ଥିବା ଅଙ୍ଗାରକାମ୍ଳର ପରିମାଣକୁ ହ୍ରାସ କରିଥାଏ । ତେଣୁ ବ୍ୟାପକ ବୃକ୍ଷରୋପଣ ସହ ଜଙ୍ଗଲ ସୃଷ୍ଟି କରିବା ହିଁ ଏହି ସମସ୍ୟା ସମାଧାନର ଏକମାତ୍ର ପଥ । ସମୁଦ୍ର କୂଳରେ ଝାଉଁବୃକ୍ଷ ରୋପଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କାରାଯିବା ଉଚିତ୍ । ଯାହା ଆମକୁ ବାତ୍ୟାର ପ୍ରକୋପରୁ ଜୀବନଜଗତକୁ ରକ୍ଷା କରିଥାଏ ।

ଭାଗବତର ଦ୍ୱାଦଶ ସ୍କନ୍ଦର ଚତୁର୍ଥ ଅଧ୍ୟାୟରେ ପ୍ରଳୟର ବର୍ଣ୍ଣନା ରହିଛି ଯେଉଁଠି ପୃଥିବୀ ଉତ୍ତପ୍ତ ହେବା ବିଷୟ ମଧ୍ୟ କୁହାଯାଇଛି । ସୂର୍ଯ୍ୟର କିରଣର ତେଜ ଜୀବ ଜଗତକୁ ଅସ୍ତବ୍ୟସ୍ତ କରିବ ବୋଲି କୁହାଯାଇଛି । ତେଣୁ ଜୀବ ଜଗତକୁ କେମିତି ବଞ୍ଚାଇ ହେବ ତାହା ଆମ ପାଠ୍ୟକ୍ରମ ମୁଖ୍ୟ ବିଷୟ ହେବା କଥା । ବିଶ୍ୱ ଯେତେ ବେଳେ ବିନାଶର ଦ୍ୱାର ପାଖରେ ଠିଆ ହୋଇଛି ସେତେବେଳେ ଆମେ ଲାଭକ୍ଷତିର ଅଙ୍କ ନକଷି ବରଂ ସାମୂହିକ ବିକାଶ ଏବଂ ସାମୂହିକ ସୁଖ ଶାନ୍ତିର ବାର୍ତ୍ତାବହ ସାଜିବା । ପୃଥିବୀର ପୁନରୁଦ୍ଧାର ଆମର ଦାୟିତ୍ୱ । ତେଣୁ ଜଳବାୟୁ ପରିବର୍ତ୍ତନ ଲାଗି ଦାୟୀ କାରଣଗୁଡିକୁ ଯଥାଶୀଘ୍ର ନିୟନ୍ତ୍ରଣ କରିବା ଓ ପ୍ରକୃତିକୁ କ୍ଷତି ପହଞ୍ଚାଇବା ଭଳି ଗତିବିଧିକୁ କମ୍ କରିବା ଆମର ଦାୟିତ୍ୱ ।

# ଅଧା ଆକାଶ



ଅଖିଳ କୁମାର ମିଶ୍ର

ମତେ କି ଜଣା ସ୍ୱର୍ଗର ବାସ୍ତବତା,
ବ୍ୟାପିରହେ ପୁରା ଆକାଶ ନତୁବା
ଝୁଲି ଝୁଲି ଗ୍ରହ ନକ୍ଷତ୍ରକୁ ଗଣେ,
ମାତ୍ର ଛାତିକୁ ଖୁସୀ ରଖିବା ପାଇଁ
ଏ ତ୍ରିଶଙ୍କୁର ଭାବନା ଭଲ ଲାଗେ ।

ହଜାର ଇଚ୍ଛା ଏମିତି ଯେ,
ପ୍ରତ୍ୟେକ ଇଚ୍ଛାରେ ଧଇଁସଇଁ ହୋଇଯାଏ/
ବହୁତ ଆବେଗ ମୁଣ୍ଡ ଟେକୁଚି,
କିନ୍ତୁ ଅଳପ ଜୀବନ୍ୟାସ ପାଉଚି ।

ସେମାନଙ୍କୁ ଦେଖି
ମୁହଁରେ ବୋଲି ହୋଇ ଯାଏ
ଲିଟା ଲିଟା ବେଦନା/ତାଂକୁ ଲାଗେ ସେମାନେ
ମଦହୋସରେ ଖୁବ ଭଲରେ ଅଛନ୍ତି ।

ରଙ୍ଗରେ ଦୌଡାଦୌଡିରେ
ଜମା କମ ନୁହଁ ମୋ ଶରୀର,
ଏବେ ଆଖିରେ ଆଖିରେ ମିଶି ଯିବାନି ତ ?
ଲୁହର ଅବା କି ମୂଲ୍ୟ ।

ଏ ହୃଦୟକୁ ପଚାର କଣ ହେଇଚି ତାର,
ଏ ଯନ୍ତ୍ରଣାର ଔଷଧ କଣ-
ଗୁମୁରି ଗୁମୁରି କାନ୍ଦୁଚି କାହାର ପ୍ରାଣ,
କିଏ ଯେ ତାକୁ ଦେଇଥିଲା ରାଣ ।

ପ୍ରେମ ଉପରେ କିଛି ଅଧିକାର ନାହିଁ/
ହୋଇ ପାରିଲେ ହୋଇଯାଏ
ଥାନ ଅଥାନରେ,
ନ ହେଇ ପାରିଲେ ଲିଭିଯାଏ
ମନର ଚିହ୍ନାପଟରୁ ।

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭୁବନେଶ୍ୱର



ଆଳି, (ଭାସ୍କର ନ୍ୟୁଜ୍): ଅପ୍ରେଲ ୨୨ତାରିଖ ପହଲଗ୍ରାମରେ ୨୭ ଜଣ ନାଗରିକଙ୍କୁ ନିଜର ଧର୍ମ ପଚାରି ଆତଙ୍କବାଦୀମାନେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ତାହାର ଜବାବରେ ୬ ତାରିଖ ମଧ୍ୟ ରାତ୍ରୀରେ ଭାରତୀୟ ବାୟୁସେନା ସ୍ଥଳ ସେନା ମିଳିତ ଆକ୍ରମଣ କରି ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ କ୍ୟାମ୍ପକୁ ଧ୍ୱଂସ କରିଥିଲା। ସେବେଠାରୁ ଭାରତ ପାକିସ୍ତାନ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ବିଶ୍ୱ ସାମ୍ନାରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଭରତର ଏହି ଘଡିସନ୍ଧି ମୁହୂର୍ତ୍ତରେ ଭାରତୀୟ ସେନାର ଯବାନମାନଙ୍କର ମନବଳ ବୃଦ୍ଧି ଏବଂ ତାଙ୍କ ପରିବାର କୁ ଧର୍ଯ୍ୟ, ସାହସ ଦେବାପାଇଁ ଆଳିର ଆରାଧ୍ୟ ଶ୍ରୀ ଶ୍ରୀ ଲକ୍ଷ୍ମୀ ବରାହଙ୍କ ନିକଟ ଆଳି ଭାରତୀୟ ଜନତା ପାର୍ଟି ତରଫରୁ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନନ୍ତ ରଥ, ଭକ୍ତ ବନ୍ଧୁ ମିଶ୍ର, ବୈଦନାଥ ମହାନ୍ତି, କଳିଙ୍ଗ ସେନାପତି, ସରୋଜ ଜଗଦେବ, ବେଲରାଣୀ ପାତ୍ର, ପ୍ରଭାସିନୀ ପାତ୍ରଙ୍କ ସମେତ ଅନେକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ୧୦୮ ଦୀପଦାନ କରିଥିଲେ।



# ଡିଲରଙ୍କ କବ୍‌ଜାରେ ରାଜନଗର ବ୍ଲକ ଯୋଗାଣ ଅଧିକାରୀ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ ରେସନ କାର୍ଡ ଚାଉଳ ଯୋଗାଣରେ ଅନିୟମିତତା ଦିନକୁଦିନ ବୃଦ୍ଧିପାଉଛି। ଏଥିରେ ଯୋଗାଣ ଅଧିକାରୀ ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହେଉଛି। ସେଥିପାଇଁ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ କବାଟ ଦେଇ ଡିଲରଙ୍କ ମେଳି ଫଳରେ ସାଧାରଣ ଲୋକ ସାକ୍ଷାତ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ପୂର୍ବରୁ ଡିଲରମାନଙ୍କ ଫାଇଦା ହାତେଇବାକୁ ଅଯୋଗ୍ୟ ଲୋକଙ୍କୁ ରାସନକାର୍ଡ ଏବଂ ଅନ୍ତୋଦୟ କାର୍ଡ କରିବା ପାଇଁ ସକାଳ ଦଶରୁ ସନ୍ଧ୍ୟା ପର୍ଯ୍ୟନ୍ତ ଯୋଗାଣ ଅଧିକାରୀଙ୍କୁ ଘେରି ବସିଥାନ୍ତି। ଏବେ ନୂତନ କାର୍ଡ ଓ ସଭ୍ୟ ଯୋଗ କରିବାପାଇଁ ମଧ୍ୟ ଡିଲରଙ୍କ ଭୂମିକା ଯୋଗାଣ ଅଧିକାରୀଙ୍କ ପାଖରେ ରହିଛି। ସୂଚନାଯୋଗ୍ୟ ରାଜନଗର ବ୍ଲକକୁ ରେସନକାର୍ଡ ଅନୁଯାଇ ପ୍ରାୟ ୧୫ହଜାର କ୍ୱିଣ୍ଟାଲରୁ ଅଧିକ ଚାଉଳ ଆସିବା କଥା, ମାତ୍ର ଚାଉଳ ଯୋଗାଣକାରୀ ଏଜେନ୍ସି ସମ୍ପୂର୍ଣ୍ଣ ଚାଉଳ ନ ଆଣି ମାତ୍ର ସମୁଦାୟ ଚାଉଳର ୨୫ଭାଗ ଆସୁଥିବା ଦୀର୍ଘ ମାସ ହେବ ଦେଖିବାକୁ ମିଳିଛି। ଏହି ୨୫ଭାଗ ଚାଉଳକୁ ଥରଥର କରି ଏଜେନ୍ସି ଦାୟିତ୍ୱରେ ଥିବା ଜନୈକ ଡେରା ଡିଲର, ଯିଏକି ଦୁଇ-ତିନୋଟି ଡିଲର ଚଳାଉଛନ୍ତି। ସେହି ବ୍ୟକ୍ତି ଗୋଦାମରୁ ଚାଉଳ ଲୋଡିଆଣି ରାତି ହେଲେ ଡିଲରମାନଙ୍କ ନିକଟରେ ଚାଉଳ ଯୋଗାଇଥାନ୍ତି। ପ୍ରଥମେ ଆଇଚର ଟ୍ରକରେ ଦିନରେ ଚାଉଳ ଲୋଡ ହୋଇ ଗୋପାଳପୁରୁ ତେଲଟାଙ୍କି ପାଖରେ ଛିଡା ହୁଏ, ଯେତେବେଳେ ରାତି ହେବ ସେତେବେଳେ ସେହି ଗୋଟିଏ ଲୋଡ ଚାଉଳକୁ କେତେକ ଡିଲଙ୍କ ନିକଟରେ ଚାରିଭାଗରୁ ଭାଗେ ଚାଉଳ ଦିଆଯାଇଥାଏ। ଏତିକି ଚାଉଳକୁ କିଛି ଲୋକଙ୍କୁ ଦିଆଯିବା ପରେ ବଳକା ଚାଉଳ ଆସିଲେ ଆରମାସକୁ ଦିଆଯିବ, ନଚେତ୍ ଅରୁଆ ଚାଉଳ ଆସିବ କହି କିଲୋପିଛା ୨୦ଟଙ୍କା ହିସାବରେ ଡିଲର ଖାଉଟିଙ୍କୁ ପରିଶୋଧ କରିଦିଏ। ବଳକା ୭୫ଭାଗ ଚାଉଳ କିଲୋପିଛା ପ୍ରାୟ ୪୨ଟଙ୍କା ହିସାବରେ ଡିଲର, ଏଜେନ୍ସି ଓ ଅଧିକାରୀ ମାନେ ମିଳିମିଶି ହଡପ କରିବା ସହ ୭୫ଭାଗ ଚାଉଳର ଟ୍ରାନ୍ସପୋର୍ଟିଂ, ଅଖା ଓ ଲେବର ଖର୍ଚ୍ଚ ଏଜେନ୍ସି ଚାଉଳ ନ ଆଣି ଅର୍ଥ ହାତେଉଥିବା ଆଲୋଚନା ହେଉଛି। କିନ୍ତୁ ଚାଉଳ ବିନିମୟରେ ଖାଉଟିଙ୍କୁ ୨୦ଟଙ୍କା ଦେଉଥିବା ବେଳେ ଗରିବଙ୍କ ଚଣ୍ଟି ଚିପି ଡିଲର ସେହି ଚାଉଳ ବିକି ପାଉଛି ୪୦ଟଙ୍କା ସରକାରଙ୍କ ଦାମ। ଏହି ଅନୀୟମିତ ପାଇଁ ଦୂର ସ୍ଥାନକୁ ମଧ୍ୟ ରାତିରେ ଚାଉଳ ଦିଆଯାଉଛି। ତାଳଚୁଆ, ରଙ୍ଗଣୀ, ପଟାପାରିଆ, ଇଶ୍ୱରପୁରୁ, ଡାଙ୍ଗମାଳ, ଘଡିଆମାଳ ଆଦି ସ୍ଥାନକୁ ଅଳ୍ପ ଚାଉଳ ଦେବା ପରେ ଆଉ ଚାଉଳ ଆସିନାହିଁ ବୋଲି ଡିଲର ଲୋକମାନଙ୍କୁ ସଫେଇ ଦେଉଛନ୍ତି। ଏପରି ମିଛ ଠକ କହି ଡିଲର କେତେମାସର ଚାଉଳ ବାବଦକୁ ଟଙ୍କା ଦେଲା ପରେ ବି ଦୁଇ ତିନିମାସର ଚାଉଳ ଦେଇ ନଥିବା ସମ୍ପୃକ୍ତ ଅଞ୍ଚଳର ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ସଦର ମହକୁମାରେ ଅନୁରୂପ ଘଟୁଥିବା ବେଳେ ମଳା ଲୋକଙ୍କର ଚାଉଳ ବର୍ଷବର୍ଷ ଧରି ଭୂତ ନେଉଛି। ବିଦେଶରେ ଥିବା ଲୋକଙ୍କ ଚାଉଳ ଅର୍ଥ ଡିଲରମାନେ ଫୋନ ପରେ ପଠାଉଥିବା ଅଭିଯୋଗ ହେଉଛି। ଏଥିରେ ଡେରା, ହାତିନା, ଗୁପ୍ତି, ପଞ୍ଚାୟତର ହିତାଧିକାରୀ ଅଧିକାଂଶ ଦୁଇ ତିନି ମାସ ହେବ ଚାଉଳ କି ତା ବାବଦରେ ଟଙ୍କା ପାଇନାହାନ୍ତି, ଯିଏ ଜିଦି ଧରି ଚାଉଳ ମାଗୁଛି ତାକୁ ଧମକ ଦିଆଯାଉଛି। କାର୍ଡ କାଟି ଦିଆଯିବ ନ ହେଲେ ଅରୁଆ ଚାଉଳ ଆସିଲେ ନେବ କୁହାଯାଉଛି। ହେଲେ ଦେବ ନାରାୟଣପୁରୁ, କୃଷ୍ଣ ପ୍ରିୟାପୁରୁ, ରାଜରାଜେଶ୍ୱର ପୁରୁରେ ଅଧିକାଂଶ ଲୋକଙ୍କୁ ତିନିମାସ ହେବ ଚାଉଳ ମିଳିନଥିବା ବେଳେ ନଭେମ୍ବର ମାସରେ ଚାଉଳ ଦେଉଥିବା ଗୁପ୍ତିର ଡିଲର ଆଗୁଆ ଫେବୃଆରୀ ମାସର କର୍ଡରେ ପକାଇ ଥିବା କେତେକ କାର୍ଡ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ଯୋଗାଣ ଅଧିକାରୀଙ୍କୁ ଦେଖାଇଥିଲେ ମଧ୍ୟ ଫଳ ଶୂନ୍ୟ ହୋଇଛି। କଥାରେ ଅଛି 'ତୁ ଗୁହାରୀ କରିବୁ ଯାହାକୁ ମୁଁ ଘଇତା କରିଛି ତାହାକୁ' ଏହି ଉକ୍ତିରେ ଡିଲରଙ୍କ ବିରୋଧରେ ଅଙ୍କୁଶ ଲଗାଇ ପାରୁନାହାଁନ୍ତି ଅଧିକାରୀ। ସେହିପରି ଡିଲରଙ୍କ ନିଜ ଗାଁ' କାଠପାଙ୍ଗରା, ହାତିନା ସଦର ମହକୁମାରେ ମଧ୍ୟ ଏପରି ଅନୀୟମିତ ଚାଉଳ ଦିଆଯାଇଛି। ଆଜିକାଲି ଚାଉଳ ଦିଆଯିବ ବୋଲି କହି ଭୂତେଇ ଚାଲିଛନ୍ତି ଡିଲର। ଏନେଇ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ କହୁଛନ୍ତି, ଯାହାର ଚାଉଳ ଦରକାର ନଥିବ ସେମାନେ ଟଙ୍କା ନେବେ। ଆପଣଙ୍କର କ'ଣ ହେଲା ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ଷେପ କରି କହିଥିଲେ। ବ୍ଲକକୁ କେତେ ଚାଉଳ ଆସୁଛି, ହିତାଧିକାରୀ ନୀୟମିତ ପାଉଛନ୍ତି କି ନା, ତା'ର ହିସାବ ଯୋଗାଣ ଅଧିକାରୀଙ୍କ ପାଖରେ ନାହିଁ କି ଅଭିଯୋଗ ପରେ ମଧ୍ୟ ତଦନ୍ତ ନାହିଁ। ସାଧାରଣ ଲୋକଟି ଯୋଗାଣ ଅଧିକାରୀଙ୍କୁ କିଛି ଆପତ୍ତି କରିବାକୁ ଗଲେ ସାକ୍ଷାତ ହେବା କଷ୍ଟ ହୋଇପଡୁଛି। ସବୁବେଳେ କବାଟ ଦେଇ ଡିଲରଙ୍କ ମେଳିରେ ବସି ଅନୀୟମିତ କରିବାକୁ ବୁଦ୍ଧି ବତାଇବାର ମାଷ୍ଟରମାଇଣ୍ଡ ଯୋଗାଣ ଅଧିକାରୀ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏସବୁ ଅନୀୟମିତ କାର୍ଯ୍ୟ ଯୋଗାଣ ଅଧିକାରୀ ଜାଣି ମାସକୁ ମାସ ହାତ ଚିକ୍କଣ କରୁଥିବା ବେଳେ କିଛି ଜାଣିନଥିବା ସଫେଇ ଦେବା ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡିଲରମାନଙ୍କ ଚାଉଳ ଦେବା ଏବଂ ଚାଉଳ ରଖିବା ସ୍ଥାନରେ ସିସିଟିଭି କ୍ୟାମେରା ଲଗାଗଲେ କେଉଁ ଡିଲର କେତେ ଚାଉଳ କେବେ ଗ୍ରହଣ କଲା ଓ କେବେ କେତେକ ହିତାଧିକାରୀଙ୍କୁ ଚାଉଳ ବାଣ୍ଟିଲା ତା'ର ସ୍ୱଚ୍ଛତା ପ୍ରମାଣିତ ହେବା ସହ ପରିଦର୍ଶନରେ କେବେ ଓ କେଉଁ ଅଧିକାରୀ ଯାଇଛନ୍ତି ତାହା ଲୋକ ଲୋଚନରେ ଜଣାପଡିବ। ଏପରି କରାଗଲେ ଦୁର୍ନୀତି ହ୍ରାସ ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାତିଅଧିଆ ଉପ-ମୁଖ୍ୟମନ୍ତ୍ରୀଙ୍କ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟୟ ହୋଇଥିବା ବେଳେ ସମସ୍ତ ବିଭାଗରେ ଡାକ୍ତର ନଥିବାରୁ ରୋଗୀମାନେ ଫେରୁଛନ୍ତି । ଯାହାକୁ ନେଇ ନିମାପଡ଼ାରେ ରୋଗୀ ସେବା ଠପ୍ ହୋଇପଡ଼ିଛି। ବାରମ୍ବାର ଏପରି ଅଭିଯୋଗ ହେଉଥିବା ବେଳେ ଅଚାନକ ରାତିଅଧରେ ଉପ-ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା କର୍ମଚାରୀଙ୍କ ମହଲରେ କୋକୁଆ ଭୟ ସୃଷ୍ଟିକରିଛି। ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ବିଭାଗରେ ଡାକ୍ତର ନାହାନ୍ତି। ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସରେ ମେସିନ୍ ଥିଲେ ମଧ୍ୟ ରୋଗୀ ତାହାର ସେବା ପାଇପାରୁନାହାନ୍ତି। କ'ଣ ପାଇଁ ଏପରି ହେଉଛି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏ କେଉଁ ଉପାନ୍ତ ଅଞ୍ଚଳର ଘଟଣା ନୁହେଁ ଖୋଦ୍ ପୁରୀ ଜିଲ୍ଲା ଭୁବନେଶ୍ୱର ଉପକଣ୍ଠର ଘଟଣା। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବକୁ ନେଇ ରୋଗୀ ସେବା ଠପ୍ ହୋଇପଡ଼ିଛି। ଅନେକ ବ୍ୟକ୍ତି ଚିକିତ୍ସା ପାଇଁ ଆସି ଫେରୁଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଘଟଣା ଘଟୁଥିବାରୁ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଅଚାନକ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି । ରୋଗୀମାନଙ୍କର ଶଯ୍ୟା କିପରି ଅଛି, ସଠିକ୍ ଅକ୍ସିଜେନ ସ୍ୱାସ୍ଥ୍ୟକେନ୍ଦ୍ରରେ ମହଜୁଦ ରହୁଛି ନା ନାହିଁ, ରୋଗୀମାନଙ୍କୁ ନିରାମୟ ଯୋଜନାରେ ମାଗଣାରେ ସଠିକ ଔଷଧ ବଣ୍ଟନ କରାଯାଉଛି ନା ନାହିଁ, ଅସ୍ଥିଶଲ୍ୟ ବିଭାଗ କିପରି ଚାଲିଛି, ପ୍ରସୂତି ବିଭାଗ ମଧ୍ୟ କିପରି ଚାଲିଛି ଏପରି ଅନେକ କାର୍ଯ୍ୟ ଉପରେ ଉପ-ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ଅଚାନକ୍ ଉପ-ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ କର୍ମଚାରୀମାନେ ହଡ଼ବଡ଼େଇ ଯାଇଥିବା ଜଣାପଡ଼ିଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ଡାକ୍ତର ଯୋଗାଇ ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ପ୍ରକାଶ ଥାଉକି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ରୋଗୀମାନଙ୍କ ଠାରୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ।

## ୮ ମାସର ବାଛୁରୀ ଦେଉଛି କ୍ଷୀର

ଭାପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଜଳବାୟୁ ବଦଳିବା ସହିତ ସାମାଜିକ ପ୍ରାଣୀମାନଙ୍କର ଚାଲିଚଳଣି ମଧ୍ୟ ବଦଳୁଛି। ମଣିଷ ମାନଙ୍କ ଠାରୁ ଆରମ୍ଭ କରି ପଶୁ ପର୍ଯ୍ୟନ୍ତ, ଔଷଧ ସେବନ ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମସ୍ତଙ୍କର ପ୍ରବୃତ୍ତି ବଦଳିବାରେ ଲାଗିଛି। ଏହିଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ନୟାଗଡ ଜିଲ୍ଲା ଭାପୁର ସଦର ମହକୁମାରେ ଦେଖାଦେଇଛି। ଭାପୁର ଗ୍ରାମ ଗଉଡସାହିର ନରନାଥ ବେହେରାଙ୍କ ଗାଈବାଛୁରୀ ରହିଥିବା ବେଳେ ସେଥିମଧ୍ୟରୁ ଏକ ୮ ମାସର ମାଈ ବାଛୁରୀ ବିନା ଗର୍ଭ ବିନା ଜନ୍ମରେ ଦୈନିକ ଅଧ ଲିଟର ଲେଖାଏଁ କ୍ଷୀର ଦେଉଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା କ୍ୱଚିତ ଘଟଣା ବୋଲି ଭାପୁର ବ୍ଲକ ପ୍ରାଣୀ ଚିକିତ୍ସକ ବିଭୁ ପ୍ରସାଦ ଶତପଥୀ କହିଛନ୍ତି। ପ୍ରାଣୀ ବିଜ୍ଞାନୀଙ୍କ ମତରେ, ଗାଈ ଟିଏ ଦେଢ଼ବର୍ଷରୁ ଦୁଇ ବର୍ଷ ହେଲେ ଗରମ ହୋଇଥାଏ ଏବଂ ଷଣ୍ଢ ଦ୍ୱାରା ପ୍ରାକୃତିକ ଯୌନ ସମ୍ପର୍କ ରଖିବା ଦ୍ୱାରା ପେଟରେ ବାଛୁରୀ ରହିଥାଏ। କିନ୍ତୁ,ସଭ୍ୟ ସମାଜ ଡାକ୍ତରଙ୍କ ପରାମର୍ଶ ନ କରି କମ୍ ବୟସର ମାଈବାଛୁରୀକୁ ଗରମ ପାଇଁ ଶୀଘ୍ର ଔଷଧ ଦେଉଥିବାରୁ ହରମୋନ୍ ପ୍ରୟୋଗ ପ୍ରଭାବରେ ଉପରୋକ୍ତ ସମସ୍ୟା ଉପୁଜିଛି। ହରମୋନ୍ ଅନିୟମିତତାକୁ ନେଇ ଡିମ୍ବାଶୟରେ ସମସ୍ୟା ଉପୁଜିଥିବାରୁ ଜିନ୍ ପରିବର୍ତ୍ତନ ଯୋଗୁଁ ଏହି ସମସ୍ୟା ଘଟିଛି ବୋଲି ଡାକ୍ତର ଶତପଥୀ କହିଛନ୍ତି। ତେଣୁ, ଏହି କ୍ଷୀର ବ୍ୟବହାର ଯୋଗ୍ୟ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବାଛୁରୀକୁ ଔଷଧ ଦେଇ କ୍ଷୀର ବନ୍ଦ କରିବା ଉଚିତ୍ ବୋଲି ଭାପୁର ପ୍ରାଣୀ ଚିକିତ୍ସକ ଶତପଥୀ କହିଛନ୍ତି।

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଦାବି

## ଶତାଧିକ ଦିବ୍ୟାଙ୍ଗମାନଙ୍କର ମାସିକ ଭତ୍ତା ବନ୍ଦ

ସୋରଡା, (ଭାସ୍କର ନ୍ୟୁଜ୍): ସମାଜର ମୁଖ୍ୟ ସ୍ରୋତରେ ଭିନ୍ନକ୍ଷମମାନଙ୍କୁ ସାମିଲ କରିବା ସହିତ ନିଜର ଭରଣ ପୋଷଣ ପାଇଁ ଶତାଧିକ ଦିବ୍ୟାଙ୍ଗ ପେନସନ ଯୋଜନା ସହିତ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି। ମାତ୍ର ୭୦% ରୁ ଅଧିକ ଦିବ୍ୟାଙ୍ଗ ହୋଇଥିବା ବେଳେ ପ୍ରମାଣପତ୍ର ଦେଖାଇବା ନେଇ ବ୍ୟତିକ୍ରମ ହେବାରୁ ଜିଲ୍ଲା ପ୍ରଶାସନ ତାଙ୍କର ଭତ୍ତା ବନ୍ଦ କରିଦେଇଛନ୍ତି। ସମାନ ସୁବିଧା ପାଇବାରେ ହକଦାର ଥିବାରୁ ବ୍ୟତିକ୍ରମ ଘଟାଇ ଏମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ପରିବର୍ତ୍ତେ ଦିବ୍ୟାଙ୍ଗ ଭତ୍ତା ବନ୍ଦ କରିଦେବା ଯୁକ୍ତି ସଙ୍ଗତ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲାର ସୋରଡା ବ୍ଲକର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତ ଏବଂ ସୋରଡା ଏନ.ଏ.ସି ର ୮ରୁ ଊର୍ଦ୍ଧ୍ୱ ୱାର୍ଡ ମାନଙ୍କରେ ବହୁ ଦିବ୍ୟାଙ୍ଗ ହିତାଧିକାରୀ ମାସିକ ଭତ୍ତା ପାଇବାରେ ବଞ୍ଚିତ ହେଉଛନ୍ତି ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଉଥିଲା। ମାତ୍ର ସରକାର ବଦଳିବା ପରେ ନିୟମ ଅନୁଯାଇ ସେ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିନ୍ତୁ ସମଗ୍ର ଭତ୍ତା ହିତାଧିକାରୀମାନଙ୍କ ଅନଲାଇନ ସାର୍ଟିଫିକେଟ ଦାଖଲ ପାଇଁ କୁହାଯାଇଥିଲା କିନ୍ତୁ ଯାହାରି ଫଳରେ ତାଙ୍କୁ ଆବଶ୍ୟକୀୟ କାଗଜପତ୍ର ଦାଖଲ ହୋଇପାରୁ ନଥିବାରୁ ବର୍ଦ୍ଧିତ ଭତ୍ତା ପାଇବା ଦୂରର କଥା ପୂର୍ବରୁ ପାଉଥିବା ଭତ୍ତାକୁ ମଧ୍ୟ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଛନ୍ତି। ତେଣୁ ସେମାନଙ୍କ କାଗଜପତ୍ର କରିବା ପାଇଁ ବ୍ଲକ ଓ ଏନ.ଏ.ସିରେ ଏକ ଦିବ୍ୟାଙ୍ଗ ଚିହ୍ନଟ ମେଳା କରିବା ପାଇଁ ଦାବି ହେଉଛି କେବଳ ସେତିକି ନୁହେଁ ଏକ ଆଧାରକେନ୍ଦ୍ର ଚିହ୍ନଟ ପାଇଁ ଅନଲାଇନ ସାର୍ଟିଫିକେଟ ବଦଳରେ ଅଫଲାଇନ ସାର୍ଟିଫିକେଟ ପ୍ରଦାନ କରିଥିଲେ ମଧ୍ୟ ତାହା ଗ୍ରହଣୀୟ ହେଉନାହିଁ। ଅନଲାଇନ ସାର୍ଟିଫିକେଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିବାରୁ ତାହା ଦିବ୍ୟାଙ୍ଗଙ୍କ ପାଇଁ କାଳ ହେଉଛି। ତାଙ୍କର ହାତର ରେଖା ଓ ଆଖିର ଜ୍ୟୋତି ଠିକ ନଥିବା ଫଳରେ ହୋଇପାରି ନାହିଁ। ଏବେ ଅନଲାଇନ ସାର୍ଟିଫିକେଟ ପାଇଁ ପରିବାର ଲୋକେ ଚିନ୍ତିତ ଥିବା ବେଳେ କିଛି ମାସ ହେଲା ବ୍ଲକ ଓ ଏନଏସି ଭତ୍ତା ବନ୍ଦ କରିଦିଆଯାଇଛି। ସେମାନେ ଏକପ୍ରକାର ସମ୍ପୂର୍ଣ୍ଣ ଅକ୍ଷମ ହେଉଥିବା ବେଳେ ସେମାନଙ୍କ ମାସିକ ଔଷଧ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ କିପରି କରି ଚଳିବେ ସେହି ଚିନ୍ତାରେ ପରିବାର ଲୋକେ ଏବେ ଅଛନ୍ତି। ଅନଲାଇନ ସାର୍ଟିଫିକେଟ ଏବଂ ଆଧାର କାର୍ଡ ବିନା ୩୫୦୦ ଟଙ୍କା ବର୍ଦ୍ଧିତ ଭତ୍ତା ସହିତ ଅନ୍ତୋଦୟ ଯୋଜନାରେ ୩୫ କେଜି ଚାଉଳ ପ୍ରଦାନ ସହିତ ଏଭଳି ଘଟଣାକୁ ଗୁରୁତ୍ୱ ସହକାରେ ତୁରନ୍ତ ଏହାର ସମାଧାନ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ଠାରେ ସୋରଡା ପ୍ରେସ କ୍ଲବର ଆଡଭାଇଜର ଆରାପଲି ସାରଥି ଦାବି କରିଛନ୍ତି।

## ସୂଚନା ଅଧିକାର ଅଭିଯାନ କର୍ମଶାଳା ତାଲିମି ଶିବିର



କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ଠାରେ ସୂଚନା ଅଧିକାର ଆଇନ ଅଭିଯାନର ଏକ କର୍ମୀ ସମ୍ମିଳନୀ ବା ତାଲିମି ଶିବିର ସମରେନ୍ଦ୍ର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ରାଜ୍ୟ ସଂଯୋଜକ ସୁଧୀର ମହାନ୍ତି, ପୁରୀ ଜିଲ୍ଲା ଆବାହକ ଦିବାକର ନାୟକ, ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ରୁପେଶ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ। ସାରା ଜିଲ୍ଲାରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାଧାରଣ ନିରୀହ ଗରିବ ଲୋକମାନେ ଦୁର୍ନୀତିର ଶିକାର ହେଉଛନ୍ତି ତା ଉପରେ ଆଲୋଚନା ହୋଇଥିଲା। ନୂତନ ଭାବେ ଯୋଗ ଦେଇଥିବା ସୂଚନା ଅଧିକାର କର୍ମୀମାନଙ୍କୁ ବିଭିନ୍ନ ଅଫିସମାନଙ୍କରେ ହେଉଥିବା ଦୁର୍ନୀତି ପାଇଁ ସୂଚନା ଅଧିକାର ଆଇନି ଆଧାରରେ ତଥ୍ୟ ମାଗିବା, ମୁଖ୍ୟ ଅତିଥି ପ୍ରଧାନ ସେ ବିଷୟରେ ସୂଚନା ଦେଇଥିଲେ। ଏହି ଶିବିରରେ ତୁଷାର ବଳିୟାରସିଂହ, ଚିତ୍ତରଞ୍ଜନ ସେଠୀ, ବିଜୟ କୁମାର ବେହେରା, ବସନ୍ତ କୁମାର ମଲ୍ଲ, ପ୍ରିୟବ୍ରତ ବିଶ୍ୱାଳ, ହୃଦାନନ୍ଦ ସାସମଲ, ଚିନ୍ମୟ ପୋଲେଇ, କରୁଣାକର ସେନାପତି, ବିକାଶ ଚନ୍ଦ୍ର ରାୟ ସହିତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## କୁଶଭଦ୍ରା ପୋଲ ନିକଟରେ ଚାରି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକିଲା ହଜାର ହଜାର ଗାଡ଼ି



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଟ୍ରାଫିକ ସେବା ବାଟବଣା ହୋଇପଡ଼ିଛି । ବେଳକୁବେଳ ଟ୍ରାଫିକ ସମସ୍ୟା ଉପୁଜୁଥିବା ବେଳେ ଅମାନିଆମାନେ ରାସ୍ତା ଉପରେ ଗାଡ଼ି ଥୋଇ ବେପାରୁଆ ଭାବେ କାର୍ଯ୍ୟ କରୁଛନ୍ତି। ଏପରି ହେବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଦୀର୍ଘଦିନ ହେବ ଟ୍ରାଫିକ ସମସ୍ୟା ଉପରେ ଦୃଷ୍ଟି ଦେବାପାଇଁ ଜନ ସାଧାରଣଙ୍କ ପକ୍ଷରୁ ଦାବୀ ହେଉଥିଲେ ମଧ୍ୟ ସମସ୍ୟା ସୁଧୁରୁନାହିଁ। କୁଶଭଦ୍ରା ନଦୀ ପୋଲ ଉପରେ ଚାରି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଶହଶହ ସଂଖ୍ୟକ ଗାଡ଼ି ଅଟକି ରହିବାରୁ ଜନସାଧାରଣ ଖରା ତାତିରେ ଯାଇ ନପାରି ଅଟକି ରହିବା ଦ୍ୱାରା କେତେକ ପଥଚାରୀଙ୍କ ଅବସ୍ଥା ବେହାଲ ହୋଇପଡ଼ିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଅଞ୍ଚଳରେ ବେଳକୁବେଳ ଜନଗହଳି ବଢୁଥିବା ବେଳେ କୁଶଭଦ୍ରା ପୁରୁଣା ନଦୀ ପୋଲ ଯାତାୟତ ପାଇଁ ଏକମାତ୍ର ବାଟ ରହିଛି । ଏହି ପୋଲ ଦେଇ ପୁରୀ, କୋଣାର୍କ, ଗୋପ, ଛଇତନା, ବାଲିଗୁଆଳିକୁ ଲୋକମାନେ ଯାତାୟତ କରନ୍ତି। ଅସ୍ତରଙ୍ଗ, କାକଟପୁର, ନୟାହାଟ, ଚାରିଛକ, ତୁଳସୀପୁର ଆଦି ଅଞ୍ଚଳକୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ହଜାରହଜାର ସଂଖ୍ୟକ ଯାନବାହନ ଚଳାଚଳ କରୁଅଛି। ରବିବାର ମଧ୍ୟାହ୍ନ ସମୟରେ କୁଶଭଦ୍ରା ପୋଲ ପରୀକ୍ଷା ପାଇଁ ଡିପାର୍ଟମେଣ୍ଟ ପକ୍ଷରୁ ଏକ ଟେଷ୍ଟିଂ ମେସିନ୍ ପୋଲ ଉପରେ ରହିବା ଦ୍ୱାରା ରାସ୍ତାର ଦୁଇପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ତଳଅଣ୍ଡିଆ ଠାରୁ କୁଶଭଦ୍ରା ପୋଲ ପର୍ଯ୍ୟନ୍ତ ଗାଡ଼ି ଲାଇନ୍ ଲାଗିଥିବା ବେଳେ ଶୀତଳଭଣ୍ଡାର ଠାରୁ କୁଶଭଦ୍ରା ପୋଲ, ଧୀରପୁର ଠାରୁ କୁଶଭଦ୍ରା ପର୍ଯ୍ୟନ୍ତ ଗାଡ଼ି ଲାଗି ରହିଥିଲା। ମଧ୍ୟାହ୍ନ ସମୟ ହୋଇଥିବାରୁ ଖରା ଦାଉରେ ବାଇକଚାଳକ ଠାରୁ ଆରମ୍ଭ କରି ବିଭିନ୍ନ ଗାଡ଼ି ଅଟକି ରହିବାରୁ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଥିଲେ। ଏପରି ଘଟଣା ସୋସିଆଲ ମିଡ଼ିଆରେ ଘୂରି ବୁଲୁଥିବା ବେଳେ ନିମାପଡ଼ା ପ୍ରତି ସରକାର ଦୃଷ୍ଟି ଦେବାପାଇଁ ଦାବି ହୋଇଛି।

# ପ୍ରୋତ୍ସାହନ ଅପେକ୍ଷାରେ ଆଳି ସିନେମା ହଲ



ଆଳି, (ଭାସ୍କର ନ୍ୟୁଜ୍): ପ୍ରତିଦିନ ଯେଉଁଠି ବହୁ ଦର୍ଶକଙ୍କ କୋଳାହଳ ଓ ଭିଡ଼ ଜମୁଥିଲା ସେହି ସ୍ଥାନ ଆଜି ଖାଁ ଖାଁ ଲାଗୁଛି। ରିଲିଜ ପାଇଁ ପର୍ଯ୍ୟାପ୍ତ ପରିମାଣର ସିନେମା ହଲ ନାହିଁ। ମକରସଂକ୍ରାନ୍ତି, ରାକ୍ଷୀ ପୂର୍ଣ୍ଣିମା, ଗଣେଶ ପୂଜା ଓ ଦୁର୍ଗା ପୂଜା ପରି ପୂଜା ପାର୍ବଣରେ ସାଧାରଣତଃ ବଡ ବ୍ୟାନରର ଚଳଚିତ୍ର ରିଲିଜ ହୋଇଥାଏ। ହଲରେ ଦର୍ଶକଙ୍କ ଖଚାଖଚ ଭିଡ଼ ଲାଗେ। ହଲ ମାଲିକ ଓ ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥା ଭଲ ରୋଜଗାର କରିଥାନ୍ତି। ହେଲେ ଏପଟେ ବିଜୁଳିବିଲ ବଢିବା ସହିତ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ଦୀର୍ଘଦିନ ଧରି ତାଲା ପଡ଼ି ରହିଥିବା ସିନେମା ହଲ ବୁଡିବାକୁ ବସିଲାଣି। ଏଭଳି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରେ। ସର୍ବପୁରାତନ ସତ୍ୟବ୍ରତ ସିନେମା ହଲ ଯାହା ଦୀର୍ଘଦୀନ ହେବ ବନ୍ଦ ହୋଇ ପଡିଛି। ଆଳିର ଦର୍ଶକଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ୧୯୮୦ ମସିହାରେ ନମୌଜା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଉଦ୍ୟମରେ ସିନେମା ହଲ ଚାଲୁ ହୋଇଥିଲା। ଆରମ୍ଭରୁ ସିନେମା ହଲ ଭଲ ବ୍ୟବସାୟ କରିଥିଲା। ୧୯୯୨ ମସିହା ପର୍ଯ୍ୟନ୍ତ ଫିଲ୍ମହଲ ଠିକଠାକ ଭାବେ ଚାଲିଥିଲା। ହେଲେ ୧୯୯୨ ମସିହା ପରେ ସିନେମା ହଲ କ୍ଷତିରେ ଚାଲିଲା। ଯାହାଫଳରେ ଉକ୍ତ ବ୍ୟବସାୟୀ ଜଣଙ୍କ ବାଧ୍ୟ ହୋଇ ସିନେମା ହଲ ବନ୍ଦ କରି ରାଜ୍ୟ ବାହାରକୁ ରୋଜଗାର ପାଇଁ କାର୍ଯ୍ୟ ଅନ୍ୱେଷଣରେ ପଳାଇଥିଲେ। ଓଡିଶାରେ ମାଡ଼ ହୋଇଥିବା ୧୯୯୯ ମସିହା ମହବାତ୍ୟା ବହୁ ସିନେମା ହଲର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଏମିତି ଶକ୍ତ ଧକ୍କା ଦେଲା ଯେ ସେହିବର୍ଷ ଅପାତତଃ ୫୦ରୁ ଊର୍ଦ୍ଧ୍ୱ ସିନେମା ହଲ ଆଉ ଛିଡା ହୋଇପାରିଲେ ନାହିଁ। ସେବେଠୁ ଆର୍ଥିକ ବୋଝ ଏତେ ବଢିଗଲା ଯେ ସିନେମା ହଲ ଚଳେଇବା ଆଉ ସମ୍ଭବ ହେଲାନାହିଁ। ଦୀର୍ଘ ୨୦ବର୍ଷ ପରେ ଅର୍ଥାତ ୨୦୧୨ମସିହାରେ ଆଳିରେ ବହୁ ବାଧାବିଘ୍ନ ପରେ ପୁନଃ ସିନେମା ହଲ ଅନ୍ୟ ଏକ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଚାଲୁ ହୋଇଥିଲା। କିନ୍ତୁ ବିଜୁଳି ଦର ବଢିବା ସାଙ୍ଗକୁ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବା ତତ୍‌ସହିତ ସେତେବେଳର ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ନ ମିଳିବାରୁ ଶେଷରେ ୩ ବର୍ଷ ପରେ ବାଧ୍ୟ ହୋଇ ସିନେମା ହଲ ବନ୍ଦ କରିଥିଲେ। ଯାହା ଫଳରେ ଦୀର୍ଘ ଦିନ ହେବ ସିନେମା ହଲଟି ବନ୍ଦ ହୋଇ ରହିବା ଯୋଗୁଁ ପ୍ରେକ୍ଷାଳୟରେ ବ୍ୟବହାର ହେଉଥିବା ଲକ୍ଷାଧିକ ଟଙ୍କାର ଉପକରଣ ନଷ୍ଟ ହେବାକୁ ବସିଲାଣି। ଯେବେଠୁ ଅଣପେସାଦାର ବ୍ୟକ୍ତି ସିନେମା ପ୍ରଯୋଜନା କରିବାକୁ ଆସିଥିଲେ ଏବଂ ପେସାଦାର ପ୍ରଯୋଜକ ମୁହଁ ଫେରାଇ ନେଲେ ସେବେଠୁ ହିଁ ସିନେମା ଶିଳ୍ପ ବୁଡିବାକୁ ଲାଗିଲା। ମାତ୍ର ପୂର୍ବରୁ ହେଉଥିବା ସିନେମା ଗୁଡିକ ଦର୍ଶକଙ୍କ ମନକୁ ସ୍ପର୍ଶ କରୁଥିବା ବେଳେ ଏବେକାର ସିନେମା କିଛି ଆଖି ଦୃଶିଆ ହୋଇପାରୁ ନାହିଁ। ସିନେମା ହଲ ଚଳେଇବା ପାଇଁ ଗୋଟେ ସିନେମା ବାବଦକୁ ୧୦ ହଜାର ଟଙ୍କା ଆବଶ୍ୟକ ହେଉଛି। ବର୍ତ୍ତମାନର ବିଦ୍ୟୁତ ଶୁଳ୍କ ଅହେତୁକ ବୃଦ୍ଧି, ହଲ ପରିଚାଳନା, କର୍ମଚାରଙ୍କ ଦରମା ଓ ଅନ୍ୟାନ ଖର୍ଚ୍ଚ ବାବଦକୁ ଅର୍ଥ ବ୍ୟୟ ହୁଏ। ଏପଟେ ସିନେମାର ମାନ କମିବା ଯୋଗୁଁ ଦର୍ଶକ ମୁହଁ ଫେରାଉଛନ୍ତି। ଏପଟେ ଯେଉଁ ସିନେମା ପ୍ରଦର୍ଶିତ ହେଉଛି ତାହା ଦିନେ ଦୁଇଦିନ ପରେ ଆଉ ଦର୍ଶକ ନଆସିବା ଯୋଗୁଁ କ୍ଷତି ସହୁଛନ୍ତି ହଲର ମାଲିକ। ଏପଟେ ଆଳିରେ ସିନେମା ହଲ ବନ୍ଦ ହୋଇଯିବା ଯୋଗୁଁ ଦର୍ଶକ ହତାଶ ହୋଇ ପଡ଼ିଥିବା ବେଳେ ସେପଟେ ଯଦି ସରକାର ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ସ୍ତରରୁ କିଛି ପ୍ରୋତ୍ସାହନ ଦିଆଯାଏ ତା'ହେଲେ ଆଳି ଅଞ୍ଚଳରେ ଦୀର୍ଘଦିନ ବନ୍ଦ ହୋଇ ପଡ଼ିଥିବା ସିନେମା ହଲ ଆଉଥରେ ଚାଲୁ ହୋଇପାରନ୍ତା। ଏହା ଦ୍ୱାରା ଦର୍ଶକମାନେ ପୁଣିଥରେ ପୂଜାପାର୍ବଣ ତଥା ଛୁଟି ଦିନମାନଙ୍କରେ ସିନେମାର ଭରପୁର ମଜା ଉଠାଇ ପାରନ୍ତେ ବୋଲି ଆଳି ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି।

## ଟାଟା ଏସ୍‌ସି ଓ ବାଇକ ଧକ୍କାରେ ଜଣେ ମୃତ ଜଣେ ଆହତ

ଭଦ୍ରେଶ୍ୱର, (ଭାସ୍କର ନ୍ୟୁଜ୍): ରବିବାର ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଅନୁପଡା ନିକଟରେ ଏକ ଟାଟା ଏସସି ଓ ବାଇକ୍ ମଧ୍ୟରେ ଧକ୍କା ହେବା କାରଣରୁ ମାହାଙ୍ଗା ଅଂଚଳର ଜଣେ ଯୁବକ ମୃତ୍ୟୁବରଣ କରିଥିଲା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାଟି ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ମାହାଙ୍ଗା ବ୍ଲକ ଚାହାପଡା ଗ୍ରାମପଂଚାୟତ ବରଦିଆ ଗ୍ରାମର ସୁଶାନ୍ତ କୁମାର ଓଝା(୨୭) ଓ ବିକାଶ ବରାଳ(୨୪) କେନ୍ଦ୍ରାପଡା ଅଂଚଳରୁ ଏକ ଭୋଜି ଉତ୍ସବରେ ଯୋଗଦାନ କରି ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ଅନୁଆପଡା ନିକଟରେ ଏକ ଟାଟା ଏସସି ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସୁଶାନ୍ତ ଓ ବିକାଶ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ୍ୟୁ ଘୋଷଣା କରିଥିଲା ବେଳେ ବିକାଶ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାଟି ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

## ହଟ କିଶୋର ସ୍ୱାଇଁଙ୍କ ୮ମ ବାର୍ଷିକୀ ଶ୍ରାଦ୍ଧଉତ୍ସବ




ଗୋପ, (ଭାସ୍କର ନ୍ୟୁଜ୍): ହଟ ସାର ଥିଲେ ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଲେଖକ ଏବଂ ରାଜନେତା। ଗୋପ ବ୍ଲକର ପୁରାତନ ହାଇସ୍କୁଲ ଏରବଙ୍ଗ ହାଇସ୍କୁଲରେ ସେ ଦୀର୍ଘ ବର୍ଷ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇ ଅନେକ ଛାତ୍ରଛାତ୍ରୀଙ୍କୁ ମଣିଷ କରି ଗଢି ତୋଳିଥିବା ବେଳେ ଅବସର ପରେ ସେ ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ ବୋଲି ଆଜି ହଟ କିଶୋର ସ୍ୱାଇଁ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହଟ ସାରଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ସୁବ୍ରତ ଛାଟୋଇ କହିଥିଲେ। ଏରବଙ୍ଗ ହାଇସ୍କୁଲର ପୁରାତନ ଛାତ୍ର ପରିଷଦ ସଭାପତି ଗଣେଷ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓରେଇ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷୟତ୍ରୀ ସଂଜୁଳା ପଣ୍ଡା, ଏରବଙ୍ଗ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦଳାଇ, ପ୍ରାକ୍ତନ ବିଇଓ କବିବର ପ୍ରଧାନ, ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡିଆ, ଭକ୍ତ ବଳରାମ ଦାସ ସ୍ମୃତି ସଂସଦ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ସଯୋଜିକା ପ୍ରଗତି ମିଶ୍ର, ସରପଞ୍ଚ ମହେଶ୍ୱର ସ୍ୱାଇଁ, ଏରବଙ୍ଗ ସରପଞ୍ଚ ରଶ୍ମିରେଖା ଦାସ, ପୂର୍ଣ୍ଣ ଚନ୍ଦ୍ର ଦାସ, ବାଲୁଙ୍କେଶ୍ୱର ସାହୁ, ଦିଲ୍ଲିପ ପାତ୍ର ପ୍ରମୁଖ ଯୋଗଦେଇ ହଟ ସାରଙ୍କ ସ୍ମୃତି ଚାରଣ କରିଥିଲେ। ହଟକିଶୋର ସ୍ୱାଇଁ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟ ଅତିଥି ସୁବ୍ରତ ଛାଟୋଇଙ୍କୁ ଓପଢୌକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ସଙ୍ଗିତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ତାଙ୍କ ପୁଅ ସୁଦୀପ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୈଷ୍ଣଦେବୀ ପୀଠରେ ବୃଦ୍ଧଙ୍କ ହୃଦଘାତ ଜନିତ ମୃତ୍ୟୁ

ଭାପୁର, (ଭାସ୍କର ନ୍ୟୁଜ୍): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳର ଏକ ଦମ୍ପତି ଜାମ୍ମୁ କାଶ୍ମୀର ଏବଂ ବୈଷ୍ଣଦେବୀଙ୍କ ପୀଠ ଭ୍ରମଣରେ ଯାଇଥିବାବେଳେ ସେଠାରେ ସ୍ୱାମୀଙ୍କର ହୃଦଘାତରେ ଶନିବାର ଦିନ ମୃତ୍ୟୁ ହୋଇଥିବା ଭଳି ଅଭାବନୀୟ ଖବର ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ, କଣ୍ଟିଲୋ ନିକଟ ବାଣପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ଭାଗିରଥି ସାହୁ(୬୫)। ଗତ ଶନିବାର ଦିନ ବୈଷ୍ଣଦେବୀଙ୍କ ଦର୍ଶନ ସମୟରେ ଭାଗିରଥି ଅସୁସ୍ଥ ତଥା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟ ଡାକ୍ତରଖାନାରେ ପରିବାର ପକ୍ଷରୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ହୃଦଘାତ ଜନିତ ମୃତ ଘୋଷଣା କରିଥିଲେ ଫଳରେ, ଭାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭିଡ଼ରେ ଫସିଲା ୨ଟି ଦମକଳ ଗାଡ଼ି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ରବିବାର ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରରେ ଜନଗହଳି ଓ ଟ୍ରାଫିକ ଜାମ ଭିତରେ ୨ଟି ଦମକଳ ଗାଡି ଫସିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର କେତେକ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏହି ରାସ୍ତାର ଦୁଇ ପାର୍ଶ୍ୱକୁ ଜୋର ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଫଳରେ ଦୈନନ୍ଦିନ ଏହି ରାସ୍ତାରେ ଟ୍ରାଫିକ ଜନିତ ସମସ୍ୟା ସୃଷ୍ଟି ହେଉଥିବାର ଅଭିଯୋଗ ହୋଇଛି। ରାସ୍ତା ଜବରଦଖଲ ହେତୁ ରାସ୍ତାଟି ସଂକୀର୍ଣ୍ଣ ହୋଇଯାଇଛି। ଦୈନନ୍ଦିନ ଏହି ରାସ୍ତାରେ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ବାଲି ଚାଲାଣ ଭାରିଯାନ ଦ୍ୱାରା କରାଯାଉଛି। ଯାହାଦ୍ୱାରା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେବେ ରବିବାର ସନ୍ଧ୍ୟାରେ ବନ୍ଧକାର୍ଟିଆ ଅଞ୍ଚଳରେ ଘଟିଥିବା ଏକ ଅଗ୍ନିକାଣ୍ଡ ସ୍ଥଳକୁ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର ୨ଟି ଗାଡି ଯାଉଥିଲା ବେଳେ ଟ୍ରାଫିକରେ ଦୀର୍ଘ ସମୟ ଅଟକିବାକୁ ବାଧ୍ୟ ହୋଇଥିଲା। ଏହି ଦମକଳ ଗାଡି ୨ଟି ଭିଡରେ ପ୍ରାୟ ୨୦ମିନିଟରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲେ ମଧ୍ୟ ଦମକଳ ଗାଡିକୁ ଛାଡିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳରେ ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ଜବରଦଖଲକାରୀଙ୍କ ବିରୁଦ୍ଧରେ ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲା ସଦର ମହକୁମା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଡ଼. ମାୟାଧର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି, ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରମୁଖ ଯୋଗଦେଇ ବିଶ୍ୱ ରେଡକ୍ରସ୍ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ପରି ମେ ୮ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ରେଡ କ୍ରସ୍ ଦିବସ ପାଳିତ ହେଉଛି। ଏହି ଦିବସ ଅବସରରେ ସକାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ରେଡ୍ କ୍ରସ୍ ପଦଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏଥିରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ,ଏହି ପଦ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ରକ୍ତ ଭଣ୍ଡାର ଠାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସେହିପରି ଜିଲ୍ଲାରେ ରେଡକ୍ରସ୍ ବିଭାଗକୁ ସର୍ବାଧିକ ଆୟ ଯୋଗାଇଥିବା ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ଓ ୩୨୫ ଜଣ ଲାଇଫ ମେମ୍ବର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକରେ ଚିନାବାଦାମ ମଣ୍ଡି ଖୋଲିବାକୁ ଦାବି



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍) : ଚିନାବାଦାମ ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଚାଷୀ ଅସନ୍ତୋଷ। ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ରାମଲେଙ୍କା ବଜ୍ରକୋଟ ମାଲୁଦ ବୁଦ୍ଧିବର ସିଆଳ ସିଆଣ୍ଡି ତିତିପ ଓ ବଡଝଡ଼ ପଞ୍ଚାୟତର ୯୫ଭାଗ ଲୋକେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତ। କିନ୍ତୁ ଗତ ବର୍ଷ ଅଭାବି ବର୍ଷାଯୋଗୁଁ ମରୁଡି ଦେଖାଯାଇଥିଲା। କୃଷ୍ଣପ୍ରଶାଦ ବ୍ଲକର ଏହି ସବୁ ପଞ୍ଚାୟତର ଚାଷୀ ମାନେ ଧାନ ଫସଲ ହେଉ କି ରବି ଋତୁରେ ଚିନାବାଦାମ, ମୁଗ, ବିରି, କୋଳଥ ଓ ମାଣ୍ଡିଆ ଚାଷ ପାଇଁ ନିର୍ଭର କରନ୍ତି ଆକାଶ ଜଳକୁ। କାରଣ ଏଠି ନାହିଁ ନଦୀ କି କେନାଲ ଜଳ ବ୍ୟବସ୍ଥା। ଗତ ବର୍ଷ ଠିକ ଧାନ ଗଛ ଠୁଳ ହେବା ପୂର୍ବରୁ ଜମିରୁ ପାଣି ଶୁଖି ଯିବାରୁ ଚାଷୀ ଧାର କରଜ କରି ଚାଷ କରିଥିବା ଋଣ ଶୁଝିବା କଷ୍ଟକର ହେଉଥିଲା। ପୁଣି ଆଶାଥିଲା ଚିନାବାଦମ ଚାଷ କରି ଋଣ ସୁଝିବ ତାହା ପୁଣି ଅଦିନିଆ ବର୍ଷା ଯୋଗୁଁ ଚାଷ ବାଧାପ୍ରାପ୍ତ ହୋଇଥିଲା। ଚାଷୀ କେତେବେଳେ ଦୈବୀ ଦୁର୍ବିପାକର ଶିକାର ହେଉଛି ତ କେତେବେଳେ ରୋଗ ପୋକର ଶିକାର ହେଉଛି। ବର୍ତ୍ତମାନ ଚିନାବାଦାମ ଅମଳ କରି ଖଳାରେ ଖରା ବର୍ଷାରେ ପକାଇ ରଖିଛି। ଆଶା ସରକାର ମଣ୍ଡି ଖୋଲିବେ। କିନ୍ତୁ ସରକାର ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଦଲାଲ ମାନେ ଚାଷୀଙ୍କ ଠାରୁ ଶାଗ ମାଛ ଦରରେ ଚିନାବାଦାମ କିଣୁଛନ୍ତି। ତୁରନ୍ତ କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ଠାରେ ଚିନାବାଦାମ ମଣ୍ଡି ଖୋଲିବାକୁ କୃଷକ ନେତା ଦିପକ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

# ଗ୍ରୀଷ୍ମ ଅବକାଶରେ ଅଧ୍ୟୟନ ପ୍ରତି ଦୃଷ୍ଟି ଦେବାକୁ ନିବେଦନ



ବେଗୁନିଆ, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଦେଶ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଏବଂ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରାଙ୍କ ମୁତାବକ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଗ୍ରୀଷ୍ମ ଅବକାଶରେ ସମୟ ନଷ୍ଟ ନ କରି ଅଧ୍ୟୟନ କରିବା ନିମିତ୍ତ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଗୃହକର୍ମ ବିଦ୍ୟାଳୟକୁ ଆସି ବିଦ୍ୟାର୍ଥୀଙ୍କ ନିକଟକୁ ପ୍ରେରିତ ହୋଇଛି। ସନ୍ଦେହ ଉପୁଜିଲେ ପିଲାମାନେ ମୋବାଇଲ ମାଧ୍ୟମରେ ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିବା ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ପିତାମାତାଙ୍କ ସହ ଯୋଗାଯୋଗ କରିବାକୁ ପତ୍ରରେ ନିର୍ଦ୍ଦେଶ ରହିଛି। ବିଦ୍ୟାର୍ଥୀମାନେ ସହଜରେ ଉକ୍ତ ଗୃହକର୍ମ କରିବା ଏବଂ ସେ ସମ୍ପର୍କରେ ବିଷୟ ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ଅବଗତ ହେବା ନିମିତ୍ତ ବେଗୁନିଆସ୍ଥିତ ଷଷ୍ଠରୁ ଦଶମ ଶ୍ରେଣୀ ଥିବା ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ କରି ଡବ୍ଲୁଏ ନ ଥିବା ପିଲାଙ୍କୁ ସହପାଠୀର ମୋବାଇଲରେ ସାମିଲ କରି ଶତ ପ୍ରତିଶତ ପିଲାଙ୍କୁ ଶ୍ରେଣୀ ଡବ୍ଲୁଏ ଗ୍ରୁପରେ ସଂଯୋଗ କରିବା, ଶ୍ରେଣୀ ଡବ୍ଲୁଏ ଗ୍ରୁପରେ ଆଗରୁ ପ୍ରେରିତ ଗୃହକର୍ମ ସମ୍ବନ୍ଧୀୟ ପାଠ୍ୟ ଓ ଗୃହକର୍ମ ନିଜେ ପ୍ରସ୍ତୁତ କରି ବିଦ୍ୟାଳୟରେ ପ୍ରସ୍ତୁତ ସ୍ୱତନ୍ତ୍ର କାର୍ଯ୍ୟନିର୍ଘଣ୍ଟ ଅନୁସାରେ ପିଲାଙ୍କ ନିକଟକୁ ପଠାଇବା, ପିଲାମାନେ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଖକୁ ଛାଡୁଥିବା ଉତ୍ତର ଫର୍ଦ୍ଦକୁ ମୂଲ୍ୟାଙ୍କନ କରି ବିଦ୍ୟାର୍ଥୀ ରଖୁଥିବା ନମ୍ବରକୁ ବ୍ୟକ୍ତିଗତ ରେଜିଷ୍ଟରରେ ଲିପିବଦ୍ଧ କରିବା ଓ ଶ୍ରେଣୀ ଡବ୍ଲୁଏ ଗ୍ରୁପରେ ନମ୍ବର ତାଲିକା ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅବଗତି ନିମନ୍ତେ ପଠାଇବା, ପିଲାଙ୍କ ଖାତାରେ ଉକ୍ତ ନମ୍ବର ଲେଖି ପିତାମାତାଙ୍କ ସ୍ୱାକ୍ଷର କରାଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଏ କ୍ଷେତ୍ରରେ ଅଧିକାଂଶ ବିଦ୍ୟାର୍ଥୀ ଅବହେଳା କରୁଥିବାରୁ ସେହି ପିଲାଙ୍କ ଗୃହକୁ ଶ୍ରୀ ସ୍ୱାଇଁ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରିଷ୍ମା ରଶ୍ମି ପାଇକରାୟ ଶନିବାର ଦିନ ପୂର୍ବାହ୍ନରେ ଯାଇ ବିଦ୍ୟାର୍ଥୀ ମାନଙ୍କୁ ଉପଦେଶ ପ୍ରଦାନ କରିବା ସହ ସେମାନଙ୍କ ପିତାମାତାଙ୍କୁ ଏଥିପ୍ରତି ଯତ୍ନଶୀଳ ହେବାକୁ ନିବେଦନ କରିଛନ୍ତି।

# ନିର୍ମାଣଧୀନ ମିନି ଷ୍ଟାଡିୟମ ପରିଦର୍ଶନ କଲେ ଜିଲ୍ଲାପାଳ



କୋରାପୁଟ, (ଭାସ୍କର ନ୍ୟୁଜ୍ ) : କୋରାପୁଟ ସହରର ପୁଜାରିପୁଟ ଷ୍ଟାଡିୟମ ନିକଟରେ ଏକ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲିଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସେଠାକୁ ଯାଇ ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଉପସ୍ଥିତ ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରନ ସେଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବ ମିନି ଷ୍ଟାଡିୟମର ପାଚେରୀ ଏବଂ ସିନ୍ଥେଟିକ ଗ୍ରାସ ଫୁଟବଲ ପଡ଼ିଆକୁ ଜିଲ୍ଲାପାଳ ପରିଦର୍ଶନ କରି କ୍ରୀଡ଼ାର ବିକାଶ ପାଇଁ ଆଲୋଚନା କରିଥିଲେ ବୋଲି ଅଧ୍ୟକ୍ଷ ସେଠୀ କହିଛନ୍ତି । ଏହି ଷ୍ଟାଡ଼ିୟମରେ ଫୁଟ୍‌ବଲ୍ ପଡ଼ିଆ ସହ କ୍ରିକେଟ ଓ ଅନ୍ୟାନ୍ୟ ଖେଳ ପାଇଁ ପଡ଼ିଆ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି । ଖୁବଶୀଘ୍ର କାର୍ଯ୍ୟ ଶେଷ ହୋଇ ଲୋକାର୍ପଣ କରାଯିବ ବୋଲି ସେ କହିଛନ୍ତି ।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ସ୍ମୃତିସଭା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ପୂର୍ବତନ ସରପଞ୍ଚ ତଥା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଓ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦର ଉପଦେଷ୍ଟା ଭଗବାନ ବିଶ୍ୱାଳଙ୍କ ପରଲୋକରେ ଏକ ସ୍ମୃତି ସଭା ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ମୃତି ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ବିଶ୍ୱାଳଙ୍କର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ପରିଷଦର ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ, ବିଜନ ମହାପାତ୍ର, ସରୋଜ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସରୋଜ କୁମାର ଦ୍ୱିବେଦୀ, ଅଶୋକ ଜେନା, ତୁଷାର ସାସମଲ, ଅରୁଣ ରାଉତରାୟ,ସମୀର ପଟ୍ଟନାୟକ, ଭାସ୍କର ଜେନା, ସଚିକାନ୍ତ ଜେନା, ବିନୋଦ ତରାଇ,ତପନ ରାଉତରାୟ, ବିଜୟ ବସ୍ତିଆ, ଦିପ୍ତୀରଂଜଣ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ବିୟୋଗରେ ପରିଷଦର ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ। ଶେଷରେ ଶ୍ରୀକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମିନିଷ୍ଟାଡିୟମ ଭିତ୍ତିଭୂମିର ବିକାଶ ଉପରେ ଦୃଷ୍ଟି

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗତକାଲି ଗୁଣୁପୁର ମିନିଷ୍ଟାଡିୟମ ଖେଳୁଥିବା କ୍ରୀଡ଼ା ପ୍ରେମୀଙ୍କୁ ଭେଟିଛନ୍ତି ରାୟଗଡା ଜିଲ୍ଲା ବିଜେପି ସଭାପତୀ ଗୋପୀ ଆନନ୍ଦ। କ୍ରୀଡ଼ାପ୍ରେମୀମାନଙ୍କ ସହ ଷ୍ଟାଡିୟମ୍‌ର ବିକାଶ ପାଇଁ ଆଲୋଚନା କରିଥିଲେ। ଷ୍ଟାଡିୟମରେ ଖେଳାଳି ମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା, ପଡିଆ ସଠିକ୍ ଭାବେ ସମତୁଲ କରିବା, ହାଇମ୍ୟାକ୍ସ ଲାଇଟ୍ ଲଗାଇବା, ଭିତ୍ତିଭୂମିର ବିକାଶ କରିବା କ୍ରୀଡ଼ା ବିଭାଗ ଦ୍ୱାରା ଖେଳାଳୀ ମାନଙ୍କୁ ପ୍ରାଧାନ୍ୟ ଦେବା ଉପରେ ଗୁରତ୍ୱାରୋପ କରିଥିଲେ। ଏଗୁଡିକ ନହେବା ଦ୍ୱାରା ପଡିଆରୁ ମୁହଁ ଫେରାଉଛନ୍ତି କ୍ରୀଡ଼ାପ୍ରେମୀ। ସଂନ୍ଧ୍ୟା ହେଲେ ଅସାମାଜିକ ଯୁବକ ମାନଙ୍କ ଆଡ୍ଡାସ୍ଥଳି ପାଲଟିଛି ଏହି ଷ୍ଟାଡିୟମ। ରକ୍ଷଣାବେକ୍ଷଣ ମଧ୍ୟ ସଠିକ୍ ଭାବେ ହୋଇପାରୁନି। ଏହାକୁ ଦୃଷ୍ଟି ଦେବା ପାଇଁ ଆଲୋଚନା ବେଳେ କ୍ରୀଡ଼ାପ୍ରେମୀ କହିଥିଲେ। ଅଭିଯୋଗ ନେଇ ପ୍ରଶାସନ ସହ ଆଲୋଚନା କରି ପଡିଆର ଉନ୍ନତି କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ ଜିଲ୍ଲା ବିଜେପି ସଭାପତି ଶ୍ରୀ ଆନନ୍ଦ। ଏହାପରେ କ୍ରିକେଟ ଖେଳାଳି ମାନଙ୍କ ସହିତ ଖେଳିଥିଲେ। ୧୯୯୦ ମସିହାରେ ଅଞ୍ଚଳର ସୁନାମଧନ୍ୟ ଖେଳାଳି ପ୍ରଦୀପ ମିଶ୍ର (ପଦିଆ)ଙ୍କ ଭଳି ଏହି ଅଞ୍ଚଳର ଖେଳାଳି ବାହାରି ରାଜ୍ୟ ବାହାରେ ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ପୁରୁଣା ଖେଳାଳି ମାନଙ୍କୁ ନେଇ ଆଗକୁ ବନ୍ଧୁମିଳନ କରିବା ସହ ନୂଆ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପ୍ରସ୍ତୁତି କରାଯିବ ବୋଲି କହିଥିଲେ।

# କାମ ବନ୍ଦ କରିଦେଲା ରେଳ ବିଭାଗ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ ଘସଡା ରାସ୍ତା କାମ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଛି। ସ୍ଥାନୀୟ ପଦ୍ମପୁର ଗ୍ରାମର ଠିକାଦାର କିଛିଦିନ ତଳେ ଜେସିବି ମେସିନ ଯୋଗେ ଗାଡଓ୍ୱାଲ ଗାତ ଖୋଳିଥିଲା। କାମ ପାଇଁ ବାଲି, ଚିପ୍ସ ଆଦି ସାମଗ୍ରୀ ପଡିଛି। ମାତ୍ର ରେଳ ବିଭାଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାମ ବନ୍ଦ କରି ଦେଇଥିବା ଜଣାପଡିଛି। ଖୋଳା ଯାଇଥିବା ଗାତକୁ ପୋତା ଯାଇଛି। ରେଳ ବିଭଗ ଅଧିନରେ ଏହି ରାସ୍ତାଥିବାରୁ ଉନ୍ନୟନ କାର୍ଯ୍ୟରେ ବିଭାଗ ବିରୋଧ କରୁଛି। ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ଏହି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଥିଲା। ବହୁଥର ଅଭିଯୋଗ ପରେ ଚଳିତ ମାସ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମାତ୍ର ରେଳ ବିଭାଗ ବିକାଶ କାର୍ଯ୍ୟରେ ବାଧାସୃଷ୍ଟି କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବିବାଦ ସମାଧାନ କରାଯିବାକୁ ଦାବି ହୋଇଛି।

# ରାଜ୍ୟପାଳଠୁ ପୁରସ୍କୃତ ହେଲେ ଗଜପତି ଜିଲ୍ଲା ସ୍କାଉଟସ ଓ ଗାଇଡସ୍




ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ରାଜଭବନ ଅଭିଷେକ ହଲରେ ୨୦୨୪ ଶିକ୍ଷା ବର୍ଷର ରାଜ୍ୟପାଳ ପୁରସ୍କାର ବିତରଣ ଉତ୍ସବ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ଗାଇଡସ୍ ତଥା ରାଜ୍ୟପାଳଙ୍କ ପତ୍ନୀ ଜୟଶ୍ରୀ କମ୍ଭମପତି, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବିଂଶୀ ସୁରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡ.କାଳୀ ପ୍ରାସାଦ ମିଶ୍ର, ପଦ୍ମଶ୍ରୀ ଦେବୀ ପ୍ରାସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କାଉଟସ୍ ଓ ଗାଇଡସ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତୃତୀୟ ଥର ଲାଗି ଗଜପତି ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍‌କୁ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କାର ଲାଭ କରିଥିଲେ। ଗଜପତି ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନର ମାୟାଧର ସାହୁ ଓ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର କୁମର ପାତ୍ର ଏହି ମର୍ଯ୍ୟାଦା ଜନକ ରାଜ୍ୟପାଳ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ସହ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ମଧ୍ୟ ରାଜ୍ୟପାଳଙ୍କ ଠାରୁ ପ୍ରସିପ୍ତ ପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଗଜପତି ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍‌ର ପ୍ରଗତି ଓ ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ରାଜ୍ୟପାଳଙ୍କ ଠାରୁ ପ୍ରସିପ୍ତ ପତ୍ର ଓ ପୁରସ୍କାର ଗ୍ରହଣ କରିଥଲେ। ଏହି ପରିପେକ୍ଷୀରେ ଏହାର ଶ୍ରେୟ ଗଜପତି ଜିଲ୍ଲାର ସମସ୍ତ ସ୍କାଉଟସ୍ ଶିକ୍ଷକ ଓ ଗାଇଡସ୍ ଶିକ୍ଷୟତ୍ରୀ ଓ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜଣାଇଥିଲେ।

# ରକ୍ତଦାନ ମହାସଂଘ ତରଫରୁ ରକ୍ତଦାନ ଶିବିର



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଚାରିଟେବୁଲ ଟ୍ରଷ୍ଟର ଓଡ଼ିଶା ରକ୍ତଦାନ ମହାସଂଘ ତରଫରୁ ଲକ୍ଷ୍ମୀପୁର ଦୁର୍ଗା ପୂଜା ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରିବନ କାଟି ଶିବିରର ଶୁଭାରମ୍ଭ କରିବା ସହ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। କୋରାପୁଟ ବ୍ଲଡ ବେଙ୍କ ଅଧିକାରୀ ଡ଼ର.ବଳିୟାର ସିଙ୍ଗଙ୍କ ଅଧକ୍ଷତାରେ ବ୍ଲଡ଼ ବ୍ୟାଙ୍କ କର୍ମଚାରି ମାନେ ଉପସ୍ଥିତ ରହି ରକ୍ତଦାନ ପାଇଁ ଆସିଥିବା ରକ୍ତ ଦାତାଙ୍କ ଠାରୁ ସୁଚାରୁ ରୁପେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ସମୁଦାୟ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ନରେନ୍ଦ୍ର ଗରଡ଼ା ଓ ଖବର ଦାତା ପରମେଶ୍ୱର ସାହୁ ପରିଚାଳନ କରିଥିଲେ।

# ସମନ୍ୱିତ ଚାଷ କରି ଚର୍ଚ୍ଚାରେ ହର ଗୌରୀ ସ୍ୱୟଂ ସହାୟୀକ ଗୋଷ୍ଠୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମହିଳା ମାନେ ଚାଷୀ ହୋଇପାରନ୍ତି, ମହିଳା ବି ଚାଷ କରି ସ୍ୱାବଲମ୍ବୀ ହୋଇ ପାରନ୍ତି, ଏହି ଉକ୍ତିକୁ ପ୍ରତିପାଦିତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଗିରିକାନପଲ୍ଲୀ ପଞ୍ଚାୟତ ସଦର ମହକୁମାରେ ଥିବା ହର ଗୌରୀ ମହିଳା ସ୍ୱୟଂ ସହାୟୀକ ଗୋଷ୍ଠୀ। ଗତ କିଛି ବର୍ଷ ଧରି ସମନ୍ୱିତ ଚାଷ ମାଧ୍ୟମରେ ୧୦ ଜଣ ମହିଳା ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଗୌରୀ ଗାଇନ ଓ ସମ୍ପାଦୀକା ମାଳତୀ ତେଜାବତ ଅବଶିଷ୍ଟ ଆଠ ଜଣ ସଦସ୍ୟାଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ପନିପରିବା ଓ ତୈଳ ଜାତୀୟ ଶସ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଚାଷ କରିବାକୁ ନିଷ୍ପତି ନେଇଥିଲେ। ଏଥିପାଇଁ ୬ ଜଣ ସଦସ୍ୟାଙ୍କ ପ୍ରାୟ ୧୫ ଏକର ଜମିରେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପନିପରିବା, ସାରୁ, ଚିନାବାଦାମ ଆଦି ଚାଷ କରିଛନ୍ତି। ପ୍ରତିଦିନ ଘର କାମ ସାରି ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ବିଲକୁ ଯାଇ ଦୈନିକ ୩ ରୁ ୪ ଘଣ୍ଟା ସମୟ ବ୍ୟୟ କରି ଏହି ଚାଷ କରିବା ସହ ସ୍ଥାନୀୟ ଅଞ୍ଚଳର ପନିପରିବା ଓ ତୈଳଜାତ ଦ୍ରବ୍ୟର ଆବଶ୍ୟକତା ପୂରଣ କରୁଛନ୍ତି। ଏଥିସହ ଅବସର ସମୟରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସିଲେଇ ମେସିନ ଚଳାଇ ସ୍ଥାନୀୟ ସ୍କୁଲ, ବିଭିନ୍ନ ଗୋଷ୍ଠୀର ମହିଳା ଓ ୟୁନିଫର୍ମ ସିଲେଇ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି। ଏଥିପାଇଁ ଓଡିଶା ଜିବିକା ମିଶନ, ମିଶନ ଶକ୍ତି ସହଯୋଗରେ ୯ ଲକ୍ଷ ଓ ସିଆଇଏଫ ଫଣ୍ଡରୁ ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ କରି ଏହାର ସଦ୍ ଉପଯୋଗ କରି ହର ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଶା ଜିବିକା ମିଶନ ଓ ମିଶନ ଶକ୍ତି ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କାଁ ଭାଁ କେତୋଟି ସ୍ଥାନରେ ହର ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ମହିଳା ସଂଗଠନ ନିଜକୁ ପ୍ରତିଷ୍ଠିତ କରାଇ ପାରୁଛନ୍ତି। ତେଣୁ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ମିଶନ ଶକ୍ତି ପକ୍ଷ୍ୟରୁ ଏଭଳି ଅନେକ କେସଷ୍ଟଡ଼ି ସୃଷ୍ଟି କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ କୁହାଯାଇଛି।

# ପ୍ରବଳ ଗୁଳୁଗୁଳିରେ କଲବଲ ଜଳେଶ୍ୱରବାସୀ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍ ) : ୮ ଦିନ ଧରି କାଳ ବୈଶାଖୀରେ ବର୍ଷା ହୋଇ ନ ଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ସିଝୁଛି ଜଳେଶ୍ୱର ଅଞ୍ଚଳ। ବିଶେଷ କରି ରାଇବଣିଆ ପଥୁରିଆ ଅଞ୍ଚଳରେ ଗରମ ଅଧିକ ଅନୁଭୁତ ହେଉଥିବା ବେଳେ ଅଧିକ ଗଛଲତା ଓ ବଣ ଜଙ୍ଗଲ ଥିବାରୁ ଅଧିବାସୀ ମାନେ କିଛି ମାତ୍ରାରେ ଆଶ୍ୱସ୍ତ ଅନୁଭବ କରୁଛନ୍ତି। ଝାଟିମାଟି କୁଡ଼ିଆ ଘରେ ଥଣ୍ଡା ଅନୁଭବ ହେଉଥିବା ବେଳେ ଏକ ତାଲା ପକ୍କା ଘର, ଏଜେବେଷ୍ଟସ, ଟିଣ, ଟାଇଲ୍ ଛପର ଘରେ ଅଧିକ ମାତ୍ରାରେ ଗୁଳୁଗୁଳି ଅନୁଭୂତ ହେଉଛି। ଅଧିକାଂଶ ଗାଡ଼ିଆ ପୋଖରୀରେ ପାଣିର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ନିରିହ ଜୀବଜନ୍ତୁ ପାଣି ପାଇଁ କଲବଲ ହେଉଛନ୍ତି। ଏହା ଛଡ଼ା କେତେକ ସ୍ଥାନରେ ବସୁଧା ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଜଳ ଜଳ ଦେଖା ଯାଉଛି। ଶନିବାର, ସର୍ବନିମ୍ନ ୩୫ ଡିଗ୍ରୀ ସେଲସିୟସ ତାପମାତ୍ର ରହିଥିବା ବେଳେ ସର୍ବୋଚ୍ଚ ୪୦ ପାଖାପାଖି ଉତ୍ତାପ ରହିଥିଲା। ୧୦ ଟାରୁ ୧୧ଟା ପର୍ଯ୍ୟନ୍ତ ୩୮, ଦ୍ୱିପ୍ରହରରେ ୪୦ ଡିଗ୍ରୀ ଉତ୍ତାପ ଛୁଇଁ, ୩ଟା ବେଳକୁ ୩୮କୁ ହ୍ରାସ ପାଇଥିଲା। ଫ୍ୟାନ ପବନରେ ଅଧିକ ଗରମ୍ ଅନୁଭୁତ ହେଉଥିବା ବେଳେ, ପାରମ୍ପାରିକ ଶୀତଳ ଅନୁଭବ ହେଉଥିବା ପଦ୍ଧତିକୁ ଲୋକେ ଝୁରି ହେଉଛନ୍ତି। ୧୧ଟା ସମୟରୁ ଜଳେଶ୍ୱର ସହର ଶୁନଶାନ୍ ହୋଇଥିବା ବେଳେ ଜରୁରୀ କାର୍ଯ୍ୟରେ ବାହାରିଥିବା ପଥାଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲସି, ସରବତ, ତରଭୁଜ, କାକୁଡି, ଜୁସ ଦୋକାନରେ ଭିଡ଼ ଲାଗିଥିବା ବେଳେ ସହରରେ ଥଣ୍ଡା ପାନୀୟ ଯୋଗାଣର ଆବଶ୍ୟକତା ରହିଛି। କେତେକ ସ୍ଥାନରେ ଜଳଛତ୍ର ଖୋଲାଯାଇ ଥିଲେ ମଧ୍ୟ ପାଣି ସରିବା ଓ ଉକ୍ତ ସ୍ଥାନରେ ସ୍ୱେଚ୍ଛାସେବୀ ନ ଥିବାରୁ ମହତ୍ ଉଦ୍ଦେଶ୍ୟ ସଫଳ ହେଉନାହିଁ। ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ସତର୍କତା ଦିଆ ଯାଇଥିବା ବେଳେ, ବାୟୁମଣ୍ଡଳର ଆଦ୍ରତା ୧୧୩ ଡିଗ୍ରୀ ଫାରେନହାଇଡ୍ ରହିଛି ବୋଲି ପାଣି ପାଗ ସୂତ୍ରରୁ ପ୍ରକାଶ। ବିଶେଷ କରି ଛୋଟ ପିଲା, ବୃଦ୍ଧ ବୃଦ୍ଧା ଓ ରୋଗୀ ମାନଙ୍କ କ୍ଷେତ୍ରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଚିନ୍ତାର କାରଣ ପାଲଟିଛି। ଆଗାମୀ ୩ ଦିନରେ ତାପମାତ୍ରା ସାମାନ୍ୟ ହ୍ରାସ ହେବାର ସୂଚନା ରହିଥିବା ବେଳେ ଗୁଳି ଗୁଳି ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ତେଣୁ ଅତ୍ୟାବଶ୍ୟକ କାର୍ଯ୍ୟ ନ ଥିଲେ ଦିନ ୧୦ଟା ପରେ ପଦାକୁ ନ ବାହାରିବା ଏବଂ ଆବଶ୍ୟକ ସୁରକ୍ଷା ଗ୍ରହଣ କରିବାକୁ ସୂଚନା ଦିଆଯାଇଛି।

# ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ ଓ ତେଲକୋଇର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟ ଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତ ଗୁଡିକରେ ସମୁଦାୟ ୭୨୩୧ଟି ମୋକଦ୍ଦମା ସମାଧାନ କରାଯାଇ ୫ କୋଟି ୫୮ ଲକ୍ଷ ୧୫ ହଜାର ୨୭ଟଙ୍କା ୭୦ ପଇସା ଆଦାୟ ହୋଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ଜିଲ୍ଲାଜଜ୍ ଏବଂ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଭଗବାନ ପ୍ରଧାନ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ,ଉପଖଣ୍ଡିୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ ନିଜ ନିଜ କୋର୍ଟ ଗୁଡିକରେ ମକଦ୍ଦମା ପରିଚାଳନା କରିଥିବାବେଳେ ପ୍ରାଧିକରଣର ସଚିବ ମାମି ବେହେରା ସମସ୍ତ କୋର୍ଟ ପରିଚାଳନା ଭାର ଓ ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳି ଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଗୁଡିକରେ ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୧୪ଟି ମାମଲାର ସମାଧାନ ହୋଇ ୧୮ ଲକ୍ଷ ୩୯ ହଜାର ୩୨୭ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୩ଟି ସମାଧାନ ହୋଇ ୨ ହଜାର ୬୭୩ ଟଙ୍କା, ମୋଟର ଯାନ ଦୁର୍ଘଟଣା ୧୦ଟି ମାମଲାର ସମାଧାନ ହୋଇ ୧କୋଟି ୧୩ଲକ୍ଷ ୫୦ ହଜାର ଟଙ୍କା, ରାଜସ୍ୱ ମୋକଦ୍ଦମା ୬୮୯୪ଟି ସମାଧାନ ହୋଇ ୬ଲକ୍ଷ ୮୭ ହଜାର ୬୬ ଟଙ୍କା, ଦେଓ୍ୱାନୀ ମୋକଦ୍ଦମା ୬୭ଟି ସମାଧାନ ହୋଇ ୫୩ଲକ୍ଷ ୮୨ହଜାର ୭୧୧ ଟଙ୍କା ୭୦ ପଇସା, ଫୌଜଦାରୀ ୧୭୪ଟି ମାମଲାର ସମାଧାନ ହୋଇ ୩କୋଟି ୪୪ଲକ୍ଷ ୬୪ହଜାର ୫୨୦ ଟଙ୍କା, ପରିବାର ଅଦାଲତରେ ୧୩ଟି ମାମଲା ଫଇସଲା ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବାର ମୋଟ ୫୫ଟି ମାମଲା ଫଇସଲା ହୋଇ ୯ଲକ୍ଷ ୩୮ ହଜାର ୭୩୦ ଟଙ୍କା, ଖାଉଟି ମାମଲା ୧ଟି ସମାଧାନ ହୋଇ ୧୧ଲକ୍ଷ ୫୦ ହଜାର ଟଙ୍କା ଆଦାୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ନାଜିର ବିଦ୍ୟାଧର ମହାନ୍ତ, ସହକାରୀ ନାଜିର ନିର୍ମଳ କୁମାର ନାଏକ, ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ଦୁର୍ଗାପ୍ରସାଦ ମହାନ୍ତି, ରମଣୀ ରଞ୍ଜନ ସେଠୀ, ପଦ୍ମଲୋଚନ ବାରିକ, କରୁଣାକର ବ୍ରହ୍ମ, ହାଡିବନ୍ଧୁ ମିଶ୍ର, ରମଣ ରଞ୍ଜନ ଦାସ, ଅର୍ଚ୍ଚନା ଦାସ, ରେଣୁଦେବୀ ସିଂ, ପ୍ରାଧିକରଣ କର୍ମଚାରୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଉପସ୍ଥିତ ରହି ଲୋକ ଅଦାଲତରେ ସହଯୋଗ କରିଥିଲେ।

ଓଡିଶା ଭାସ୍କର
ODISHA BHASKAR

ରାଜ୍ୟ ଖବର




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡା ସହରସ୍ଥିତ ବନେଇକଳା ଠାରେ ଟାଟା ଷ୍ଟିଲ ରିକ୍ରିଏସନ୍ କ୍ଲବ ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ଏକ ଗ୍ରୀଷ୍ମକାଳୀନ ଶିବିର ଶନିବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଡା ଏଫ୍ଏପି ପ୍ଲାଣ୍ଟ ମୁଖ୍ୟ ସୋମନାଥ ଲେହେରି, ସମ୍ମାନିତ ଅତିଥି ଭାବେ ଏଫ୍ଏପି ପ୍ଲାଣ୍ଟର ମେକାନିକାଲ ହେଡ୍ କାମେଶ୍ୱର୍ ମୁଣ୍ଡା, ଖଣ୍ଡବନ୍ଧ ଖଣିର ଶ୍ରମିକ ସଂଘ ସଂପାଦକ ପ୍ରାଣବଲ୍ଲଭ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ଏହି ଶିବିରରେ ଟାଟା ଷ୍ଟିଲ କର୍ମଚାରୀଙ୍କ ପିଲାମାନଙ୍କ ସହିତ ସହରର ଆଖପାଖ ଅଞ୍ଚଳର ୧୦ରୁ ୧୫ ବର୍ଷର ପ୍ରାୟ ୫୦ଜଣ ବ୍ୟାଡମିଣ୍ଟନ ପ୍ରତିଯୋଗୀ ରହିଛନ୍ତି। ୮ ବର୍ଷରୁ ୧୦ ବର୍ଷ ଏବଂ ୧୦ରୁ ୧୫ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ ଦୁଇଟି ଗ୍ରୁପରେ ପ୍ରଶିକ୍ଷଣ ଦିଆ ଯିବ । ଏହା ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ। ଏହି ଖେଳକୁ କୋଚ୍ ଭାବେ ରାଜ ଓ ଆୟୁଷ ସାହୁ ଏକ ମାସ ଧରି ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରଶିକ୍ଷଣ ପରେ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଆୟୋଜନ କରାଯିବ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିରକୁ କ୍ଲବର ସଞ୍ଜୟ ମହାନ୍ତି, ସୁକିଲ ସାମଲ ଓ ସରୋଜ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



### ପ୍ରଶାସନ ତରଫରୁ ଅସ୍ତରଙ୍ଗ ମୁଖ୍ୟ ବଜାରରେ କେବେ ଲାଗିବ ସିସିଟିଭି କ୍ୟାମେରା

# ବଢୁଛି ଅସାମାଜିକଙ୍କ ଦୌରାତ୍ମ୍ୟ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଅସାମାଜିକ ବ୍ୟକ୍ତିଙ୍କ ଗତିବିଧି ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଉଛି। ଫଳରେ ଚୋର, ଲୁଟେରା ଓ ଅସାମାଜିକ ବ୍ୟକ୍ତିଙ୍କ ଗତିବିଧିକୁ ପୁଲିସ ସିସିଟିଭି ଫୁଟେଜରୁ ଲକ୍ଷ୍ୟ କରି ଧରିବାରେ ସହଜ ହୋଇପାରୁଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଯଥା ଅସ୍ତରଙ୍ଗ ବ୍ଲକ ଠାରୁ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ତରଫରୁ ସିସିଟିଭି ଲଗାଯାଇ ନାହିଁ। ଅସ୍ତରଙ୍ଗ ଅଞ୍ଚଳକୁ ଦିନକୁ ଦିନ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଥିବା ବେଳେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ସହିତ ଚୋରି, ଡକାୟତି, ରାହାଜାନି ଓ ଛିନତାଇ ଆଦି ଅସ୍ତରଙ୍ଗ ଥାନା ଅଞ୍ଚଳରେ ଯାଉଥିବା ବିଭିନ୍ନ ଗ୍ରାମରେ ହେଉଛି। ନିକଟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁଆଁରପୁର ସ୍ଥିତ ଶିବ ମନ୍ଦିର ରୁ ମଧ୍ୟ ଚୋରି ହୋଇଥିବା ବେଳେ କିଛିଦିନ ପୂର୍ବେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍ ନିକଟରୁ ଗାଡି ଡ଼ିକି ଭାଙ୍ଗି ଟଙ୍କା ଚୋରି ହୋଇଥିଲା, ସେହିପରି ଗ୍ରାମ୍ୟ ବ୍ୟାଙ୍କ ସାମ୍ନାରୁ ବାଇକ୍ ମଧ୍ୟ ଚୋରି ହୋଇଥିଲା। କିନ୍ତୁ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରଶାସନ ତରଫରୁ ସିସିଟିଭି ଲଗାଯାଇନି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର କୌଣସି ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇ ନାହିଁ। ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରୁ ଲୋକ ଆସୁଥିବା ବେଳେ କେତେବେଳେ କେଉଁ ଅଘଟଣ ଘଟିବ କହି ହେଉନାହିଁ। ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ବ୍ୟକ୍ତି ଆସୁଥିବା ବେଳେ କାହିଁକି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ସିସିଟିଭି କ୍ୟାମେରା ଲଗାଯାଉ ନଥିବାରୁ ଅସ୍ତରଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନାଗରିକ ଓ ଅସ୍ତରଙ୍ଗ ଅଞ୍ଚଳର ଅଭିଜ୍ଞ ସାମ୍ବାଦିକ ବିଜୟ ବେହେରା ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଅସ୍ତରଙ୍ଗ ଅଞ୍ଚଳରେ ଦିନକୁ ଦିନ ଜନସାଧାରଣଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅସ୍ତରଙ୍ଗ ବ୍ଲକ ଠାରୁ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବା ଆବଶ୍ୟକ।

## ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?

ବଡ଼ଚଣା (ଭାସ୍କର ନ୍ୟୁଜ୍): ରାଜ୍ୟରେ ଜାଲ୍ ପ୍ରମାଣ ପତ୍ରଧାରୀ ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ବଡ଼ଚଣା ଶିକ୍ଷାମଣ୍ଡଳରେ ଥିବା କେତେକ ନକଲି ଶିକ୍ଷକଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏହାକୁ ନେଇ ସାଧାରଣରେ ନାନାପ୍ରକାର ମତ ସୃଷ୍ଟି କରିଛି। ରାଜ୍ୟ ଶିକ୍ଷା ବିଭାଗର ବାରମ୍ବାର ତାଗିଦ ସତ୍ତ୍ୱେ ବଡ଼ଚଣା ଶିକ୍ଷା ମଣ୍ଡଳାଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଯାହାକି ଖୋଦ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ଏହାର ଗୁମର ଖୋଲିଛି। ନିର୍ଦ୍ଦେଶାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଶିକ୍ଷାଧିକାରୀଙ୍କୁ ଲେଖାଯାଇଥିବା ଚିଠିରେ ନକଲି ଶିକ୍ଷକଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ଅନେକ ଶିକ୍ଷାଧିକାରୀଙ୍କ ପକ୍ଷରୁ ନକଲି ପ୍ରମାଣପତ୍ର ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ତେବେ ବଡ଼ଚଣା ରିପୋର୍ଟରୁ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କେତେକ ଶିକ୍ଷକଙ୍କର ସାର୍ଟିଫିକେଟ୍ ଯାଞ୍ଚ ହେବା ପରେ ସେମାନଙ୍କ ପ୍ରମାଣପତ୍ର ନକଲି ବୋଲି ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆହୁରି ଅନେକ ନକଲି ଶିକ୍ଷକ ଥିବାବେଳେ ସେମାନଙ୍କ ବିରୋଧରେ କାହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ଏହାକୁ ନେଇ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମା' ମଙ୍ଗଳା ମନ୍ଦିରରେ ରାମଚରିତ ମାନସ ପାରାୟଣ




କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ୯ଦିନ ବ୍ୟାପି ରାମଚରିତ ମାନସ ପାରାୟଣ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରବଚନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବରିଷ୍ଠ ପ୍ରବଚକମାନେ ଯୋଗଦେଇ ପ୍ରବଚନ ଦେଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ଏହି ପ୍ରବଚନ ନାମ ଯଜ୍ଞରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା ।

## ବେଆଇନ ବାଲି ପରିବହନକାରୀ ହାଇଓ୍ୱା ଜବତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନାଧିକାରୀ କମଳାକାନ୍ତ ଦାସଙ୍କ ନେତୃତ୍ୱରେ ପୁଲିସ ଦଳ ଗତ ଶନିବାର ରାତ୍ରରେ ୫ଟି ବେଆଇନ ବାଲି ପରିବହନକାରୀ ହାଇଓ୍ୱା ଜବତ କରିଥିବା ଜଣାଯାଇଛି। ୧୬ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ନିକଟରେ ସଂପୃକ୍ତ ହାଇଓ୍ୱାଗୁଡିକ ଯାଞ୍ଚ କରାଯାଇଥିଲା। ମାତ୍ର ବାଲି ପରିବହନ ପାଇଁ କୌଣସି ବୈଧ କାଗଜପତ୍ର ନଥିବାରୁ ହାଇଓ୍ୱାଗୁଡିକୁ ଜବତ କରାଯାଇଥିଲା। ଓଡି ୦୧ ଏଟି ୮୮୫୫, ଓଡି ୨୨ ଏଏ ୬୬୩୩, ଓଡି ୦୧ ଜେଡ ୭୨୧୧, ଓଆର ୨୨ ଇ ୮୭୬୬ ଏବଂ ଓଡି ୦୧ ଏନ ୩୬୦୦ ନଂ ହାଇଓ୍ୱାଗୁଡିକୁ ଜବତ କରାଯାଇ ଥାନାରେ ରଖାଯିବା ସହ ସଂପୃକ୍ତ ହାଇଓ୍ୱା ଚାଳକଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ଥାନାରେ ୨୩୩/୨୫ନଂ ମାମଲା ରୁଜୁ କରାଯାଇଛି।

## ଗ୍ୟାସ୍ ସିଲିଣ୍ଡର ଟାଙ୍କି ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଗୋଡ ଭଙ୍ଗା ଘାଟରେ ଆଟିକା କାର୍‌କୁ ଧକ୍କା ଦେଇ ଚମ୍ପଟ ମାରିଲା ଗ୍ୟାସ ସିଲିଣ୍ଡର ଟାଙ୍କି ବୋଝେଇ ଟ୍ରକ। ଘଟଣାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ଘରିପୁରା ଥାନା ସାଳପଡା ଗ୍ରାମର ଜୋତ୍ସ୍ନାରାଣି ମହାପାତ୍ର (୬୨), ପୁଅ ରବିନାରାୟଣ ମହାପାତ୍ର (୩୦), ନାତୁଣୀ ସସ୍ମିତା ମିଶ୍ର (୨୩), ବୋହୂ ମାନସିନି ଦାଶ (୨୬) ଏବଂ ଝିଅ ଏକ ଏଟିକା କାର୍ ଯୋଗେ ଶାଳପଡାରୁ ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଗ୍ରାମକୁ ଆୟୁର୍ବେଦ ମେଡିସିନ ଆଣିବାକୁ ଯାଉଥିଲେ। ଗୋଡ ଭଙ୍ଗା ଘାଟିରେ ଯାଉଥିବାବେଳେ ହଠାତ ବିପରିତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ସସ୍ମିତା ମିଶ୍ରଙ୍କର କଲରବନ ଭାଙ୍ଗି ଥିବାବେଳେ ରବିନାରାୟଣ ମହାପାତ୍ରଙ୍କର ଛାତି ଏବଂ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ଓ ମହୁଲଡିହା ଥାନା ଅଧିକାରୀ ଅଶୋକ କୁମାର ପହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ନିମନ୍ତେ ପଠାଇଛନ୍ତି।

## ଏସ୍‌ବିଆଇ ଏଟିଏମ୍‌ରେ ଟଙ୍କା ନଥିବାରୁ ଗ୍ରାହକ ହତାଶ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ ଗୁଡିକରେ ରବିବାର ଅର୍ଥ ନଥିବାରୁ ଗ୍ରାହକମାନେ ଟଙ୍କା ଉଠାଇବାକୁ ଯାଇ ହତାଶ ହୋଇ ଫେରିଥିବା ଦେଖାଯାଇଛି। ଏବେ ବିଭାଘର ପାଇଁ ଲୋକମାନେ ବିଭିନ୍ନ ଜିନିଷପତ୍ର କିଣାକିଣି କରିବାକୁ କେନ୍ଦ୍ରାପଡା ସହରକୁ ଆସିଥିବା ବେଳେ ଷ୍ଟେଟ ବ୍ୟାଙ୍କର ଏଟିଏମ ଗୁଡିକରେ ଟଙ୍କା ଉଠାଇବାକୁ ଲମ୍ବା ଲାଇନ ଲଗାଇଥିଲେ। କିନ୍ତୁ ଏଟିଏମ ଗୁଡିକରେ ଅର୍ଥ ନଥିବାରୁ ସେମାନେ ଟଙ୍କା ଉଠାଇ ନପାରି ହତାଶ ହୋଇ ଫେରିଯିବାକୁ ବାଧ ହୋଇଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଶନିବାର ଓ ରବିବାର ଦୁଇଦିନ ଧରି ବ୍ୟାଙ୍କ ଛୁଟି ଯୋଗୁଁ ବନ୍ଦ ରହିଛି। ଫଳରେ ଏଟିଏମ ଗୁଡିକରେ ଆବଶ୍ୟକ ପରିମାଣର ଅର୍ଥ ଭରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଖଡିଅଙ୍ଗସ୍ଥିତ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ମୀରପାଟଣା, କାକଟ ପ୍ରଭୃତି ଠାରେ ଥିବା ଏଟିଏମ ଗୁଡିକରେ ଅର୍ଥ ନଥିବାରୁ ଲୋକମାନେ ସେହିସବୁ ଏଟିମ ଗୁଡିକରୁ ଟଙ୍କା ଉଠାଇ ପାରିନଥିଲେ। ଏନେଇ ବହୁ ଗ୍ରାହକ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ପରିଚାଳକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ତାହା ସମ୍ଭବ ହୋଇପାରି ନଥିଲା।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ


ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ବାଜିଚୌକ ଠାରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଚଳିତ ବର୍ଷ ୨୦୨୫ ପାଇଁ ଭଜନ ସମାରୋହ ପାଇଁ ଅଦ୍ୟ ପ୍ରଥମ ପ୍ରସ୍ତୁତି ବୈଠକ ଭାଗିରଥୀ ସାଗରସ୍ଥିତ ମା'ସିଦ୍ଧ ବାସେଳୀ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ରୁଦ୍ରାନ୍ତ କୁମାର ଦଳେଇ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହିତ ୧୯୯୯ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ଭଜନ ସମାରୋହ ଚଳିତ ବର୍ଷ ଆସନ୍ତା ଜୁନ୍ ୨୭ ତାରିଖ ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ଜୁଲାଇ ୫ ତାରିଖ ବାହୁଡାଯାତ୍ରା ପର୍ଯ୍ୟନ୍ତ କିପରି ମହାଆଡମ୍ବରପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଓଡିଶାର ବିଶିଷ୍ଟ ଭଜନ କଳାକାରଙ୍କ ସହିତ ସ୍ଥାନୀୟ କଳାକାରଙ୍କୁ ନେଇ ଭବ୍ୟ କାର୍ଯ୍ୟକ୍ରମ ହେବ। କମିଟିର ଆବାହକ ଅବନୀ ମିଶ୍ର, ଉପଦେଷ୍ଟା ସଂଗ୍ରାମ କିଶୋର ପାଣି, ଶରତ ବେହେରା ଓ ସଂପାଦକ ସାଗିର୍ ମହମ୍ମଦ ଜଗନ୍ନାଥ ତତ୍ତ୍ୱ ଓ ସଂସ୍କୃତି କିପରି ବଜାୟ ରହିବ ମତପ୍ରକାଶ କରିଥିଲେ। ଏହି ବୈଠକରେ କମିଟିର ବରିଷ୍ଠ ଆବାହକ ସତ୍ୟନାରାୟଣ କର, ଉପସଭାପତି ସ୍ୱରୂପାନନ୍ଦ ଦାସ, ଉପଦେଷ୍ଟା ଆଇନ୍‌ଜୀବୀ ଗୋପାଳ ଚନ୍ଦ୍ର ପାତ୍ର, ବିକାଶ ନାୟକ, ସଦାଶିବ ମହାପାତ୍ର, ଦୁଷ୍ମନ୍ତ ମହାନ୍ତି, ନରେନ୍ଦ୍ର ବେହେରା, ଦିବ୍ୟସିଂହ ରାଉଳ, ଆଲୋକ ରଥ, ଜିତେନ୍ଦ୍ର ରଥ, ବଳରାମ ଭାଟ, ପ୍ରଦୀପ କୁମାର ସାହୁ, ରାକେଶ ବେହେରା, କୈଳାସ ନାୟକ, ଶିଲୁ ପଟ୍ଟନାୟକ, ଅମିତ୍ ସାହୁ, ସନ୍ତୋଷ ଦଳେଇ, ବଂଶୀଧର ସେଠୀ, ନଜୁ ମହମ୍ମଦ, ଅପ୍‌ତାର ମହମ୍ମଦଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭା ଶେଷରେ ବରିଷ୍ଠ ସଭ୍ୟ ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ଚିର ନିଦ୍ରାରେ ସାମ୍ବାଦିକ ସୁକାନ୍ତ ପଟ୍ଟନାୟକ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର କାର୍ଯ୍ୟରତ 'ଓଡିଶା ଭାସ୍କର'ର ସାମ୍ବାଦିକ ସୁକାନ୍ତ ପଟ୍ଟନାୟକ ଓରଫ୍ ମୁନା ପଟ୍ଟନାୟକ ପରଲୋକ ଘଟିଛି। ସେ ଦୀର୍ଘ ଏକ ବର୍ଷ ହେବ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମଝିରେ ସୁସ୍ଥ ହୋଇ ପୁଣିଥରେ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ହୋଇଥିଲେ। ଇତିମଧ୍ୟରେ ଦୁଇଦିନ ତଳେ ତାଙ୍କର ଶେଷ କେମ ମଧ୍ୟ ଦିଆ ସରିଥିଲା । ମାତ୍ର ଗତକାଲି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଆଜି ସକାଳେ ତାଙ୍କର ବାସଭବନ ଘଣ୍ଟେଶ୍ୱର ଅଞ୍ଚଳ କୋଳିଆଡିଆ ଠାରେ ଅଞ୍ଚଳର ଲୋକମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଚାନ୍ଦବାଲି ବ୍ଲକ୍‌ର କାର୍ଯ୍ୟରତ ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ରହି ତାଙ୍କର ପରିବାର ସହିତ ସହଯୋଗ କରିଛନ୍ତି । ମୁନା ପଟ୍ଟନାୟକଙ୍କର ଏକ ୬ବର୍ଷର ଝିଅ ଏବଂ ୨ ବର୍ଷର ଏକ ପୁଅ ଅଛି। ଜୀବନ ସାରା ସାମ୍ବାଦିକଟିଏ ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ମଧ୍ୟ କୌଣସି ସରକାରୀ ସହାନୁଭୂତି ସାମ୍ବାଦିକମାନଙ୍କ ପାଇଁ ନାହିଁ । ମୁନା ପଟ୍ଟନାୟକଙ୍କ ପାରିବାରକୁ ସରକାରୀ ସହଯୋଗ ଯୋଗାଇ ଦେବାକୁ ବରିଷ୍ଠ ସାମ୍ବାଦିକ ପି. ଏନ୍ ଆଲ୍ଲମ୍, ଅକ୍ଷୟ ବଳ, ନିଶିକାନ୍ତ ବେହେରା ଏବଂ ଅନ୍ୟାନ୍ୟ ସାମ୍ବାଦିକମାନେ ଦାବି କରିଛନ୍ତି।

## ଆବର୍ଜନା ଗଦାରେ ଆସିକା ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଓ ହରିହର ମିନି ଷ୍ଟାଡିୟମ




ଆସିକା (ଭାସ୍କର ନ୍ୟୁଜ୍) : ରାଜ୍ୟ କ୍ରୀଡା ମନ୍ତ୍ରାଳୟ ଦ୍ୱାରା ଗତ ୧୬/୦୩/୨୦୨୪ ମସିହାରେ ଆସିକା ଜନସାଧାରଣଙ୍କୁ ଉଦେଶ୍ୟରେ ଲୋକାର୍ପିତ ହୋଇଥିବା ଆସିକା ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ବର୍ତ୍ତମାନ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ମନମୁଖୀ କାର୍ଯ୍ୟଯୋଗୁଁ ଅଳିଆ ଗଦାରେ ଉପରେ ରହିଥିବା ନେଇ ସାଧାରଣ ରେ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉକି ଆସିକାରେ ସକାଳ ଓ ସନ୍ଧ୍ୟା ସମୟରେ ଶହ ଶହ ମହିଳା ଓ ପୁରୁଷ ବ୍ୟାୟାମ କରିବା ପାଇଁ ଆସିକା ହରିହର ମିନି ଷ୍ଟାଡିୟମକୁ ଓ ଆସିକା ତଥା ଏହାର ଆଖ ପାଖ ଅଞ୍ଚଳରୁ ବହୁ କ୍ରୀଡ଼ାବିତ ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମକୁ କ୍ରୀଡାଅଭ୍ୟାସ ପାଇଁ ଯାଇଥାନ୍ତି। ଉକ୍ତ ଇଣ୍ଡୋର ଷ୍ଟାଡିୟମର ସମ୍ମୁଖରେ ଏବଂ ମିନି ଷ୍ଟାଡିୟମ ଚାରିଆଡେ କୁଢ଼କୁଢ଼ ଅଳିଆ ଆବର୍ଜନା ଦୀର୍ଘ ଦିନ ହେବ ପଡିରହିଥିବା ଯୋଗୁଁ ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟିପଡୁଥିବା ଏବଂ ଉକ୍ତ ହରିହର ମିନି ଷ୍ଟାଡିୟମ ଭିତରେ ଗଛଲତା ପରିପୂର୍ଣ୍ଣ ହୋଇ ରହିଥିବା ଯୋଗୁଁ ବିଭିନ୍ନ ପ୍ରକାର ବିଷଧର ସାପ, ଅନ୍ୟାନ୍ୟ ଜନ୍ତୁ ବିଚରଣ କରୁଥିବା ଯୋଗୁଁ ବର୍ତ୍ତମାନ ଏଠାକୁ ଆସୁଥିବା ଛୋଟ ଛୋଟ ପିଲା ଓ ବୟସ୍କ ନିଜକୁ ସୁରକ୍ଷିତ ମଣୁ ନଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଥିବା ଜଣାଯାଇଛି। ଏହି ଷ୍ଟାଡିୟମକୁ ଯାଉଥିବା ମହିଳା ଏବଂ ପୁରୁଷଙ୍କ ପାଇଁ କୌଣସି ଶୌଚାଳୟ କିମ୍ବା ପାନୀୟ ଜଳର ବ୍ୟବସ୍ଥା ଆଲୋକୀକରଣ ବ୍ୟବସ୍ଥା ନାହିଁ ଯାହାଦ୍ୱାରା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି। ପ୍ରକାଶ ଥାଉକି ଗୋଟିଏ ପଟେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଆସିକା ନାମରେ ନାମ ଫଳକ ଆସିକାର ବିଭିନ୍ନ ସ୍ଥାନରେ ଆଲୋକୀକରଣ ବୋର୍ଡ ଲଗାଇବା ଡିନ ଡିଣ୍ଡିମ ପିଟୁଥିବା ଏକ ପ୍ରହସନ ବୋଲି କହି ଆସିକା ବୁଦ୍ଧିଜୀବୀ ଜନସାଧାରଣ, ସଚେତନତା ନାଗରିକ ମହଲରେ ଏହାକୁ ଦୃଢ ନିନ୍ଦା କରିବା ସହ ତୁରନ୍ତ ଏହି ମିନି ଷ୍ଟାଡିୟମ ର ସଫେଇ ଦୈନିକ ଦୁଇଥର କରାଯିବା ସହ ଆଲୋକର ସୁବିଧା କରାଯାଉ ବୋଲି ଦାବି ହୋଇଛି।

## ବ୍ରଜବନ୍ଧୁଙ୍କ ସ୍ମୃତିଚାରଣ ସଭା



ଫୁଲନଖରା (ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ବ୍ରଜବନ୍ଧୁ ବସ୍ତିଆଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ପାଲାଗାୟକ ଯୁଧିଷ୍ଠିର ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରି ସ୍ୱର୍ଗତ ବ୍ରଜବନ୍ଧୁଙ୍କ ଉଦେଶ୍ୟରେ ସୂଚନା ପ୍ରଦାନ କରିଥିଲେ। ଗାୟକ ଆଲହାଦ ସୁରେନ୍ଦ୍ର ଛୋଟରାୟ, ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ସରପଞ୍ଚ ବିଶ୍ୱଜିତ ଭୋଇ, ନୂଆଗଡ ଗ୍ରାମର ସଭାପତି ବିକ୍ରମ ଶତପଥୀ, ସାମ୍ବାଦିକ ଭବାନୀ ଶଙ୍କର ପାତ୍ର, ଜଗନ୍ନାଥ ପୁର ଗ୍ରାମର ମୁରବୀ ସନାତନ ପରିଜା, ବୁଲୁ ପାତ୍ର, ଧୀରେନ୍ଦ୍ର ସାହୁ, ତ୍ରିଲୋଚନ ବସ୍ତିଆ, ପାହାଳ ଏସ୍ଆଇ ଅମୀୟ ମଲ୍ଲିକଙ୍କ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ବସ୍ତିଆ ଜଣେ ସ୍ନେହୀ, ମେଳାପୀ, ପରୋପକାରୀ ବ୍ୟକ୍ତି ଥିଲେ। ସେ ଦୀର୍ଘ ତିରିଶି ବର୍ଷଧରି ଫରେଷ୍ଟ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଅଞ୍ଚଳର ସୁନାମ ଆଣିଥିଲେ ବୋଲି ମତପୋଷଣ କରିଥିଲେ। ଏହି ସ୍ମୃତିଚାରଣ ସଭାକୁ ତାଙ୍କ ଜ୍ୱାଇଁ ସାମ୍ବାଦିକ ଗଣେଶ ବରାଳଙ୍କ ସହ ତାଙ୍କର ଝିଅଜ୍ୱାଇଁ, ନାତିନାତୁଣୀ, ପୁଅବୋହୁ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ୨ମିନିଟ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାଥନା କରିବାସହ ସ୍ୱର୍ଗତ ବସ୍ତିଆଙ୍କ ଫଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


## କେନ୍ଦ୍ରାପଡା ଜିଲ୍ଲା ଇତିହାସ ରଚୟିତା ପ୍ରତାପ ରାୟଙ୍କ ପୂଣ୍ୟତିଥି




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଇତିହାସ ରଚୟିତା ସ୍ୱର୍ଗତ ପ୍ରତାପ ରାୟଙ୍କ ପଞ୍ଚମ ପୂଣ୍ୟତିଥି ରବିବାର ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଉତ୍କଳ ସମ୍ମିଳନୀ ସଭାପତି ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଲେଖ ଚନ୍ଦ୍ର ପଢିଆରୀ, ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ଶଶଧର ପଣ୍ଡା, ସାହିତ୍ୟିକ ଅଧ୍ୟାପକ ଡ. ଶ୍ରୀଧର ସାମଲ, ବାଇମୁଣ୍ଡି ସାହିତ୍ୟ ପରିଷଦ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ଇତିହାସ ରଚୟିତା ସ୍ୱର୍ଗତ ପ୍ରତାପ ରାୟଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାରତ ପାକିସ୍ତାନ ଯୁଦ୍ଧରେ ଦେଶର ସୁରକ୍ଷା ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଦୀଘା ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ ଧାମ ଲେଖାଯିବା ଘଟଣାକୁ ନେଇ ସର୍ବସମ୍ମତି କ୍ରମେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସକାଳେ ମଦନବାବୁଙ୍କ ଦ୍ୱାରା ଗାୟତ୍ରୀ ଯଜ୍ଞ କରାଯାଇଥିବା ବେଳେ ସଭାଶେଷ ହେବା ପରେ ବିଷ୍ଣୁପ୍ରିୟା ଭୋଇଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ନକୁଳ ମଲ୍ଲିକ ସୁଲଳିତ କଣ୍ଠରେ ଭଜନ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଅଧ୍ୟାପକ ଡ. ମୁରଲୀଧର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଦୟାନିଧି ଦାସ, ଅଶୋକ କୁମାର ବେହେରାଙ୍କ ସମେତ ୨୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସୌଦାମିନୀ ପଣ୍ଡା, ପାର୍ଥସାରଥୀ ବେହେରା, ମଦନମୋହନ ବେହେରା, ଦୀନବନ୍ଧୁ ସାହୁ, ମାନସୀପ୍ରଭା ସ୍ୱାଇଁ, ଶଶଧର ପଣ୍ଡା ଓ ନୃସିଂହ ଚରଣ ଜେନାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କବିମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ସାରଥି କାନୁନଗୋ ଓ ସୁରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ୭୦ଜଣଙ୍କୁ ବିଭିନ୍ନ ବୃକ୍ଷଚାରା ପ୍ରଦାନ କରାଯାଇଥିଲା।

## ରାଶିଫଳ


ସୋମବାର, ୧୨ ମଇ ୨୦୨୫



**ମେଷ:** ଆଜି, ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରୀରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ।




**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।



**ମିଥୁନ:** ଆଜି ଆପଣଙ୍କୁ କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।




**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ। ଆପଣଙ୍କର ବ୍ୟବସାୟ ବଢ଼ିବ ।




**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ । ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ । ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ। ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ।




**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ, (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୂଖ୍ୟ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବ୍ଲକ୍ ଅଧକ୍ଷା ନିରୂପମା ପଟେଲ, ବେଲପଡ଼ା ବ୍ଲକ୍ ଅଧକ୍ଷା ଟିନା କୁମ୍ଭାର,ଦେବୋତ୍ତର କମିଟି ସଦସ୍ୟ ବିପ୍ର ବିଶି, ଇନ୍ଦୁଭୁଷଣ ଠାକୁର ଯୋଗଦେଇଥିବା ବେଳେ ପାଟଣାଗଡ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଡ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଆଇନଜୀବୀ ଦେବକାନ୍ତ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଭୁବନେଶ୍ୱରର ଅଶୋକ ଘୋଷାଲ ଓ ସାଥିଙ୍କ ଓଡ଼ିଶୀ , ସୁରସଙ୍ଗିତ ପାଟଣାଗଡ, ଟାଙ୍ଗୁରୁପଦର୍ ଗାଁ ର ରାମଲୀଳା ମଞ୍ଚସ୍ଥ ହୋଇଥିବା ବେଳେ ଦ୍ୱିତୀୟ ମଞ୍ଚରେ କଳାଜୀବି ବରଗଡ଼, ଟ୍ରାଇବାଲ ଏଣ୍ଡ ଫୋକ୍ ଆର୍ଟ କଳଚର୍ ସମ୍ବଲପୁରର କଳାକାର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ରୁକୁସୁନା ଓ ସାଥି ଙ୍କ ମେଲୋଡି ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମଞ୍ଚ ଦୁଲୁକି ଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ କୃଷି ବିଭାଗ ଦ୍ୱାରା ପ୍ରଦର୍ଶିତ ସମନ୍ୱିତ କୃଷି ଓ ଜୈବିକ କୃଷି ମେଢ଼ ଦର୍ଶକ ଙ୍କ ମନ ମୋହିଥିଲା।



# ହେମଲତାଙ୍କୁ ମିଳିଲା ମହିଳା ଶାନ୍ତିଦୂତ ପୁରସ୍କାର




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ନ୍ୟୁ ମେରିଆନ ହୋଟେଲରେ ମା' ଘର ଫାଉଣ୍ଡେସନ ଓ ଏସ୍.ଏସ୍.ହେଚ୍. ମେଡିକାଲ ଗ୍ରୁପ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ଆୟୋଜିତ ଏକ ଉତ୍ସବରେ ମାଲକାନଗିରିର ମହିଳା ସାମ୍ବାଦିକା ଡି. ହେମଲତାଙ୍କୁ 'ମହିଳା ଶାନ୍ତିଦୂତ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ଆଇନ ଓ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମା ଘର ଫାଉଣ୍ଡେସନର ଅଧକ୍ଷା ରତ୍ନପୂର୍ଣ୍ଣା ମହାନ୍ତି ଓ ଏସ୍.ଏସ୍.ହେଚ୍ ମେଡିକାଲ ଅଧକ୍ଷା ସୁସ୍ମିତା ସାହୁ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ମାଓ ଅଞ୍ଚଳରେ ଖବର ସଂଗ୍ରହ କରିବା ସହ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରିର ମହିଳା ସାମ୍ବାଦିକା ଡି. ହେମଲତାଙ୍କୁ ସମ୍ମାନିତ କରାଯାଇ ମହିଳା ଶାନ୍ତିଦୂତ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମୁଖ୍ୟତଃ ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଆଜି ବି ମହିଳାମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି। ବର୍ତ୍ତମାନ ଚାଲିଥିବା ଅପରେସନ ସିନ୍ଦୁରରେ ଦୁଇ ମହିଳାଙ୍କ ଭୁମିକାକୁ ପ୍ରଶଂସା କରିବା ସହ ମହିଳାମାନେ ସଚେତନ ହେଲେ ଦେଶ ସଚେତନ ହେବ ଏବଂ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ମହିଳାମାନଙ୍କର ଅବର୍ଣନୀୟ ଭୂମିକା ସମ୍ପର୍କରେ କହିଥିଲ। ଏହି ଅବସରରେ ରାଜ୍ୟରେ ୧୦ ଜଣ ମହିଳା ଯେଉଁମାନେ ସମାଜସେବା, ସ୍ୱାସ୍ଥ୍ୟ ସେବା ଓ ମହିଳା ସଚେତନତା, ଶିକ୍ଷା ଓ ସାମ୍ବାଦିକତା ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶାର ବିଭିନ୍ନ ବର୍ଗର ୧୦ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ବହୁ ବୁଦ୍ଧିଜୀବି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଶୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ବିଭିନ୍ନ ମହିଳା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଅମୃତ ବଚନ ପଠନ କରାଯାଇଥିଲା।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନାରାୟଣପାଟଣା, ( ଭାସ୍କର ନ୍ୟୁଜ୍ ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ଗାରିଆଘାଟ ସାହି ଖ୍ରୀଷ୍ଟିଆନ ମଶାଣି ନଦୀ ତଳେ ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ଜଣକ ୭ ଦିନ ହେବ ନିଖୋଜ ଥିଲେ। ମୃତ ଯୁବକ ଜଣକ ହେଉଛନ୍ତି ହରିଶ୍ଚନ୍ଦ୍ର ହିଆଲ୍ (୨୨)। ରିବାର ଲୋକଙ୍କ କହିବା କଥା ହରିଶ୍ଚନ୍ଦ୍ର ଗତ ରବିବାର ଦିନ ସକାଳୁ ଘରୁ ବାହାରି ଗଲା ପରେ ଆଉ ଫେରିନଥିଲା। ତାକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ହରିଶ୍ଚନ୍ଦ୍ରଙ୍କ ପରିବାର। ଘଟଣା ସ୍ଥଳରେ ଏସ୍ଡିପିଓ ଏବଂ ସାଇନ୍ଟିଫିକ୍ ଟିମ୍ ଓ ଦମକଳବାହୀନି ପହଞ୍ଚି ଶବ ଉଦ୍ଧାର କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପଠାଇଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ସତ୍ୟ ସାମନାକୁ ଆସିବ ବୋଲି ଏସ୍ଡିପିଓ କହିଛନ୍ତି।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲା ଦୌରା ଜଜଙ୍କ କୋର୍ଟ ପରିସରରେ ଚଳିତ ବର୍ଷର ୨ୟ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। । ଏଥିରେ ୧୫୦୩ ଗୋଟି ମାମଲାର ତ୍ୱରିତ ସମାଧାନ କରାଯାଇ ଜରିମାନା ବାବଦକୁ ୨୧ ଲକ୍ଷ ୮୨ ହଜାର ୯୫୦ ଟଙ୍କା ଆଦାୟ କରାଯାଇଥିଲା । ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଚିଠି ପ୍ରକାରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କୋର୍ଟ ତଦାରଖ କରିବା ସହ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରାଧିକରଣର ସଚିବ ବିମଳ ରାଉଳ ଉପସ୍ଥିତ ରହି ସମସ୍ତ କୋର୍ଟ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଆୟୋଜିତ ଏହି ଲୋକ ଅଦାଲତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ବିଚାରାଧୀନ ଥିବା ମାମଲାରେ ତ୍ୱରିତ ବିଚାରଣା କରିବା ପାଇଁ ପଦକ୍ଷେପ ନେବା ସ୍ୱରୂପ ବିଭିନ୍ନ କୋର୍ଟ ବେଞ୍ଚ ମାନ ପ୍ରତିଷ୍ଠା କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ୍ ଅଶୋକ କୁମାର ପାହି , ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ , ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରୋତ୍ତମ ସେଠୀ , ସିଭିଲ କୋର୍ଟ ରେଜିଷ୍ଟ୍ରାର- ପ୍ରସନ୍ନ କୁମାର ବେହେରା , ସିଭିଲ ଜଜ ସିନିୟର୍ ଡିଭିଜନ ସନ୍ତୋଷ କୁମାର୍ ଅଗ୍ରୱାଲ , ଦେୱାନୀ ଅଦାଲତ ବରିଷ୍ଠ ମାଜିଷ୍ଟ୍ରେଟ ମହିଳା କୋର୍ଟ ରଶ୍ମିତା ସାହୁ , ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଷ୍ଣୁପ୍ରିୟା ସାମନ୍ତରାୟ , ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସତ୍ୟଜିତ ପାଣି ଏବଂ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ବୈଶାଳୀ ବାହୁବଳିନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହିପରି ଜିଲ୍ଲାର ରା: ଉଦୟଗିରି କୋର୍ଟ ଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ସବଜଜ୍ ପୁଣ୍ୟଶ୍ଲୋକ ରଥ , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତରୁଣ କୁମାର ସେଠି , ମୋହନା ସ୍ଥିତ କୋର୍ଟ ଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଜିତ ବେହେରା ଓ କାଶୀନଗର ସ୍ଥିତ ଗ୍ରାମ୍ୟ ନ୍ୟାୟାଳୟ କୋର୍ଟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲିସା ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ରାଷ୍ଟ୍ରୀୟ ବ୍ୟାଙ୍କ୍ର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ବ୍ୟାଙ୍କ୍ ସମ୍ବନ୍ଧୀୟ ବିଭିନ୍ନ ମାମଲାର ତ୍ୱରିତ ସମାଧାନ କରିଥିଲେ । ଆୟୋଜିତ ଏହି ଲୋକ ଅଦାଲତ କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘ ସଭାପତି ଓ ସଂପାଦକଙ୍କ ସମେତ ସମସ୍ତ ବରିଷ୍ଠ ଓକିଲ ବୃନ୍ଦ ଉପସ୍ଥିତ ରହି ବିଭିନ୍ନ କୋର୍ଟରେ ନିଜ ନିଜ କେସ ମକଦ୍ଦମା ପରିଚାଳନାରେ ସହଯୋଗ କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ମୋଟ ୧୫୦୩ ଟି କେଶ ବିଚାରକୁ ନିଆଯାଇ ଏବଂ ମାମଲାର ତ୍ୱରିତ ସମାଧାନ କରାଯାଇ ୨୧ ଲକ୍ଷ ୮୨ ହଜାର ୯୫୦ ଟଙ୍କା ଜରିମାନା ଆଦାୟ କରା ଯାଇଥିଲା ।

# 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ



ବରଗଡ଼, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଛୁଟି ସମୟରେ ଗତ ତିନି ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ତରଫରୁ ବସ୍ତି ପରିକ୍ରମା କ୍ରମରେ ଶିକ୍ଷାଦାନ କାର୍ଯ୍ୟକ୍ରମ 'ଆସ ଆମେ ପଢ଼ିବା' ସ୍ଥାନୀୟ ୱା ନଂ ୧୮ ସ୍ଥିତ ବନ୍ଧ ପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀ'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବସ୍ତି ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ପିଲାମାନଙ୍କ ମନୋରଞ୍ଜନ ସକାଶେ ଗଳ୍ପ କଥନ, ଭ୍ରାମ୍ୟମାଣ ପାଠାଗାରର ପୁସ୍ତକ ପଠନ, ଭଜନ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିଶୁଶ୍ରୀ'ର ଉପଦେଷ୍ଟା ସମାଜସେବୀ ଅର୍ଜୁନ ସେଟ୍ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଖରାଛୁଟିରେ ସମୟ ନଷ୍ଟ ନକରି ପୁସ୍ତକ ଓ ପତ୍ର ପତ୍ରିକା ପଠନ ଦିଗରେ ମନ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଗୀତା ବେହେରା, ରୋହିଣୀ ବେହେରା ଶିଶୁଶ୍ରୀ'ର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ମଧ୍ୟରୁ ନିହାରିକା ଭୋଇ ଓ ଚିନ୍ମୟୀ ବିଭାର ନୃତ୍ୟ ପରିବେଷଣ କରିଥିବା ବେଳେ ରୁଚି ମାଝୀ, ଚିରଞ୍ଜିବୀ ବିଭାର ଓ ଭାରତୀ ସାହୁ ଗପ କବିତା ପାଠ କରିଥିଲେ। ସଙ୍ଗୀତଜ୍ଞ ପ୍ରମୋଦ କୁମାର ଦାଶ ଭଜନ ପରିବେଷଣ କରି ମନୋରଂଜନ କରିଥିଲେ ଓ ଆବାହକ ତଥା ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ଗପ କବିତା ମାଧ୍ୟମରେ ନୀତି କଥା କହି ପିଲାଙ୍କୁ ଚରିତ୍ର ଗଠନ ଦିଗରେ ଯତ୍ନବାନ ହେବାକୁ ଉପଦେଶ ଛଳରେ କହିଥିଲେ।

# ସମନ୍ୱିତ ଚାଷ କରି ଚର୍ଚ୍ଚାରେ ହର ଗୌରୀ ଏସ୍ଏସ୍ଜି

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମହିଳାମାନେ ଚାଷୀ ହୋଇପାରନ୍ତି, ମହିଳା ବି ଚାଷ କରି ସ୍ୱାବଲମ୍ବୀ ହୋଇପାରନ୍ତି, ଏହି ଉକ୍ତିକୁ ପ୍ରତିପାଦିତ କରି ଦେଖାଇଛନ୍ତି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଗିରିକାନପଲ୍ଲୀ ପଞ୍ଚାୟତ ସଦର ମହକୁମାରେ ଥିବା ହର ଗୌରୀ ମହିଳା ସ୍ୱୟଂ ସହାୟୀକ ଗୋଷ୍ଠୀ । ଗତ କିଛି ବର୍ଷ ଧରି ସମନ୍ୱିତ ଚାଷ ମାଧ୍ୟମରେ ୧୦ ଜଣ ମହିଳା ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଗୌରୀ ଗାଇନ ଓ ସମ୍ପାଦୀକା ମାଳତୀ ତେଜାବତ ଅବଶିଷ୍ଟ ଆଠ ଜଣ ସଦସ୍ୟାଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ପନିପରିବା ଓ ତୈଳ ଜାତୀୟ ଶସ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୬ ଜଣ ସଦସ୍ୟାଙ୍କ ପ୍ରାୟ ୧୫ ଏକର ଜମିରେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପନିପରିବା, ସାରୁ, ଚୀନାବାଦାମ ଆଦି ଚାଷ କରିଛନ୍ତି ଓ ପ୍ରତିଦିନ ଘର କାମ ସାରି ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଲକୁ ଯାଇ ଦୈନିକ ୩ ରୁ ୪ ଘଣ୍ଟା ସମୟ ବ୍ୟୟ କରି ଏହି ଚାଷ କରିବା ସହ ସ୍ଥାନୀୟ ଅଞ୍ଚଳର ପନିପରିବା ଓ ତୈଳଜାତ ଦ୍ରବ୍ୟର ଆବଶ୍ୟକତା ପୂରଣ କରୁଛନ୍ତି। ଏଥିସହ ଅବସର ସମୟରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସିଲେଇ ମେସିନ ଚଳାଇ ସ୍ଥାନୀୟ ସ୍କୁଲ, ବିଭିନ୍ନ ଗୋଷ୍ଠୀର ମହିଳା ଓ ୟୁନିଫର୍ମ ସିଲେଇ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି। ଏଥିପାଇଁ ଓଡିଶା ଜିବିକା ମିଶନ, ମିଶନ ଶକ୍ତି ସହଯୋଗରେ ୯ ଲକ୍ଷ ଓ ସିଆଇଏଫ ଫଣ୍ଡରୁ ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ କରି ଏହାର ସଦ୍ ଉପଯୋଗ କରି ହର ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଶା ଜିବିକା ମିଶନ ଓ ମିଶନ ଶକ୍ତି ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କାଁଭାଁ କେତୋଟି ସ୍ଥାନରେ ହର ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ମହିଳା ସଂଗଠନ ନିଜକୁ ପ୍ରତିଷ୍ଠିତ କରାଇ ପାରୁ ଛନ୍ତି। ତେଣୁ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ମିଶନ ଶକ୍ତି ପକ୍ଷ୍ୟରୁ ଏଭଳି ଅନେକ କେସଷ୍ଟଡି ସୃଷ୍ଟି କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

# ବିଶ୍ୱ ରେଡକ୍ରସ ଦିବସ ପାଳିତ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି,ଡ଼. ମାୟାଧର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗଜପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବିଶ୍ୱ ରେଡକ୍ରସ୍ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ପରି ମେ' ୮ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ରେଡ କ୍ରସ୍ ଦିବସ ପାଳିତ ହେଉଛି। ଆଜି ଆମେ ସମସ୍ତେ ଏକତ୍ରିତ ହୋଇ ଜେନ୍ ହେନରୀ ଡୁନଷ୍ଟଙ୍କ ପାଇଁ ସେ କେତେ ଯେ ମହାନ, କଳ୍ପନା କରିହେବନାହିଁ । ମାନବିକତା ଜୀବନ ଉପରେ ଚିନ୍ତା କରୁଥିଲେ, ଲୋକଙ୍କ ସାହାଯ୍ୟ ଓ ସହଯୋଗ ସମଗ୍ର ବିଶ୍ୱରେ ସବୁ ପ୍ରକାର ଲୋକଙ୍କୁ ଜଡିତ ହୋଇ ରହୁଥିଲେ । ବିଶ୍ୱ ଶାନ୍ତି ପାଇଁ ରେଡକ୍ରସ କାମ କରି ଆସୁଛି ବୋଲି ସମସ୍ତ ଅତିଥି ମାନେ କହିଥିଲେ। ଜିଲ୍ଲାପାଳ କହିଥିଲେ ଯେ ପୃଥିବୀର କୋଣ ଅଣୁକୋଣରେ ରେଡକ୍ରସ କାମ କରୁଛି ଏବଂ ଜଣେ ଜଣକୁ ପ୍ରତି ଆଦର ଓ ସାହାଯ୍ୟ କରିବାର ମନୋବୃତ୍ତି ରହିବା ଉଚିତ୍। ଅସୁବିଧା ଲୋକମାନଙ୍କୁ ଆମେ ସାହାଯ୍ୟ କରିବା ଉଚିତ୍, ସମସ୍ତେ ଏକତା ହୋଇ କାମ କଲେ ଆମେ ବହୁତ ଲୋକଙ୍କୁ ସାହାଯ୍ୟ କରିବା ସହ ବହୁତ ଜଣଙ୍କ ଜୀବନ ବଞ୍ଚେଇ ପାରିବା ବୋଲି କହିଥିଲେ । ଏହି ଦିବସ ଅବସରରେ ସକାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ରେଡ୍କ୍ରସ୍ ପଦଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏଥିରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ରକ୍ତ ଭଣ୍ଡାର ଠାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସେହିପରି ଜିଲ୍ଲାରେ ରେଡକ୍ରସ୍ ବିଭାଗକୁ ସର୍ବାଧିକ ଆୟ ଯୋଗାଇଥିବା ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ଓ ୩୨୫ ଜଣ ଲାଇଫ ମେମ୍ବରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଅଲ୍ଲୀ, ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି, ପ୍ରସନ୍ନ କୁମାର ପଟନାୟକ , ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଗଜପତି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଡେପୁଟି କଲେକ୍ଟର,ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ ଗଣ ସମେତ ସମସ୍ତ ଲାଇଫ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଟିକରପଡା ଗ୍ରାମପଞ୍ଚାୟତର ବୁରଗୋରା ଗ୍ରାମରେ ଆଧାତ୍ମିକ କାର୍ଯ୍ୟକ୍ରମ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ଗ୍ରାମବାସୀ ନାମ ସଂକୀର୍ତ୍ତନ ସହ ସାଲୁଙ୍କୀ ନଦୀର ସତୀଘାଟ ନିକଟରେ ପହଞ୍ଚି ଗଙ୍ଗାମାତାଙ୍କୁ ଆବହନ କରାଯାଇଥିଲା । ଗ୍ରାମର ମହିଳାମାନେ କଳସରେ ଜଳ ବୋହି ଶୋଭାଯାତ୍ରାରେ ଆସି ତ୍ରିନାଥ ମଣ୍ଡପ ନିକଟରେ ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି ।

# 'ଔଷଧ ବିନା ସୁସ୍ଥ ଜୀବନ' ପ୍ରଶିକ୍ଷଣ ଶିବିର




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ସଦର ମହକୁମା ନିକଟ ତପୋଭୂମି ସାମାଜିକ ସଂଗଠନ ରେ ୫ ଦିନ ବ୍ୟାପି ଏକ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିବେକାନନ୍ଦ ଜେନା ଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ରନାଥ ଥାଟୋଇ ସଂଯୋଜନା କରିଥିଲେ । ପ୍ରକୃତି ଦତ୍ତ ପାଣି, ପବନ, ମାଟି, ନିଆଁ, ଫଳ ଓ ତାହାର ରସ, ଉପବାସ ଓ ସାଧାରଣ ଦିନଚର୍ଯ୍ୟାରେ ପରିବର୍ତ୍ତନ ଦ୍ୱାରା ଆମେ କିପରି ଦିର୍ଘାୟୁ ଓ ଏକ ସୁସ୍ଥ ଜୀବନ ଅତିବାହିତ କରିପାରିବା ଏହି ପ୍ରଶିକ୍ଷଣ ପାଠ ସହ ପ୍ରାକ୍ଟିକାଲ୍ କରାଯାଇଥିଲା । ନେତି, ଧୌତି, ଏନିମା, ମୃତ୍ତିକା ସ୍ନାନ, ସୂର୍ଯ୍ୟ ସ୍ନାନ, ପଟି ବାନ୍ଧିବା ପ୍ରଭୃତି ପ୍ରାକ୍ଟିକାଲ୍ ଶିକ୍ଷାର୍ଥୀ ମାନେ କରି ନିଜର ରୋଗ ଉପଶମ ମଧ୍ୟ କରିଥିଲେ । ପ୍ରଶିକ୍ଷଣରେ ୨୧ ଜଣ ବିଦ୍ୟାର୍ଥୀ ଯୋଗଦେଇଥିଲେ । ସେମାନେ ସସ୍ମିତା କବାଶି, ତ୍ରିନାଥ ଧାରାବତ, ସୁମିତ୍ରା ମାଡ଼କାମି, ପାଣ୍ଡ୍ରୀ ମାଡ଼କାମୀ, ବିବେକାନନ୍ଦ ଧାରାବତ, ହରି ଚୁଲା, ମିନତି ପୂଜାରୀ, ଲଳିତା କାଶି, ଶ୍ୟାମ ଖିଲ, ସୁରେଶ କୁରୁମାଲ, ଫୁଲମତି ମାଡ଼କାମି, କୁନି ସାଉନି, ଉମେଶ କୁମାର, ଇର୍ମେ ମାଢ଼ି, ଚୁମୁକି ବାନାପାର, କୁନ୍ତି ନାୟକ, ଚାନ୍ଦିନୀ ବାନାପାର, ନିଳାବତି ନାୟକ, ସରିତା ଗୌଡ, ପାଣ୍ଡ୍ରି ମାଢ଼ି ଓ ମୁକେଶ ସାଉନୀ ପ୍ରମୁଖ ବିଦ୍ୟାର୍ଥୀ ଥିଲେ । ଏହି ଶିବିର ଉଦଘାଟନ ଶ୍ରୀ ଟିକୁନୁ ପୁଟ୍ଟା, (ଓ ଏ ଏସ୍), ତହସିଲଦାର, ମାଲକାନଗିରିଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ହୋଇଥିଲା କାର୍ଯ୍ୟକ୍ରମ ଉଦ୍ଯାପନୀରେ ସମାଜସେବୀ ତଥା ଯୋଗ ଶିକ୍ଷକ ରାମକୃଷ୍ଣ ଚୌଧୁରୀ ଉପସ୍ଥିତ ରହି ସମସ୍ତଙ୍କ ଅନୁଭୂତି ସାଉଁଟିବା ସହ ଆଗାମୀ ଭବିଷ୍ୟତରେ କିପରି ପ୍ରାକୃତିକ ସମ୍ପଦ ଯଥା ମହୁଲ, ଖଜୁରୀ ତଥା ତାଳରୁ ଲଡୁ, ସ୍କ୍ୱାସ(ଥଣ୍ଡା ପାନୀୟ ଓ ମୃଦୁ ପାନୀୟ), ଗୁଡ଼, ଜାମ୍, ଜେଲି ପ୍ରସ୍ତୁତିକରି ସ୍ୱାବଲମ୍ବୀ ହୋଇପାରିବ ।

# ସମ୍ଭାବ୍ୟ ଜରୁରିକାଳୀନ ପରିସ୍ଥିତିରେ ଗାଇଡଲାଇନକୁ ମାନିବାକୁ ନିର୍ଦ୍ଦେଶ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ସାମ୍ଭାବ୍ୟ ଜରୁରିକାଳୀନ ପରିସ୍ଥିତିକୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ମନୁଷ୍ୟ କୃତ ଦୁର୍ବିପାକର ମୁକାବିଲା ପାଇଁ ଆଗକୁ ମକଡ୍ରିଲ, ବ୍ଲାକ ଆଉଟ ପାଇଁ ଆଗୁଆ ପ୍ରସ୍ତୁତି, ଦିନ ରାତି ୨୪ଘଣ୍ଟା ସମସ୍ତ ଜରୁରିକାଳୀନ ବିଭାଗ, କାର୍ଯ୍ୟାଳୟ ମାନଙ୍କରେ କଣ୍ଟ୍ରୋଲ ରୁମ ଖୋଲାଯିବା, ବ୍ଲାକ ଆଉଟ ପାଇଁ ପୂର୍ବ ପ୍ରସ୍ତୁତି, ସ୍ୱାସ୍ଥ୍ୟ, ଶିକ୍ଷା,ବିଦ୍ୟୁତ ବିଭାଗରେ ଜଣେ ଜଣେ ନୋଡାଲ ଅଫିସର ଗଠନ, ମେଡିକାଲ ପକ୍ଷରୁ ରକ୍ତ ସଂଗ୍ରହ, ମେଡ଼ିସିନ, ଅ କ୍ସିଜେନ ସିଲିଣ୍ଡର, ମେଡିକାଲ କିଟ, ଫାଷ୍ଟଏଡ଼ ନେବାର ତାଲିମ ପାଇଁ ପ୍ରସ୍ତୁତି,ପଞ୍ଚାୟତ, ଅଙ୍ଗନବାଡି, ବନ୍ୟା ଆଶ୍ରୟ ସ୍ଥଳୀ,ବିଦ୍ୟାଳୟ, ମହାବିଦ୍ୟାଳୟ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଫରେଷ୍ଟ ପାର୍କରେ ପୂର୍ବ ପ୍ରସ୍ତୁତି,ଚୁଡା, ଚାଉଳ,ଗୁଡ଼, ଟର୍ଚ୍ଚ, ବ୍ୟାଟେରୀ ଗଚ୍ଛିତ ରଖିବା, ନିଜ ଗାଡି, ମଟର ରେ ତେଲ ମହଜୁଦ ରଖିବା, ପାନୀୟ ଜଳ ପାଇଁ ପି ଏଚ ଡି, ଏ ନ. ଏ. ସି., ବ୍ଲକ ପକ୍ଷରୁ ଟ୍ୟାଙ୍କ ଙ୍କର ମାନଙ୍କରେ ପାଣି ଦେବା ପାଇଁ ପ୍ରସ୍ତୁତି, ପଂଚାୟତ, ସିଡିପିଓ, ବ୍ଲକ,ଜିଲ୍ଲା ପରିଷଦ ସ୍ତରରେ ବୈଠକ କରି ପୂର୍ବ ପ୍ରସ୍ତୁତି, ମେଡିକାଲ କିଡସ, ସାଇରନ, ନିରାପଦ ସ୍ଥାନ ଚିହ୍ନଟ ପାଇଁ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ, ପଶୁ ପକ୍ଷୀ ଙ୍କ ପାଇଁ ନିରାପଦ ସ୍ଥାନର ନିର୍ଦ୍ଧାରଣ ପାଇଁ ସି ଡି ଭି ଓ, ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ପ୍ରସ୍ତୁତି, ବିଦ୍ୟାଳୟ, ମହାବିଦ୍ୟାଳୟ,ମଲ, ଦୁଇ ମହଲା କୋଠା ଗୁଡିକୁ ଚିହ୍ନଟ କରି ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରଖିବା, ଜେନେରେଟର, ଟର୍ଚ୍ଚ, ମହମବତୀ, ଦିଆସିଲି, ଖାଦ୍ୟ, ପାନୀୟ, ରାସନ ସାମଗ୍ରୀ ୭ ଦିନ ପାଇଁ ମହଜୁଦ ରଖିବା ଆଦି ବିଷୟରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ଅପହଞ୍ଚ ଇଲାକାରେ ନେଟୱର୍କ ର ବ୍ୟବସ୍ଥା କରିବା, ପୂର୍ତ୍ତ ବିଭାଗ ରାସ୍ତା, ପେଟ୍ରୋଲ ପମ୍ପ, ବସଷ୍ଟାଣ୍ଡ, ଜଳସେଚନ ପ୍ରକଳ୍ପ ଆଦି ସ୍ଥାନରେ ବ୍ଲାକ ଆଉଟ ସମୟରେ କେହି ନ ରହିବା,ଗାଇଡ଼ ଲାଇନ ଉଲ୍ଲଂଘନ କଲେ ଫାଇନ ଏବଂ କାର୍ଯ୍ୟାନୁଷ୍ଠାନ, କଣ୍ଟ୍ରୋଲ ରୁମରେ କାର୍ଯ୍ୟରତ କର୍ମଚାରୀ ଅନୁପସ୍ଥିତ ନ ରହିଲେ ମଧ କାର୍ଯ୍ୟା ନୁଷ୍ଠାନ, କମ୍ୟୁନିଟି ସ୍ତରୀୟ ଏବଂ ପଞ୍ଚାୟତ ସ୍ତରୀୟ ପ୍ରସ୍ତୁତି, ଏହି ବିପଦ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅନ୍ଧ, ଦିବ୍ୟାଙ୍ଗଙ୍କୁ ବାଟ ଦେଖାଇବା, ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ,ଜିଲ୍ଲା ପ୍ରକଳ୍ପ ଅଧିକାରୀ,( ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ସଞ୍ଜୟ ଝା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ନେଇ ଜିଲ୍ଲାରେ ସମସ୍ତ ଡାକ୍ତର ଖାନା ଖୋଲା ରହିବା, ଆପଦ ସମୟରେ ଉଦ୍ଧାର ଓ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ ସହ ନିଜ ନିଜ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏକଜୁଟ ହୋଇ ଏହି ବିପଦ ସମୟରେ ମୁକାବିଲା ପାଇଁ ସଠିକ ସମ୍ବାଦ ପରିବେଷଣ ସହ ଲୋକଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଏଥିସହ ହ୍ୱାଟ୍ସଆପ ଗ୍ରୁପ ରେ ସଠିକ ତଥ୍ୟ ର ସୂଚନା ଦେବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ବିଡ଼ିଓ, ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସିଡିପିଓ, ସିଡିଭିଓ,, ଜିଲ୍ଲା ପଞ୍ଚାୟତ ଅଧିକାରୀ, ବ୍ୟାଙ୍କ ସମୁହ, ରାଇସ ମିଲର ନିଜ ନିଜ ସ୍ତରରେ ବୈଠକ କରି ଦେଶର ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ କରିବା ସହ ଏହି ଜରୁରିକାଳୀନ ପରିସ୍ଥିତିରେ ସମସ୍ତେ ଏକ ଟିମ ହୋଇ କାମ କରିବା ପାଇଁ ଆଶାବ୍ୟକ୍ତ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଅବକାରୀ ଚଢ଼ଉ, ମଦ ସହ ପୋଚ ଜବତ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗା ଅବକାରୀ ବିଭାଗ ମଳିଛି ଏକ ବଡ଼ ସଫଳତା । ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ, ବିଭାଗୀୟ କର୍ମଚାରୀମାନଙ୍କ ସହ ତଥା କୋଡୀଙ୍ଗା ଅବକାରୀ ଥାନା ଅଧିକାରୀ ଓ ତାଙ୍କ କର୍ମଚାରୀ ମାନଙ୍କ ସହ କୋଡୀଙ୍ଗା ଥାନା ଅନ୍ତର୍ଗତ, ବିରିଗୁଡା ଗ୍ରାମରେ ଚଢାଉ ସମୟରେ ପଦମ ଭତରା ନିଜେ ରହୁଥିବା ଘର ବାଡ଼ି ପଛ ପଟ ମଦ ରାନ୍ଧୁ ଥିବା ସମୟରେ ୨୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ, ୪୦ ଲିଟର ଗରମ ରନ୍ଧା ପୋଚ ଓ ୫୦ ଲିଟର ମଦ ରାନ୍ଧିବା ନିମନ୍ତେ ପ୍ରସ୍ତୁତ ହୋଇଥିବା ପୋଚ ଜବତ କରାଯାଇଥିଲା। ବିରିଗୁଡା ଗ୍ରାମ ପୋଖରୀ ଯିବା ରାସ୍ତା ନିକଟରେ ଥିବା ଗୋଟିଏ ପରିତ୍ୟକ୍ତ ଘରେ ମଦ ରନ୍ଧା ହେଉଥିଲା କେହି ବ୍ୟକ୍ତି ଉପସ୍ଥିତ ନଥିଲେ , ମଦରନ୍ଧା ସରଞ୍ଜାମ ଜବତ କରାଯାଇଥିଲା। ଗ୍ରାମ ନିକଟରେ ଥିବା ନାଳକୁ ତାଲାସୀ କରିବାରୁ ୧୭୦୦ ମଦ ରନ୍ଧା ନିମନ୍ତେ ପ୍ରସ୍ତୁତ ହୋଇ ଥିବା ପୋଚ ଓ ୧୫୦ ଲିଟର ମଦ ଜବତ କରି, ଘଟଣାସ୍ଥଳରେ ମଦ, ପୋଚ ନଷ୍ଟ କରିଦିଆଗଲା। ଏହି ଚଢ଼ାଉରେ କୋଡୀଙ୍ଗା ଅବକାରୀ ଥାନା ଅଧିକାରୀ ଦେଶରାଜ ସୁନା, ସହ ଉପନିରୀକ୍ଷକ ହଳଧର ଜାନି ସାମିଲ ଥିଲେ। ରେଶମା ସୁନା, ଆକ୍ରମ ଖାନ, ସୁଧାଂଶୁ ଶେଖର ବାଘ, ପ୍ରମୋଦ ବାଗ, କାଳୀ ମଣି ମୁଦୁଲି ଓ ପ୍ରସାଦ ବଳ ବନ୍ତ ରଏ ସହଯୋଗ କରିଥିଲେ ।

# ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

ଗୁଣୁପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ଲ୍ୟାବରେ ଭୟାବହ ଅଗ୍ନିକାଣ୍ଡ ଘଟି ବ୍ୟାପ କ୍ଷୟକ୍ଷତି ହଇଥିବା ଜଣାପଡିଛି । ସୂଚନାଯଗ୍ୟ ଶନିବାର ଦିନ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଚାଲୁଥିବା ସମୟରେ ହଠାତ୍ କମ୍ପ୍ୟୁଟର ଲ୍ୟାବରେ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ଜଳୁଥିଲା । ଘଟଣା ସଂପର୍କରେ ଖବର ପାଇ ଗୁଣପୁର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିସହ କଠାରେ ଫସି ରହିଥିବା ଜଣେ ବୟସ୍କ ଲୋକକୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।ତେବେ ଅଗ୍ନିକାଣ୍ଡରେ ଲ୍ୟାବରେ ଥିବା ୧୪୦ ରୁ ଉର୍ଦ୍ଧ୍ୱ କମ୍ପ୍ୟୁଟର, ଏଲସିଡି, ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ସହ ଚେୟାର ଟେବୁଲ ପଡି ପାଉଁଶ ହୋଇଯାଇଛି। ନଷ୍ଟ ହଇଥିବା ସାମଗ୍ରୀ ଗୁଡିକର ଆନୁମାନିକ ମୂଲ୍ୟ ଏକ କଟିରୁ ଉର୍ଦ୍ଧ୍ୱ ହେବ ବଲି ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଏନ ଭି ଜେ ରାଓ ସୂଚନା ଦେଇଛନ୍ତି । ଅଗ୍ନିକାଣ୍ଡ ଯୋଗୁଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷାକୁ ବାତିଲ କରିଥିଲେ ।



ଜଳେଶ୍ୱର(ଭାସ୍କର ନ୍ୟୁଜ): ବନ୍ଧୁତା ଏକ ନିଆରା ପରିଚୟ ।ଶ୍ରେଷ୍ଠ ତ୍ୟାଗର ଭଲ ପାଇବାର ପରିଚୟ ।ପ୍ରକୃତ ବନ୍ଧୁଟିଏ ଥିଲେ ମଣିଷ ଆଉ କିଛି ଲୋଡ଼ା କରେ ନାହିଁ ।ବନ୍ଧୁଟିଏ ସୁଖ ଦୁଃଖର ସାଥିରେ ହୋଇ ସବୁ ବେଳେ ଛିଡ଼ା ହୁଏ ।କଳି ଯୁଗରେ କୃଷ୍ଣ ଏବଂ ସୁଦମା ପରି ବନ୍ଧୁ ଟିଏ ପାଇବା ଅତ୍ୟନ୍ତ କଷ୍ଟକର ।କିନ୍ତୁ ଏହି ପରି ବନ୍ଧୁମିଳନ କାର୍ଯ୍ୟକ୍ରମ କରି ସମାଜକୁ ଉଦାହରଣ ସୃଷ୍ଟି କରି ଦେଖେଇ ଦେଇଛନ୍ତି ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ଶାନ୍ତିଆ ଶ୍ରୀନାଥ ଚନ୍ଦ୍ର ସୀମାନ୍ତ ହାଇସ୍କୁଲର ୨୦୨୧ ମସିହା ବ୍ୟାଚର ୨୫ ଜଣ ଛାତ୍ର ଓ ୨୦ ଜଣ ଛାତ୍ରୀ ମୋଟ ୫୫ ଜଣ ଛାତ୍ରଛାତ୍ରୀ ।ସମସ୍ତେ ଏକତ୍ରିତ ହୋଇ ରବିବାର ମଧ୍ୟାହ୍ନ ସମୟରେ ସ୍କୁଲ ପରିସରରେ ଏକ ବନ୍ଧୁ ମିଳନ ସମାରୋହ ଆୟୋଜିତ କରିଥିଲେ ।ଛାତ୍ର ଛାତ୍ରୀ ମାନେ ଦୀର୍ଘ ୪ ବର୍ଷ ଧରି ବିଭିନ୍ନ କଲେଜ ମାନଙ୍କରେ ପାଠ ପଢୁଥିଲେ ।ନିଜର ସହପାଠୀଙ୍କ ଓ ଶିକ୍ଷକ ମାନଙ୍କ ସହିତ କୌଣସି ଦେଖା ସାକ୍ଷାତ ହୋଇ ନଥିଲା ।ତେଣୁ ସମସ୍ତ ୨୦୨୧ ମସିହା ବ୍ୟାଚର ପୁରାତନ ଛାତ୍ର ଛାତ୍ରୀ ମାନେ ଏକତ୍ରିତ ହୋଇ ଏକ ବନ୍ଧୁ ମିଳନ ଉତ୍ସବ ପାଳନ କରିଥିଲେ ।ସ୍କୁଲର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷକ ପ୍ରତିନିଧି ବଳରାମ ପ୍ରଧାନ, ଅଜିତ୍ କୁମାର ନନ୍ଦୀ, ବିନୋଦ ବିହାରି ଡଗର, ବୁଦ୍ଧେଶ୍ୱର ପାଳ, ହେମନ୍ତ ଦାସ, ସତ୍ୟରଞ୍ଜନ ଦାସ, ଗଗନ କୁମାର ବେହେରା, ସମୀର କୁମାର ନନ୍ଦୀ, ଅଣ ଶିକ୍ଷକ ଶଶାଙ୍କ ସୁର, ସନତ କରଣ, ଶତ୍ରୁଘ୍ନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଉଦେଶ୍ୱରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



### ପୁରୀ ପୋଲିସର ସାମ୍ବାଦିକ ସମ୍ମିଳନୀ

# ପର୍ଯ୍ୟଟକ, ଲାଇଫଗାର୍ଡଙ୍କ ମଧ୍ୟରେ ସମନ୍ୱୟ ଜରୁରି



ପୁରୀ (ଭାସ୍କର ନ୍ୟୁଜ) : ପର୍ଯ୍ୟଟକ ଓ ଦର୍ଶନାର୍ଥୀଙ୍କ ସୁରକ୍ଷା ନିମିତ୍ତେ ବ୍ୟବସ୍ଥାଗତ ସୁଧାରଣ ଓ ଲାଇଫଗାର୍ଡମାନଙ୍କ ସହ ବ୍ୟବହାରିକ ସମନ୍ୱୟ ବଢ଼ାଇବା ଉଦ୍ଦେଶ୍ୟରେ ଏସ୍‌ପି, ପୁରୀ ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଆଜି ପୁରୀ ବିଚ୍‌ରେ ବ୍ରିଫିଂ ଅନୁଷ୍ଠିତ ହୋଇଛି ।ଏଥିରେ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡିଏସପି (ସିଟି) ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୁଳ ଥାନା ଅଧିକାରୀ ମନସ ଚକ୍ର ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏହି ବ୍ରିଫିଂର ଉଦ୍ଦେଶ୍ୟ ହେଉଛି ବିଚ୍ ସୁରକ୍ଷା ବଢ଼ାଇବା, ଲାଇଫଗାର୍ଡଙ୍କ କ୍ଷମତା ବିକାଶ କରିବା ଓ ଆପାତକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଦେବା ପାଇଁ ସଚେତନ କରିବା । ଅତିରିକ୍ତ ସ୍ପି ଶ୍ରୀ ସୁଶୀଲ ମିଶ୍ର ଲାଇଫଗାର୍ଡମାନଙ୍କ ଭୂମିକାକୁ ବଡ଼ ମୂଲ୍ୟ ଦେଇ କହିଛନ୍ତି ଯେ ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ରଖିବାରେ ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରୁଛନ୍ତି । ଲାଇଫଗାର୍ଡମାନେ ସମୟ ପାଳନ, ଜାଗୃତ ଓ ଉପଯୁକ୍ତ ସାଜସଜ୍ଜା ସହିତ ଡ୍ୟୁଟିରେ ଥିବା ଉପରେ ଜୋର ଦିଆଯାଇଛି । ସମୁଦ୍ରରେ ଉଚ୍ଚରେ ଜୁଆର ଓ ଭିଡ଼ ହୋଇଥିବା ଅଞ୍ଚଳର ନିୟମିତ ଡିଉଟି ସଠିକ ଭାବେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ଯେକୌଣସି ଆପଦା ସମୟରେ ସିବିଚ୍ ଓ ବାଲିଆପଣ୍ଡା ଥାନା ସହ ତ୍ୱରିତ ଯୋଗାଯୋଗ କରିବା ଉପରେ ଗୁରୁତ୍ୱ ।ପର୍ବ ପର୍ବାଣି, ଛୁଟି ସମୟରେ ବିଶେଷ ସତର୍କତା ରଖିବା । ପର୍ଯ୍ୟଟକଙ୍କୁ ନିୟମିତ ଭାବରେ ସୁରକ୍ଷିତ ସ୍ନାନ କ୍ଷେତ୍ର ବିଷୟରେ ଅବଗତ କରାଯିବ । ରେଡ ଜୋନ ଚିହ୍ନିତ କରି ରେଡ୍ ଫ୍ଲାଗ୍ ଓ ସାଇନବୋର୍ଡ୍ ସହିତ ଚିହ୍ନିତ କରାଯିବ । ସିପିଆର ଓ ପ୍ରଥମ ସାହାଯ୍ୟ ବିଷୟରେ ନିୟମିତ ମଡକ ଡ୍ରିଲ୍ ଓ ପୁନଃ ପ୍ରଶିକ୍ଷଣ । ଆମ୍ବୁଲାନ୍ସ ଓ ନିକଟସ୍ଥ ହସ୍ପିଟାଲ୍ ସହ ଯଥାପ୍ରକାର ସମନ୍ୱୟ ବୃଦ୍ଧି କରାଯିବ ।ଲାଇଫଗାର୍ଡମାନେ ଉପଯୁକ୍ତ ଉନିଫର୍ମ ଓ ଆଇଡି କାର୍ଡ ସହ ଉପସ୍ଥିତ ରହିବେ । ଶିଷ୍ଟ ଆଚରଣ, ଶିଷ୍ଟାଚାର ଓ ଅନାବଶ୍ୟକ ଗୋଷ୍ଠୀକରଣରୁ ବଚିବା ଉପରେ ଜୋର କରାଗଲା ।

### ଅସ୍ତ୍ର ବିରତି ପରେ ବି ଛଟପଟ ହେବ ପାକିସ୍ତାନ

# ବଳବତ୍ତର ରହିବ କଟକଣା

ନୂଆଦିଲ୍ଲୀ : ଅସ୍ତ୍ରବିରତି ପରେ ବି ଛଟପଟ ହେବ ପାକିସ୍ତାନ । ବଳବତ୍ତର ରହିବ ଭାରତର କଟକଣା । ଛଡ଼ାଯିବନି ସିନ୍ଧୁ ପାଣି, ଖୋଲିବନି ଅଟାରି ସୀମା । ୩ ଦିନର ଗୁଳିଗୋଳା ବର୍ଷଣ ପରେ ମିଳିଛି ସାମାନ୍ୟ ଆଶ୍ୱସ୍ତି । ସୀମାରେ ଫେରିଛି ଶାନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଛି ଅସ୍ତ୍ରବିରତି । ଏସବୁ ପରେ ବି ପାକିସ୍ତାନ ପାଣିପାଇଁ ଛଟପଟ ହେବ । ଶାନ୍ତିରେ ନିଃଶ୍ୱାସ ନେଇପାରିବନି । ଅଣ୍ଟା ସଳଖିପାରିବନି । ଭାରତ ସହ ଖେଳିବାର ପରିଣାମ ଭୋଗିବ ପାକିସ୍ତାନ । ପହଲଗାମ ଆକ୍ରମଣ ପରେ ଭାରତ ପାକିସ୍ତାନ ସହ ସିନ୍ଧୁଜଳ ଚୁକ୍ତିନାମା ବାତିଲ କରିଥିଲା । ବର୍ତ୍ତମାନ ଯୁଦ୍ଧବିରତି ପରେ ମଧ୍ୟ ଏହା ଜାରି ରହିବ । ସେହିପରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିବାର ନିଷ୍ପତ୍ତି ବି ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି । ସେହିପରି ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟିକ ସଂପର୍କ ମଧ୍ୟ ବନ୍ଦ ରହିବ । ଦୁଇଦେଶ ମଧ୍ୟରେ ରପ୍ତାନୀ ଓ ଆମଦାନି ଆରମ୍ଭ ହେବ ନାହିଁ । ଅଟାରି ୱାଘା ସୀମା ଚେକ୍‌ପୋଷ୍ଟ ମଧ୍ୟ ଖୋଲିବ ନାହିଁ । ସେହିପରି ଭାରତ ଆକାଶରେ ଉଡ଼ିପାରିବନି ପାକିସ୍ତାନୀ ବିମାନ । ପାକିସ୍ତାନୀ ଜାହାଜ ଚଳାଚଳ ବି ବନ୍ଦ ରହିବ । ଚିଠିପତ୍ର ଓ ପାର୍ସଲ ଆଦାନପ୍ରଦାନ, ପାକିସ୍ତାନୀ ୟୁଟ୍ୟୁବ ଚାନେଲ କଟକଣା ଜାରି ରହିବ । ସୋସିଆଲ ମିଡିଆ ଆକାଉଣ୍ଟ ଉପରୁ ବି ବ୍ୟାନ୍ ହଟାଯିବନି । ତେବେ ସୋମବାରର ଆଲୋଚନାର ନିର୍ଯାସ ଓ ନିଷ୍ପତ୍ତି ପରେ ହିଁ ଏସବୁ କଟକଣା ବଳବତ୍ତର ରହିବ ନା ହଟାଯିବ ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିବ ।

# ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି



ଭୁବନେଶ୍ୱର,୧୧।୫(ଭାସ୍କର ନ୍ୟୁଜ): ଗତ ୩ରୁ ୪ ଦିନ ହେବ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି । ଆସନ୍ତା ୧୫ ତାରିଖ ଯାଏ ତାତିର ନିସ୍ତାର ମିଳିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଚଳିତବର୍ଷ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ରବିବାର ସର୍ବାଧିକ ରେକର୍ଡ କରିଛି । ସେହିପରି ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ହୀରାକୁଦ ଆଦି ସ୍ଥାନରେ ମଧ୍ୟ ପ୍ରଚଣ୍ଡ ଗରମ ଅନୁଭୂତ ହେଉଛି । ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା । ସକାଳ ୮ଟାରୁ ସୂର୍ଯ୍ୟଙ୍କ କିରଣର ପ୍ରଭାବ ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୦ଟା ପରଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାଘାଟରେ କମ୍ ଲୋକଙ୍କ ଯାତାୟତ ଦେଖିବାକୁ ମିଳିଥିଲା । ବ୍ୟସ୍ତବହୁଳ ସ୍ଥାନଗୁଡ଼ିକରେ ଜନଗହଳିର ଅଭାବ ପରିଲକ୍ଷିତ ହୋଇଥିଲା । ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ରବିବାର ଅପରାହ୍ନ ୨.୩୦ସୁଦ୍ଧା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ଅପରାହ୍ନ ୨.୩୦ ସୁଦ୍ଧା ୪୩ ଡିଗ୍ରୀ ରହିଥିବା ସୂଚନା ଦିଆଯାଇଛି । ଏଥିପୂର୍ବରୁ ମାର୍ଚ୍ଚ ୨୮ରେ ରାଜଧାନୀ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଥିଲା । ପ୍ରବଳ ଗରମ ସହ ବହୁ ସ୍ଥାନରେ ବିଦ୍ୟୁତ ରହୁନଥିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସ୍ଥିତି ଏପରି ହୋଇଛି ଯେ ଘରେ ରହିହେଉନି କି ବାହାରକୁ ମଧ୍ୟ ବାହାରି ହେଉନି । ତେବେ ୧୫ ତାରିଖ ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି ।

# ନୃସିଂହ ମନ୍ଦିରରେ ଚନ୍ଦନଯାତ୍ରା



ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମ୍ମା ଠାରେ ଅବସ୍ଥିତ ଏକମାତ୍ର ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷ ର ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୈଶାଖ ମାସ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ନୃସିଂହନାଥ ଙ୍କ ଜନ୍ମତିଥି ପ୍ରତିବର୍ଷ ପାଳନ ଅବସରରେ ପୁରୀ ଶଙ୍କରାଚାର୍ଯ୍ୟ ମଠରୁ ଆସିଥିବା ଆଚାର୍ଯ୍ୟ ଦେବୀ ପ୍ରସାଦ ମିଶ୍ର, ଆଚାର୍ଯ୍ୟ ଶିବମ ରଥ ଓ ମନ୍ଦିରର ମୁଖ୍ୟ ପୂଜକ ମନୋଜ କୁମାର ମିଶ୍ରଙ୍କ ପୌରହୀତରେ ଭୋର ସକାଳୁ ମହାପ୍ରଭୁ ନୃସିଂହନାଥ ଙ୍କ ଦେବସ୍ନାନ ସହିତ ସମସ୍ତ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ଆଳତି ସରିବା ପରେ ଚନ୍ଦନଲାଗି ବେଶ ଅନୁଷ୍ଠିତ ହୋଇଥାଏ ଓ ପରେ ମହାପ୍ରଭୁ ନୃସିଂହନାଥ ଙ୍କ ବିଗ୍ରହକୁ ଏକ ସ୍ୱତନ୍ତ୍ର ପାଲିଙ୍କିରେ ସ୍ଥାପିତ କରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରାଯାଇଥିଲା ଏହି ଅବସରରେ ମୁଦୁଲିଗୁଡା, ସିରିପେଟା ଓ ପଖନାଗୁଡା ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ବିଭିନ୍ନ ବାଦ୍ୟଯନ୍ତ୍ର ଖୋଳତାଳ ବଜାଇ ଗ୍ରାମ ପରିକ୍ରମା କରାଇଥିଲେ, ଗ୍ରାମ ର ସମସ୍ତ ସନାତନୀ ହିନ୍ଦୁ ଶ୍ରଦ୍ଧାଳୁମାନେ ନିଜ ଘର ଆଗରେ ଜଳ କଳସ ସ୍ଥାପିତ ଓ ଧୂପଦୀପ ଦେଇ ମହାପ୍ରଭୁଙ୍କୁ ସ୍ୱାଗତ କରିଥିଲେ । ଏହାପରେ ମନ୍ଦିର ନିକଟସ୍ଥ ଆନନ୍ଦ ବଜାରରେ ସମସ୍ତେ ଅନ୍ନପ୍ରସାଦ ଆନନ୍ଦ ସହକାରେ ସେବନ କରିଥିଲେ । ଆଜିର ଏହି ଅବସରରେ ଚନ୍ଦନ ଯାତ୍ରା କମିଟିର ସଦସ୍ୟ ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, କାଳୁ ମହାରଣା,ଅକ୍ଷୟ କୁମାର ହୋତା, ପ୍ରଭାକର ଜେନା, ଜଗନ୍ନାଥ ଜେନା, ଶୁଭମ୍ ଭୁୟାଁ, ଗୋପୀନାଥ ଦାସ, ସନ୍ତୋଷ କୁମାର ସ୍ୱାଇଁ, କାହ୍ନୁ ଚରଣ ସିୟ ,ବୁଲୁ ସୁଆର,ଅନୁପ କୁମାର ଦାସ, ସୁଶାନ୍ତ କୁମାର ରଥ ଓ ଭବତୋଷ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ ।

## ୩୬ତମ ରାଜ୍ୟ କରାଟେ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ୩୬ ତମ ରାଜ୍ୟ କ୍ୟାଡେଟ, ଜୁନିଅର ଓ ୩୭ ତମ ରାଜ୍ୟ ସର୍ବ କନିଷ୍ଠ କରାଟେ ପ୍ରତିଯୋଗୀତା ଉଦଘାଟିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ମୋଟ ୭୦୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ତିନି ଦିନ ହେବାକୁ ଥିବା ଏହି ପ୍ରତିଯୋଗିତାର ଆଜି ପ୍ରଥମ ଦିନରେ କ୍ୟାଡେଟ, ଜୁନିଅର ଓ ୧୩ ବର୍ଷ ବିଭାଗର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଶେଷ ହୋଇଯାଇଛି । ଆଜିର ଏହି ପ୍ରତିଯୋଗିତାରେ ଓଡିଶା ବିଜେପିର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ବିଜୟୀ ପ୍ରତିଯୋଗୀ ଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି ।

## କଟକ ବାର୍ ପକ୍ଷରୁ ସାଇକେଲ୍ ଶୋଭାଯାତ୍ରା

କଟକ(ଭାସ୍କର ନ୍ୟୁଜ୍): କଟକ ବାର୍ ଆସୋସିଏସନ୍ ଓ ସ୍ପୋର୍ଟସ୍ ଅଥୋରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ବାର୍‌ର ସମ୍ପାଦକ ଦିଲ୍ଲୀପ୍ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଯୁଗ୍ମ ସମ୍ପାଦକ ଚିତରନ ସ୍ୱାଇଁ, କୋଷାଧ୍ୟକ୍ଷ ବିଶ୍‌ଜିତ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ରାଜ କିଶୋର ସ୍ୱାଇଁ, ଦେବାଶୀଷ ଦାସ, ବିକାଶ କୁମାର ପାଢ଼ୀ, ପୂର୍ବତନ ସମ୍ପାଦକ ଦିଲ୍ଲୀପ୍ କୁମାର ସ୍ୱାଇଁ, ପୂର୍ବତନ ସମ୍ପାଦକ ଦିଲ୍ଲୀପ୍ କୁମାର ମହାରଣା, ଆଇନଜୀବୀ ବିଜୟ କୁମାର ପଣ୍ଡା, କରୁଣାକର ଜେନା, ସସ୍ମିତା ଦେବତା, ଅଶୋକ କୁମାର ମହାନ୍ତି, ଲିଙ୍ଗରାଜ ଦାସ, ଅମୀୟ ରଞ୍ଜନ ଶତପଥୀ, ନିତ୍ୟାନନ୍ଦ ପଣ୍ଡା, ସ୍ପୋର୍ଟସ ଅଥେତାରିଟି ଅଫ୍ ଇଣ୍ଡିଆର ପ୍ରଶାନ୍ତ କୁମାର ଦାସ, ସୁରିତ ନାୟକ ଓ ସିଦ୍ଧାର୍ଥ ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ । ଏହଠି ଶୋଭାଯାତ୍ରା ଚାନ୍ଦିନୀଚୌକ, ଜୁଡିସିଆଲ୍ ଏକାଡେମୀ ପରିକ୍ରମା କରିବା ପରେ କଟକ ବାର୍ ଆସୋସିଏସନ୍ ନିକଟରେ ପହଁଚିଥିଲା ।

**AFFIDAVIT**

By virtue of an affidavit sworn before the Executive Magistrate, Basudevpur, dated: 06.05.2025, I Sania Nayak, Address: At- Kansaripur, Po- Matipaka, Ps- Naikanidihi, Dist- Bhadrak, Odisha, PIN- 656125, declare that I have changed my name from Balaram Nayak to Sania Nayak. Henceforth, I shall be known as Sania Nayak for all purposes.

**Sd/- Sania Nayak**

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated: 23.04.2025, I Banita Bhoi, Address: At- Padmanava Nagar, Po- Brahamnigaon, Ps- Barang, Dist- Cuttack, PIN-754005, declare that I have changed my name from Elaya Raj Banita Das to Banita Bhoi. Henceforth I shall be known as Banita Bhoi for all purposes.

**Sd/- Banita Bhoi**

**AFFIDAVIT**

By virtue of an affidavit sworn before the Executive Magistrate, Hindol, dated: 05.05.2025, I Anita Biswal, Address: village- Babandha, Po- Babandha, Ps- Rasol, Dist- Dhenkanal, Odisha, PIN-759019, declare that I have changed my son's name from Nikhal Biswal to Nikhil Biswal. Henceforth, he shall be known as Nikhil Biswal for all purposes.

**Sd/- Anita Biswal**

# ରାଜ୍ୟପାଳ ପ୍ରଦାନ କଲେ ସର୍ଭିସ ଷ୍ଟାର ପଦକ




ପୁରୀ (ଭାସ୍କର ନ୍ୟୁଜ) : ଭାରତ ସ୍କାଉଟ ଗାଇଡ୍, ଓଡିଶା ତରଫରୁ ତା ୯ ରିଖରେ ଭୁବନେଶ୍ୱର ସ୍ଥିତ ରାଜଭବନର ଅଭିଷେକ ହଲ୍ ?ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୨୦୨୪-୨୫ ବର୍ଷର ରାଜ୍ୟପାଳ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡାଃ ହରିବାବୁ କମ୍ଭମପତି ପୁରୀ ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡର ଗାଇଡ କମିସନର ତଥା କଣାସ ସ୍ଥିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କୁ ତାଙ୍କର ନିରବିଚ୍ଛିନ୍ନ ସେବା ସଂଗଠନକୁ ପ୍ରଦାନ କରିଥିବାରୁ ସର୍ଭିସ୍ ଷ୍ଟାର ପଦକ ଓ ମାନପତ୍ର ପ୍ରଦାନ କରିଅଛନ୍ତି । ଏହି ଉତ୍ସବରେ ରାଜ୍ୟ ପ୍ରଥମ ଗାଇଡ ଜୟଶ୍ରୀ କମ୍ଭମପତି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତ ସ୍କାଉଟ ଓ ଗାଇଡର ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ ମୁଖ୍ୟାଳୟର ସଚିବ ଶରତ ଚନ୍ଦ୍ର ପାଇକରାୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ମୁଖ୍ୟାଳୟର ଜଏଣ୍ଟ ସଚିବ ଅନାମିକା ଦାସ ପରିଚାଳନା କରିଥିଲେ ।

# ବିଶ୍ୱଶାନ୍ତି ପାଇଁ ଏକ ଦିବସୀୟ ଯୋଗ ଭଟ୍ଟୀ

କଟକ(ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଥମ ଏକ ଦିବସୀୟ ଯୋଗ ଭଟ୍ଟୀ ସବ୍‌ଜୋନ୍‌ର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ଡଃ. କମଲେଶ ଦିଦିଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବିଶ୍ୱ ଶାନ୍ତି ପ୍ରତିଷ୍ଠା ଓ ଭାରତରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ସମସ୍ତ ପିଡୀତ ଆତ୍ମାମାନଙ୍କୁ ଶାନ୍ତି ଶକ୍ତି ପ୍ରଦାନ ତଥା ଏହି ଯୁଦ୍ଧର ପ୍ରଭାବକୁ ପ୍ରଶମିତ କରିବା । ଦିନ ୧୦ଟାରୁ ଅପରାହ୍ନ ଗୋଟାଏ ତଥା ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏହି ଯୋଗ ଭଟ୍ଟୀ ଅନୁଷ୍ଠିତ ହୋଇଥିଲା । ପ୍ରତେକ ଘରେ ଭିନ୍ନ ଭିନ୍ନ ଏକ ଦୃଢ ସଂକଳ୍ପ ଉପରେ ଏକଗ୍ରତାର ସହିତ ଯୋଗର ଶକ୍ତି ଓ ଭାଇବ୍ରେସନ୍ ବିତରଣ କରିବାର ମନ୍‌ସା ହେବାର ପ୍ରୟୋଗ ହୋଇଥିଲା । ପ୍ରତ୍ୟେକ ମାସରେ ୨ଟି ଲେଖାଏଁ ୧୨ ମାସରେ ୨୪ଟି ଯୋଗ ଭଟ୍ଟୀ କଟକ ସବ୍‌ଜୋନ୍ ତରଫରୁ ରଖାଯିବାର କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ ୨୫ଟି ଯୋଗ ଭଟ୍ଟୀ ଆୟୋଜନ ହେବ ବୋଲି ରାଜଯୋଗିନୀ ବ୍ର.କୁ. ସୁଲୋଚନା ଦିଦି, ବ୍ର.କୁ. ମୋହନ ଭାଇ ସୂଚନା ପ୍ରଦାନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱକୁ ପ୍ରମାଣ...

ଅପରାଧୀ ଏବଂ ଯୋଜନାକାରୀଙ୍କୁ ଦଣ୍ଡଦେବା ଏବଂ ସେମାନଙ୍କ ଆତଙ୍କୀ ଭିତ୍ତିଭୂମିକୁ ନଷ୍ଟ କରିବାର ସ୍ପଷ୍ଟ ସାମରିକ ଉଦ୍ଦେଶ୍ୟ ସହିତ ସଂକଳ୍ପିତ ହୋଇଥିଲା । ସେନା ଆତଙ୍କବାଦୀ ଆକ୍ରମଣର ସଠିକ ଜବାବ ଦେଇଥିଲା । ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ସଠିକତାର ସହ ଟାର୍ଗେଟ କରାଯାଇଥିଲା । ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯିବା ସହ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା । ମୃତକଙ୍କ ମଧ୍ୟରେ ୟେସୁଫ ଆଝାର, ହାଫିଜ ଜମିଲ, ମୁଦାସିର ଅହମ୍ମଦଙ୍କ ପରି କୁଖ୍ୟାତ ଆତଙ୍କବାଦୀ ସାମିଲ ରହିଛନ୍ତି । ସେହିପରି ଗତ ୬ ଓ ୭ ତାରିଖ ଅପରେସନରେ ପାକିସ୍ତାନ ସେନାର ୩୦ରୁ ୪୦ ଶୀର୍ଷ ଅଧିକାରୀ ନିହତ ହୋଇଛନ୍ତି । ୧୦ ତାରିଖରେ ପାକିସ୍ତାନ ସେନାର ଡିଜିଏମ୍‌ଓ ଅସ୍ତ୍ରବିରତି ପାଇଁ ଭାରତର ଡିଜିଏମ୍‌ଓଙ୍କୁ ଅନୁରୋଧ କରିଥିଲେ ଓ ଭାରତୀୟ ସେନା ତାହାକୁ ଗ୍ରହଣ କରିଥିଲା । ତେବେ ବୁଝାମଣାର କିଛି ସମୟ ପରେ ପୁଣି ପାକିସ୍ତାନୀ ସେନା ଗୁଳିଗୋଳା ବର୍ଷଣ କରିଥିଲା । ଭାରତୀୟ ସେନା ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଇଥିଲା । ତେବେ ଆତଙ୍କୀ ଆଡ୍ଡାଗୁଡ଼ିକୁ କିଭଳି ନିର୍ଦ୍ଦିଷ୍ଟ ଭାବେ ଟାର୍ଗେଟ କରାଯାଇଥିଲା ସେ ନେଇ ବିସ୍ତୃତ ସୂଚନା ଦେଇଥିଲେ ଡିଜିଏମ୍‌ଓ, ଡିଜିଏନଓ ଏବଂ ଡିଜିଏଓ । ପାକିସ୍ତାନର ଯେକୌଣସି ଦୁଃସାହସର ଜବାବ ଦେବାପାଇଁ ସେନା କମାଣ୍ଡରଙ୍କୁ ସ୍ୱାଧୀନତା ଦିଆଯାଇଛି ।

### ବର୍ଷକୁ ନିଲାମ ହେବ...

କିଲୋଗ୍ରାମ ରହିଛି । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଥିଲେ ଯେ ୧୯୯୮ ମସିହା ଆଜିର ଦିନରେ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଆମର ବୈଜ୍ଞାନିକମାନେ ପୋଖରାନରେ ପରମାଣୁ ପରୀକ୍ଷଣ କରିଥିଲେ ଏବଂ ସାରା ବିଶ୍ୱକୁ ଭାରତର ଶକ୍ତି ଓ ସାମର୍ଥ୍ୟ ଦେଖାଇଥିଲେ । ସେ କହିଥିଲେ, ବ୍ରହ୍ମୋସ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତତମ ସୁପରସୋନିକ କ୍ରୁଜ କ୍ଷେପଣାସ୍ତ୍ର ମଧ୍ୟରୁ ଗୋଟିଏ । ଆମର ସଶସ୍ତ୍ରବାହିନୀର ଶକ୍ତି, ଆମର ଶତ୍ରୁମାନଙ୍କ ପ୍ରତି ଆମର ପ୍ରତିରୋଧ ଏବଂ ଆମର ସୀମାକୁ ସୁରକ୍ଷା ଦେବାପାଇଁ ଆମେ ପ୍ରତିବଦ୍ଧ । ପାକିସ୍ତାନରେ ଥିବା ଆତଙ୍କୀ ଭିତ୍ତିଭୂମିକୁ ଧ୍ୱଂସ କରିବା ଲକ୍ଷ୍ୟରେ ଭାରତୀୟ ସେନା ଆରମ୍ଭ କରିଥିଲା ଅପରେସନ ସିନ୍ଦୂର । ଆମେ କେବେ ବି ସେମାନଙ୍କ ସାଧାରଣ ଲୋକଙ୍କୁ ଟାର୍ଗେଟ କରିନାହୁଁ । ଭାରତୀୟ ସେନା ସାହସ ଓ ବୀରତ୍ୱ ପ୍ରଦର୍ଶନ କରିବା ସହିତ ସଂଯମତା ପ୍ରଦର୍ଶନ କରିଛନ୍ତି । ପାକିସ୍ତାନର ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରି ଉପଯୁକ୍ତ ଜବାବ ମଧ୍ୟ ସେନା ଦେଇଛି ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ ଯେତେବେଳେ ଆମର ସେନା ପୁଲୱାମା ଆତଙ୍କୀ ଆକ୍ରମଣ ପରେ ପ୍ରବେଶ କରି ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା, ଯେତେବେଳେ ବାଲାକୋଟରେ ବାୟୁସେନା ଆକ୍ରମଣ କରାଯାଇଥିଲା ଏବଂ ଏବେ ପହଲଗାମ ଘଟଣା ପରେ ସାରା ବିଶ୍ୱ ଦେଖୁଛି ଯେ ଭାରତ ପାକିସ୍ତାନରେ ପ୍ରବେଶ କରି ଆକ୍ରମଣ କରୁଛି ।

# ବିଜେପିର ସାଙ୍ଗଠନିକ ବୈଠକ ସହ ମିଶ୍ରଣ ପର୍ବ



ରାୟଗଡ଼ା (ଭାସ୍କର ନ୍ୟୁଜ):-ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ର ନାରାୟଣପୁର ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିଜେପି ଦଳର ସାଂଗଠାନିକ ବୈଠକ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେପି ସଂଘଠନ ମନ୍ତ୍ରୀ ମାନସ ମହାନ୍ତି ଯୋଗ ଦେଇ ଆଗାମୀ ନିର୍ବାଚନ କୁ ଆଖି ଆଗରେ ରଖି ଦଳର ବିଜୟୀ ପାଇଁ ଦଳୀୟ କର୍ମକର୍ତ୍ତା ଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ଏହା ସହ କଂଗ୍ରେସ ବିଜେଡ଼ି ବିଏସପି ଦଳ ଛାଡ଼ି ଅନେକ କାର୍ଯ୍ୟକର୍ତ୍ତା ବିଜେପି ଦଳର ବିଚାରଧାରା ରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ମାଝିଗୁଡ଼ା ପଞ୍ଚାୟତରୁ ବରିଷ୍ଠ କର୍ମୀ ବ୍ରଜ ସୁନ୍ଦର ରଥ ଙ୍କ ନେତୃତ୍ୱରେ ହରିହର ମିଶ୍ର ,କାଳିଆ ଦାସ, ପଦ୍ମନ ତ୍ରିପାଠୀ,କେଦାର ମିଶ୍ର ସୁନାଖଣ୍ଡି ପଞ୍ଚାୟତର ବିନାୟକ କୁଲିସିକା, ରାମାରାଓ କୁଲିଶିକା ଓ କେଶରୀ ଭତ୍ରା ନେତୃତ୍ୱରେ ସଞ୍ଜୟ ବାଗ ,ଘାସିରାମ କୁଲିସିକା, ଗୋପୀ ହୁଇକା, ମାଲେସ ରାଓ, ନବଘନ ସିରୁଆନ୍ , ଅଭି ଚୌଧୁରୀ , ତ୍ରିନାଥ ଦଳେଇ , କାଳିଆ କୁଲିସିକା , ଦିନବନ୍ଧୁ କାଡ୍ରାକା , ଚନ୍ଦ୍ର ଶେଖର ଭତ୍ରା, ଧାମୁଣି ପାଙ୍ଗା ପଞ୍ଚାୟତରୁ କାମେଶ୍ୱର କରକରିଆ , ସୁନଖଣ୍ଡି ପଞ୍ଚାୟତରୁ ତ୍ରିନାଥ ଦଳାଇ ଏଂ ଶିକରପାଇ, ସିଙ୍ଗାରି, କଲ୍ୟାଣସିଂହପୁର ତଥା ବ୍ଲକ୍ ର ବିଭିନ୍ନ ପଞ୍ଚାୟତରୁ କାର୍ଯ୍ୟକର୍ତ୍ତା ମିଶ୍ରଣ ପର୍ବରେ ସାମିଲହୋଇଥିଲେ ତାଙ୍କୁ ବିଷମକଟକ ନିର୍ବାଚନ ମଣ୍ଡଳର ବିଧାୟକ ପ୍ରାଥି ଜଗନ୍ନାଥ ନୁଣ୍ଡୁକା , ଜିଲ୍ଲା ସଭାପତି ଗୋପୀ ଆନନ୍ଦ ବରିଷ୍ଟ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଶିବ ଶଙ୍କର ଉଲାକା, କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏହି ସମୟରେ କଲ୍ୟାଣସିଂହପୁର ମଣ୍ଡଳର ଅନେକ ପଦାଧିକାରୀ କୃଷ୍ଣ ସାମଲ, ସନ୍ଦୀପ ଗୁଡୁଲା, ଶିବ ଆଚାରି, ଅଶ୍ୱିନୀ ମହାପାତ୍ର, ସନ୍ତୋଷ କୁମାର ବଛା, ସୁରେନ୍ଦ୍ର କୌଶଲ୍ୟା, ନକୁଳ ବେନିଆ ଏବଂ ସିକରପାଇ ମଣ୍ଡଳ ର ବରିଷ୍ଠ କର୍ମୀ ବାବୁରାଓ ଯାଡି, ମୋନଜ କୁମାର୍ ସେଠୀ, ଜଗନ୍ନାଥ , ଚନ୍ଦ୍ର ଶେଖର ଓ ଦଳୀୟ ଅନେକ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଖୋର୍ଦ୍ଧା ଜିଲ୍ଲା ସର୍ବୋଦୟ ମଣ୍ଡଳ ଗଠିତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଉତ୍କଳ ସର୍ବୋଦୟ ମଣ୍ଡଳର ଉପଦେଷ୍ଟା ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଜିଲ୍ଲା ସର୍ବୋଦୟ ମଣ୍ଡଳ ଗଠନ କରାଯାଇଛି । ଏହି ବୈଠକରେ ଗାନ୍ଧୀ ଦର୍ଶନ ଆଧାରରେ ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦଭାବ, ନିଶା ନିବାରଣ ଆଦି ୧୮ଟି ରଚନାତ୍ମକ କାମ ସହ ଯୁବ ଛାତ୍ରମାନଙ୍କ ମଧ୍ୟରେ ଗାନ୍ଧୀ ବିଚାରର ପ୍ରଚାର ପ୍ରସାର କରାଯିବା ସହ ସନ୍ଥ ବିନୋବାଙ୍କ ନେତୃତ୍ୱରେ ସଂଗଠିତ ଭୂଦାନ ଆନ୍ଦୋଳନରେ ସଂଗୃହିତ ଜମିର ସୁଷମ ବଣ୍ଟନ ପାଇଁ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବା ସହ ଏସମ୍ପର୍କରେ ଏକ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଉକ୍ତ ବୈଠକରେ ବୈକୁଣ୍ଠ ନାଥ ମହାପାତ୍ର ସଭାପତି, ଶିବ ଚରଣ ମିଶ୍ର ସମ୍ପାଦକ, ମନୋଜ କୁମାର ମହାପାତ୍ର ରାଜ୍ୟ ପ୍ରତିନିଧି, ପ୍ରିୟନାଥ ମହାପାତ୍ର ଉପସଭାପତି, ଅମ୍ବିକା ପ୍ରସାଦ ମହାନ୍ତି ଓ ପ୍ରସନ୍ନ କୁମାର ଗୋଛାୟତ ଯୁଗ୍ମ ସମ୍ପାଦକ ଓ ନୀଳମଣି ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ବେଳେ ଉପଦେଷ୍ଟା ମଣ୍ଡଳୀରେ ଆଇନଜୀବୀ ଶିବଶଙ୍କର ସେନାପତି, ପ୍ରମୋଦ ପ୍ରତାପ ସିଂହ ଓ ଗୁଣନିଧି ଜୟସିଂହଙ୍କୁ ସାମିଲ କରାଯାଇଥିଲା । ଏହି ବୈଠକରେ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଓ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଅତିଥି ଭାବେ ଯୋଗଦେଇ ଦେଶର ସାଂପ୍ରତିକ ସ୍ଥିତି ଓ ସର୍ବୋଦୟ ସଂଗଠନର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଗିରିଜା ଶଙ୍କର ମହାପାତ୍ର,ଶରତ ଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ମହାନ୍ତି, ଗୋବିନ୍ଦ ବେହେରା,ଆନନ୍ଦ ଚନ୍ଦ୍ର ସାମନ୍ତରାୟ, ତପନ କୁମାର ବେହେରା, ରାଜକିଶୋର ସାମଲ, ଦିଲ୍ଲୀପ କୁମାର ରାଉତ ଉପସ୍ଥିତ ରହି ସମସ୍ତ ସଚେତନ ନାଗରିକ ସର୍ବୋଦୟ ବିଚାରରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ରାଷ୍ଟ୍ରୀୟ ଯୁବା ସଂଗଠନର ମାନସ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଶ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଫର୍ମ ଜି
ଭୁବନେଶ୍ୱର ଏକ୍ସପ୍ରେସୱେଜ୍ ପ୍ରାଇଭେଟ ଲିମିଟେଡ୍ ପାଇଁ ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ନିମନ୍ତେ ଆମନ୍ତ୍ରଣ
ଭୁବନେଶ୍ୱରରେ ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ଯାନ ନିର୍ମାଣ (ଏସ୍‌ପିଭି) ସେବା ଯୋଗାଉଥିବା ନିର୍ମାଣ କମ୍ପାନୀ, ଓଡ଼ିଶା
ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ ରପ୍‌ଟିସି ବୋର୍ଡ ଅଫ୍ ଇଣ୍ଡିଆର ୨୦୧୬ ଆଇନ ଅନୁଯାୟୀ ଉପଧାରା (୧)ର ଆଇନ ୩୬ଏ (ଇନସଲଭେନ୍ସି ରିଜୋଲ୍ୟୁସନ ପ୍ରୋସେସ କର୍ପୋରେଟ ବ୍ୟକ୍ତିଙ୍କ ପାଇଁ)

| | | |
|---|---|---|
| | **ରିଲେଭାଣ୍ଟ ବିବରଣୀ** | |
| ୧. | ପାନ ଏବଂ ସିଆଇଏନ୍/ ଏଲଏଲପି ନମ୍ବର ସହ କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ଭୁବନେଶ୍ୱର ଏକ୍ସପ୍ରେସ ୱେ ପ୍ରାଇଭେଟ ଲିମିଟେଡ୍ ସିଆଇଏନ୍-ୟୁ୪୫୨୦୦ଡିଏଲ୨୦୧୦ପିଟିସି୨୦୫୧୨୧ |
| ୨. | ପଞ୍ଜିକୃତ କାର୍ଯ୍ୟାଳୟର ଠିକଣା | ପଞ୍ଜିକୃତ କାର୍ଯ୍ୟାଳୟ: ଡି-୪୨୭, ଦ୍ୱିତୀୟ ମହଲା, ରାମଫାଲ ଚୌକ, ପାଲାମ ଏକ୍ସଟେନସନ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫, ପୂର୍ବର ରେଜିଷ୍ଟ୍ରର ଅଫିସ- ସପ୍ ନଂ ୧୧୯, ପ୍ରଥମ ମହଲା, ସେକ୍ଟର-୭, ଏଲଏସସି-୩, ବର୍ଦ୍ଧମାନ ଷ୍ଟାରସିଟି ମଲ୍ଲ, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୭ |
| ୩ | ୱେବସାଇଟ୍‌ର ୟୁଆରଏଲ | https://www.bexp.in/ |
| ୪ | ଯେଉଁଠାରେ ଅଧିକ ପରିମାଣର ଫିକ୍ସଡ ଆସେଟ୍ ରହିଛି ସେ ସ୍ଥାନର ବିବରଣୀ | ରାଇଗଡ଼, ମହାରାଷ୍ଟ୍ର |
| ୫ | ମୁଖ୍ୟ ସାମଗ୍ରୀ/ ସେବାର ଇନଷ୍ଟଲ କାପାସିଟି | ଆବଶ୍ୟକ ନାହିଁ |
| ୬ | ଗତ ଆର୍ଥିକ ବର୍ଷରେ ମୁଖ୍ୟ ସାମଗ୍ରୀ/ସେବାର ବିକ୍ରି ପରିମାଣ ଓ ମୂଲ୍ୟ | ଆବଶ୍ୟକ ନାହିଁ |
| ୭. | କର୍ମଚାରୀ/କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା | ଶୂନ |
| ୮. | ଗତ ଦୁଇ ବର୍ଷର ଆର୍ଥିକ ବିବରଣୀ ସହ ପରବର୍ତ୍ତୀ ବିବରଣୀ (ସିଡ୍ୟୁଲ ସହ), ୟୁଆରଏଲରେ ଧାରକଙ୍କ ବିବରଣୀ ରହିଛି | ପୂର୍ବବର୍ଷର ଆର୍ଥିକ ସ୍ଥିତି https://drive.google.com/drive/folders/1JwrlhXutnKGcRKoMaB8QZrbgUsl3eu5G?usp=drive_link ପ୍ରୋସେସ ପାଇଁ ଆବଶ୍ୟକ ଦସ୍ତାବିଜ୍ https://www.bexp.in/ |
| ୯. | ୟୁଆରଏଲରେ ଥିବା କୋଡ ସହିତ ଧାରା ୨୫(୨) (ଏଚ୍) ସହ ରିଜ୍ୟୁଲେସନରେ ଥିବା ଆବେଦନକାରୀଙ୍କ ଯୋଗ୍ୟତା | ପ୍ରୋସେସ ସମ୍ବନ୍ଧିତ ଦସ୍ତାବିଜ https://www.bexp.in/ (Document Title: |
| ୧୦. | ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଗ୍ରହଣ କରିବାର ଶେଷ ତାରିଖ | ୨୭.୦୫.୨୦୨୫ ମଙ୍ଗଳବାର |
| ୧୧. | ରିଜୋଲ୍ୟୁସନରେ ଥିବା ଆବେଦନକାରୀଙ୍କ ପ୍ରୋଭିଜନାଲ ତାଲିକାର ଦିଆଯାଇଥିବା ତାରିଖ | ୦୬.୦୬.୨୦୨୫ ଶୁକ୍ରବାର |
| ୧୨. | ପ୍ରୋଭିଜନାଲ ତାଲିକା ସମ୍ବନ୍ଧରେ ଅଭିଯୋଗ ଥିଲେ ଦାଖଲ କରିବାର ଶେଷ ତାରିଖ | ୧୧.୦୬.୨୦୨୫ ବୁଧବାର |
| ୧୩. | ରିଜ୍ୟୁଲେସନରେ ଥିବା ଯୋଗ୍ୟ ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶନର ତାରିଖ | ୨୧.୦୬.୨୦୨୫ ଶନିବାର |
| ୧୪. | ରିଜ୍ୟୁଲେସନରେ ଥିବା ଯୋଗ୍ୟ ଆବେଦନକାରୀଙ୍କ ରିଜ୍ୟୁଲେସନ ପ୍ଲାନ୍‌ର ଅନୁରୋଧ ସହ ମେମୋରାଣ୍ଡମର ସୂଚନା, ମାଟ୍ରିକ୍ସର ମୂଲ୍ୟାୟନ ତଥା ପ୍ରକାଶନର ତାରିଖ | ୦୬.୦୬.୨୦୨୫ ଶୁକ୍ରବାର |
| ୧୫. | ରିଜ୍ୟୁଲେସନ ପ୍ଲାନ ଦାଖଲ କରିବାର ଶେଷ ତାରିଖ | ୦୭.୦୭.୨୦୨୫, ସୋମବାର, ତେବେ କୋଡ଼ର ଧାରା ୧୨(୩) ଅନୁଯାୟୀ ମାନ୍ୟବର ଯୋଗ୍ୟ ଅଧିକାରୀଙ୍କ ଆବଶ୍ୟକ ଅନୁମତିକ୍ରମେ ସମ୍ପ୍ରସାରଣ |
| ୧୬. | ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ଦାଖଲ କରିବା ପାଇଁ ଇ-ମେଲ ଆଇଡି | bepl.cirp@gmail.com |
| ୧୭. | ଏମ୍‌ଏସଏମଇରେ କର୍ପୋରେଟ ଧାରକଙ୍କ ରେଜିଷ୍ଟ୍ରେସନ ବିବରଣୀ | ରେଜିଷ୍ଟ୍ରର ହୋଇନାହିଁ |

ତାରିଖ: ୧୨.୦୫.୨୦୨୫
ସ୍ଥାନ: ନୂଆଦିଲ୍ଲୀ
ସ୍ୱା/-
ସିଏ ମୋନିକା ଅଗ୍ରୱାଲ
ରିଜୋଲ୍ୟୁସନ ପ୍ରଫେସନାଲ
ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ (ସିଆଇଆରପି ଅଧୀନରେ)
ଆଇବିବିଆଇ ରେଜିଷ୍ଟ୍ରେସନ ନଂ: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦-୧୧୩୭/୨୦୧୮-୧୯/୧୧୮୬୬
୩୧.୧୨.୨୦୨୫ ପର୍ଯ୍ୟନ୍ତ ଏଏଫଏ ଭାଲିଡ୍
ଆଇବିବିଆଇ ରେଜିଷ୍ଟର୍ଡ ଠିକଣା: ୨୦୫, ଚୋପ୍ରା କମ୍ପ୍ଲେକ୍ସ, ୮ ପ୍ରୀତବିହାର, କମ୍ୟୁନିଟି ସେଣ୍ଟର, ନୂଆଦିଲ୍ଲୀ bepl.cirp@gmail.com (ପ୍ରୋସେସ ସ୍ପେସିଫିକ୍)
cacsmonika.agarwal@gmail.com(ଆଇବିବିଆଇ ସହ ପଞ୍ଜୀକୃତ)



ନୂଆଦିଲ୍ଲୀ : ସିଜଫାୟାର ପରେ ପାକ ଅଧିକୃତ କାଶ୍ମୀର (ପିଓକେ)କୁ ନେଇ ଭାରତ ବଡ଼ ବୟାନ ଦେଇଛି। ସୂତ୍ର ଅନୁସାରେ ଭାରତ କାଶ୍ମୀରକୁ ନେଇ ନିଜର ସ୍ଥିତି ସ୍ପଷ୍ଟ କରିଛି। କହିଛି ଏବେ କେବଳ ଗୋଟିଏ ପ୍ରସଙ୍ଗ ରହିଛି ତାହା ହେଉଛି ପିଓକେକୁ ଫେରାଇବା। ଏହା ଛଡା ଆମର ଅନ୍ୟ କୌଣସି କଥା ନାହିଁ। ଯଦି ସେମାନେ ଆତଙ୍କବାଦୀଙ୍କୁ ସମର୍ପଣ କରିବାକୁ କହନ୍ତି ତେବେ ଆମେ ଆଲୋଚନା କରିପାରୁ। ଆମେ କୌଣସି ଅନ୍ୟ ବିଷୟରେ ଆଲୋଚନା କରିବାକୁ ଚାହୁଁ ନାହୁଁ। ସେହିପରି ଆମେ କେହି ମଧ୍ୟସ୍ଥ ହୁଅନ୍ତୁ ତାହା ବି ଚାହୁଁନା ବୋଲି ସ୍ପଷ୍ଟ ରୂପେ କୁହାଯାଇଛି। ସୂତ୍ର ଅନୁସାରେ ଭାରତ ସ୍ପଷ୍ଟ ରୂପେ କହିଛି ଅପରେସନ 'ସିନ୍ଦୂର' ଏବେ ସମାପ୍ତ ହୋଇ ନାହିଁ। ଜବାବ ଦେବା ପାଇଁ ସେନାକୁ ଖୋଲା ଖୋଲି ଅନୁମତି ରହିଛି। ଭାରତ ସ୍ପଷ୍ଟ ରୂପେ କହିଛି ଯେ ପାକିସ୍ତାନର ପ୍ରତ୍ୟେକ ଆକ୍ରମଣର ଉଚିତ ଜବାବ ଦିଆଯିବ। ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ରବିବାର ପଶ୍ଚିମ ସୀମା କମାଣ୍ଡରଙ୍କ ସମୀକ୍ଷା ବୈଠକରେ ଏହା ସ୍ପଷ୍ଟ କରିଦେଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ରାହୁଲ ଓ ଖଡ଼୍‌ଗେଙ୍କ ଚିଠି

## ଅସ୍ତ୍ରବିରତି ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି



ନୂଆଦିଲ୍ଲୀ: ଶନିବାର ଅସ୍ତ୍ରବିରତି ନେଇ ଟ୍ରମ୍ପଙ୍କ ଟ୍ୱିଟ୍ ପରେ, ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିରୋଧୀ। କେଉଁ ପରିସ୍ଥିତିରେ ଅସ୍ତ୍ରବିରତି ନେଇ ସହମତି ହେଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମେ କଂଗ୍ରେସ ନେତା ଜୟରାମ ରମେଶ ସର୍ବଦଳୀୟ ବୈଠକ ନେଇ ଦାବି କରିବା ପରେ ଏବେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଅସ୍ତ୍ରବିରତି ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବି କରିଛନ୍ତି। ଦୁଇ ଦେଶ ମଧ୍ୟରେ ହଠାତ୍ ଯୁଦ୍ଧବିରତି ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରି ସଚିନ ପାଇଲଟ୍ କହିଛନ୍ତି, କଂଗ୍ରେସ ଦାବି କରୁଛି ଯେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ । ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ବୈଠକ ଡକାଯିବା ଉଚିତ । ଏଥିସହିତ ବରିଷ୍ଠ କଂଗ୍ରେସ ନେତା ସଚିନ ପାଇଲଟ ଟ୍ରମ୍ପଙ୍କ ଦ୍ୱାରା ପ୍ରଥମେ ଅସ୍ତ୍ରବିରତି ଘୋଷଣାକୁ ନେଇ କହିଛନ୍ତି, ଗତ ୨୪ ଘଣ୍ଟା ମଧ୍ୟରେ ପରିସ୍ଥିତି ବହୁତ ଦ୍ରୁତ ଗତିରେ ବଦଳିଛି, ଏହା ଆଶ୍ଚର୍ଯ୍ୟଜନକ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଛନ୍ତି । ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ଆଶ୍ଚର୍ଯ୍ୟ କରିଛି । କାଶ୍ମୀର ପ୍ରସଙ୍ଗ ଅନ୍ତର୍ଜାତୀୟକରଣ କରିବାକୁ ଉଦ୍ୟମ କରୁଛନ୍ତି ଟ୍ରମ୍ପ। ତେଣୁ କଂଗ୍ରେସ ପାର୍ଟି ସ୍ୱତନ୍ତ୍ର ସଂସଦ ଅଧିବେଶନ ପାଇଁ ଦାବି କରୁଛି । ଆମେ ୧୯୯୪ର ପ୍ରସ୍ତାବକୁ ପୁଣି ଥରେ ପାରିତ କରିବା ଦରକାର । ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ଆମେ ଏହାକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିବା ଦରକାର ବୋଲି ଦାବି ରଖିଛନ୍ତି ସଚିନ୍ ପାଇଲଟ୍ ।

## ପାକିସ୍ତାନ ଡ୍ରୋନ୍‌ରେ ବ୍ୟାପକ ଆକ୍ରମଣ କରିଛି: ବାୟୁସେନା


ନୂଆଦିଲ୍ଲୀ: ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଏକ ଆତଙ୍କବାଦୀ ଆକ୍ରମଣର ଜବାବରେ ମଇ ୭ ତାରିଖ ସକାଳେ ପାକିସ୍ତାନର ଆତଙ୍କବାଦୀ ଅଡ୍ଡା ବିରୁଦ୍ଧରେ 'ଅପରେସନ ସିନ୍ଦୂର' ଆରମ୍ଭ ହୋଇଥିଲା। ଏହା ପରେ ଇସଲାମାବାଦ ଭାରତୀୟ ସହରଗୁଡ଼ିକ ଉପରେ 'ଡ୍ରୋନର ବ୍ୟାପକ ଆକ୍ରମଣ' କରିବାକୁ ଚେଷ୍ଟା କରିଥିଲା ବୋଲି ସେନା ରବିବାର କହିଛି। ଏହାର ଜବାବରେ, ଭାରତ ଏକ ମିଳିତ ବାୟୁ-ସମୁଦ୍ର-ସ୍ଥଳ ମୁତୟନ କରିଥିଲା ବୋଲି ସେନା କହିଛି, ଏବଂ ଏକ ଦୃଢ଼ ବାୟୁ ପ୍ରତିରକ୍ଷା ଅବସ୍ଥା ବଜାୟ ରଖିଥିଲା। 'ଅପରେସନ ସିନ୍ଦୂର' ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଆରମ୍ଭ ହୋଇଥିଲା, ଯେଉଁଥିରେ ୨୬ ଜଣ ଲୋକ, ମୁଖ୍ୟତଃ ପର୍ଯ୍ୟଟକ, ପ୍ରାଣ ହରାଇଥିଲେ। ପାକିସ୍ତାନ କାଶ୍ମୀର ଆକ୍ରମଣରେ ନିଜର ସମ୍ପୃକ୍ତିକୁ ଅସ୍ୱୀକାର କରିଛି ଏବଂ ଭାରତର ଏହି ଅପରେସନର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି। ଏହା ପରେ ପାକିସ୍ତାନ ଡ୍ରୋନ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଆକ୍ରମଣର ଏକ ଲହରୀ ଆରମ୍ଭ କରିଥିଲା, ଯାହାକୁ ଭାରତ ନିଜ ସୈନ୍ୟବାହିନୀ ଦ୍ୱାରା ପ୍ରତିହତ କରାଯାଇଥିଲା ଏବଂ ଇସଲାମାବାଦର ଆଗ୍ରାସନରେ ଉପଯୁକ୍ତ ଜବାବ ଦେଇଥିଲା। ଭାରତ କହିଛି ଯେ, ପାକିସ୍ତାନର ଡ୍ରୋନ ଏବଂ ମିସାଇଲ ଦ୍ୱାରା ସାମରିକ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବାର ଚେଷ୍ଟାକୁ ନିଷ୍କ୍ରିୟ କରାଯାଇଥିଲା, ଯେଉଁଥିରେ ପାକିସ୍ତାନର ବାୟୁସେନା ଅଡ୍ଡାଗୁଡ଼ିକୁ ମଧ୍ୟ ଆକ୍ରମଣ କରାଯାଇଛି। ଭାରତ ଏବଂ ପାକିସ୍ତାନ ଶନିବାର ଏକ ଯୁଦ୍ଧବିରତି ଉପରେ ସହମତ ହୋଇଥିଲେ। ତେବେ, ଏହା କିଛି ଘଣ୍ଟା ପରେ ପାକିସ୍ତାନ ଦ୍ୱାରା ଉଲ୍ଲଂଘନ କରାଗଲା, ଯେତେବେଳେ ସେ ଗୁଳିଚାଳନା କରିଥିଲା ଏବଂ ଭାରତୀୟ ସହରଗୁଡ଼ିକ ଆଡ଼କୁ ଡ୍ରୋନ ପଠାଇଥିଲା। ସେନା ପାକିସ୍ତାନକୁ ଚେତାବନୀ ଦେଇଛି ଯେ, ଆଜି ରାତି କିମ୍ବା ପରେ ଯଦି କୌଣସି ଉଲ୍ଲଂଘନ ହୁଏ, ତାହାର କଠୋର ଜବାବ ଦିଆଯିବ।

## ପାକିସ୍ତାନ ପାଇଁ କାମ କରୁଥିବା ୨ ଗୁପ୍ତଚର ଗିରଫ




ପଞ୍ଜାବ:ପାକିସ୍ତାନ ପାଇଁ ଗୁପ୍ତଚରୀ କାର୍ଯ୍ୟ କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ପଞ୍ଜାବ ପୋଲିସ । ଉଭୟ ଗୁପ୍ତଚର ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସର ଜଣେ ଅଧିକାରୀଙ୍କ ସହ ସମ୍ପର୍କରେ ଥିଲେ। ତାଙ୍କ ନିର୍ଦ୍ଦେଶରେ କାମ କରୁଥିଲେ। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ରବିବାର ଏହି ସୂଚନା ଦେଇଛନ୍ତି। ଦୁହେଁ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସ ସହିତ ଯୋଗାଯୋଗରେ ଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଗୋପନୀୟ ସୂଚନା ବଦଳରେ ଅନଲାଇନ୍ କାରବାର ମାଧ୍ୟମରେ ପେମେଣ୍ଟ ପାଉଥିଲେ। ଦୁହେଁ ହ୍ୟାଣ୍ଡଲରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିଲେ ଏବଂ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ୟ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କୁ ପାଣ୍ଠି ପହଞ୍ଚାଇବାରେ ଜଡିତ ଥିଲେ। ଡିଜିପି ଗୌରବ ଯାଦବ କହିଛନ୍ତି ଯେ, ନିର୍ଭରଯୋଗ୍ୟ ଗୁଇନ୍ଦା ସୂଚନା ଆଧାରରେ ତଦନ୍ତ କରାଯାଇଥିଲା । ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଭାରତୀୟ ସେନାର କାର୍ଯ୍ୟକଳାପ ବିଷୟରେ ସମ୍ବେଦନଶୀଳ ସୂଚନା ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଲିକ୍ କରିବା ଅଭିଯୋଗରେ ଗିରଫ କରାଯାଇଛି ।ତାଙ୍କ ଚିହ୍ନଟ ପରେ, ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ହେପାଜତକୁ ନିଆଯାଇଛି। ଅଭିଯୋଗ ହୋଇଛି ଯେ ସେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ପାକିସ୍ତାନୀ ହ୍ୟାଣ୍ଡଲରମାନଙ୍କୁ ସୂଚନା ଦେଉଥିଲେ। ତାଙ୍କଠାରୁ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଉଦ୍ଧାର କରାଯାଇଛି। ସେ କହିଛନ୍ତି ଯେ, ଏହି ଅପରେସନ ସୀମାପାର ଗୁପ୍ତଚର ନେଟୱାର୍କକୁ ଭାଙ୍ଗିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଜାତୀୟ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ ??କରେ। ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଅଧିକ ତଦନ୍ତ କରାଯିବ, ଯାହା ଆର୍ଥିକ ସୁରାଗ ଟ୍ରେସ୍ କରିବା ଏବଂ ନେଟୱାର୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟକର୍ତ୍ତା ଏବଂ ସମ୍ପର୍କକୁ ଚିହ୍ନଟ କରିବା ଉପରେ ଧ୍ୟାନ ଦେବ।

## ୪୦ ପାକିସ୍ତାନୀ ସୈନ୍ୟ ନିହତ ହୋଇଛନ୍ତି: ଡିଜିଏମଓ



ନୂଆଦିଲ୍ଲୀ: ଅପରେସନ 'ସିନ୍ଦୂର' ସମୟରେ ଭାରତର ଆକ୍ରମଣରେ ପାକିସ୍ତାନୀ ସେନାର ୩୫ରୁ ୪୦ ସୈନ୍ୟଙ୍କ ସମେତ ଜଣେ ବରିଷ୍ଠ ଅଧିକାରୀ ନିହତ ହୋଇଛନ୍ତି। ଡିଜିଏମଓଙ୍କ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଭାରତର ଆକ୍ରମଣରେ ଲାହୋରରେ ଥିବା ରାଡାର ସିଷ୍ଟମ ସମେତ ମୋଟ ୩ଟି ରାଡାର ସିଷ୍ଟମକୁ ଧ୍ୱଂସ କରାଯାଇଛି। ଆକ୍ରମଣରେ ଯେପରି ସାଧାରଣ ନାଗରିକଙ୍କ ମୃତ୍ୟୁ ନ ହୁଏ ସେଥିପ୍ରତି ବିଶେଷ ସତର୍କତା ଗ୍ରହଣ କରାଯାଇଥିଲା। କିନ୍ତୁ ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ନାଗରିକ ବିମାନକୁ ଢାଲ କରି ଉଡ଼ାଣ କରିଥିଲା। ପାକିସ୍ତାନର ବହାବଲପୁରରେ ୪ଟି ଠିକଣାରେ ଆକ୍ରମଣ କରାଯାଇଛି। ପାକ୍‌ର ଅନେକ ଏୟାରବେସ୍ ଧ୍ୱଂସ ହୋଇଛି ବୋଲି ସୂଚନା ଦିଆଯାଇଛି।

## କରାଚୀ ଉପରେ ଆମର ନଜର ଥିଲା : ନୌସେନା

ନୂଆଦିଲ୍ଲୀ: ଭାରତୀୟ ନୌସେନା କହିଛି ଯେ ଅପରେସନ ସିନ୍ଦୂର ଅଧୀନରେ, ନୌସେନା ସମୁଦ୍ରରୁ ପାକିସ୍ତାନର ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଏଥିରେ କରାଚୀ ବନ୍ଦର ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଭାରତୀୟ ନୌସେନାର ନୌସେନା ଅପରେସନ୍ସ (ଡିଜିଏନଓ) ମହାନିର୍ଦ୍ଦେଶକ, ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ, ଭାରତୀୟ ନୌସେନାର ବିମାନ ବାହକ ଯୁଦ୍ଧ ଜାହାଜ, ଫ୍ରିଗେଟ୍, ବୁଡ଼ାଜାହାଜ ଏବଂ ନୌସେନା ବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ଯୁଦ୍ଧ ପ୍ରସ୍ତୁତିରେ ସମୁଦ୍ରରେ ମୁତୟନ କରାଯାଇଥିଲା। ସେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ୯୬ ଘଣ୍ଟା ମଧ୍ୟରେ, ଆମେ ଆରବ ସାଗରରେ ଅନେକ ଅସ୍ତ୍ର ପରୀକ୍ଷଣ କରି ଆମର ରଣନୀତି ଏବଂ ଅପରେସନ୍ସ ପ୍ରକ୍ରିୟାକୁ ପରୀକ୍ଷଣ ଏବଂ ଉନ୍ନତ କରିଥିଲୁ। ଭାରତୀୟ ନୌସେନାର ଶକ୍ତିଶାଳୀ ଉପସ୍ଥିତି ପାକିସ୍ତାନକୁ ତାର ନୌସେନା ଏବଂ ବାୟୁସେନାକୁ ବନ୍ଦର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ସୀମିତ ରଖିବାକୁ ବାଧ କରିଥିଲା, ଯାହା ଉପରେ ନିରନ୍ତର ନଜର ରଖାଯାଇଥିଲା।

### ମୁଖ୍ୟମନ୍ତ୍ରୀ ସାଏଙ୍କ କଡ଼ା ଚେତାବନୀ ପରେ କାର୍ଯ୍ୟାନୁଷ୍ଠାନ

## ବଦଳିଲେ ଶିକ୍ଷା ବିଭାଗ ଅଧିକାରୀ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଶୂନ୍ୟ ସହନଶୀଳତା ନୀତି ଏବଂ ଫଳାଫଳ-ଭିତ୍ତିକ କାର୍ଯ୍ୟଶୈଳୀର ପ୍ରଭାବ ଏବେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ରାଜ୍ୟ ସରକାରଙ୍କ ସ୍କୁଲ ଶିକ୍ଷା ବିଭାଗ ଆଜି ମହାସମୁନ୍ଦ ଜିଲ୍ଲାରେ ନିଯୁକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବଦଳି କରିଛି, ଯାହା ସ୍ପଷ୍ଟ କରିଛି ଯେ ଶିକ୍ଷା ବ୍ୟବସ୍ଥାରେ ଅବହେଳା, ନିଷ୍କ୍ରିୟତା ଏବଂ ଖରାପ ପ୍ରଦର୍ଶନ ଆଉ କୌଣସି ସ୍ତରରେ ଗ୍ରହଣୀୟ ନୁହେଁ। ସ୍କୁଲ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ଆଦେଶ ଅନୁଯାୟୀ, ମହାସମୁନ୍ଦ ଜିଲ୍ଲାର ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଏମ.ଆର. ସାୱନ୍ତଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯାଇଛି ଏବଂ ଜଗଦଲପୁରର ଶିକ୍ଷା ବିଭାଗର ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସହକାରୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତି ଦିଆଯାଇଛି। ତାଙ୍କ ସ୍ଥାନରେ, ନବଗଡ଼ (ଜାଞ୍ଜଗିର-ଚମ୍ପା) ବ୍ଲକ ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ବିଜୟ କୁମାର ଲହାରେଙ୍କୁ ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ଅଧିକାରୀ ମହାସମୁନ୍ଦ ଭାବରେ ନିଯୁକ୍ତ କରାଯାଇଛି। ଯେତେବେଳେ ଭୂପେନ୍ଦ୍ର କୁମାର କୌଶିକଙ୍କୁ ଜାଞ୍ଜଗିର ଚମ୍ପା ଜିଲ୍ଲାର ନବଗଡ଼ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି । ମହାସମୁନ୍ଦ ଜିଲ୍ଲାରେ ବୋର୍ଡ ପରୀକ୍ଷାର ଖରାପ ଫଳାଫଳ ଉପରେ ମୁଖ୍ୟମନ୍ତ୍ରୀ ସାଏ ଗଭୀର ଅସନ୍ତୋଷ ପ୍ରକାଶ କରିଥିବା ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସୁଶାସନ ତିହାର ତୃତୀୟ ପର୍ଯ୍ୟାୟରେ ମହାସମୁନ୍ଦରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ସାଏ ସ୍ପଷ୍ଟଭାବରେ କହିଥିଲେ ଯେ ଶିକ୍ଷାର ଗୁଣବତ୍ତା ସହିତ କୌଣସି ସାଲିସ କରାଯିବନାହିଁ। ସେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କଡ଼ା ଚେତାବନୀ ଦେଇଥିଲେ ଏବଂ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲ ଶିକ୍ଷାବିଭାଗ ଦ୍ୱାରା ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ସାଏଙ୍କ ସରକାର ଫଳାଫଳ ଭିତ୍ତିକ କାର୍ଯ୍ୟଶୈଳୀରେ ବିଶ୍ୱାସ କରେ ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରତ୍ୟେକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରତିବଦ୍ଧ।

# ବାଣିଜ୍ୟ



ଡେରାଡୁନ: ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ ପ୍ରାଧିକରଣ (ୟୁସିଏଡିଏ) ଉତ୍ତରାଖଣ୍ଡରେ ଚାରି ଧାମ ଯାତ୍ରା ହେଲିକପ୍ଟର ସେବାକୁ ତୁରନ୍ତ ସ୍ଥଗିତ ରଖିଛି। ରିପୋର୍ଟ ଅନୁଯାୟୀ, ହେଲିକପ୍ଟର ସେବା କେବଳ ଚାରିଧାମ ଯାତ୍ରା ସ୍ଥାନରୁ ତୀର୍ଥଯାତ୍ରୀମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଉପଲବ୍ଧ ହେବ। ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଭାଗୀରଥି ନଦୀ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପାଞ୍ଚ ଜଣ ମହିଳାଙ୍କ ସମେତ ଛଅ ଜଣଙ୍କର ମୃତ୍ୟୁ ହେବାର ଦୁଇ ଦିନ ପରେ ଏହାକୁ ସ୍ଥଗିତ ରଖାଯାଇଛି। ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିଲେ। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଜାତୀୟ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ଏବଂ ତୀର୍ଥଯାତ୍ରୀଙ୍କ ସୁରକ୍ଷା ବିପଦକୁ ଦର୍ଶାଇ ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ କର୍ତ୍ତୃପକ୍ଷ ଶନିବାର ଦିନ ଚାରିଧାମ ଯାତ୍ରା ପାଇଁ ସମସ୍ତ ହେଲିକପ୍ଟର ସେବାକୁ ତୁରନ୍ତ ବନ୍ଦ କରିଦେଇଛନ୍ତି। ଏହା ଦ୍ୱାରା କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ତୀର୍ଥଯାତ୍ରୀମାନେ ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଯାତ୍ରା କରିପାରିବେ।

## ପେଟ୍ରୋ ରସାୟନ ପାଇଁ ୧.୨ ଲକ୍ଷ କୋଟି ପୁଞ୍ଜିନିବେଶ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଖଣିଜ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଶିଳ୍ପାୟନରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଉଛି। ଅକ୍ଷୟ ଶକ୍ତି, ପେଟ୍ରୋରସାୟନ, ସେମିକଣ୍ଡକ୍ଟର ଭଳି ନୂଆ ନୂଆ କ୍ଷେତ୍ରରେ ପୁଞ୍ଜିନିବେଶ ହାସଲ କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଆଗାମୀ ଦିନରେ ଓଡ଼ିଶାକୁ ପେଟ୍ରୋରସାୟନର ପେଣ୍ଠସ୍ଥଳରେ ପରିଣତ କରିବା ଲାଗି ସରକାର ଯୋଜନା ରଖିଛନ୍ତି। ସେଥିପାଇଁ ଆସନ୍ତା ୧୦ ବର୍ଷରେ ଏହି କ୍ଷେତ୍ର ପ୍ରତି ୧.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। 'ବ୍ଲୁମ୍‌ବର୍ଗ' ସହ ଏ ସମ୍ପର୍କରେ ଆଲୋଚନା କରି ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ଏକ ନାପ୍‌ଥା କ୍ରାକର ୟୁନିଟ୍ ନିର୍ମାଣ ଲାଗି ନିବେଶ ଘୋଷଣା କରାଯାଇଛି। ଆମେ ଯେଉଁ ପେଟ୍ରୋରସାୟନ୍ ହବ୍ ପରିକଳ୍ପନା କରିଛୁ ତାହାର ଅଧା ନିବେଶ ଏହା ଜରିଆରେ ଆସିଛି। ସେହିଠାରେ ଆଗ୍ରୋକେମିକାଲ୍‌ସ ଓ ଫାର୍ମାସ୍ୟୁଟିକାଲ୍‌ସ ଭଳି ମାଧ୍ୟମିକ ଉତ୍ପାଦ ପାଇଁ ଆନୁଷଙ୍ଗିକ ବଜାର ବିକାଶ କରାଯିବ। ଏହି ହବ୍ ଭାରତକୁ ପେଟ୍ରୋରସାୟନ ଆମଦାନି କମ୍ କରିବାରେ ସହାୟକ ହେବ ଏବଂ ଓଡ଼ିଶାକୁ ଏକ ନୂଆ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଉପସ୍ଥାପନ କରିବ ବୋଲି ସେ କହିଛନ୍ତି। ପାରାଦୀପରେ ଇଣ୍ଡିଆନ ଅଏଲ୍ ୬୧ ହଜାର କୋଟି ଟଙ୍କା ନିବେଶରେ ଡୁଆଲ୍ ଫିଡ୍ କ୍ରାକର ୟୁନିଟ୍ ବସାଇବାକୁ ଗତମାସରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ପୂର୍ବରୁ ସେହି ଅଞ୍ଚଳରେ କମ୍ପାନିର ଏକ ଦୈନିକ ୩ଲକ୍ଷ ବ୍ୟାରେଲ୍ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାର ରହିଛି। ଆଗାମୀ ଦିନରେ ଏହି ଅଞ୍ଚଳରେ ବହୁ ସଂସ୍ଥା ସେମାନଙ୍କ ପ୍ରକଳ୍ପ ସ୍ଥାପନ କରିବାକୁ ଆଗ୍ରହୀ ଥିବା ଶ୍ରୀ ଶର୍ମା ସୂଚନା ଦେଇଛନ୍ତି।

## ଆର୍‌ଆଇପିଏଲ୍ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

RIPL

ନୂଆଦିଲ୍ଲୀ: ଅଗ୍ରଣୀ ସମନ୍ୱିତ ସିଭିଲ୍ କନଷ୍ଟ୍ରକ୍ସନ କମ୍ପାନି ରବି ଇନ୍‌ଫ୍ରାବିଲ୍ଡ ପ୍ରୋଜେକ୍ଟସ୍ ଲିମିଟେଡ୍ (ଆର୍‌ଆଇପିଏଲ)ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୧,୧୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଡିଆଣ୍ଡବିର ଏକ ରିପୋର୍ଟ ଅନୁସାରେ କମ୍ପାନି ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀ ଇଞ୍ଜିନିୟରିଂ, ପ୍ରକ୍ୟୁରମେଂଟ୍ ଓ କନଷ୍ଟ୍ରକ୍ସନ କମ୍ପାନି ଭାବେ ଉଭା ହୋଇଛି। ଏହି ଆଇପିଓରେ ୧,୧୦୦ କୋଟି ଟଙ୍କା ପର୍ଯ୍ୟନତର ନୂଆ ସେୟାର ଜାରି କରାଯିବ। ଏଥିରେ ଅଫର ଫର ସେଲ୍‌ର କୌଣସି ଉପାଦାନ ନାହିଁ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ନୂଆ ଉପକରଣ କିଣିବା, ସହାୟକ କମ୍ପାନିଗୁଡ଼ିକର ବକେୟା ଋଣ ପରିଶୋଧ କରିବା, କିଛି ଋଣକୁ ସୁଝିବା ଏବଂ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। କମ୍ପାନିର ମୋଟ ଅର୍ଡର ବୁକ୍ ୨୦୨୨, ୨୦୨୩, ୨୦୨୪, ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଯଥାକ୍ରମେ ୧୬୦୩ କୋଟି ଟଙ୍କା, ୧୭୮୨ କୋଟି ଟଙ୍କା, ୨୩୯୬ କୋଟି ଟଙ୍କା ଓ ୩୦୯୨ କୋଟି ଟଙ୍କା ରହିଛି ଓ ତାହା ୨୨.୨୬ ପ୍ରତିଶତ ସିଏଜିଆର୍‌ରେ ଆଗକୁ ବଢୁଛି। ବିଲ୍‌କୁ ମୋଟ ଅର୍ଡର ବୁକ୍ ଅନୁପାତ ଯଥାକ୍ରମେ ଏହି ବର୍ଷଗୁଡ଼ିକରେ ୧.୫, ୧.୭୫, ୧.୭୨ ଓ ୩.୦୧ ଗୁଣା ରହିଛି। କମ୍ପାନିର ଇକ୍ୱିଟି ସେୟାରକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରାଯିବ। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଂଟ୍ ଆଡଭାଇଜର୍ସ ଲିମିଟେଡ୍ ଓ ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍। ରବି ଇନ୍‌ଫ୍ରାବିଲ୍ଡ ପ୍ରୋଜେକ୍ଟସ ଲିମିଟେଡ୍ ହେଉଛି ଏକ ସିଭିଲ୍ କନଷ୍ଟ୍ରକ୍ସନ କମ୍ପାନି ଯାହା ରାଷ୍ଟ୍ରାୟତ ଉଦ୍ୟୋଗ କ୍ଲାଏଂଟ୍‌ମାନଙ୍କ ପାଇଁ ସଡ଼କ, ରାଜପଥ, ପୋଲ, ଫ୍ଲାଏଓଭର ଓ ଟନେଲ୍ ନିର୍ମାଣ କରୁଛି। ଦୁଇ ଦଶନ୍ଧିରୁ ଅଧିକ ଅଭିଜ୍ଞତା ସହିତ କମ୍ପାନି ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଭଳି ବିଭିନ୍ନ ରାଜ୍ୟରେ ଦୃଢ଼ ଉପସ୍ଥିତି ଜାହିର କରିଛି। କମ୍ପାନି ଇପିସି, ହାଇବ୍ରିଡ୍ ଆନୁଇଟି ମଡେଲରେ କାମ କରୁଥିବା ଭାରତମାଳା ପରିଯୋଜନା, ଏନଏଚଏଆଇ, ଆଇଆରସିଟିସି, ସଡ଼କ ଓ ପରିବହନ ମନ୍ତ୍ରଣାଳୟର ପ୍ରକଳ୍ପ ଏହାର ପୋର୍ଟଫୋଲିଓରେ ରହିଛି।

## ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ୍



ନୂଆଦିଲ୍ଲୀ : ଖାଉଟିଙ୍କୁ ଲାଗିଲାଣି ଝଟ୍‌କା । ବଢିଲାଣି ପେଟ୍ରୋଲ ଦର । ଏକ ସପ୍ତାହ ମଧ୍ୟରେ ଅଶୋଧିତ ତୈଳ ଦରରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ସପ୍ତାହକ ମଧ୍ୟରେ ୨ ଡଲାର ମାନେ ପାଖାପାଖି ୧୭୦ ଟଙ୍କା ବୃଦ୍ଧି ହୋଇସାରିଲାଣି । ବର୍ତ୍ତମାନ ସମୟରେ ଅଶୋଧିତ ତୈଳ ଦର ପ୍ରତି ବ୍ୟାରେଲ୍ ପିଛା ୬୧-୬୩ ଡଲାର ମଧ୍ୟରେ ରହୁଛି । ତୈଳ କମ୍ପାନୀମାନଙ୍କ ପକ୍ଷରୁ ଜାରି ହୋଇଥିବା ନୂଆ ଦର ହେଲା : **ପେଟ୍ରୋଲ:** ଦିଲ୍ଲୀ-୯୪.୭୨, ମୁମ୍ବାଇ-୧୦୩.୪୪, କୋଲକାତା-୧୦୩.୯୪, ଚେନ୍ନାଇ-୧୦୦.୮୫,ବେଙ୍ଗାଲୁରୁ-୧୦୨.୮୬, ଲକ୍ଷ୍ନୌ-୯୪.୬୫, ନୋଏଡା-୯୪.୮୭, ଚଣ୍ଡିଗଡ-୯୪.୨୪, ପାଟନା- ୧୦୫.୧୮, ଭୁବନେଶ୍ୱର- ୧୦୦.୯୪। **ଡିଜେଲ :** ଦିଲ୍ଲୀ-୮୭.୬୨,ମୁମ୍ବାଇ- ୮୯.୯୭, କୋଲକାତା-୯୦.୭୬, ଚେନ୍ନାଇ-୯୨.୪୪, ବେଙ୍ଗାଲୁରୁ-୮୯.୦୨, ଲକ୍ଷ୍ନୌ-୮୭.୭୬, ନୋଏଡା-୮୮.୦୧, ଚଣ୍ଡିଗଡ-୮୨.୪୦, ପାଟନା-୯୨.୦୪, ଭୁବନେଶ୍ୱର-୯୨.୫୨।

### ପାକିସ୍ତାନ ଷ୍ଟକ୍ ଏକ୍ସଚେଞ୍ଜରେ ହାହାକାର

## ନିବେଶକଙ୍କ ୮୨ ହଜାର କୋଟି ଟଙ୍କା କ୍ଷତି




ମୁମ୍ବାଇ: ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ପ୍ରଭାବରେ ଚାରି ଦିନ ଲଗାତାର ଭାବେ ହ୍ରାସ ପାଇବା ପରେ ପାକିସ୍ତାନର ଷ୍ଟକ୍ ବଜାର କାରବାରରେ ଆଜି ସୁଧାର ଘଟିଛି। କରାଚି ଷ୍ଟକ୍ ଏକ୍ସଚେଞ୍ଜ ସୂଚୀ କେଏସ୍‌ଇ-୧୦୦ ଆଜି ୧୦୨୬ ପଏଣ୍ଟ ବୃଦ୍ଧି ପାଇ ୧,୦୩,୭୦୦ ପଏଣ୍ଟରେ ବନ୍ଦ ହୋଇଛି। ତେବେ ଗତ ଚାରିଦିନରେ ଘଟିଥିବା ହ୍ରାସ ପ୍ରଭାବରେ ପାକିସ୍ତାନୀ ନିବେଶକମାନେ ୮୨,୦୦୦ କୋଟି ଟଙ୍କା ହରାଇଛନ୍ତି। ଗତ ଏପ୍ରିଲ୍‌ରେ କେଏସ୍‌ଇ-୧୦୦ ସୂଚୀ ଏହାର ସର୍ବୋଚ୍ଚ ସ୍ତର ୧,୨୦,୭୯୬ ପଏଣ୍ଟରେ ପହଞ୍ଚିଥିଲା। ଏପ୍ରିଲ୍ ୨୨ରେ ପହଲଗାମ ଆତଙ୍କୀ ଆକ୍ରମଣ ପରଠାରୁ ତାହା ଲଗାତାର ଭାବେ ତଳକୁ ଖସି ପ୍ରାୟ ୧୩,୦୦୦ ପଏଣ୍ଟ ହରାଇଛି। ତେବେ, ଭାରତରେ ଶୁକ୍ରବାର, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ ?ସେକ୍ସ ୮୮୦ ପଏଣ୍ଟ ତଳକୁ ଖସି ୭୯,୪୫୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୬୫ ପଏଣ୍ଟ ହ୍ରାସ ପାଇ ୨୪,୦୦୮ ପଏଣ୍ଟକୁ ଖସିଆସିଛି। ଗତକାଲି ମଧ୍ୟ ସେନ୍‌ସେକ୍ସ ଓ ନିଫ୍ଟି ତଳକୁ ଖସିଥିଲା। ଏହି ଦୁଇ ଦିନରେ ଭାରତୀୟ ନିବେଶକମାନେ ପ୍ରାୟ ୭ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଆଇସିଆଇସିଆଇ ବ୍ୟାଙ୍କ, ପାୱାରଗ୍ରିଡ୍, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ବଜାଜ ଫିନ୍‌ସର୍ଭ, ଆଦାନୀ ପୋର୍ଟସ୍, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ଏନ୍‌ଟିପିସିର ସେୟାର ମୂଲ୍ୟ ହ୍ରାସ ପାଇଛି। ସେହି ସମୟରେ ଟାଇଟାନ୍, ଏଲ୍‌ଆଣ୍ଡଟି, ଟାଟା ମୋଟର୍ସ, ଷ୍ଟେଟ୍ ବ୍ୟାଙ୍କ ଓ ଏସିଆନ୍ ପେଣ୍ଟସ୍ ସେୟାର ମୂଲ୍ୟ ବଢ଼ିଛି। ଜିଓଜିତ ଇନଭେଷ୍ଟମେଣ୍ଟ ଲିମିଟେଡ୍ ?ର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ ଖୁଚୁରା ନିବେଶକମାନେ ସାମାନ୍ୟ ସତର୍କ ହୋଇପଡ଼ିଛନ୍ତି।

## ଦିନକରେ ୮ ହଜାର ୱାଇଣ୍ଡସର ଇଭି ପ୍ରୋ'ର ବୁକିଂ



ନୂଆଦିଲ୍ଲୀ: ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ଘୋଷଣା କରିଛି ଯେ ଏହାର ସଦ୍ୟ ଲଞ୍ଚ ହୋଇଥିବା ୱାଇଣ୍ଡସର ଇଭି ପ୍ରୋ କାର ଲଞ୍ଚ ହେବାର ଦିନକ ମଧ୍ୟରେ ୮ହଜାର ବୁକିଂ ପାଇଛି। ଏହି କାରଟି ଏକ୍ସ-ଶୋରୁମ୍ ମୂଲ୍ୟ ୧୮,୦୯,୮୦୦ ଟଙ୍କାରେ ଉପଲବ୍ଧ ହେବ। ଖବର ଅନୁସାରେ, ଏହି ଇଲେକ୍ଟ୍ରିକ୍ କାରକୁ ସିଂଗିଲ ଏସେନ୍ସ ପ୍ରୋ ଭାରିଆଣ୍ଟରେ ଲଞ୍ଚ କରାଯାଇଛି ଯାହା ୫୨.୯ କିଲୋୱାଟର ଏକ ବଡ଼ ବ୍ୟାଟେରୀ ପ୍ୟାକ୍ ସହିତ ଆସିଥାଏ। କମ୍ପାନୀ ଦାବି କରୁଛି ଯେ ଏହା ଥରେ ପୂର୍ଣ୍ଣ ଚାର୍ଜରେ ୪୪୯ କିଲୋମିଟର ରେଞ୍ଜ ପ୍ରଦାନ କରେ। କାରର ମୋଟର ୧୩୬ ପିଏସ ପାୱାର ଏବଂ ୨୦୦ ଏନଏମ ଇନଷ୍ଟାଣ୍ଟ ଟର୍କ ଉତ୍ପାଦନ କରେ, ଯାହା ଏକ ଶକ୍ତିଶାଳୀ ଏବଂ ଦକ୍ଷ ଡ୍ରାଇଭିଂ ଅଭିଜ୍ଞତା ସୁନିଶ୍ଚିତ କରେ। କମ୍ପାନୀ କହିଛି ଯେ, ୱାଇଣ୍ଡସର ଇଭି ପ୍ରୋର ଲଞ୍ଚ କେବଳ ଏକ ମାଇଲଖୁଣ୍ଟ ନୁହେଁ ବରଂ ଭାରତର ଅଧିକ ସ୍ଥାୟୀ ଏବଂ ପ୍ରଯୁକ୍ତି-ଚାଳିତ ଅଟୋମୋଟିଭ୍ ଭବିଷ୍ୟତକୁ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଆର୍‌ଏସ୍‌ପିର ନୂତନ ଉଦ୍ୟାନ 'ଚୁଣମ୍ ବାଟିକା' ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ) : ଏକ ନୂତନ ସବୁଜ ପଦକ୍ଷେପ ତଥା ପରିବେଶ ସଚେତନତା ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ ପି) ର କାଲସାଇନିଂ ପ୍ଲାଣ୍ଟ-୨ ବିଭାଗରେ ଏକ ମନୋରମ ଉଦ୍ୟାନ 'ଚୁଣମ୍ ବାଟିକା' ବିକଶିତ କରାଯାଇଛି । ଏସ ଏମ୍ ଏସ -୨ ବିଭାଗ ର ସି ଜି ଏମ୍ ଶ୍ରୀ ଟି ପି ଶିବଶଙ୍କର ନିଜସ୍ୱ ସମ୍ବଳ ରେ ବିକଶିତ ଏହି ଉଦ୍ୟାନକୁ ବିଭାଗର ସି ଜି ଏମ୍ ଶ୍ରୀ ଏମ୍. ଜି. ଶ୍ରୀକାନ୍ତ, ଏବଂ ସିପି-୨ ବିଭାଗର ଜି ଏମ୍ ଇନ ଚାର୍ଜ ଶ୍ରୀ ଆର. କେ. ଧାରୁଆଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ସମାରୋହରେ ରିଫ୍ରାକ୍ଟୋରୀ, ଇନଷ୍ଟ୍ରୁମେଣ୍ଟେସନ୍, ଏସ୍‌ଏମ୍‌ଏସ୍-୨, ସୁରକ୍ଷା ଏବଂ ସିଭିଲ୍ ଇଞ୍ଜିନିୟରିଂ ସେବା ବିଭାଗ ସମେତ କାରଖାନା ର ବିଭିନ୍ନ ସହଯୋଗୀ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ।ଶ୍ରୀ ଶିବଶଙ୍କର ନିଜର ଅଭିଭାଷଣରେ ଏପରି ଅଭିନବ ପ୍ରୟାସ ର ପ୍ରଶଂସା କରିବା ସହିତ କାଲସାଇନିଂ ପ୍ଲାଣ୍ଟରେ ଚୂନଧୂଳିକୁ ଦମନ କରିବାର ମହତ୍ୱପୂର୍ଣ୍ଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏହା କେବଳ ଏକ ବୈଧାନିକ ଆବଶ୍ୟକତା ନୁହେଁ ବରଂ ଓଡ଼ିଶାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିରୀକ୍ଷିତ ଏକ ପ୍ରମୁଖ ପରିବେଶ ସୂଚକ ଅଟେ । ଏହି ଚୁନମ୍ ବାଟିକାର ସ୍ୱରୂପ ସିପି-୨ ବିଭାଗ ରେ ପ୍ରଦୂଷଣ ସ୍ତରର ଏକ ସୂଚକାଙ୍କ ହେବ ବୋଲି ସେ କହିଥିଲେ ।



ନୂଆଦିଲ୍ଲୀ:ଭାରତୀୟ କ୍ରିକେଟ ଟିମ ଆସନ୍ତା ମାସରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଗସ୍ତରେ ଯିବ । ରୋହିତ ଶର୍ମାଙ୍କ ପରେ ବିରାଟ କୋହଲି ଟେଷ୍ଟରୁ ଅବସର ନେବା ନେଇ ଆଲୋଚନା ଜୋର ଧରିଛି । ଏହି ଅବସରରେ ୱେଷ୍ଟଇଣ୍ଡିଜର ମହାନ ବ୍ୟାଟ୍ସମ୍ୟାନ ଲାରାଙ୍କ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି । ସେ କୋହଲିଙ୍କୁ ଅବସର ନ ନେବା ପାଇଁ ପରାମର୍ଶ ଦେବା ସହ ବିଶ୍ୱ କ୍ରିକେଟରେ କୋହଲିଙ୍କ ଏବେ ଆବଶ୍ୟକତା ରହିଛି । ତାଙ୍କୁ ମନାଇବା ଆମର କର୍ତ୍ତବ୍ୟ ବୋଲି ଲାରା କହିଛନ୍ତି । ଲାରା ଆନ୍ତର୍ଜାତୀୟ ଟେଷ୍ଟ କ୍ୟାରିୟରରେ ୫୨.୮୮ ଆଭରେଜରେ ୧୧୯୫୩ ରନ ସଂଗ୍ରହ କରିଛନ୍ତି । ନିକଟରେ କୋହଲିଙ୍କ ପ୍ରଦର୍ଶନ ଟେଷ୍ଟ କ୍ୟାରିୟରରେ ଭଲ ରହି ନାହିଁ । ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ କୋହଲି ପ୍ରଥମ ଟେଷ୍ଟରେ ଶତକ ହାସଲ କରିବା ପରେ ବାକି ତକ ମ୍ୟାଚରେ ବିଫଳ ହୋଇଥିଲେ । ରୋହିତଙ୍କ ଅବସର ପରେ କୋହଲି ଏବେ ନୂଆ ଅଧିନାୟକଙ୍କ ସହ ଖେଳିବେ । ଟେଷ୍ଟ କ୍ରିକେଟରେ ୧୦୦୦୦ ରନ ପୂର୍ଣ୍ଣ କରିବା ପାଇଁ କୋହଲିଙ୍କୁ ୭୭୦ ରନର ଆବଶ୍ୟକତା ରହିଛି । ସେ ୧୨୩ ଟେଷ୍ଟରେ ୪୬.୮୫ ଆଭରେଜରେ ୯୨୩୦ ରନ ସଂଗ୍ରହ କରିଛନ୍ତି । ଏଥିରେ ୩୦ ଶତକ ସାମିଲ । ଜୁନ ୨୦ରୁ ହେଡିଙ୍ଗଲରେ ଭାରତ-ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହେବ ।



ଶ୍ରୀଲଙ୍କା ମହିଳା ତ୍ରି-ରାଷ୍ଟ୍ରୀୟ ସିରିଜ

# ଫାଇନାଲ୍‌ରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ୍





ସ୍ମୃତି ମନ୍ଧାନା ଦମ୍‌ଦାର ୧୧୬ ରନ୍ (୧୫ଚୌକା, ୨ଛକା)

କଲମ୍ବୋ : ଶ୍ରୀଲଙ୍କା ମହିଳା ତ୍ରି-ରାଷ୍ଟ୍ରୀୟ ସିରିଜର ଫାଇନାଲ ମ୍ୟାଚ୍ କଲମ୍ବୋର ପ୍ରେମଦାସ ଷ୍ଟାଡିୟମରେ ରବିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭାରତ ଶ୍ରୀଲଙ୍କାକୁ ୯୭ରନ୍‌ରେ ହରାଇ ଚାମ୍ପଅନ୍ ହୋଇଛି । ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ପ୍ରତୀକ ରାୱଲ ଓ ସ୍ମୃତି ମନ୍ଧାନି ପ୍ରଥମେ ଓପନିଂ କରିବାକୁ ଆସିଥିଲେ । ଦୁହିଁଙ୍କ ମଧ୍ୟରେ ୭୦ରନ୍ ଭାଗୀଦାରୀ ହୋଇଥିଲା । ଦୁହେଁ ସତର୍କତାର ସହିତ ଖେଳି ଭଲ ଆରମ୍ଭ କରିଥିଲେ । ପ୍ରତୀକ ୩୦ରନ୍ କରି ଆଉଟ ହୋଇଯାଇଥିବା ବେଳ ମନ୍ଧାନୀ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୧୧୬ରନ୍ କରିଥିଲେ । ଯାହା ତାଙ୍କର ଏକଦୀବସୀୟ ୧୧ତମ ଶତକ । ଏଥିରେ ୧୫ଟି ଚୌକା ଓ ୨ଟି ଛକା ଅନ୍ତର୍ଭୁକ୍ତ । ସେହିପରି ହାର୍ହିଲ ଦେଓଲ ୫୬ଟି ବଲ୍ ଖେଳି ୪ଚୌକା ସହିତ ୪୭ରନ୍, ଅଧିନାୟିକା ହରମନପ୍ରୀତ କୌର ୩୦ବଲରୁ ୧ଛକା, ୪ଚୌକା ସହ ୪୧, ଜେମିମା ରୋଡ଼ିଗୁଜ୍ ୨୯ବଲ୍‌ରୁ ୪ଚୌକା ସହିତ ୪୪, ୱିକେଟକିପର ରିଚା ଘୋଷ ୮, ଅମନଜିତ୍ କୌର ୧୮, ଦୀପ୍ତି ଶର୍ମା ୨୦ରନ୍ କରିଥିଲେ । ଯାହାଫଳରେ ଭାରତ ୫୦ଓଭରରେ ୭ୱିକେଟ କରି ବିଶାଳ ୪୩୨ରନ୍ କରିଥିଲା । ଶ୍ରୀଲଙ୍କା ପକ୍ଷରୁ ମଲ୍ଲିକା ମାଦରା, ଦେୱ୍ମି ଭିହାଙ୍ଗା, ସୁଗନ୍ଧିକା କୁମାରୀ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ନେଇଥିବା ବେଳେ ଇନୋକା ରଣାୱୀରା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ୪୩୩ରନର ଟାର୍ଗେଟ ଶ୍ରୀଲଙ୍କା ମହିଳା ଦଳ ମୈଦାନକୁ ଓହ୍ଲାଇଥିଲେ । ଦଳ ମାତ୍ର ୪୮.୨ ଓଭରରେ ସମସ୍ତ ୱିକେଟ ହରାଇ ୨୪୫ରନ୍ କରିବାକୁ ସକ୍ଷମ ହୋଇଥିଲା । ଓପନର ହାସିନି ପେରାରେ ଶୂନରେ ଆଉଟ ହେବା ଫଳରେ ଦଳକୁ ବଡ ଝଟକା ଲାଗିଥିଲା । ସେହିପରି ଭୀଷ୍ମି ଗୁଣରତ୍ନେ ୪୧ଟି ବଲ୍ ଖେଳି ୫ଚୌକା ସହାୟତାରେ ୩୬ରନ୍, ଅଧିନାୟିକା ଚମାରୀ ଅଟ୍ଟାପଟ୍ଟୁ ୬୬ବଲ୍ ଖେଳି ୧ଛକା, ୬ଚୌକା ସହାୟତାରେ ୫୧, ନିଲକସି ଡିସେଲ୍‌ଭା ୫୮ଟି ବଲ୍ ଖେଳି ୫ଚୌକା ସହାୟତାରେ ୪୮, ହର୍ଷିତା ସାମରାୱିକ୍‌ରାମ ୩୨ଟି ବଲ୍ ଖେଳି ୪ଚୌକା ସହାୟତାରେ ୨୬, ଦିୱ୍ମି ଭିହାଙ୍ଗ ୪, ୱିକେଟକିପର ଅନୁଷ୍କା ସଞ୍ଜିୱାନି ୨୮, ପିୟୁମି ବଡଲଗି ୯, ସୁଗନ୍ଧିକା କୁମାରୀ ୨୭ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଭାରତ ପକ୍ଷରୁ ସ୍ନେହ ରାଣା ସର୍ବାଧିକ ୪ୱିକେଟ ନେଇଥିବା ବେଳେ ଅମନଜିତ୍ କୌର ୩, ଶ୍ରୀ ଚରଣୀ ୧ ୱିକେଟ ଅକ୍ତିଆର କରିଥିଲେ ।

## ଆଇପିଏଲ୍ ମ୍ୟାଚ୍‌କୁ ନେଇ ସବୁ ଦଳକୁ ବିସିସିଆଇର ନିର୍ଦ୍ଦେଶ





ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମିବା ପରେ ଭାରତୀୟ କ୍ରିକେଟ୍ ବୋର୍ଡ(ବିସିସିଆଇ) ପୁଣି ଥରେ ଆଇପିଏଲ୍ ୨୦୨୫ ପୁନଃ ଆରମ୍ଭର ପ୍ରସ୍ତୁତିରେ ଲାଗି ପଡିଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ଉପୁଜିବା କାରଣରୁ ମେ ୯ ତାରିଖରେ ଆଇପିଏଲ୍‌କୁ ସପ୍ତାହେ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ଏହା ପରେ ଖେଳାଳି ନିଜ ନିଜ ଦେଶକୁ ଫେରି ଯାଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ୧୨ ଲିଗ୍ ମ୍ୟାଚ୍ ଓ ଚାରୋଟି ପ୍ଲେଅଫ୍ ମ୍ୟାଚ୍ ବାକି ରହିଛି । ବିସିସିଆଇ ଯଥା ଶୀଘ୍ର ନୂଆ କ୍ରୀଡ଼ାସୂଚୀର ଘୋଷଣା କରିବ । ରିପୋର୍ଟ ଅନୁଯାୟୀ, ବୋର୍ଡ ସବୁ ଦଳକୁ ମେ ୧୩ ତାରିଖ ସୁଦ୍ଧା ଖେଳାଳିଙ୍କୁ ଏକତ୍ର କରିବାକୁ ଆଦେଶ ଦେଇଛି । ୧୮ତମ ସିଜନର ଉଦଯାପନୀ ମ୍ୟାଚ୍ ମେ ୨୫ ହେବାର ଥିଲା, ଯେଉଁଥିରେ ପରିବର୍ତ୍ତନ କରାଯିବାର ସମ୍ଭାବନା କମ ରହିଛି । ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଡବଲ ହେଡର ମ୍ୟାଚ୍‌ର ଆୟୋଜନ କରିପାରେ । ଉଲ୍ଲେଖନୀୟ ଗୁରୁବାର ବ୍ଲାକଆଉଟ୍ କାରଣରୁ ଧର୍ମଶାଳାରେ ଖେଳା ଯାଇଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ରଦ୍ଦ କରାଯାଇଥିଲା । ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବିସିସିଆଇ ମଙ୍ଗଳବାର ସୁଦ୍ଧା ନିଜର ଦଳଗୁଡ଼ିକୁ ନିଜ ନିଜର ଆୟୋଜନ ସ୍ଥଳରେ ପହଞ୍ଚିବାକୁ କୁହାଯାଇଛି । ପଞ୍ଜାବର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ସ୍ଥାନରେ ଖେଳାଯିବ, ତେଣୁ ଏହି ଦଳର ଆୟୋଜନ ସ୍ଥଳ ଘୋଷଣା କରାଯିବା ବାକି ରହିଛି । ବୋର୍ଡ ମେ ୨୫ ତାରିଖରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଅଧିକ ଡବଲ ହେଡର ମ୍ୟାଚ୍ କରିବାକୁ ଯୋଜନା କରିପାରେ । ଏ ନେଇ ଆଜି ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ମଧ୍ୟରେ ବୈଠକ ହେବାକୁ ଯାଉଛି । ବିସିସିଆଇର ଉପ ସଭାପତି ରାଜୀବ ଶୁକ୍ଲା କହିଛନ୍ତି, ଯୁଦ୍ଧ ଥମି ଯାଇଛି । ବିସିସିଆଇ ପଦାଧିକାରୀ, ଅଧିକାରୀ ଓ ଆଇପିଏଲ୍ ସଞ୍ଚାଳନ ପରିଷଦ ରବିବାର ବୈଠକ କରି ଆଇପିଏଲ ପୁନଃ ଆରମ୍ଭ ଉପରେ ନିଷ୍ପତ୍ତି ନେବେ । କୁହାଯାଉଥିଲା ଯେ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ହାଇଦ୍ରାବାଦ ପରି ଦକ୍ଷିଣ ଭାରତର କୌଣସି ସହରରେ ଆଇପିଏଲ ଅବଶିଷ୍ଟ ମ୍ୟାଚ୍ ଖେଳା ଯାଇପାରେ । ହେଲେ ଏବେ ଉତ୍ତେଜନା କମି ଯାଇଥିବାରୁ ନୂଆ କାର୍ଯ୍ୟସୂଚୀ ସହ ଭେନ୍ୟୁର ଘୋଷଣା ଶୀଘ୍ର ହୋଇପାରେ ।

### ୫୦ ବଲ୍ କ୍ରିକେଟ ଚମ୍ପିଆନ୍ସ ଟ୍ରଫି

## ଓଡିଶା ଦଳ ଚାମ୍ପିଅନ୍

ଫୁଲନଖରା : ଗତ ତିନି ଓ ଚାରି ତାରିଖରେ ପଞ୍ଜାବର ସୁଲ୍‌ତତାନପୁର ଲୋଧି ଠାରେ ଜାତୀୟ ୫୦ ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତର ୧୬ଟି ରାଜ୍ୟ ଅଂଶ ଗ୍ରହଣ କରିଥିଲେ । ଓଡିଶା ଦଳ କ୍ୱାଟର ଫାଇନାଲରେ ପ୍ରଥମେ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶକୁ ହରାଇ ସେମିଫିନାଲରେ ପ୍ରବେଶ କରିଥିଲା । ସେମିଫାଇନାଲରେ ହରିୟଣାକୁ ହରାଇ ଦଳ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ମହାରାଷ୍ଟ୍ରକୁ ହରାଇ ଶେଷରେ ଓଡିଶା ଦଳ ଚମ୍ପିଆନସ୍ ଟ୍ରଫି ହାସଲ କରିଥିଲା । ଏହି ଦଳରେ କଟକ ୪୨ ମୌଜାର ୭ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ । ପ୍ରତୀକ ସେନାପତି, ସାଇ ସୁମନ ସେନାପତି, ଆୟୁଷ୍ମାନ ବେହେରା, ବଦ୍ରି ବିଶାଳ ମହାପାତ୍ର, ଚନ୍ଦ୍ରଶେଖର ବାରିକ, ଅଭିଗ୍ନ୍ୟ ସାହୁ, ରୁଦ୍ରପ୍ରସାଦ ଚୌଧୁରୀ, ରିତେସ୍ ଚୌଧୁରୀ ,ସ୍ୱସ୍ତିକ ପାତ୍ର, ଗୌତମ କାଦ୍ରାକ୍, ଓମ ସତ୍ୟପ୍ରକାଶ ପରିଡା ଓ ସ୍ୱସ୍ତିକ ଜେନା ପ୍ରମୁଖ । ଏହି ଦଳର ପ୍ରଶିକ୍ଷକ ଆଲୋକ ରଞ୍ଜନ ଚୌଧୁରୀ, ସଂଯୋଜକ ଗୁରୁପ୍ରସାଦ୍ ସାହୁ,ସହ ସଂଯୋଜକ ଚିନ୍ମୟ ମହାପାତ୍ର ଦଳ ସହ ଉପସ୍ଥିତ ରହି ଦଳକୁ ଉତ୍ସାହିତ କରିଥିଲେ ।

## ଆଉ କେବେ ପାକିସ୍ତାନ ଯିବୁନି, ଭୋ ଭୋ କାନ୍ଦିଲେ ଖେଳାଳି



ନୂଆଦିଲ୍ଲୀ: ଭାରତ ଓ ପାକ୍ ଯୁଦ୍ଧ ମଧ୍ୟରେ ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ର ଖେଳାଳିମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା । ଏନେଇ ବାଂଲାଦେଶ ଲେଗ୍-ସ୍ପିନର ରିଶାଦ ହୋସେନ କହିଛନ୍ତି ଯେ ପିଏସଏଲ ସ୍ଥଗିତ ହେବା ପରେ ସେ ଏବଂ ଅନ୍ୟ ବିଦେଶୀ ଖେଳାଳିମାନେ ଦୁବାଇ ପହଞ୍ଚିବା ପରେ ଆଶ୍ୱସ୍ତି ଅନୁଭବ କରିଛନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଶୁକ୍ରବାର ପିଏସଏଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲା । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସମୟରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିଥିଲା । ରିୟାଦ କହିଛନ୍ତି ଯେ ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଥିଲା ସେତେବେଳେ ନ୍ୟୁଜିଲାଣ୍ଡର ବ୍ୟାଟିଂ ଅଲରାଉଣ୍ଡର ଡାରିଲ ମିଚେଲ ତାଙ୍କୁ କହିଥିଲେ ଯେ ସେ ଆଉ କେବେ ପାକିସ୍ତାନ ଫେରିବେ ନାହିଁ । ସେ କହିଥିଲେ ଯେ ସମସ୍ତ ବିଦେଶୀ ଖେଳାଳି ଭୟଭୀତ ହୋଇପଡ଼ିଥିଲେ । ରିଶଦ କ୍ରିକବଜକୁ କହିଥିଲେ, 'ସାମ୍ ବିଲିଙ୍ଗସ୍, ଡାରିଲ୍ ମିଚେଲ୍, କୁସାଲ୍ ପେରେରା, ଡେଭିଡ୍ ୱିସ୍, ଟମ୍ କରାନ୍ ଭଳି ବିଦେଶୀ ଖେଳାଳି ଲିଗ୍ ?ରେ ଖେଳୁଥିଲେ । ସେମାନେ ସମସ୍ତେ ବହୁତ ଡରି ଯାଇଥିଲେ । ଦୁବାଇରେ ଅବତରଣ କରିବା ପରେ ମିଚେଲ ମୋତେ କହିଲେ ଯେ ସେ ଆଉ କେବେ ପାକିସ୍ତାନ ଯିବେ ନାହିଁ । ବିଶେଷକରି ଏପରି ପରିସ୍ଥିତିରେ । କହିବାକୁ ଗଲେ ସେମାନେ ସମସ୍ତେ ଭୟଭୀତ ଥିଲେ । ଏପରିକି ଇଂଲଣ୍ଡ କ୍ରିକେଟର ଟମ୍ କରାନ ଚିନ୍ତାରେ କାନ୍ଦିବାକୁ ଲାଗିଥିଲେ । ଆଉ ତାଙ୍କୁ ସାନ୍ତ୍ୱନା ଦେବା ଖୁବ୍ କଷ୍ଟକର ହୋଇପଡ଼ିଥିଲା । ବାଂଲାଦେଶ ଖେଳାଳି ରିଶାଦ ହୁସେନ ମଧ୍ୟ କହିଛନ୍ତି ଯେ ଦୁବାଇରେ ଅବତରଣ କରିବା ପରେ, ତାଙ୍କୁ ଖବର ମିଳିଥିଲା ଯେ ତାଙ୍କ ବିମାନ ପାକିସ୍ତାନ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ୨୦ ମିନିଟ୍ ପରେ ବିମାନବନ୍ଦର ଉପରେ ଆକ୍ରମଣ ହୋଇଛି । ମୃତ୍ୟୁ ଠାରୁ ମାତ୍ର ୨୦ ମିନିଟ୍ ଦୂରରେ ଥିବାରୁ, ରିଶାଦ ହୁସେନ କହିଥିଲେ ଯେ ଦୁବାଇ ଆସିବା ପରେ ତାଙ୍କୁ ଦ୍ୱିତୀୟ ଜୀବନ ମିଳିଥିବା ଭଳି ଅନୁଭବ ହୋଇଥିଲା ।

## କିଟ୍-କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

**ସୃଷ୍ଟି ହେବେ ୨.୫ଲକ୍ଷ କ୍ରୀଡ଼ାବିତ୍**



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ । ଏନେଇ କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ । କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି । ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ । ଅଲିମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି । ସେ ୮ଟି ପୁରୁଷ ଯୁଗଳ ଏବଂ ୧୦ଟି ମିଶ୍ରିତ ଯୁଗଳ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି । ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି । ଆଗାମୀ ୧୫ ବର୍ଷ ମଧ୍ୟରେ ୨ ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ । କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମି କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି । ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି । ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି ।

## ବିରାଟ କୋହଲିଙ୍କୁ ବୁଝାଇବାରେ ବିସିସିଆଇ ବିଫଳ

ନୂଆଦିଲ୍ଲୀ: ବିରାଟ କୋହଲି ଜୁନ୍ ମାସରେ ଭାରତର ଆଗାମୀ ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ପ୍ରସ୍ତୁତ ଅଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ପୂର୍ବତନ ଭାରତୀୟ ଅଧିନାୟକ ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ)କୁ ତାଙ୍କର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇସାରିଛନ୍ତି । ତଥାପି, ବୋର୍ଡ ତାଙ୍କୁ ପୁନର୍ବିଚାର କରିବାକୁ ବୁଝାଇବାକୁ ଚେଷ୍ଟା ଜାରି ରଖିଛି । ବିରାଟ କୋହଲି ସବୁଠାରୁ ଲମ୍ବା ଫର୍ମାଟରୁ ଦୂରେଇ ରହିବାକୁ ନିଷ୍ପତ୍ତିରେ ଅଟଳ ରହିଛନ୍ତି, ଯଦିଓ ବିସିସିଆଇ ତାଙ୍କ ମନ ପରିବର୍ତ୍ତନ ହେବ ବୋଲି ଆଶା ରଖିଛି । କୋହଲି ଅବସର ନେବାର ଇଚ୍ଛା ପ୍ରକାଶ କରିବା ପରଠାରୁ ବୋର୍ଡ ତାଙ୍କ ସହ ନିରନ୍ତର ଆଲୋଚନା ଜାରି ରଖିଛି । କିନ୍ତୁ ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, କୋହଲି ତାଙ୍କ ନିଷ୍ପତ୍ତିରେ ଦୃଢ ଅଛନ୍ତି । ଜଣେ ବିସିସିଆଇ ଅଧିକାରୀଙ୍କୁ ଉଦ୍ଧୃତ କରି କୁହାଯାଇଛି, କୋହଲି ଦୁଇ ସପ୍ତାହ ପୂର୍ବେ ଚୟନକର୍ତ୍ତାଙ୍କୁ ଟେଷ୍ଟ ଛାଡ଼ିବାର ଇଚ୍ଛା ବିଷୟରେ ସୂଚନା ଦେଇଥିଲେ । ସେମାନେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିବାକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ତଥାପି, ସେ ତାଙ୍କ ନିଷ୍ପତ୍ତିରେ ଅଟଳ ଅଛନ୍ତି । ଅନ୍ତିମ ନିଷ୍ପତ୍ତି ଆଗାମୀ ସପ୍ତାହରେ ଚୟନ ବୈଠକ ପାଖାପାଖି ହେବ । ବିରାଟ କୋହଲିଙ୍କ ସମ୍ଭାବ୍ୟ ବିଦାୟ ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ ଖୁବ୍ ଶୀଘ୍ର ଘଟିବ, ଯାହା ଦଳର ନେତୃତ୍ୱ ଏବଂ ମୁଖ୍ୟ ଖେଳାଳିଙ୍କ ଗଠନରେ ଏକ ବଡ଼ ପରିବର୍ତ୍ତନକୁ ସୂଚାଇବ । କୋହଲିଙ୍କଠାରୁ ଅନ୍ତିମ ନିଷ୍ପତ୍ତିର ଅପେକ୍ଷା କରାଯାଉଥିବା ବେଳେ, ଦେଶର ପ୍ରଶଂସକମାନେ ଆଶା କରୁଛନ୍ତି ଯେ ସେ ରେଡ୍-ବଲ କ୍ରିକେଟକୁ ଅଲବିଦା କହିବା ପୂର୍ବରୁ ଅତି କମରେ ଆଉ ଏକ ଟେଷ୍ଟ ସିରିଜରେ ଖେଳିବେ ।

## ପାକିସ୍ତାନ ଗସ୍ତକୁ ନେଇ ବାଂଲାଦେଶ ଚିନ୍ତିତ

ଢାକା୫: ଆସନ୍ତା ୨୫ ତାରିଖରୁ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଟି୨୦ ସିରିଜକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ଯୋଗୁ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଭବିଷ୍ୟତକୁ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଚିନ୍ତା ପ୍ରକଟ କରିଛି । ଏହି ସିରିଜ ଲାଗି ବିସିବି ଅଧିକାରୀମାନେ ଶେର-ଇ-ବାଂଲା ନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଏକତ୍ରିତ ହୋଇ ସିରିଜ୍ ସହ ଜଡ଼ିତ ବିପଦ ସମ୍ପର୍କରେ ଆଲୋଚନା କରିଥିଲେ । ଦଳର ଆଗାମୀ ପାକିସ୍ତାନ ଟୁର ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ସହ ଚାଲିଥିବା ଆଲୋଚନା ସକ୍ରିୟ ରହିଛି । ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ : ହିନ୍ଦୁସ୍ଥାନ ଭେଟରାନ୍ ବିଜୟୀ





ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୧୮ତମ ଆନେକ୍ସ କପର ଷଷ୍ଠ ଦିବସରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ୍ ହିନ୍ଦୁସ୍ଥାନ ଭେଟ୍ରାନ୍ ଓ ବାଣିକ୍ଷେତ୍ର ଭେଟ୍ରାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗତସିଂହପୁରର ବିଧାୟକ ତଥା ହିନ୍ଦୁସ୍ଥାନ ସ୍ପୋର୍ଟିଂର ପୂର୍ବତନ କ୍ରିକେଟର ଅମରେନ୍ଦ୍ର ଦାସ ଥିଲେ ମୁଖ୍ୟ ଆକର୍ଷଣ । ସେ ହିନ୍ଦୁସ୍ଥାନ ଭେଟରାନ ଟିମ୍ ତରଫରୁ ଅଂଶ ଗ୍ରହଣ କରିଥିଲେ । ବାଣୀକ୍ଷେତ୍ର ଭେଟ୍ରାନ ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୧୧୨ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସର୍ବାଧିକ ରାଜେଶ ବରାଳ ୩୨ଟି ବଲରୁ ୬୩ ରନ, ତନ୍ମୟ ମହାପାତ୍ର ୨୨ ରନ ଓ ଶୁଭ୍ରଜିତ ପାଇକରାୟ ୧୬ ରନ ସଂଗ୍ରହ କରିଥିଲେ । ହିନ୍ଦୁସ୍ଥାନ ଭେଟ୍ରାନ ଟିମ୍ ପକ୍ଷରୁ ରଶ୍ମିରଞ୍ଜନ ରାୟ ୨ଟି ଓ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ୧ଟି ୱିକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ହିନ୍ଦୁସ୍ଥାନ ଭେଟ୍ରାନ୍ ଟିମ୍ ୯.୧ ଓଭରରେ ୩ ୱିକେଟ ହରାଇ ଆବଶ୍ୟକୀୟ ୧୧୩ ରନ କରି ବିଜୟ ହାସଲ କରିଥିଲା । ଦଳ ପକ୍ଷରୁ ପ୍ରଶାନ୍ତ ମଲ୍ଲିକ ୨୦ଟି ବଲରୁ ୫୪ ରନ କରିଥିଲେ, ସୂର୍ଯ୍ୟ ମହାନ୍ତି ୩୩ ରନ ଓ ଅମରେନ୍ଦ୍ର ଦାସ ସ୍ଲଗ ଓଭରରେ ୩ଟି ବଲରୁ ୯ ରନ ସଂଗ୍ରହ କରିଥିଲେ । ଯେଉଁଥିରେ ୨ଟି ଚୌକା ଅନ୍ତର୍ଭୁକ୍ତ । ବାଣିକ୍ଷେତ୍ର ପକ୍ଷରୁ ବାପି ବିଶୋଇ, ରାଜେଶ ବରାଳ ଓ ବଦ୍ରି ମହାନ୍ତି ୧ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଏହି ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ପ୍ରଶାନ୍ତ ମଲ୍ଲିକ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍ ରାଜେଶ ବରାଳ, ବେଷ୍ଟ ବୋଲର ବଦ୍ରି ମହାନ୍ତି, ବେଷ୍ଟ କ୍ୟାଚ ରଞ୍ଜନ ମହାନ୍ତି, ବେଷ୍ଟ ଫିଲ୍ଡର ତନ୍ମୟ ମହାପାତ୍ର, ବେଷ୍ଟ କିପର ସୁଧୀର ପାତ୍ର, ବେଷ୍ଟ ଫିନିଶର ସୂର୍ଯ୍ୟ ମହାନ୍ତି ଯୋଗ୍ୟ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ଶ୍ରୀକାନ୍ତ ଚୌଧୁରୀ, ସଲମାନ୍ ଜଲାଲି ପୁରସ୍କାର ପ୍ରଦାନ କରିଥିଲେ । ଟିମ୍ ମେଣ୍ଟର ରଶ୍ମି ରଞ୍ଜନ ରାୟ, ସମୀର ଲେଙ୍କା, ତପନ ମଲ୍ଲିକ, ବିନୋଦ ମହାନ୍ତି, ବିଦ୍ୟୁଭୂଷଣ ଦାସ,ଦିଲୀପ ସ୍ୱାଇଁ ଓ ଚନ୍ଦନ ସାହୁ ଏହି ଖେଳକୁ ଆୟୋଜନ କରିଥିଲେ । ଏହି ମ୍ୟାଚ୍ ଟି ଅମ୍ପାୟର ଏସ କେ ନାସିର ଓ ମନୋଜ ସିଂହ, ଲିଟିଲ୍, କରନ୍ ଖାନ, ମିଲନ ଓଝା ଓ ସ୍କୋରର ବାପି ବିଶୋଇ ଓ ଆଶୁତୋଷ ବେହେରାଙ୍କ ଦ୍ୱାରା ପରିଚାଳନା ହୋଇଥିଲା ।

## ପୂର୍ବତନ କ୍ରିକେଟରଙ୍କ ଦେହାନ୍ତ



ନୂଆଦିଲ୍ଲୀ: ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ବବ୍ କାଉପରଙ୍କ ଦେହାନ୍ତ ୮୪ ବର୍ଷ ବୟସରେ ହୋଇଯାଇଛି । ସେ କର୍କଟ ରୋଗରେ ପୀଡିତ ଥିଲେ । କାଉପରଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଡେଲ୍ ଏବଂ ଝିଅ ଅଲିଭିଆ ଏବଂ ସାରା ଅଛନ୍ତି । କ୍ରିକେଟ ଅଷ୍ଟ୍ରେଲିଆ ଏକ୍ସରେ ଏହି କିମ୍ବଦନ୍ତୀ କ୍ରିକେଟରଙ୍କ ମୃତ୍ୟୁ ବିଷୟରେ ସୂଚନା ଦେଇଥିଲା । ବବ୍ କାଉପର୍ ଜଣେ ବାମହାତୀ ବ୍ୟାଟସମ୍ୟାନ ଥିଲେ ଯିଏ ୨୭ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୮୪ ହାରରେ ୨୦୬୧ ରନ କରିଥିଲେ । ଏହି ସମୟ ମଧ୍ୟରେ ସେ ପାଞ୍ଚଟି ଶତକ ଏବଂ ୧୦ଟି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ବବ୍ ସିମ୍ପସନ୍, ଡଗ୍ ୱାଲ୍ଟର୍ସ, ଇଆନ୍ ଚାପେଲ୍ ଏବଂ ବିଲ୍ ଲରିଙ୍କ ଭଳି ଖେଳାଳିଙ୍କ ସହିତ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟ୍ ଖେଳିଥିଲେ । ବବ୍ କାଉପରଙ୍କ ପାଖରେ ଏପରି ଏକ ରେକର୍ଡ ଅଛି ଯାହାକୁ କେବେ ଭାଙ୍ଗିପାରିବ ନାହିଁ । ପ୍ରକୃତରେ, ୧୯୬୫-୬୬ ଏମ୍ସିଜି ଆଶେସ୍ ଟେଷ୍ଟରେ, କାଉପର୍ ୧୨ ଘଣ୍ଟା ବ୍ୟାଟିଂ କରି ଐତିହାସିକ ୩୦୭ ରନ କରିଥିଲେ, ଯାହା ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ତ୍ରିଶତକ ଥିଲା । ସେ ୨୮ ବର୍ଷ ବୟସ ହେବା ପୂର୍ବରୁ ଅବସର ନେଇଥିଲେ । କାଉପର ୧୪୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୫୦ରୁ ଅଧିକ ପ୍ରଭାବଶାଳୀ ହାରରେ ୧୦,୫୯୫ ରନ୍ କରିଥିଲେ । ସେ ୨୬ଟି ଶତକ ଏବଂ ୫୮ଟି ଅର୍ଦ୍ଧଶତକ ହାସଲ କରିବାର ସଫଳତା ପାଇଥିଲେ । ସେ ୪ଟି ଲିଷ୍ଟ-ଏ ମ୍ୟାଚ୍ ମଧ୍ୟ ଖେଳିଥିଲେ ।



ଦିନ ତାପମାତ୍ରା ସହିତ ରାତିରେ ବି ତାପମାତ୍ରା ଅଧିକ ରହୁଛି। ଅଂଶୁଘାତ ଜନିତ ମୃତ୍ୟୁ ନେଇ ଲୋକଙ୍କୁ ସତର୍କ କରିଛି ସ୍ୱାସ୍ଥ୍ୟ ବିଭାଗ। ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ ରହିଥିବାରୁ ସେମାନେ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଅଂଶୁଘାତର ଲକ୍ଷଣ: ପ୍ରବଳ ଝାଳ ବୋହିବା, ମୁଣ୍ଡ ବୁଲାଇ ଅନ୍ଧାର ଦେଖାଯିବ ଓ ବାନ୍ତି ଲାଗିବା, ପ୍ରବଳ ଶୋଷ ଲାଗିବା, ମାଂସପେଶୀ ଟାଙ୍କି ଧରିବା, ଅଚେତ ହେବା କିମ୍ବା ବାତ ମାରିବା ଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ସକାଳେ କିମ୍ବା ଅପରାହ୍ନରେ ଖରା କମ୍ ଥିବାବେଳେ ବାହାରକୁ ଯାଆନ୍ତୁ। ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ, ମୁଣ୍ଡରେ ଓଦା ଗାମୁଛା ବାନ୍ଧନ୍ତୁ, ହାଲୁକା ରଙ୍ଗର ସୂତା ପୋଷାକ ପରିଧାନ କରନ୍ତୁ, ଛତା ଓ ଜୋତା ବ୍ୟବହାର କରନ୍ତୁ। ଖରାରେ ଶାରୀରିକ ପରିଶ୍ରମ କରନ୍ତୁ ନାହିଁ। ଖରା ଗରମରେ ଅଧିକ ଦୂର ବାଟ ଚାଲନ୍ତୁ ନାହିଁ। ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ। ଅଂଶୁଘାତର ଶିକାର ହୋଇଥିବା ରୋଗୀକୁ ଖୋଲା ଓ ଥଣ୍ଡା ସ୍ଥାନରେ ନେଇଯାଆନ୍ତୁ। ଓ.ଆର.ଏସ୍ କିମ୍ବା ଚିନି ଲୁଣ ପାଣି ପିଇବାକୁ ଦିଅନ୍ତୁ। ପୋଷାକ ଯଥା ସମ୍ଭବ ଖୋଲି ଫ୍ୟାନ କିମ୍ବା କୁଲର ଚାଲିଥିବା ସ୍ଥାନରେ ବସାନ୍ତୁ। ମୁଣ୍ଡ ଧୋଇ ଦିଅନ୍ତୁ ଏବଂ ଓଦା କପଡାରେ ପୋଛନ୍ତୁ। ରୋଗୀକୁ ପଙ୍ଖା/କୁଲର/ଏସି ପବନରେ ଶୁଆଇ ଦିଅନ୍ତୁ। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନହେଲେ ହସ୍ପିଟାଲକୁ ନିଅନ୍ତୁ।

## ଗୌତମ ବୁଦ୍ଧଙ୍କ ଉପଦେଶ



**ବୈ**ଶାଖ ପୂର୍ଣ୍ଣିମାକୁ ବୁଦ୍ଧ ପୂର୍ଣ୍ଣିମା ନାମରେ ପରିଚିତ। ଏହି ଦିନରେ ଭଗବାନ ଗୌତମ ବୁଦ୍ଧ ଜନ୍ମ ନେଇଥିଲେ ଏବଂ ନିର୍ବାଣ ପ୍ରାପ୍ତି କରିଥିଲେ। ଏହି ଦିନ ହିଁ ସେ ବୁଦ୍ଧତ୍ୱ ପ୍ରାପ୍ତି କରିଥିଲେ। ସାରା ବିଶ୍ୱରେ ଏବେ ୫୦ କୋଟିରୁ ଅଧିକ ବୌଦ୍ଧ ଧର୍ମାବଲମ୍ବୀ ରହିଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ବେଶ୍ ଧୂମ୍ଧାମରେ ଏହି ପର୍ବ ପାଳନ କରିଥାନ୍ତି। ସନାତନ ହିନ୍ଦୁ ଧର୍ମରେ ଭଗବାନ ବୁଦ୍ଧଙ୍କୁ ବିଷ୍ଣୁଙ୍କ ନବମ ଅବତାର ଭାବେ ମାନ୍ୟତା ମିଳିଛି। ଏଣୁ ହିନ୍ଦୁଙ୍କ ପାଇଁ ମଧ୍ୟ ଏହି ଦିନର ବିଶେଷ ମହତ୍ତ୍ୱ ରଖିଥାଏ। ବିହାର ବୌଦ୍ଧଗୟା ଠାରେ ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନେ ସମ୍ପୂର୍ଣ୍ଣ ଭକ୍ତି ଭାବେ ଭଗବାନ ବୁଦ୍ଧଙ୍କ ପୂଜା କରିଥାନ୍ତି। ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ ହରିଦ୍ୱାରରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବାର ପରମ୍ପରା ମଧ୍ୟ ରହିଛି। ଗୃହତ୍ୟାଗ ପରେ ସିଦ୍ଧାର୍ଥ ଲଗାତାର ସାତ ବର୍ଷ ପର୍ଯ୍ୟନ୍ତ ବଣରେ ବୁଲିଥିଲେ। କଠୋର ତପସ୍ୟା କରିବା ପରେ ବୈଶାଖ ପୂର୍ଣ୍ଣିମା ଦିନ ହିଁ ସେ ବୁଦ୍ଧତ୍ୱର ଜ୍ଞାନ ଲାଭ କରିଥିଲେ। ବୁଦ୍ଧଙ୍କ ଜନ୍ମ କପିଳାବସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ (ବର୍ତ୍ତମାନ ନେପାଳରେ ରହିଛି) ଠାରେ ହୋଇଥିଲେ। ସେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦ୍ଧନ ଏବଂ ରାଣୀ ମହାମାୟା ଦେବୀଙ୍କ ପୁତ୍ର ଥିଲେ। ମାଉସୀ ଗୌତମୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିବାରୁ ତାଙ୍କ ନାଁ ଗୌତମ ରହିଥିଲା। ବୁଦ୍ଧଦେବ ଅନେକ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ ଗୁରୁ ବିଶ୍ୱାମିତ୍ରଙ୍କ ଠାରୁ ସେ ବେଦ, ଉପନିଷଦ ଏବଂ ଶସ୍ତ୍ର ବିଦ୍ୟା ଶିକ୍ଷା କରିଥିଲେ। ସେ ଯଶୋଧାରାଙ୍କୁ ବିବାହ କରିଥିଲେ ତାଙ୍କର ରାହୁଲ ନାମରେ ଏକ ପୁତ୍ର ଥିଲା। ଦୁହେଁ ପରବର୍ତ୍ତୀ ସମୟରେ ବୌଦ୍ଧ ଭିକ୍ଷୁ ପାଲଟି ଯାଇଥିଲେ। ଭିନ୍ନ ଭିନ୍ନ ଦେଶରେ ଥିବା ବୌଦ୍ଧ ଧର୍ମାବଲମ୍ବୀ ମାନେ ଭିନ୍ନ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ବୁଦ୍ଧ ପୂର୍ଣ୍ଣିମା ପାଳିଥାନ୍ତି।

କୌଣସି ପରିସ୍ଥିତିରେ ବି ସୂର୍ଯ୍ୟ, ଚନ୍ଦ୍ରମା ଏବଂ ସତ୍ୟ ଏହି ତିନୋଟି ଜିନିଷ ଲୁଚି ରହିପାରିବ ନାହିଁ। ଜୀବନରେ କୌଣସି ଉଦ୍ଦେଶ୍ୟ, ଲକ୍ଷ୍ୟ ପାଖରେ ପହଞ୍ଚିବା ଠାରୁ ବେଶି ମହତ୍ତ୍ୱପୂର୍ଣ୍ଣ ହେଉଛି ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି ତାହାକୁ ପ୍ରଥମେ ଶେଷ କରନ୍ତୁ। ଖରାପକୁ ଖରାପରେ କେବେ ବି ଶେଷ କରାଯାଇପାରିବ ନାହିଁ। ଘୃଣାକୁ ତ କେବଳ ପ୍ରେମ ଦ୍ୱାରା ହିଁ ସମାପ୍ତ କରାଯାଇପାରିବ। ସତ୍ୟ ମାର୍ଗରେ ଚାଲୁଥିବା ବ୍ୟକ୍ତି କେବଳ ଦୁଇଟି ଭୁଲ କରିପାରେ। ପ୍ରଥମଟି ସମ୍ପୂର୍ଣ୍ଣ ରାସ୍ତା ନ ବାଛିବା, ଦ୍ୱିତୀୟଟି ରାସ୍ତା ଆରମ୍ଭ ନ କରିବା। ଭବିଷ୍ୟତର ସ୍ୱପ୍ନରେ ହଜିଯାଅନି, କି ଭୂତକାଳ କଥା ଭାବି ଚିନ୍ତିତ ହୁଅନି ସବୁବେଳେ ବର୍ତ୍ତମାନ ଉପରେ ଧ୍ୟାନ ଦିଅ। ଏହା ହେଉଛି ଜୀବନରେ ଖୁସି ରହିବାର ମୂଳମନ୍ତ୍ର। ଯେଉଁଭଳି ଭାବରେ ଗୋଟିଏ ଦ୍ୱୀପରୁ ହଜାର ଦ୍ୱୀପ ଜଳାଇ ଅନ୍ଧକାରକୁ ଦୂର କରାଯାଇଥାଏ, ସେହିପରି ଖୁସି ବାଣ୍ଟିବା ଦ୍ୱାରା ଏହା ସବୁବେଳେ ବଢ଼ିଥାଏ। ଜୀବନରେ ଯେତେ ବି ଭଲବହି ପଢ଼ କିମ୍ବା ଭଲ ଶବ୍ଦ ଶୁଣ, କିନ୍ତୁ ଯେ ପର୍ଯ୍ୟନ୍ତ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ ନକରିଛ ସେ ପର୍ଯ୍ୟନ୍ତ ଏସବୁର କିଛି ଲାଭ ନାହିଁ। ସର୍ବଦା କ୍ରୋଧିତ ରହିବା, ଜଳୁଥିବା କୋଇଲାକୁ ଅନ୍ୟ ବ୍ୟକ୍ତି ଉପରେ ଫୋପାଡ଼ିବା ସଦୃଶ। ଏହି କ୍ରୋଧ ସର୍ବପ୍ରଥମେ ନିଜକୁ ହିଁ ଜାଳିଥାଏ। କ୍ରୋଧରେ ହଜାରେ ଭୁଲ ଶବ୍ଦ କହିବା ଅପେକ୍ଷା ମଉନ ରହିଗଲେ ଶାନ୍ତି ମିଳିଥାଏ।

# ମାଓ୍ୱରାଙ୍କ ସହ କାମ କରିବାକୁ ମନା କଲେ ହର୍ଷବର୍ଦ୍ଧନ





'**ସ**ନମ୍ ତେରି କସମ୍' ଫିଲ୍ମଟି ରିଲିଜରେ କମାଲ ଦେଖାଇ ପାରିନଥିଲା। ହେଲେ ପରେ ଏହାର ପ୍ରଶଂସକଙ୍କ ସଂଖ୍ୟା ବଢ଼ିବାରୁ ଏହାକୁ ପୁଣିଥରେ ରିଲିଜ କରାଯାଇଥିଲା। ସେବେଠୁ ଫିଲ୍ମର ଦ୍ୱିତୀୟ ଭାଗ ଆସିବା ନେଇ ନିର୍ମାତା ଘୋଷଣା କରିଥିଲେ। ହେଲେ ଏବେ ଫିଲ୍ମ ଉପରେ ଭାରତ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତାର ପ୍ରଭାବ ପଡ଼ିଛି। ଭାରତର ପାକ୍ ବିରୋଧୀ ଅଭିଯାନକୁ ନେଇ ସେଠାକାର କଳାକାରମାନେ ବିଷ ଓଗାଳୁଛନ୍ତି। ଏହି କ୍ରମରେ ବାଦ୍ ପଡ଼ିନାହାନ୍ତି ଅଭିନେତ୍ରୀ ମାଓ୍ୱରା ହୁସୈନ। ଫିଲ୍ମର ପ୍ରଥମ ଭାଗରେ ତାଙ୍କ ଅଭିନୟ ପ୍ରଶଂସନୀୟ ଥିଲା। ଏଣୁ ପୁଣିଥରେ ଅଭିନେତା ହର୍ଷବର୍ଦ୍ଧନଙ୍କ ତାଙ୍କ ରୋମାନ୍ସ ଦେଖିବାକୁ ମିଳିବ ବୋଲି କୁହାଯାଉଥିଲା। ଏବେ ସେଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମାଓ୍ୱରା ଭାରତର କାର୍ଯ୍ୟାନୁଷ୍ଠାନକୁ ବର୍ବୋରଚିତ କହିଥିଲେ। ଏପରିକି ଏହାଦ୍ୱାରା ତାଙ୍କ ଦେଶର ନିରୀହ ଲୋକେ, ପିଲାମାନଙ୍କ ମୃତ୍ୟୁ ହେଉଥିବା ସେ କହିଥିଲେ। ହେଲେ ହର୍ଷବର୍ଦ୍ଧନ ଏହାକୁ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆରେ ଏକ ଷ୍ଟୋରୀରେ ସେ ଲେଖିଛନ୍ତି ଯେ ମୁଁ ସମସ୍ତ ପ୍ରଶଂସା ଲାଗି ଖୁସି। ହେଲେ ଯେଉଁଭଳିର ସ୍ଥିତି ଏବେ ରହିଛି ଏବଂ ମୋ' ଦେଶ ବିରୋଧରେ କମେଣ୍ଟ ଦିଆଯାଇଛି, ତା ପରେ ମୁଁ ନିଷ୍ପତ୍ତି ନେଇଛି ଯେ ଯଦି 'ସନମ ତେରି କସମ ୨'ର ପୁରୁଣା କଳାକାରଙ୍କୁ ନିଆଯାଏ ତେବେ ମୁଁ ଏହାକୁ କରିବି ନାହିଁ। ତେବେ ଏହି ପୋଷ୍ଟ ଜରିଆରେ ମାଓ୍ୱରାଙ୍କ ସହ ଅଭିନୟ କରିବାକୁ ହର୍ଷବର୍ଦ୍ଧନ ସିଧାସଳଖ ମନା କରିଦେଇଛନ୍ତି। ଏହାକୁ ନେଇ ଅଭିନେତ୍ରୀ ମଧ୍ୟ ପୁଣିଥରେ ପ୍ରତିକ୍ରିୟା ରଖି ଏହାକୁ ପିଆର ଷ୍ଟଣ୍ଟ ବୋଲି କହିଛନ୍ତି।

## ରାସ୍ତା କଡ଼ରୁ ଚଷମା କିଣି ପିନ୍ଧୁଛନ୍ତି କି ?

## ଜାଣନ୍ତୁ କେତେ ସୁରକ୍ଷିତ....

*ରୋଡ ସାଇଡରେ ଶସ୍ତା ଦାମରେ ଜିନିଷ କିଣିବାର ଆମ ସମସ୍ତଙ୍କ ଅଭ୍ୟାସ ରହିଛି । ଯାନବାହାନରେ କି ଚାଲିକରି ଗଲାବେଳେ ରାସ୍ତାରେ ସଜେଇ ହୋଇ ରହିଥିବା ଏହି ଜିନିଷ ଗୁଡିକ ଆମକୁ ବେଶ୍ ଆକର୍ଷିତ କରିଥାଏ । ସେହି ଜିନିଷ ମଧ୍ୟରୁ ସବୁଠୁ ବେଶୀ ଆମକୁ ଆକର୍ଷିତ କରିଥାଏ, ଭଳିକି ଭଳି ରଙ୍ଗବେରଙ୍ଗର ଚଷମା ବା ସନ୍ ଗ୍ଲାସେସ୍ । କିନ୍ତୁ ଆପଣ ଜାଣନ୍ତି କି, ଏହି ଚଷମା ଗୁଡିକ ଷ୍ଟାଇଲ ପାଇଁ ତ ବହୁତ ଭଲ ହେଲେ ଏହା ଆପଣଙ୍କୁ ଖରାରୁ କେତେ ରକ୍ଷା କରୁଛି ? ଜାଣନ୍ତୁ....*

**ସା**ଧାରଣତଃ ଆମେ ଖରା ଦିନେ, ଖରାରୁ ଆଖିକୁ ରକ୍ଷା କରିବା ପାଇଁ ସନଗ୍ଲାସ ପିନ୍ଧିଥାଉ । କିନ୍ତୁ ରାସ୍ତାକଡର ସନଗ୍ଲାସ......କେତେ ସୁରକ୍ଷିତ ?

ତେବେ ଆସନ୍ତୁ ଜାଣିବା କ'ଣ କହୁଛନ୍ତି ବିଶେଷଜ୍ଞ ? ରାସ୍ତା କଡରେ ବିକ୍ରି ହେଉଥିବା ଏହି ସବୁ ଚଷମା ଆମ ଆଖିକୁ ଖରାରୁ ରକ୍ଷା କରିପାରିବ କି ? ତେବେ ବିଶେଷଜ୍ଞଙ୍କ କହିବାନୁସାରେ, ରାସ୍ତାପାର୍ଶ୍ୱ ଦୋକାନରେ ବିକ୍ରି ପାଇଁ ଉପଲବ୍ଧ ଶସ୍ତା ଚଷମା ଆଖି ପାଇଁ ଉପଯୁକ୍ତ ନୁହେଁ । ଏହାର ବ୍ୟବହାର ବିରୁଦ୍ଧରେ ଚକ୍ଷୁ ବିଶେଷଜ୍ଞମାନେ ସତର୍କ କରାଇ ଦେଉଛନ୍ତି । ଏହି ଚଷମାଗୁଡ଼ିକ ଆପଣଙ୍କୁ ୟୁଭି ସୁରକ୍ଷା ପ୍ରଦାନ କରେ ନାହିଁ । କିନ୍ତୁ ଏହା ମଧ୍ୟ ଦେଇ ୟୁଭି ରେ ଆପଣଙ୍କ ଆଖି ଉପରେ ପଡିବାରୁ, ଏହା ଆଖିକୁ ଅଧିକ କ୍ଷତି ପହଞ୍ଚାଇ ଥାଏ ।

ରାସ୍ତାକଡରେ ବିକ୍ରି ହେଉଥିବା ସନ୍‌ଗ୍ଲାସ ଆଖି ପାଇଁ ବହୁ ମାତ୍ରାରେ ଅସୁରକ୍ଷିତ ଅଟେ । ଏହାଦ୍ୱାରା ଆଖି ଉପରେ ପ୍ରଭାବ ପଡିବା ସହିତ ଆଖି ମଧ୍ୟ ନଷ୍ଟ ହେବାରେ ଲାଗିଥାଏ । ରାସ୍ତାକଡ଼ରେ ବିକ୍ରି ହେଉଥିବା ସନ୍‌ଗ୍ଲାସ କେବଳ ଖରାଦିନ ପାଇଁ ଯେତିକି ଉପଯୋଗୀ ଅଟେ ସେତିକି ମଧ୍ୟ ଅସୁରକ୍ଷିତ । ବିଶେଷ ଭାବରେ ଖରା ସମୟରେ ଶସ୍ତା ସନ୍‌ଗ୍ଲାସ ବ୍ୟବହାର ଦ୍ୱାରା ଅନେକ ପ୍ରଭାବ ପଡିଥାଏ । ଯେପରିକି ଆଖିରୁ ଲୁହ ବାହାରିବା, ମୁଣ୍ଡବିନ୍ଧା ହେବା, ଅଧିକ ସମୟ ଧରି ଚଷମା ବ୍ୟବହାର କଲେ ଦୃଷ୍ଟିଶକ୍ତି କମିଯିବା ସହ ଆଖି ଖେଞ୍ଚି ହେବା ଭଳି ଲକ୍ଷଣ ଦେଖାଯାଇଥାଏ । ଯାହାକୁ ବ୍ୟବହାର କରିବାକୁ ବିଶେଷଜ୍ଞ ମାନେ ସଂପୂର୍ଣ୍ଣ ବାରଣ କରିଛନ୍ତି ।





## କେବେ ବି ତୁର୍କୀ ଓ ଅଜେରବାଇଜାନ ଯିବିନି: ବିଶାଳ

**ଭା**ରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି, ଅନେକ ଗାୟକ ଏବଂ ପ୍ରସିଦ୍ଧ ସେଲିବ୍ରିଟି ସେମାନଙ୍କର ସୋ', ଫିଲ୍ମ ଏବଂ ଅନ୍ୟାନ୍ୟ ବୃତ୍ତିଗତ କାମକୁ ବାତିଲ କିମ୍ବା ସ୍ଥଗିତ ରଖିଛନ୍ତି। ଏବେ ଗାୟକ ତଥା ସଂଗୀତଜ୍ଞ ବିଶାଳ ମିଶ୍ରା ବଢୁଥିବା ଉତ୍ତେଜନା ମଧ୍ୟରେ ନେଇଥିବା ନିଷ୍ପତ୍ତି ବିଷୟରେ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନ ଦ୍ୱାରା ହୋଇଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ବିଶାଳ ମିଶ୍ରା ତାଙ୍କ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ମୁଁ କେବେ ବି ତୁର୍କୀ ଓ ଅଜେରବାଇଜାନରେ ପାଦ ରଖିବି ସେଠାକୁ ଛୁଟିଦିନ କଟାଇବାକୁ ଯିବି ନାହିଁ, କୌଣସି କନସର୍ଟ କରିବାକୁ ଯିବି ନାହିଁ! ମୋର କଥା ମନେ ରଖ! କେବେବି ନୁହେଁ!!' ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ଆକ୍ରମଣ ପରେ ଭାରତ ଜବାବ ଦେବାକୁ ଯାଇ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନରେ ଥିବା ଆତଙ୍କୀ ଶିବିରକୁ ଟାର୍ଗେଟ କରି ଉଡ଼ାଇ ଦେଇଥିବା ଭାରତ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥାଇ ମଧ୍ୟ ପାକିସ୍ତାନ ବାରମ୍ବାର ଆକ୍ରମଣ କରୁଥିବା ବେଳେ ଏବେ ଏଥିରେ ସେମାନଙ୍କୁ ତୁର୍କୀ ଓ ଅଜେରବାଇଜାନ ସାହାଯ୍ୟ କରିଥିବା ଜଣାପଡ଼ିଛି। ପାକିସ୍ତାନ ବ୍ୟବହାର କରୁଥିବା ଡ୍ରୋନ ତୁର୍କୀ ନିର୍ମିତ ବୋଲି ଜଣାପଡ଼ିଛି। ଏସବୁ ବିଷୟରେ ଜାଣିବା ପରେ ବିଶାଳ ଏଭଳି ନିଷ୍ପତ୍ତି ନେଇଥିବା ଜଣାଯାଇଛି।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ** Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଶିଶୁ ଦାସରଥୀ ନବମୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ରାମଗାଥା ଅଭିନୟର ଶେଷ ରାତ୍ରରେ ଦୁଇ ବିଶିଷ୍ଟ କଳାକାର ଓ ପଞ୍ଚାୟତର ଦୁଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଟକ ଜିଲ୍ଲା ନୟାବଜାର ସ୍ଥିତ ପୋତାପୋଖରୀର 'ସମର୍ପଣ' ପରିବାର ତରଫରୁ ଗ୍ରାମାଞ୍ଚଳର ବିଭିନ୍ନ ଶ୍ରୀରାମ ନବମୀ ଯାତ୍ରା ଉତ୍ସବର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରୁଥିବା ବେଳେ ଏହି କ୍ରମରେ ଗତକାଲି ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଶିଶୁ ଦାସରଥୀ ନବମୀ ଅନୁଷ୍ଠାନର 'ରାବଣ ବଧ' ନାଟକ ଅଭିନୟ ଅବସରରେ ଅନୁଷ୍ଠାନର ବିଶିଷ୍ଟ କଳାକାର ସ୍ମୃତିରଞ୍ଜନ ସାମଲ ଓ ନରେନ୍ଦ୍ର କାଣ୍ଡିଙ୍କୁ ଏବଂ ପଞ୍ଚାୟତର ବରିଷ୍ଠ କଳାକାର ରବିନ୍ଦ୍ର ନାଥ ତ୍ରିପାଠୀ ଓ ପ୍ରଫୁଲ୍ଲ କୁମାର ଜେନାଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଅନୁଷ୍ଠାନର ସଦସ୍ୟ ତୁଷାରକାନ୍ତ ବାରିକ, ହୃଷିକେଶ ବେହେରା, ହଳଧର ବେହେରା, ଅଭୟ କୁମାର ବେହେରା, ମନୋଜ କୁମାର ଦାସ, ଚନ୍ଦନ କୁମାର ବେହେରା, ରୁଦ୍ର ପ୍ରସାଦ ମହାନ୍ତି, ଆକାଶ କୁମାର ନାୟକ, ବିଶ୍ୱରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା କୃଷି ବିଭାଗରେ ୯୪ ପଦବି ଏବେବି ଖାଲି

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଭଳି ଏକ କୃଷି ଜିଲ୍ଲାରେ ପ୍ରାୟ ୮୫ ପ୍ରତିଶତ ଲୋକେ କୃଷି ଉପରେ ନିର୍ଭର କରୁଛନ୍ତି। ଏହି ଜିଲ୍ଲା ନିମନ୍ତେ କୃଷିର ଉନ୍ନତି ପାଇଁ ବିଭିନ୍ନ ଯୋଜନା ରହିଛି। ତଥାପି ଜିଲ୍ଲା କୃଷି ବିଭାଗରେ ୧୭୬ ଟି ସେଙ୍କନ ପୋଷ୍ଟରୁ ମାତ୍ର ୮୨ଜଣ କର୍ମଚାରୀ ଜିଲ୍ଲାକୁ ଚଲାଇଛନ୍ତି। ଜିଲ୍ଲା କୃଷି ବିଭାଗରେ ବାକି ପଦବି ଗୁଡ଼ିକ ଖାଲିପଡ଼ିଛି। ଏଥିଯୋଗୁ ୯୪ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଶେଷକରି ଜିଲ୍ଲାର ୧୧୧ ପଞ୍ଚାୟତ ପାଇଁ ମୁଖ୍ୟ କ୍ଷେତ୍ର ଅଧିକାରୀ ଗ୍ରାମାଞ୍ଚଳ କୃଷି କର୍ମଚାରୀ ଭିଏଡବ୍ଲୁ ୮୭ଟି ପଦର ଆବଶ୍ୟକ ରହିଛି। ସେଥିରୁ ଅଛନ୍ତି ମାତ୍ର ୪୩ ଜଣ ଓ ୪୪ ପଦ ଖାଲି ପଡ଼ିଛି। ସେହିପରି ୧୫ଜଣ ସହକାରୀ କୃଷି ଅଧିକାରୀଙ୍କ ସ୍ଥାନରେ ଅଛନ୍ତି ୨ ଜଣ ମାତ୍ର ବାକି ୧୩ଟି ପଦ ଖାଲିପଡ଼ିଛି। ୩ଟି ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପଦରୁ ଅଛନ୍ତି ୨ଜଣ। ଦୀର୍ଘ ବର୍ଷ ହେବ ଗୋଟିଏ ପଦ ଖାଲି ପଡ଼ିଛି। ୯ଜଣ ଜଣ ବ୍ଲକ୍ କୃଷି ଅଧିକାରୀଙ୍କ ମଧ୍ୟରୁ ୪ଟି ଖାଲି ପଡ଼ିଛି। ୪ଜଣ ସେଙ୍କନ ଅଫିସରଙ୍କ ମଧ୍ୟରୁ ୨ଟି ଖାଲି ପଡ଼ିଛି। ୧୭ଜଣ ବରିଷ୍ଠ ଓ କନିଷ୍ଠ ହିସାବରକ୍ଷକଙ୍କ ମଧ୍ୟରୁ ୧୦ ଟି ଖାଲିପଡ଼ିଛି। ସେହିପରି ଜିଲ୍ଲାର କନିଷ୍ଠ ସହାୟକ ପଦରୁ ୫ଟି ଯାକ ପଦବି ଖାଲିପଡ଼ିଛି। ୧୦ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ ୮ଟି ପଦବି ଖାଲିପଡ଼ିଛି। ୭ଜଣ ରାତ୍ର ଜଗୁଆଳିଙ୍କ ମଧ୍ୟରୁ ୪ଟି ଖାଲିପଡ଼ିଛି। ଏହା ବ୍ୟତିତ ଅନ୍ୟ ପଦବିଗୁଡ଼ିକ ମଧ୍ୟ ଖାଲିପଡ଼ିଛି। କୃଷି ଭଳି ଲି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୯୪ଟି ପଦ ଖାଲିପଡ଼ିଥିବା ପଡ଼ିଥିବାରୁ ଜିଲ୍ଲା ଉନ୍ନୟନ କାର୍ଯ୍ୟ କିପରି ହେବ ବୋଲି ଜିଲ୍ଲାବାସୀ ପ୍ରଶ୍ନ କରିଛନ୍ତି। ତେଣୁ ଖାଲିପଡ଼ିଥିବା ପଦଗୁଡିକ ତୁରନ୍ତ ପୂରଣ ରଣ କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

## ଯୁବକ ନିଖୋଜ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନପଙ୍ଗ ପଞ୍ଚାୟତ ଭାଟଣା ଗ୍ରାମର ଭରତ ଦାସଙ୍କ ୩୫ ବର୍ଷୀୟ ପୁଅ ଉତ୍କଳ ଗତ ୯ ତାରିଖ ବିଳମ୍ବିତ ରାତ୍ରରେ ଘରୁ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରି ଶୋଇଥିଲା। ପ୍ରତ୍ୟୁଷରେ ବିଛଣାରେ ନଥିବା ପରିବାର ଲୋକେ ଦେଖିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବାରୁ ଭରତର ବଡବାପା ଶତ୍ରୁଘନ ଦାସ ରବିବାର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଏଥିନେଇ ନିଖୋଜ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ପୁଲିସ ଯୁବକର ସନ୍ଧାନ ପାଇଁ ଉଦ୍ୟମ ଚଳାଇଛି ବୋଲି ଥାନାଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ କୋଟିପତି ଜେଇ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେବ ଜଣେ କନିଷ୍ଠ ଯନ୍ତ୍ରୀ ଆସ୍ଥାନ ଜମାଇ ରହିଛନ୍ତି। ଏହି କନିଷ୍ଠ ଯନ୍ତ୍ରୀ ଜଣକ ବ୍ୟାପକ ଆୟ ବର୍ହିଭୂତ ସମ୍ପତି ଠୁଳ କରି କୁବେର ପାଲଟିଥିଲା ବେଳେ ରହସ୍ୟ ଜନକ ଭାବେ ତାଙ୍କ ବିରୁଦ୍ଧରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ସରକାର ପରେ ସରକାର ପରିବର୍ତନ ହେଉଛି। କିନ୍ତୁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଭାଗ୍ୟର ପରିବର୍ତ୍ତନ ଘଟୁ ନଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଏହି କାର୍ଯ୍ୟାଳୟରେ ୪ଜଣ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। ମାତ୍ର ଏହି କାର୍ଯ୍ୟାଳୟରେ ୨ଜଣ କନିଷ୍ଠ ଯନ୍ତ୍ରୀ ରହିଥିବାର ଜଣାଯାଇଛି। ସରକାରଙ୍କ ତରଫରୁ ଏହି କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ରହଣୀ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି। ମାତ୍ର ଏହି ଗୃହରେ କୌଣସି ବିଭାଗୀୟ ଯନ୍ତ୍ରୀ ନରହିବା କାରଣରୁ ଏହା ଭୂତକୋଠିରେ ପରିଣତ ହୋଇଛି। ତେବେ ଜରୁରୀ କାଳୀନ କାର୍ଯ୍ୟ ନିମନ୍ତେ ଏଠାକୁ ଲୋକେ ଆସି ବିଭାଗୀୟ ଯନ୍ତ୍ରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ଏପରିକି ଯନ୍ତ୍ରୀଙ୍କୁ ଫୋନ କଲେ ସେ ଲୋକଙ୍କ ଫୋନ ଉଠାନ୍ତି ନାହିଁ। କିମ୍ବା ନିୟମିତ କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ଏହି କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେବାକୁ ଆସୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ନାନା ପ୍ରକାର ହଇରାଣ ହରକତ ଯୋଜନାବଦ୍ଧ ଭାବେ କରାଯିବା କାରଣରୁ ସେମାନେ ସ୍ଥାନ ଛାଡି ଚାଲିଯିବାକୁ ବାଧ ହୋଇଥାନ୍ତି। ତେବେ କଟକ ଜିଲ୍ଲାର ପଡୋଶୀ କେନ୍ଦ୍ରାପଡା ଜିଲ୍ଲାର ଜଣେ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରେ ଆସ୍ଥାନ ଜମାଇ ରହିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀ ଜଣକ ଅସାଧୁ ଉପାୟରେ କୋଟି କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତି ଠୁଳ କରିଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପିସି ନଦେଲେ ଫାଇଲ ଘୁଞ୍ଚେ ନାହିଁ। ଠିକାଦାରଙ୍କ ବିଲ ପ୍ରଦାନରେ ନା ନା ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି। ଫଳରେ ଏଠାରେ ଠିକାଦାରମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଲୁଟି ଖାଅ ବଟିଦି ନ୍ୟାୟରେ ସମ୍ପୃକ୍ତ ଯନ୍ତ୍ରୀ ନାନା ପ୍ରକାର ନିର୍ମାଣ କାର୍ଯ୍ୟରେ ଠକେଇ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେଉଥିଲେ ମଧ୍ୟ ବିଭାଗୀୟ ସ୍ତରରେ ତାଙ୍କ ବିରୁଦ୍ଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ୫ ଦଫା ଦାବି ଉପସ୍ଥାପନ କଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପହଲଗାମ୍ ଅତାଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ସମସ୍ତ ନାଗରିକଙ୍କ ଅମର ଆତ୍ମାର ସଦଗତି କାମନା ସହ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିରେ ଭାରତୀୟ ଯବାନ ମାନଙ୍କ ସାହସିକ ପଦକ୍ଷେପ ପାଇଁ ଆମେ ନିଜକୁ ଗର୍ବ ମନେକରୁଛୁ ଓ ଏହି କଠିନ ସମୟରେ ଆମେ ରାଜ୍ୟର ପାଞ୍ଚ ଲକ୍ଷ ସରକାରି କର୍ମଚାରୀ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବୁ ବୋଲି ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଦୃଢୋକ୍ତିର ସହ ପ୍ରକାଶ କରୁଅଛୁ। ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାର ପୁରୁଣା ଥଇଥାନ ନୀତି ପ୍ରଚଳନ, ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ନିର୍ଦ୍ଧାରଣ, ପୁରୁଣା ପେନସନ୍ ଲାଗୁ ଓ ସମସ୍ତ ଠିକା କର୍ମଚାରୀ ମାନଙ୍କୁ ନିୟମିତ କରିବା ପ୍ରମୁଖ ୫ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରିଛି ଓଡ଼ିଶାର ସର୍ବ ବୃହତ୍ ଓ ପୁରାତନ କର୍ମଚାରୀ ସଂଗଠନ 'ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି'। ରବିବାର ୟୁନିଟ -୨ କର୍ମଚାରୀ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ଦାବି ଉପସ୍ଥାପନ କରି କହିଛନ୍ତିଯେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି ଯାହାଦ୍ୱାରା ଓଡ଼ିଶାର ୩.୪୬ କୋଟି ଲୋକ ସ୍ୱାସ୍ଥ୍ୟବୀମା ପାଇ ବିଶେଷ ଉପକୃତ ହେବେ,ଏହା ଅତି ସ୍ୱାଗତ ଯୋଗ୍ୟ ପଦକ୍ଷେପ। କିନ୍ତୁ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ପାଞ୍ଚ ଲକ୍ଷ ସରକାରୀ କର୍ମଚାରୀ ଓ ସାଢ଼େ ତିନି ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ଏହି ଯୋଜନାରୁ ବାଦ୍ ପଡୁଛନ୍ତି। ରାଜ୍ୟରେ କାମ କରୁଥିବା କର୍ମଚାରୀ ମାନେ ଦୁରାରୋଗ୍ୟର ଶିକାର ହୋଇ ଅର୍ଥାଭାବରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ସରକାରୀ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହ ସୁସ୍ଥ ବାତାବରଣ ବଜାୟ ରଖିବା ପାଇଁ ସମସ୍ତ ସରକାରି କର୍ମଚାରୀ ଓ ଅବସର ପ୍ରାପ୍ତ କର୍ମଚାରୀ ତଥା ସେମାନଙ୍କ ପରିବାର ପାଇଁ ୨୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଚଳନ ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ପୂର୍ବ ସରକାର ପ୍ରଚଳନ କରିଥିବା ୨୦୨୦ ମସିହା ବେସାମରିକ ସେବା (ଥଇଥାନ ସହାୟତା) ନିୟମକୁ ବାତିଲ କରି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ, ୧୯୯୦ ଅନୁଯାୟୀ ନିଯୁକ୍ତି ପ୍ରଦାନ ପାଇଁ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ତତ୍କାଳୀନ ସରକାର ପ୍ରଚଳନ କରିଥିବା ନୂତନ ଥଇଥାନ ନୀତି ୨୦୨୦ର ବିଭିନ୍ନ ସର୍ତ୍ତାବଳୀ ତଥା ମାର୍କିଙ୍ଗ ସିଷ୍ଟମ ଦ୍ୱାରା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଗ୍ରୁପ ଡି ଚାକିରୀ ପାଇବାରୁ ମଧ ବଞ୍ଚିତ ହେଉଛନ୍ତି। କର୍ମଚାରୀ ବିରୋଧୀ ୨୦୨୦ ମସିହାର ଥଇଥାନ ନୀତିକୁ ତୁରନ୍ତ ପ୍ରତ୍ୟାହର କରି ୧୯୯୦ ମସିହାର ପୁରୁଣା ଥଇଥାନ ନୀତି ପ୍ରଚଳନ ପାଇଁ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଦାବି ଉପସ୍ଥାପନ କରିଥିଲେ। ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କୁ ସେମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ପ୍ରଦାନ ଓ ପୁରୁଣା ପେନସନ ଲାଗୁ କରିବା ଓ ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ସହ ସମସ୍ତ ବିଭାଗରେ ଠିକାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସମନ୍ୱୟ ସମିତି ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଅଣ ଗେଜେଟେଡ କର୍ମଚାରୀ ମାନଙ୍କ ଉପରୋକ୍ତ ପ୍ରମୁଖ ଦାବି ପୁରଣ ପାଇଁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସମନ୍ୱୟ ସମିତି ର କର୍ମକର୍ତା । ମାନେ ଦୃଢ଼ ଆଶା ପୋଷଣ କରିଛନ୍ତି। ଦାବି ପୂରଣ ନ ହେଲେ ଏକ ବୃହତ୍ ଆନ୍ଦୋଳନର ସମ୍ଭାବନାକୁ ଏଡେଇ ହେବ ନାହିଁ ବୋଲି କର୍ମଚାରୀ ନେତା ମାନେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ଭୀ ସମନ୍ୱୟ ସମିତିର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ପାତ୍ର, ମାର୍ଗ ଦର୍ଶକ ପ୍ରସନ୍ନ କୁମାର ତ୍ରିପାଠୀ, ଅଧକ୍ଷ ସୁନନ୍ଦ କାନୁନ୍ଗୁରେ ଗୋ, ସଭାପତି ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଦାସ, ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ, ବରିଷ୍ଠ ଉପସଭାପତି ତଥା ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଉପସଭାପତି ତଥା ଓଡ଼ିଶା ଫାର୍ମାସିଷ୍ଟ ସଂଘର ସଭାପତି ଚିନ୍ମୟ ଚିହ୍ନା, ଓଡ଼ିଶା ଅମଲା ସଂଘର ସାଧା ଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ମାଳି ସଂଘର ସାଧାରଣ ସମ୍ପାଦକ ହାଡିବନ୍ଧୁ ଦାସ, ଉପସଭାପତି ଶଶିଭୂଷଣ ଦାସ, ସଦର ମହକୁମା ସମ୍ପାଦକ ପ୍ରଶାନ୍ତ ସାମନ୍ତରାୟ ମିଡ଼ିଆ ସମ୍ପାଦକ ସୁଶାନ୍ତ କୁମାର କୁଣ୍ଡୁ, କୋଷାଧକ୍ଷ କିରଣ କୁମାର ପାଢ଼ୀ, ସଂଗଠନ ସମ୍ପାଦକ ଏମ୍ ପର୍ଶୁରାମ ପାତ୍ର ପ୍ରଭୃତି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନୀଳକଣ୍ଠେଶ୍ୱର ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା




ବୋଲଗଡ଼, (ଭାସ୍କର ନ୍ୟୁଜ୍):ନୀଳକଣ୍ଠେଶ୍ୱର ବଣିକ ସଙ୍ଘ ଆନୁକୂଲ୍ୟରେ ଓ ଓଡିଶା ସରକାରଙ୍କ କଳା, ସାହିତ୍ୟ ଏବଂ ସଂସ୍କୃତିବିଭାଗ ସହାୟତାରେ ନୀଳକଣ୍ଠେଶ୍ୱର ଲୋକଉତ୍ସବର ତୃତୀୟ ସନ୍ଧ୍ୟା ରବିବାର ଦିନ ପିଚୁକୁଳି ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କଂଗ୍ରେସ ବିଧାୟକ ପୃଥି ବଲ୍ଲବ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ସଂମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ପ୍ରକାଶ ରଥ, ପିଚୁକୁଳି ବଣିକ ସଂଘର ସଭାପତି ପବିତ୍ର ମୋହନ ମାଝୀ, ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତରାୟ, ଉପଦେଷ୍ଟା ଅଜୟ କୁମାର ମଙ୍ଗରାଜ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ। ସଭାପତି ପବିତ୍ର ମୋହନ ମାଝୀ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଲୋକ ଉତ୍ସବରେ ସାତୋଟି ଗ୍ରାମପଞ୍ଚାୟତର ବହୁ ଜନସାଧାରଣ ଯୋଗଦେଇ ଏହାକୁ ଉପଭୋଗ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ସହାୟତାରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ମୋନରଞ୍ଜନ ଧର୍ମି ସଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ସହୀଦ ସନ୍ୟମାନଙ୍କ ଅମରଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାଥନା କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେଉତ୍କଳ ଜନନୀ ସ୍ୱାଗତ ସଂଗୀତ ପରିବେଷଣ କରାଯଇଥିଲା। ନୀଳକଣ୍ଠେଶ୍ୱର ଲୋକ ଉତ୍ସବ ତରଫରୁ ବିଭିନ୍ନ କଳାକାର, ସମଜସେବୀ, ଶିକ୍ଷା ବିତ ଓ ସାମ୍ବାଦିକମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ଫୁଲ ତୋଡ଼ା ଦିଆଯାଇ ମୁଖ୍ୟଅତିଥି ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଲୋକ ଉତ୍ସବ ସମସ୍ତଙ୍କ ମଧ ରେ ଏକତା, ସମନ୍ୱୟ ଓ ଭାଇଚାରାର ସମ୍ପର୍କ ସୃଷ୍ଟି କରିଥାଏ ବୋଲି ସମସ୍ତ ନିମନ୍ତ୍ରିତ ଅତିଥି ସୂଚନା ଦେଇଥିଲେ। ପରିଶେଷରେ ଚିତ୍ତରଞ୍ଜନ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଖାଲିନା ଗ୍ରାମ ପଞ୍ଚାୟତ ସ୍ଥିତ ଖାଲିନା ହାଇସ୍କୁଲରେ ଏକ ରକ୍ତଦାନ ଶିବିର ଆମେ ଆପଣଙ୍କ ସେବା ସଂଗଠନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ଓ ଖାଲିନା ଗ୍ରାମ୍ୟ କମିଟି ସହଯୋଗ ରେ ଆୟୋଜିତ ଶିବିରକୁ ଗ୍ରାମ୍ୟ କମିଟି ମୁଖ୍ୟ ନଗେନ୍ଦ୍ର ଦେ ଓ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ମନୋରଞ୍ଜନ ବାରିକ, ଆଇନଜୀବୀ ଅଶୋକ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୫୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କମିଟିର ନୟନ କୁମାର ପାଠି, ଜୀବନ କୁମାର ପାଠୀ, ବିଜୟ ଜେନା, ଗିରିଶ ଚନ୍ଦ୍ର କର, ଘନଶ୍ୟାମ ପାତ୍ର, ବୃନ୍ଦଦେବ ଦେ, ଆମେ ଆପଣଙ୍କ ସେବାରେ ସଂଗଠନର ଗୋପାଳ କୃଷ୍ଣ ପାତ୍ର ଜୟନାରାୟଣ ସାହୁ, ଅରବିନ୍ଦ ଦେ, ବିଶ୍ୱଜିତ ସିଟ, ସରୋଜ ରାଉଳ, ବିଶ୍ୱଜିତ ଦାସ, ଅମିତ ରାଉଳ, ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ।

# ବନ୍ଧୁକ ଦେଖାଇ ଗହଣା ଲୁଟ୍ ଘଟଣାରେ ୪ ଗିରଫ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱର ଗ୍ରାପଞ୍ଚାୟତ ବାଲିଗରଡା ଛକରେ ଘଟିଥିବା ଗହଣା ଲୁଟ ଅଭିଯୋଗ ଘଟଣାରେ ପୋଲିସ କବଜାରେ ୪ଜଣ ଲୁଟେରା ରହିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସ୍ଥାନୀୟ ଗ୍ରାମର ରଞ୍ଜନ କୁମାର ସାହୁ ବାଲିଗରଡା ବଜାରରେ ଏକ ସ୍ୱର୍ଣ୍ଣ ଅଳଙ୍କାର ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। କିଛି ଦିନ ତଳେ ରାତ୍ରରେ ରଞ୍ଜନ ଦୋକାନ ବନ୍ଦ କରି ନିଜ ଘରକୁ ଫେରୁଥବଲା ବେଳେ ୪-୫ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ତାଙ୍କୁ ଅଟକାଇବା ସହ ତାଙ୍କର ଗହଣା ବ୍ୟାଗଟିକୁ ଛଡାଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ଭିତରେ ଧସ୍ତାଧସ୍ତି ହୋଇଥିଲା। ଏହି ଅବସରରେ ଦୁର୍ବୃତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ସାହୁ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଫଳରେ ଲୁଟେରାମାନେ ଆଣିଥିବା ଏକ ବାଇକ ଛାଡି ସୁନା ଗହଣା ସହ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ସାହୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନା ପୋଲିସ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ଚାଲୁ ରହିଥିଲା। ପୋଲିସ ଲୁଟେରାମାନେ ଛାଡି ଯାଇଥିବା ବାଇକଟିକୁ ଜବତ କରିଥିଲେ। ତେବେ ନେମାଳ ଥାନା ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ଲୁଟେରାଙ୍କୁ ଧରିଆଣି ନରେନ୍ଦ୍ରପୁର ଫାଣ୍ଡିରେ ଗୁପ୍ତରେ ପଚରାଉଚରା ଜାରି ରଖିଛି। ଏହି ଘଟଣାରେ ପୋଲିସକୁ ଏକ ବଡ ସଫଳତା ମିଳିଥିବାର ଜଣାଯାଇଛି। ଲୁଟେରାମାନଙ୍କୁ ପୋଲିସ ଫୋର୍ସ ଘେରି ରହିଥିଲା ବେଳେ ତଦନ୍ତରେ ବ୍ୟାଘାତ ହେବାର ଆଶଙ୍କାଥିବା କାରଣରୁ ପୋଲିସ ସମ୍ପୂର୍ଣ ତଥ୍ୟ ଦେବାକୁ ମନା କରିଦେଇଛି। ତେବେ ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଅଧ୍ୟକ୍ଷଙ୍କ ଡକ୍ଟରେଟ ସମ୍ମାନ ଲାଭ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଓଡ଼ିଆ ଅଧ୍ୟାପକ ବଟକୃଷ୍ଣ ସାହୁଙ୍କୁ ଡକ୍ଟରେଟ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସତ୍ୟନଗରର ସ୍ଥିତ ହ୍ୟୁମାନ ରାଇଟ ପ୍ରୋଟେକ୍ସନ କମିଶନ ଅଫ ଇଣ୍ଡିଆ, ଦିଲ୍ଲୀ ତରଫରୁ ତାଙ୍କୁ ଅତିଥିମାନେ ଡକ୍ଟରେଟ ସମ୍ମାନରେ ସମ୍ମାନିତ



କରିଛନ୍ତି। ୨୮ ବର୍ଷ କର୍ମମୟ ଅଧ୍ୟାପନା ଜୀବନ ମଧ୍ୟରେ ଓଡିଆ ଭାଷାର ପ୍ରସାର ଓ ପ୍ରଚାର ପାଇଁ ଦୁର୍ଗମ ଅଞ୍ଚଳରେ ଯେଉଁ ଭାବରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି, ତାହା ଅତ୍ୟନ୍ତ ସ୍ତୁତିଯୋଗ୍ୟ। ସେ ମାଟି ମାକୁ ଭଲପାଉଥିବା ମାଟିମାର ସନ୍ତାନ, ମାତୃଭାଷା ପ୍ରେମୀ ଓ ଦରଦୀ ବ୍ୟକ୍ତିଭାବେ ବୋଲଗଡ ଅଞ୍ଚଳରେ ବେଶ ପରିଚିତ। ଦୃଢ ଶ୍ରମ ଓ ଭାଷା ପ୍ରତି ତିବ୍ର ଭଲପାଇବାକୁ ମାନ୍ୟତା ଦେଇ ଏହି ଅନୁଷ୍ଠାନ ତାଙ୍କୁ ଆଜି ଡକ୍ଟରେଟ ସମ୍ମାନରେ ସଂମ୍ମାନିତ କରିଛି।

# ଢେଙ୍କାନାଳ ଏକଲ ଅଭିଯାନର ସମିତି ପ୍ରଶିକ୍ଷଣ ଶିବିର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଗୋପିନାଥ ଗାର୍ଡେନ ପରିସରରେ ଏକଲ ବିଦ୍ୟାଳୟ, ଢେଙ୍କାନାଳ ଅଂଚଳ ତରଫରୁ ଏକ ସମିତି ପ୍ରଶିକ୍ଷଣ ଶିବିର କରାଯାଇଥିଲା। ଏହି ଶିବିରରେ ୧୦ଟି ସଞ୍ଚରୁ ପ୍ରାୟ ୬୦ଜଣ ସଭ୍ୟ/ସଭ୍ୟା ଓ ସଞ୍ଚ ପ୍ରମୁଖମାନେ ଯୋଗ ଦେଇଥିଲେ। ଏହି ଶିବିରରେ ଉଦ୍‌ଘାଟନ ଦିବସରେ ଅନୁଗୁଳ ସମ୍ଭାଗ ସ୍ତରର ସଂପାଦକ ଭୋଗଦେବ ପ୍ରଧାନ, ଗତିବିଧି ପ୍ରମୁଖ ଇତିଶ୍ରୀ ମିଶ୍ର, ସୁକେଶ କୁମାର ବେହେରା ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ଗ୍ରାମ ସଂଗଠନ ଏବଂ ଗ୍ରାମାଞ୍ଚଳରେ ଏକଲ ବିଦ୍ୟାଳୟ କିପରି ସୂଚାରୁ ରୂପେ ପରିଚାଳନା ହୋଇପାରିବ ତାହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତ 'ଯେଉଁ ପିଲାଟି ବିଦ୍ୟାଳୟକୁ ଯାଇ ପାରୁନାହିଁ ବିଦ୍ୟାଳୟଟି ତାଙ୍କ ପାଖକୁ ଯାଉ' ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଏବଂ ୬ ବର୍ଷରୁ ୧୪ବର୍ଷ ପିଲାମାନେ ସାଧାରଣତଃ ଆଧାତ୍ମିକ, ନୈତିକ ଶିକ୍ଷା, ଖେଳ, ନାଚକୁଦ ମାଧ୍ୟମରେ ପାଠ ପଢାଯାଇଥାଏ। ଢେଙ୍କାନାଳ ଅଞ୍ଚଳର ସଭାପତି ହେମନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ସୁଧାକର ଲେଙ୍କା, କୋଷାଧକ୍ଷ ଗିରିଜା ଶଙ୍କର ସାହୁ, ଲକ୍ଷ୍ମୀଧର ପଟ୍ଟନାୟକ, ସାଇ ପ୍ରସାଦ ଦଳେଇ, ଦେବୀ ପ୍ରସାଦ ପାଣି ଏବଂ ମହିଳାଙ୍କ ତରଫରୁ ଉଷାରାଣୀ ଶତପଥି, ମିନର୍ଭା ସାମଲ, ସେବତୀ ସାହୁ, ଧରଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା ଓ କାର୍ଯ୍ୟାଳୟ ପ୍ରମୁଖ ସ୍ମୃତିରଞ୍ଜନ ଶତପଥୀ ଅଂଶଗ୍ରହଣ କରିଥିଲେ। ଶେଷରେ ଧନ୍ୟବାଦ ସହ ଶିବିର ଉଦ୍‌ଯାପନ କରାଯାଇଥିଲା।

# ନାଟ୍ୟ ସଂସଦର ବାର୍ଷିକୋତ୍ସବ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଚାରବାଟିଆ ଲେବର ଟେନାମେ□ସ୍ଥିତ ଯାଯାତି କେଶରୀ ନାଟ୍ୟ ସଂସଦର ୪୬ତମ ବାର୍ଷିକୋତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯାଯାତି କେଶରୀ କ୍ଲବ ପରିସରରେ କ୍ଲବ ସଭାପତି ଶୁଭେନ୍ଦୁ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଭାଇଚାରା ବଢାଇବାରେ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ଜେନା ଓ ସଂଗୀତ ନିର୍ଦ୍ଦେଶକ ବିପିନ ବିହାରୀ ଜେଠୀଙ୍କ ପରିଚାଳନାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'ଏ ଆଖି କାନ୍ଦୁଛି ତୋରି ପାଇଁ' ଓ 'ହା କୃଷ୍ଣ ବୋଲି ଯାଉ ଜୀବନ' ନାଟକ ପରିବେଷଣ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ୧୦ଟିରୁ ଉର୍ଦ୍ଧ୍ୱ କମିଟିର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ପ୍ରତିଷ୍ଠିତ କଳାକାର, ସଂଳାପ ଲେଖକ ଓ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ବରାଳଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ । ବିଧାୟକ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ସାମାଜିକ କର୍ମୀ ଲୋକନାଥ ସାହୁ, କାଉନସିଲର ଦିଲ୍ଲିପ କୁମାର ସାହୁ, ସୁବ୍ରତ ସାମଲ, ରଞ୍ଜୁଲତା ଦାସ, ବିଜୟ କୁମାର ମଲ୍ଲିକ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ହୋତା, ବିଷ୍ଣୁ ଚରଣ ପରିଡା, ବିମଳ କୁମାର ବେଉରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂସଦର ସମ୍ପାଦକ ଶ୍ରୀନିବାସ ସାହୁ, ଉପସଭାପତି ନାରାୟଣ ଜେନା, ଉପଦେଷ୍ଟା ସ୍ୱାଧୀନ କୁମାର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

## ଜମି କିଣାବିକା ନେଇ ବିବାଦ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଧୀନସ୍ଥ ବଡ଼ ପାଟସୁନ୍ଦରପୁର ଗ୍ରାମରେ ଜମି କିଣା ବିକା କୁ ନେଇ ଉପୁଜିଛି ବିବାଦ ଜମି ମାଫିଆଙ୍କ ଧମକ ଯୋଗୁଁ ମଲାଲାଟି ପହଞ୍ଚିଛି ଗୋବିନ୍ଦପୁର ଥାନାରେ। ଘଟଣାରୁ ପ୍ରକାଶ ବଡ଼ ପାଟସୁନ୍ଦରପୁର ଗ୍ରାମର ବିମ୍ବାଧର ସ୍ୱାଇଁ ସେହି ଗ୍ରାମର ଅନିରୁଦ୍ଧ ରାଉତରାୟ, ଦୁର୍ଗା ଚରଣ ରାଉତରାୟ ଓ ତଅପୋଇ ରାଉତରାୟଙ୍କୁ ଏକ ଜମି ଖର୍ଦ୍ଦି କରିବାକୁ ଅଗ୍ରୀମ ଆକାରରେ ଟଙ୍କା ଦେଇଥିଲେ ଓ ଟଙ୍କା ଦେବା ଦିନ ଠାରୁ ସେ ଉକ୍ତ ଜମି ରେ ଦଖଲ ରେ ରହିବା ସହିତ କୋଡ଼ିଏବର୍ଷ ହେବ ଚାଷ ବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ବିମ୍ବାଧର ଜାଣିବାକୁ ପାଇଲେ ଉକ୍ତ ଜମିଟିକୁ ବାଗଲପୁରର ରାଜେଶ ପ୍ରଧାନକୁ ବିକ୍ରି କରିଛନ୍ତି। ଯାହାଦ୍ୱାରା ରାଜେଶ ପ୍ରଧାନ ଓ ତାଙ୍କର କିଛି ସହଯୋଗୀ ଜମି ମାଫିଆ ଗୁଣ୍ଡା ବିମ୍ବାଧରଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଘଟଣା ବିଷୟରେ ବିମ୍ବାଧର ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଓ ତାଙ୍କ ଅଭିଯୋଗ ପତ୍ରରେ ସମସ୍ତ ବିଷୟ ଜଣାଇଥିବା ସେ ଅଲେଖ କରିଛନ୍ତି। ବର୍ତ୍ତମାନ ବିମ୍ବାଧର ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜମି ଦଖଲ ଥାଇ ଛାଡ଼ିବା ପାଇଁ ଜମି ମାଲିକ ଓ ତାଙ୍କର ନିୟୋଜିତ ଗୁଣ୍ଡାମାନେ ବାରମ୍ବାର ଜମି ଛାଡ଼ିବା ଲାଗି ବିମ୍ବାଧର ଓ ତାଙ୍କ ପରିବାରଙ୍କୁ ଧମକ ଦେଉଥିବାରୁ ସ୍ଥାନୀୟ ପୋଲିସ ବିଷୟ ଟିକୁ ଗୁରୁତର ସହ ନେବା ସହିତ ହସ୍ତକ୍ଷେପ କରିବା ନିମନ୍ତେ ସେ ଆକୁଳ ନିବେଦନ କରିଛନ୍ତି। ଦେଖିବାକୁ ବାକି ରହିଲା ପୋଲିସ କେବେ ମାଫିଆମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

# କେନ୍ଦ୍ରାପଡା ସମୁଦ୍ର ଉପକୂଳରେ ପାଟ୍ରୋଲିଂ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଯୁଦ୍ଧ ବିରତି ପାଇଁ ଦୁଇଦେଶ ରାଜି ହେବା ପରେ ଏହାକୁ ଉଲ୍ଲଙ୍ଘନ କରି ପାକିସ୍ତାନ ଭାରତ ସୀମାକୁ ଗୁଳି ବର୍ଷା କରିଥିଲା। ପାକିସ୍ତାନର ଏହି ଯୁଦ୍ଧ ବିରତି ଉଲ୍ଲଙ୍ଘନକୁ ନେଇ କେନ୍ଦ୍ରାପଡା ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଓ ମହାକାଳପଡା ବ୍ଲକକୁ ଛୁଉଁଥିବା ସମୁଦ୍ର ଉପକୂଳରେ କୌଣସି ଅନୁପ୍ରବେଶ ଆଶଙ୍କା କରି ଜିଲ୍ଲା ପୋଲିସ ମୁଖ୍ୟାଳୟର ନିର୍ଦ୍ଦେଶରେ ଉଭୟ ବ୍ଲକର ସାମୁଦ୍ରିକ ଥାନା(ତାଳଚୂଆ, ତନ୍ତିଆପାଳ, ଜମ୍ବୁ) ପକ୍ଷରୁ ସମୁଦ୍ର ଉପକୂଳରେ ଷ୍ପିଡ ବୋଟ ମାଧ୍ୟମରେ ପାଟ୍ରୋଲିଂ କରାଯାଇଛି। ପାଟ୍ରୋଲିଂ ସମୟରେ ବୋଟରେ ସଶସ୍ତ୍ର ପୋଲିସ କର୍ମଚାରୀମାନେ ମୃତୟନ ହୋଇଥିଲେ। କୌଣସି ଅପ୍ରିତିକର ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ସଶସ୍ତ୍ର ପୋଲିସ ବଳ ପ୍ରସ୍ତୁତ ଥିଲେ। ସମୁଦ୍ରର ୩ କିଲୋମିଟର ପର୍ଯ୍ୟନ୍ତ ପ୍ରତି ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା। ତାଳଚୂଆ, ଜମ୍ବୁ ଓ ତନ୍ତିଆପାଳ ଥାନା ଅଞ୍ଚଳ ଦେଇ ଯାଇଥିବା ବଙ୍ଗୋପସାଗର ମଧ ଦେଇ ଆତଙ୍କବାଦୀ ମାନେ ଆମ ଜଳ ସୀମାରେ ଆକ୍ରମଣ କରିବାର ଯଥେଷ୍ଟ ସୁଯୋଗ ରହିଛି। ସେହିପରି ଏହି ଅଞ୍ଚଳଗୁଡିକରେ ବହୁ ସଂଖ୍ୟାରେ ବାଙ୍ଗଲାଦେଶୀ ଓ ପାକିସ୍ତାନ ସମର୍ଥକ ମାନେ ବାସ କରୁଥିବା ଗୋଇନ୍ଦା ରିପୋର୍ଟ ମିଳିଛି। ଏମାନେ ଆତଙ୍କବାଦୀଙ୍କୁ ସହଯୋଗ କରିବାର ଆଶଙ୍କା ମଧ ରହିଛି। ସେହି କାରଣରୁ ସାମୁଦ୍ରିକ ଥାନା ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ କରାଯାଇଛି। ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ କହିଛନ୍ତି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଷ୍ପିଡବୋଟ ସାହାଯ୍ୟରେ ସମୁଦ୍ରର ୩କିଲୋମିଟର ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଥିଲା। ଏହି ସମୟରେ ଶତ୍ରୁପକ୍ଷକୁ ସତର୍କ କରାଇବା ପାଇଁ ସାଇରନ ବାଜିଥିଲା। କିନ୍ତୁ ସେଭଳି କୌଣସି ଅଘଟଣ ଘଟିନାହିଁ।ପରିସ୍ଥିତ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କିଛିଦିନ ପାଇଁ ଏଭଳି ପାଟ୍ରୋଲିଂ ଚାଲିବ।

# ପରଜଙ୍ଗ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍‌କାଟ୍

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଦ୍ୟୁତ୍ ଡିଭିଜନରେ ବହୁ ବର୍ଷର ପୁରୁଣା ରୋଗ ଅଘୋଷିତ ବିଦ୍ୟୁତ କାଟ ପୂର୍ବରୁ ଯେପରି , ବର୍ତ୍ତମାନ ସେହିପରି ଅବସ୍ଥା। ତାଳଚେର ଚାଇଁପାଳ ଠାରୁ ପରଜଙ୍ଗ ବିଦ୍ୟୁତ୍ ଡିଭିଜନକୁ ବିଦ୍ୟୁତ୍ ସଂଯୋଗ କରାଯାଇ ଏହି ଠାରୁ ସମଗ୍ର ବ୍ଲକ, କଙ୍କଡ଼ାହାଡ଼ ବ୍ଲକର ୧୦ ଗୋଟି ପଞ୍ଚାୟତ ଓ କାମାକ୍ଷାନଗର ବ୍ଲକର କେତେକ ପଞ୍ଚାୟକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବର୍ତ୍ତମାନ ଚାଇଁପାଳ ଠାରୁ ଆସିଥିବା ୩୩ କେଭି ମେନ୍ ଲାଇନ୍ ଉପରେ ଲକ୍ଷାଧିକ ଟଙ୍କାର ସରଞ୍ଜାମ ଲଗାଇ ମରାମତି କରିଆସୁଥିଲେ ମଧ୍ୟ ପୂର୍ବ ବର୍ଷର ପୁରୁଣା ରୋଗ ଭଳି ମେଘ ପବନ ନଆସିବା ପୂର୍ବରୁ ସମଗ୍ର ଅଞ୍ଚଳ ବିଦ୍ୟୁତ୍ କାଟ ହେଉଥିବା ବେଳେ ଝଡ ତୋଫାନ ହେଲେ ଅଞ୍ଚଳ ବିଦ୍ୟୁତ୍ ସେବା ପାଇବା ସାତସପନ ହୋଇପଡ଼ିଥାଏ। ବର୍ତ୍ତମାନ ଯେଉଁ କମ୍ପାନୀ ଦ୍ୱାରା ବିଦ୍ୟୁତ୍ ପରିଚାଳିତ ହେଉଛି ସେମାନଙ୍କର ବେପରୁଆ ମନୋଭାବ ରହିଥିବା ବେଳେ ଅଞ୍ଚଳରେ ବିଦୁତ୍ ଉପଭୋକ୍ତା ମାନେ ହଟହଟା ହେବାକୁ ପଡୁଛି। ପ୍ରଚଣ୍ଡ ଗୁଳୁଗୁଳି ହେତୁ ଜନଜୀବନ ଅସ୍ତବ୍ୟସ୍ତ। ସଠିକ୍ ଭାବେ ଉପଭୋକ୍ତା ବିଦ୍ୟୁତ୍ ଫୈଠ ନକଲେ ଲାଇନ୍ କାଟିବା ଜାଣିଛନ୍ତି, କିନ୍ତୁ ସଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇବା ଏମାନଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏହି କମ୍ପାନୀ ମଝିରେ ମଝିରେ କଟା ଘା'ରେ ଚୂନ ଦେଉଛି। ରବିବାର ସକାଳରୁ ଲାଇନ ଯିବା ଆସିବା ଚାଲିଥିବା ବେଳେ ୧୨ଟା ସମୟରୁ ଅଞ୍ଚଳରେ ବିଦ୍ୟୁତ୍ ଉଭାନ ହୋଇଯାଇଥିଲା। ଯାହା ଫଳରେ ଦ୍ୱିପ୍ରହର ରେ ଗରମରେ ଲୋକ ମାନେ ଡହଳ ବିକଳ ହେବାରୁ ପଡ଼ିଥିଲା। ଏହି କମ୍ପାନୀର ମନମାନି ରହୁଥିବାରୁ ବିଦ୍ୟୁତ୍ ସମସ୍ୟା ବଢୁଥିବାରୁ ଉପଭୋକ୍ତା ମାନଙ୍କ ଉପରେ ଦାଉସାଧୁଛି। କେବେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବ ତାହା ବାକିରହିଥିବା ବେଳେ, ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ତୃତୀୟ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ ଅନ୍ତର୍ଗତ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋସବ ଓ ପଲିଶ୍ରୀ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଐତିହାସିକ ଗନ୍ଧରାଢ଼ୀ ପୀଠର ହର, ହରି, ପଶ୍ଚିମ ସୋମନାଥ ଓ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅଖଣ୍ଡ ଦୀପ ଜଳା ଯାଇଥିଲା। ସନ୍ଧ୍ୟାରେ ଜହ୍ନାପଙ୍କ ହନୁମାନ ମନ୍ଦିରରୁ ଏକ ବିରାଟ ମଶାଲ ଶୋଭଯାତ୍ରା ବାହାରି ବସଷ୍ଟାଣ୍ଡ, ତ୍ରିବେଣୀ ଛକ, ହାଟପଦା, ଖମାରସାହି, ଚାରିଶମ୍ଭୁ ଦେଇ ମହୋସବ ପଡିଆରେ ପହଂଚି ମଣ୍ଡପ ନିକଟରେ ମଶାଲ ସ୍ଥାପନ କରାଯାଇ ଥିଲା । ଗୀତ, ଶଙ୍ଖବାଦ୍ୟ, ଘଣ୍ଟ, ଢୋଲ, ନିଶାନ, ତାସା ଓ ନାମ ସଂକୀର୍ତ୍ତନର ତାଳେ ତାଳେ ସ୍ଥାନୀୟ କଳାକାରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମହୋସବ ପଡିଆରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ,ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦାନ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୨୬୨୦ ମାମଲା ଫଇସଲା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୨୬୨୦ଟି ମାମଲାର ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତରେ ୧୧ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୬୧ ଲକ୍ଷ ୨୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୭ଟି ଦେୱାନୀ ମକଦ୍ଦମା ଫଇସଲାର ସମାଧାନ କରାଯାଇଥିଲା। ବିଚାର ଯୋଗ୍ୟ ୨୩୦ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏହା ସହ ଏନଆଇ ଆକ୍ଟ ମାମଲା (ଦଫା-୧୩୮) ୮ ଟି ଫଇସଲା କରାଯାଇ ୭୦ ହଜାର ୮ ଶହ ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୬ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୨୦୩୫ଟି ଫଇସଲା କରାଯାଇ ୪ ଲକ୍ଷ ୬୪ ହଜାର ୭୬୧ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୩୦୩ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୭୪ ଲକ୍ଷ ୪ହଜାର ୮୭୫ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜର୍ଜ ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜର୍ଜ ସୁଦିପ୍ତା ଦେହୁରି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ) ରଶ୍ମୀରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ (ଏଫଟିଏସ୍‌ଲସି) ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ୍ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେବା ଆଶଙ୍କାରେ ଗ୍ରାମବାସୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ କଷ୍ଟ ଲୋକମାନଙ୍କୁ ହନ୍ତସନ୍ତ କଲାଣି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତର ଧଅଁରାଭଟା ଗାଁରେ ବସବାସ କରୁଥିବା ହାରାହରି ୨୫ଟି ଆଦିମ ଜନଜାତି ସମ୍ପ୍ରଦାୟ ପରିବାର ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ଡହଳ ବିକଳ ହେଉଛନ୍ତି। ଉକ୍ତ ସମ୍ପ୍ରଦାୟର ବସତି ସ୍ଥାପନ ହେବା ୧୦୦ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ସାତସପନ ପାଲଟିଛି। ଗ୍ରାମବାସୀ ଗାଁ ନିକଟସ୍ଥ ଚାଷଜମିରେ ଏକ କୁଣ୍ଡ କରି ସେହି କୁଣ୍ଡର ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ଏପରିକି ସେହି ପାଣିକୁ ବନ୍ୟପ୍ରାଣୀ ପିଉଛନ୍ତି। କୀଟ ପତଙ୍ଗ ଆବର୍ଜନା ବସ୍ତୁ ପଡ଼ିରହୁଥିଲେ ମଧ୍ୟ ସେହି ପାଣିକୁ ଲୋକେ ଗାଧେଇବା ଓ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ସହିତ ପାନୀୟଜଳ ରୂପେ ବ୍ୟବହାର କରି ରୋଗରେ ପଡୁଛନ୍ତି। ପାନୀୟଜଳ ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଅଫିସ, ବ୍ଲକ ଅଫିସ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ପରେ କିଛି ସୁଫଳ ମିଳୁନାହିଁ। ଗତବର୍ଷ ବେନଗାଁ ପଞ୍ଚାୟତ ପକ୍ଷରୁ ଉକ୍ତ ପାଣିକୁଣ୍ଡକୁ ମରାମତି କରିବା ପାଇଁ ସରପଞ୍ଚ ପୁରାଣା ମାଝୀ ଦାୟିତ୍ୱ ନେଇଥିଲେ କିନ୍ତୁ ତାହା ମଧ୍ୟ ଭୁଶୁଡି ଯାଉଥିବା ଦେଖିବାକୁ ମିଳୁଛି। ଏନେଇ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦଶମନ୍ତ ମାଝୀଙ୍କ କହିବା ଅନୁଯାୟୀ ଗାଁକୁ ଯିବା ରାସ୍ତାରେ ଏକ ବଡ଼ ଘାଟି ଥିବାରୁ ଗାଁକୁ ନଳକୂଅ ଖୋଳିବା ପାଇଁ ଗାଡ଼ି ଯାଇପାରୁନାହିଁ । ତେଣୁ ଗାଁରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଅନ୍ୟ ପଟେ ଗ୍ରାମବାସୀଙ୍କ କହିବା ଅନୁଯାୟୀ ସେମାନେ ଅନ୍ୟ ରାସ୍ତାଦେଇ ଗାଁକୁ ନଳକୂଅ ଗାଡି ଆଣିବେ ବୋଲି ବାରମ୍ବାର କହିଲେ ମଧ୍ୟ ଦାୟିତ୍ୱରେ ଥିବା ଯନ୍ତ୍ର ଓ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କଥା ଶୁଣୁନାହାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ମଧ୍ୟ ବାରମ୍ବାର ଅଭିଯୋଗ କରିଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁରେ ପାଣି ସମସ୍ୟା ରହିଛି ସ୍ଥାୟୀ ସମାଧାନ ପାଇଁ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲାପାଳ ତୁରନ୍ତ ଏଥପ୍ରତି ଦୃଷ୍ଟି ଦେବାକୁ ଧଅଁରାଭଟା ଗ୍ରାମର ଜାନୀ ମାଝୀ, ଲାଖୁଚା ମାଝୀ, ଶିବ ମାଝୀ, ସୀତାରା ମାଝୀ, କୁମାରା ମାଝୀ, ବୁଲୁ ମାଝୀ, ଲାଞ୍ଜି ମାଝୀ, କମଳି ମାଝୀ, ବେଡ଼ି ମାଝୀ, ଘାସନୀ ମାଝୀ, ସୀତା ମାଝୀ, ଛାପୁରୀ ମାଝୀ ଅନୁରୋଧ କରିଛନ୍ତି ।

■ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ଆଦାୟ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ତାଲୁକ ଆଇନସେବା ସମିତି ତରଫରୁ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୩୮ଟି ପ୍ରାକ୍ ବ୍ୟାଙ୍କ ଋଣଜନିତ ମାମଲାରେ ମୋଟ ୨୦ ଲକ୍ଷ ୨୨ ହଜାର ୭୮୨ ଟଙ୍କା ଋଣ ଆଦାୟ ହୋଇଥିଲା। ସେହିପରି ଗୋଟିଏ ଚେକ୍ ବାଉନ୍ସ ମାମଲାର ବିଚାରକରି ୫୧ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦୨ଟି ରାଜସ୍ୱ ମାମଲାର ବିଚାର କରାଯାଇ ୮୨ ହଜାର ୯୧୭ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସରକାରୀ ଓକିଲ ପ୍ରକାଶ କୁମାର ଦାସ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସନ୍ତୋଷ କୁମାର ଦାସ, ସନ୍ଦୀପ ବାନାର୍ଜୀ, ହରିପ୍ରସାଦ ତାଣ୍ଡି, ପ୍ରଭାକର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ନିଖୋଜ ବ୍ୟକ୍ତିଙ୍କ ମୃତ୍ୟୁ

କୋକସରା, (ଭାସ୍କର ନ୍ୟୁଜ୍ ) : ଗତ ୩ ଦିନ ତଳେ ନିଖୋଜ ଥିବା କୋକସରା ଥାନା କୁସୁମଖୁଣ୍ଟି ଗ୍ରାମର ବାସୁଦେବ ବେହେରାଙ୍କ ପୁଅ ଧନବଳ ବେହେରା (୫୦)ଙ୍କ ଜୁନାଗଡ଼ ଥାନା ଜାରିଙ୍ଗ ନିକଟ ଘଣ୍ଟବାହାଳୀ ଠାରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଜୁନାଗଡ଼ ଥାନା ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏବଂ ଜୁନାଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ପରିବାର ଲୋକଙ୍କ କହିବା ଅନୁସାରେ ଧନବଳ ବୁଧବାର ରାତିରୁ ନିଖୋଜ ହୋଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ଶୁକ୍ରବାର ଧନବଳଙ୍କୁ ଏକ ଅଜଣା ଗାଡି ଧକ୍କା ଦେବାରୁ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଖବର ମିଳିଥିବା ପ୍ରକାଶ କରିଛନ୍ତି।



## ଗମନାଗମନ-ପାନୀୟ ଜଳ ସାତସପନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ଓ ରାଜ୍ୟ ସରକାର ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହିସବୁ ଯୋଜନା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଭିତରଧଡ଼େଲ ଗ୍ରାମ ପାଇଁ ଅପହଞ୍ଚ। ପଞ୍ଚାୟତଠାରୁ ୭ କିମି ଦୂରରେ ଥିବା ଭିତରଧଡ଼େଲ ଗ୍ରାମକୁ ରାସ୍ତା ନଥିବାବେଳେ ପାନୀୟ ଜଳ ସ୍ୱପ୍ନ। ଏହି ଗ୍ରାମରେ ପ୍ରାୟ ୧୫ ଘର ଆଦିବାସୀ ବା କୁଟିଆ କନ୍ଧ ପରିବାର ବହୁ ବର୍ଷ ଧରି ବସବାସ କରୁଛନ୍ତି। ଏହି ଗ୍ରାମର ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ମୂପାନାଳରୁ ବେନଗାଁକୁ ସଂଯୋଗ କରୁଥିବା ମୁଖ୍ୟ ପିଡବ୍ଲୁଡି ରାସ୍ତାର ଧଡ଼େଲ ଗାଁ କଲୋନୀପଡ଼ାରୁ ପୂର୍ବ ଦିଗରେ ଦୁଇ କିମି ଦୂରରେ ଏହି ଗାଁ ରହିଛି। ଗାଁକୁ ପାଦଚଲା ଜଙ୍ଗଲୀ ରାସ୍ତା ରହିଥିବାବେଳେ କିଛି ଅଂଶ ବନବିଭାଗର କଟକଣାରେ ରହିଛି। ରାସ୍ତା ନଥିବା ଯୋଗୁଁ ଗାଁର ବିକାଶମୂଳକ କାମ ହୋଇ ପାରୁନାହିଁ। ଗାଁରେ ନଳକୂଅ ନଥିବା ଯୋଗୁଁ ବର୍ଷବର୍ଷ ଧରି ଲୋକେ ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି। ଖରାଦିନେ ଝରଣା ପାଣି ଶୁଖିଯିବାରୁ ପାଣି ମୁନ୍ଦାଏ ପାଇଁ ଲୋକେ ଡହଳବିକଳ ହୋଇଥାନ୍ତି। ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ ଶୁଣୁନଥିବା ଗାଁ ଲୋକେ କହିଛନ୍ତି । ଏହି ଝରଣା ପାଣିରେ ବିଭିନ୍ନ ବନ୍ୟପ୍ରାଣୀ ଓ ଗୃହପାଳିତ ପ୍ରାଣୀ ଚଳପ୍ରଚଳ କରୁଥ ?ବାବେଳେ ସେହି ଝରଣାର ଦୂଷିତ ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରି ଅନେକ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନେକ ଏନଜିଓ ବା ସରକାରୀ ସଂସ୍ଥା ଲାଞ୍ଜିଗଡ଼ ବ୍ଲକରେ କାର୍ଯ୍ୟ କରୁଛନ୍ତି। କିନ୍ତୁ କାଗଜକଲମରେ ହିଁ କାର୍ଯ୍ୟ ସୀମିତ ରହୁଥିବା ଲୋକେ ପ୍ରକାଶ କରିଛନ୍ତି। ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁକୁ ଯିବା ପାଇଁ ୨ କିମି ଦୂର ପାଦଚଲା ରାସ୍ତା ରହିଥିବାବେଳେ ପ୍ରଥମରେ କିଛି ରେଭିନ୍ୟୁ ଫରେଷ୍ଟ ଜଙ୍ଗଲ ରହିଛି। ସେଥିପାଇଁ ପଞ୍ଚାୟତ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅର୍ଥ ମଞ୍ଜୁର ହୋଇ ମଧ୍ୟ କାମ ହେଉନାହିଁ। ଜିଲ୍ଲା ସ୍ତରରେ ଅଭିଯୋଗ ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି




କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟାପକ ଅଇରୀ ନାଶନ ଚିନ୍ଧାଙ୍କ ବିୟୋଗରେ ଶନିବାର କଲେଜ ପକ୍ଷରୁ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ସମୟରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱୀନ କୁମାର ପଟ୍ଟନାୟକ, କନକ ମଞ୍ଜରୀ ବେହେରା, ଶୁଭଶ୍ରୀ ସାହୁ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ଧ.ମାଝୀ, ସୁନୀଲ କୁମାର ପ୍ରଧାନୀ, ଉଜାଗର ମାଝୀ, ତପନ ବିଷି ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ ଠପ




ଧର୍ମଗଡ (ଭାସ୍କର ନ୍ୟୁଜ୍ ) : ପର୍ଲା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ରୋଗୀ କଲ୍ୟାଣ ସମିତିର ବର୍ଷ ବର୍ଷ ଧରି ବୈଠକ ହେଉ ନ ଥିବା ଅଭିଯୋଗ ଉଠିଛି। ବୈଠକ ହେଉନ ଥିବା ଯୋଗୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ କାମ ରେ ବାଧା ଉପୁଜିଛି। ସରକାରଙ୍କ ଅନୁମୋଦିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା କରିବା ନିମନ୍ତେ ରୋଗୀ କଲ୍ୟାଣ ସମିତି ଗଠନ ହୋଇଛି। କମିଟିରେ ଗୋଷ୍ଠୀ ଚିକିତ୍ସା ଅଧିକାରୀ ସମେତ ବିଧାୟକ, ବ୍ଲକ ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ, ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଗ୍ରାମର କେତେକ ବ୍ୟକ୍ତି ବିଶେଷ ସଦସ୍ୟ ଭାବେ ରହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି, ସହିତ ବିଭିନ୍ନ ଉନ୍ନୟନ କାମ କମିଟି ମାଧ୍ୟମରେ ଅନୁମୋଦିତ ହୋଇ କାର୍ଯ୍ୟ ହୋଇଥାଏ। ହେଲେ ବିନା ବୈଠକ ଯୋଗୁ ସରକାରଙ୍କ ଅନୁଦାନ ଅର୍ଥ ରାଶି ଠପ ହୋଇ ପଡ଼ିଥିବା ଅନେକ ସଦସ୍ୟ ପ୍ରକାଶ କରନ୍ତି। ଏପରିକି କମିଟିକୁ ଅଣଦେଖା କରାଯାଇ ସରକାରୀ ଅର୍ଥ ବିନିଯୋଗ ହୋଇଥିବା ମଧ୍ୟ ଆଲୋଚନା ହେଉଛି। ଅନ୍ୟପଟେ ବର୍ଷ ବର୍ଷ ଧରି କମିଟି ନ ବସିବା - ଯାରି ଭିତରେ କୌଣସି ନା କୌଣସି ରହସ୍ୟ ରହିଥିବା ସନ୍ଦେହ କରାଯାଉଛି। ସେପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ସମସ୍ୟା ରହି ଥିବା ବେଳେ କମିଟି ନ ବସିବା ଯୋଗୁ କାମଗୁଡିକ ଅଟକି ରହିଥିବା କୁହା ଯାଉଛି। ସେଭଳି କମିଟି ବୈଠକରେ ରେଜୁଲେସନ ହୋଇ ସରକାରଙ୍କ ନିକଟକୁ ପଠା ଯାଏ ଓ ସେ ଅନୁଯାୟୀ ସରକାର ଅର୍ଥ ଅନୁମୋଦନ ହୋଇ ଆସିଥାଏ। ଯାହା ଏବେ ଠପ ପଡିଥିବା ଆଲୋଚନା ହୁଏ। ତୁରନ୍ତ ରୋଗୀ କଲ୍ୟାଣ ସମିତିକୁ ସକ୍ରିୟ କରିବା ସହ ତ୍ୱରାନ୍ୱିତ କାର୍ଯ୍ୟକ୍ଷମ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ କାମ ଗୁଡିକ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଏ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ଫୋନ ଉଠାଇ ନ ଥିଲେ।

## ଏନ୍‌ଏସି ଭିତ୍ତିଭୂମିର ବିବରଣୀ ମାଗିଲେ ଜିଲ୍ଲାପାଳ

**କେସିଙ୍ଗାକୁ ମ୍ୟୁନିସିପାଲିଟି ଘୋଷଣା ପ୍ରସଙ୍ଗ**

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ କଳାହାଣ୍ଡି ଜିଲାପାଳଙ୍କୁ ଭିତ୍ତିଭୂମିର ବିବରଣୀ ମାଗିଥିଲେ। ଜିଲ୍ଲାପାଳ ତାଙ୍କ ଚିଠି ସଂଖ୍ୟା ୩୧୯/୮।୫।୨୫ ଅନୁସାରେ ଜିଲା ପଞ୍ଚାୟତ ଅଫିସର କଳାହାଣ୍ଡି, ଉପଜିଲାପାଳ ଭବାନୀପାଟଣା, କେସିଙ୍ଗା ବିଡିଓ, ତହସିଲଦାର ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଭିତ୍ତିଭୂମି ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କେସିଙ୍ଗା ସିଟିଜେନ ଫୋରମର ସଭାପତି ଡା. ହେମରାଜ ସାହା ଗତ ୬ ତାରିଖରେ ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀଙ୍କୁ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିକୁ ଗ୍ରହଣକରି ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୦୨୮୨/୬।୫।୨୫ରେ ଜିଲାପାଳଙ୍କୁ ଭିତ୍ତିଭୂମି ଓ ଅନ୍ୟାନ୍ୟ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।


## ସମର କ୍ୟାମ୍ପ ଉଦ୍‌ଯାପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ୨୬ ଏପ୍ରିଲରୁ ଆରମ୍ଭ ହୋଇ ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିବା ସମର କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ରାମ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥିଭାବେ ଶିକ୍ଷା ପ୍ରଭାରି ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଲିପ୍ସା ପଟେଲ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିଗଣ ନିଜ ନିଜ ବକ୍ତବ୍ୟରେ ଶିକ୍ଷା ସହ କ୍ରୀଡା, କଳାକୃତି, ନୃତ୍ୟ, ସଙ୍ଗୀତ, ଅଭିନୟ, ବାଦ୍ୟ, ଚିତ୍ରକଳା, ଆଦି କ୍ଷେତ୍ରରେ ମଧ୍ୟ ନୈପୁଣ୍ୟତା ହାସଲ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ କ୍ରୀଡା, କଳାକୃତି, ନୃତ୍ୟ, ସଙ୍ଗୀତ, ଅଭିନୟ ବାଦ୍ୟ, ଚିତ୍ରକଳା, ମୃତ୍ତିକାକଳା, ତୀରନ୍ଦାଜ ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରଯାଇଥିଲା। ଏଥିରେ ବିକାଶ ଶିକ୍ଷାନୁଷ୍ଠାନ ସହ ଅନ୍ୟାନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଦୀର୍ଘ ୧୫ ଦିନ ଧରି ଶିକ୍ଷାଲାଭ କରିଥିବା କଳା କୌଶଳକୁ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ ପ୍ରଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସୁଖଜୀତ କୌର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ ରହିଥିଲା।

## ରାଶିଫଳ


ସୋମବାର, ୧୨ ମଇ ୨୦୨୫



**ମେଷ:** ଆଜି, ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। ଚାକିରୀରେ ପଦୋନ୍ନତିର ସମ୍ଭାବନା ରହିଛି। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ।




**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ। ଉଚ୍ଚ ପଦାଧିକାରୀଙ୍କ ଆଚରଣ ଆପଣଙ୍କ ପ୍ରତି ନକାରାତ୍ମକ ହେବ।




**ମିଥୁନ:** ଆଜି ଆପଣଙ୍କୁ କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି । କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।




**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଶକ୍ତିଶାଳୀ ଧନ ହେଉଛି ଲାଭର ପରିମାଣ। ଆପଣଙ୍କର ବ୍ୟବସାୟ ବଢ଼ିବ ।




**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ । ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ । ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି।



**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ। ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଆଜି, ଆପଣ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଏବଂ ଲାଭ ପାଇବେ। ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯